Split by PDF Splitter



[illegible]

[illegible]

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

---

To

The Editor of Utkal Dipika.

Sir,

The Announcement made in the Calcutta Gazette that the Lieutenant Governor has been pleased to nominate a native of Orissa for the provincial Civil Service must have given immense satisfaction to the educated people of the province. It was really kind of Sir John Woodburn to do so, only a few months after the promotion of three Uriya Sub-Deputy Collectors. True, Babu Dayanidhi Das was recommended by the local officers but the present ruler of Bengal—a godly ruler indeed— does not respect recommendations unless he is convinced of the cause advocated being just. Now, if anybody deserves our gratitude for representing the grievances of Orissa to Government, it is the Honourable Member for the District Boards of that Division. It was stated in the Council in reply to Mr. Das's interpellation on the 13th April last that the interest of the Uriyas had not been forgotten, and we have now the best evidence of it. I must congratulate my countrymen on their wisdom in nominating a man who can not only vote for or against a measure but also has the boldness to speak and an earnest desire to do good to the country he represents.

*An Uriya.*

---

ମହାଶୟ !

ଓଡ଼ିଶା ପ୍ରଦେଶସ୍ଥ କଟକ ଜିଲ୍ଲାର ଯାଜପୁର ସବଡିଭିଜନ ଅନ୍ତଃପାତି ଯାଜପୁର ନାମକ ଅତି ପୂର୍ବ କାଳରୁ ଏକ ପ୍ରସିଦ୍ଧ ନଗର ଅଟେ । ଏଠାରେ ବହୁ କାଳରୁ ଶ୍ରୀବିରଜା ଠାକୁରାଣୀ ଅବସ୍ଥିତ ଓ ବୈତରଣୀ ତୀର୍ଥ ଓ ନାଭିଗୟା ତୀର୍ଥ ଅଛି । ଗୁରୁଜବର୍ଦ୍ଧର ପ୍ରାୟ ସମସ୍ତ ସ୍ଥାନରୁ ପୁରୀର ଶ୍ରୀଜଗନ୍ନାଥ ଦେବଙ୍କ ଦର୍ଶନହେତୁ ଯାତ୍ରୀମାନେ ପୁରୀକୁ ଯାଉଥିବା ବା ସେଠାରୁ ଫେରି ଆସିବା ସମୟରେ ଏହି ସ୍ଥାନକୁ ଆସି ବୈତରଣୀ ତୀର୍ଥରେ ସ୍ନାନ ଓ ଦାନାଦି କ୍ରିୟା ସମ୍ପନ୍ନ କରି ସେଠାରେ ବର୍ତ୍ତମାନ ଥିବା ଶ୍ରୀ ଭଗବାନ୍ ମୂର୍ତ୍ତି ଦର୍ଶନ କରନ୍ତି । ପରେ ଏ ନଗରୀଠାରୁ ପ୍ରାୟ

Digitized by srujanika@gmail.com

ଦୁଇ ମାଇଲ ଦୂରସ୍ଥ ଉପରୋକ୍ତ ବିରଜା ଠାକୁରାଣୀଙ୍କ ଦର୍ଶନ ଓ ସେଠାରେ ଥିବା ନାଭିଗୟା ତୀର୍ଥରେ ପିଣ୍ଡ ଦାନ କରି ଆପଣା ଆପଣା ଧର୍ମାର୍ଥ କାର୍ଯ୍ୟମାନ ସମ୍ପନ୍ନ କରନ୍ତି । ବୈତରଣୀ ତୀର୍ଥରେ ସ୍ନାନ ଶ୍ରାଦ୍ଧ ଦାନ ଦେବା ସମୟରେ ଅଧିକାଂଶ ଯାତ୍ରୀ ଗୋଦାନ କରିଥାନ୍ତି । ବୈତରଣୀ ବ୍ରାହ୍ମଣମାନେ ଏହି ଯାତ୍ରୀମାନଙ୍କୁ ବୈତରଣୀଦାନ ଓ ବରାହମୂର୍ତ୍ତି ଦର୍ଶନ ଓ ଶ୍ରୀ ବିରଜାଠାକୁରାଣୀଙ୍କ ଶ୍ରୀମାନେ ସେମାନଙ୍କୁ ବିରଜାଂ ଦର୍ଶନ ଓ ନାଭିଗୟାରେ ପିଣ୍ଡ ଦାନ କ୍ରିୟା ସମ୍ପନ୍ନ କରାଇଥାନ୍ତି ।

ଓଡ଼ିଶାରେ ରେଲ ହେବା ଅବଧି ଯାଜପୁରଠାରୁ ପ୍ରାୟ ୧୮ ମାଇଲ ଅନ୍ତର ବରଣ୍ଡସି ନାମକ ସ୍ଥାନରେ ଯାଜପୁର ରେଲ ଷ୍ଟେସନ ହୋଇଅଛି ଓ ଯାହାକୁ "ଯାଜପୁର ରୋଡ ଷ୍ଟେସନ" ବୋଲି ରେଲ କର୍ତ୍ତୃପକ୍ଷମାନେ କହନ୍ତି । ଆଜି କାଲି ବୈତରଣୀ ବ୍ରାହ୍ମଣମାନେ ଏହି ସ୍ଥାନକୁ ଯାତ୍ରୀ ନେଇ ଯିବା ଅଭିପ୍ରାୟରେ ଆସି ଯାତ୍ରୀମାନଙ୍କୁ ନାନାପ୍ରକାର ପ୍ରଲୋଭନ ଦେଖାଇ ଯାଜପୁର ନେଇଯାନ୍ତି । ବରଣ୍ଡସିଠାରୁ ଯାଜପୁର ପ୍ରାୟ ୧୪ ମାଇଲ ବାଟ ଦୂର ଥିବାରୁ ବୃଦ୍ଧ ଅନେକ ଯାତ୍ରୀ ବୈତରଣୀ ସ୍ନାନ ଓ ଦାନାଦି କରିବାକୁ ଅକ୍ଷମ ହୁଅନ୍ତି । ଏରୂପ ଯାତ୍ରୀମାନଙ୍କ ନିକଟରେ ବୈତରଣୀ ବ୍ରାହ୍ମଣମାନେ ପ୍ରକାଶ କରନ୍ତି ଯେ ବୈତରଣୀ ନଦୀର "ସ୍ନାନଘାଟ" ନାମକ ସ୍ଥାନ ଅଲ୍ପଦୂର ଅଟେ ଓ ଯାଜପୁରକୁ ନ ଯାଇ ଏହି ସ୍ନାନଘାଟରେ ବୈତରଣୀ ସ୍ନାନ ଓ ଦାନକ୍ରିୟା ସମ୍ପନ୍ନ ହୋଇପାରେ । ପ୍ରକୃତରେ ସ୍ନାନଘାଟ ନାମକ କୌଣସି ସ୍ଥାନ ନାହିଁ ଓ ଏହା ବୈତରଣୀ ବ୍ରାହ୍ମଣମାନଙ୍କର କପୋଳକଳ୍ପିତ ମାତ୍ର । ଯାତ୍ରୀମାନଙ୍କୁ ଏମାନେ ନେଇ ଆସି ବରଣ୍ଡସିଠାରୁ ପ୍ରାୟ ତିନି ମାଇଲ ଅନ୍ତର ଅକ୍ଷୁଆପଦା ନାମକ ସ୍ଥାନର ନଦୀରେ ବୈତରଣୀ ନଦୀର ସ୍ନାନଘାଟ ଏହି ବୋଲି ସେମାନଙ୍କୁ ଦେଖାଇ କହି ସେହି ସ୍ଥାନରେ ସେମାନଙ୍କର ପିଣ୍ଡଦାନ ଓ ଅନ୍ୟାନ୍ୟ ସମସ୍ତ କ୍ରିୟାକଳାପ କରାଇ ସେହି ସ୍ଥାନରୁ ସେମାନଙ୍କୁ ରେଲ ଷ୍ଟେସନକୁ ଫେରାଇ ନେଇ ଯାନ୍ତି । କୌଣସି ଯାତ୍ରୀ ସ୍ନାନଘାଟରେ କ୍ରିୟାକଳାପ କରିବାକୁ ଅନିଚ୍ଛୁକ ହେଲେ ଏହି ଯାତ୍ରୀକୁ ବୈତରଣୀ ବ୍ରାହ୍ମଣମାନେ ଯାଜପୁର ନେଇଯାନ୍ତି । ସେଠାରେ ବୈତରଣୀ ସ୍ନାନ ଓ ଦାନାଦି କ୍ରିୟା କରାଇ ଦିଅନ୍ତି । ବୈତରଣୀ ଦାନ ଦେବା ସମୟରେ ଅଧିକାଂଶ ଯାତ୍ରୀ ଗୋ ଦାନ କରନ୍ତି । ଯାତ୍ରୀମାନେ ଏହି ଗୋଦାନ ଇଚ୍ଛାରେ କରନ୍ତି ବା ବ୍ରାହ୍ମଣମାନଙ୍କର ବିଶେଷ ପ୍ରଲୋଭନରେ ହୁଏ ତାହା ଉକ୍ତ ଯାତ୍ରୀ ଓ ବ୍ରାହ୍ମଣମାନେ ଜାଣନ୍ତି; କିନ୍ତୁ ଦେଖାଯାଏ ଯେ ଏକ ଦୁଇ ଟଙ୍କାରେ ମଧ୍ୟ ବହୁମୂଲ୍ୟର ଗୋରୁ ଦାନ ହୋଇଥାଏ । ଗୋ ଦାନ ସମ୍ବନ୍ଧେ ଏହି ବ୍ରାହ୍ମଣମାନେ ଅନ୍ୟପ୍ରକାରରେ ମଧ୍ୟ ଯାତ୍ରିମାନଙ୍କୁ ବିଶେଷ ପ୍ରତାରଣା କରନ୍ତି । ଯାତ୍ରିମାନଙ୍କଠାରୁ ବ୍ରାହ୍ମଣମାନେ ଗୋରୁର ମୂଲ୍ୟ ନେଇ ବରାହ ବ୍ରାହ୍ମଣ- ( ଅର୍ଥାତ୍ ବ୍ରାହ୍ମଣମାନଙ୍କ ମଧ୍ୟରୁ ଯେଉଁମାନଙ୍କ ଘର ବରାହ ଦେବଙ୍କ ମନ୍ଦିର ନିକଟରେ ) -ମାନଙ୍କଠାରେ ଥିବା ନାଳଥା ଗାଈମାନଙ୍କୁ ଦାନରେ ଆଣନ୍ତି ଅର୍ଥାତ ଯାତ୍ରୀମାନଙ୍କଠାରୁ ଗୋରୁର ମୂଲ୍ୟ ଆଦାୟ କରନ୍ତି ମାତ୍ର ସ୍ୱତନ୍ତ୍ର ଗୋରୁ ଖରିଦ କରି ନ ଆଣି ବରାହ ବ୍ରାହ୍ମଣମାନଙ୍କର ଗୃହପାଳିତ ଗୋରୁମାନଙ୍କ ମଧ୍ୟରୁ ଗୋଟିଏ ଗୋଟିଏ ନାଳଥା ଗାଈ ନେଇ ଦାନ କମଲ୍ଲେ ଥର ଦଅନ୍ତି । ଦାନ କାର୍ଯ୍ୟ ଶେଷ ହେଲେ ଯେ ବ୍ରାହ୍ମଣର ଗୋରୁ ସେ ତାହା ପୁଣି ଫେରାଇ ନିଏ ଓ ଯାତ୍ରିକ ପଣ୍ଡା ଗୋରୁର ଦାମ, ଅର୍ଥାତ୍ ଯାତ୍ରୀ ତାହାର ଅବସ୍ଥା ଓ ସାଧ୍ୟାନୁସାରେ ଯାହା ଦେଇଥାଏ ତାହା ନିଏ । ଏହିପରି ଏକମାତ୍ର ଗୋରୁରେ ଶତ ଶତ ଯାତ୍ରିଙ୍କର ଦାନ କାର୍ଯ୍ୟ ସମାଧା କରାଇ ବୈତରଣୀ ବ୍ରାହ୍ମଣମାନେ ଯାତ୍ରିମାନଙ୍କୁ ଯଥେଷ୍ଟରୂପେ ପ୍ରତାରଣା କରନ୍ତି । ବୈତରଣୀ ଦାନକାର୍ଯ୍ୟ ଶେଷ ହେଲେ ବୈତରଣୀ ବ୍ରାହ୍ମଣମାନେ ଯାତ୍ରିମାନଙ୍କୁ ବରାହ ଦେବଙ୍କ ମନ୍ଦିରକୁ ନେଇ ଯାନ୍ତି ଓ ବରାହ ମୂର୍ତ୍ତିଙ୍କ ଦର୍ଶନ କରାନ୍ତି । ବରାହ ଦେବଙ୍କ ମନ୍ଦିର ବେଢ଼ା ମଧ୍ୟରେ ଥିବା କୂପମାନଙ୍କ ମଧ୍ୟରୁ ଦକ୍ଷିଣ ଦିଗସ୍ଥିତ ଗୋଟିଏ କୂପର ଚତୁଃପାର୍ଶ୍ୱରେ ବୈତରଣୀ ବ୍ରାହ୍ମଣମାନେ ଗଡ ହୋଇଯାଇଥିବା ସମୟରୁ ଚୌକିଗ ବସାଇଅଛନ୍ତି । ଏହି କୂପକୁ ବୈତରଣୀ ବ୍ରାହ୍ମଣମାନେ ଗୟାକୂପ ବୋଲି ଯାତ୍ରୀମାନଙ୍କଠାରେ ପ୍ରକାଶ କରି ଯାତ୍ରୀମାନଙ୍କର ପିଣ୍ଡଦାନ କ୍ରିୟା ସମାପନ କରାଇଅଛନ୍ତି । ଏହା ପ୍ରକୃତ ନାଭିଗୟା ନୁହେଁ । ପ୍ରକୃତ ନାଭିଗୟା ବରାହଦେବଙ୍କଠାରୁ ଦୁଇ ମାଇଲ ଅନ୍ତର ଶ୍ରୀବିରଜା ଠାକୁରାଣୀଙ୍କ ମନ୍ଦିରରେ ଅବସ୍ଥିତ । କେତେ ବ୍ରାହ୍ମଣମାନେ ଯାତ୍ରିମାନଙ୍କୁ ଶ୍ରୀବିରଜା ଠାକୁରାଣୀ ଦର୍ଶନ କରାଉଥିବାରୁ ବୈତରଣୀ ବ୍ରାହ୍ମଣ ଓ ବିରଜାବ୍ରାହ୍ମଣମାନଙ୍କ ମଧ୍ୟରେ ତଳ ସମ୍ବନ୍ଧେ କେତେକ ବର୍ଷପୂର୍ବେ ମକଦ୍ଦମା ହୋଇଥିଲା । ଶ୍ରୀ ବିରଜାଠାକୁରାଣୀଙ୍କ ମନ୍ଦିରକୁ ଯାତ୍ରିମାନେ ଗଲେ ବିରଜା ବ୍ରାହ୍ମଣମାନେ ସେମାନଙ୍କର ଦଧି ଦକ୍ଷିଣା ଆଦି ସମସ୍ତ ନେବେ ଏହା ନିବାରଣ କରିବା ଓ ଉକ୍ତ ଦକ୍ଷିଣା ଆଦି ବୈତରଣୀ ବ୍ରାହ୍ମଣମାନେ ଆପେ ଆତ୍ମସାତ୍ କରିବା ଅଭିପ୍ରାୟରେ ଏହି ମିଥ୍ୟା ନାଭିଗୟା ରଚନା କରିଅଛନ୍ତି । ସେବେ ନାଭିଗୟାରେ ପିଣ୍ଡ ଦାନ କଲେ କୌଣସି ଧର୍ମାର୍ଥ କାର୍ଯ୍ୟ ହୋଇପାରେ ତେବେ ତାହା ଏହି କୃତ୍ରିମ ନାଭିଗୟାରେ କେବେହେଁ ନୁହେଁ । ପ୍ରକୃତ ନାଭିଗୟା ଶ୍ରୀବିରଜା ଠାକୁରାଣୀଙ୍କ ମନ୍ଦିରରେ ଅବସ୍ଥିତ ଓ ତାହା ବୈତରଣୀ ନଦୀଠାରୁ ଦୁଇ ମାଇଲ ଅନ୍ତରରେ ଅବସ୍ଥିତ ଯାଜପୁର ଗାଉଁ ମଧ୍ୟରେ ଅଟେ ।

ଅତଏବ ଉଲ୍ଲିଖିତ କାରଣମାନଙ୍କରୁ ଯାତ୍ରୀମାନଙ୍କୁ ସାବଧାନ କରାଇ ଦିଆ ଯାଉଅଛି ଯେ ଭବିଷ୍ୟତରେ କୌଣସି ଲୋକ ଧର୍ମାର୍ଥ କାର୍ଯ୍ୟ ସକାଶେ ଯାଜପୁର ଗଲେ ବା ଯିବାକୁ ଇଚ୍ଛା କଲେ ଉପରଲିଖିତ ବିଷୟମାନଙ୍କରେ ସାବଧାନ ହେବେ । ଇତି ।

କଟକ, ବାଲୁବଜାର } ନିବେଦକ
ତା ୧୨।୬।୧୯୦୬ } ( ଜଣେ ଯାତ୍ରୀ )

---

ଭ୍ରମ ସଂଶୋଧନ ।

ସଂ ୨୦ ଖଣ୍ଡ ପତ୍ରିକାର ମୂଲ୍ୟପ୍ରାପ୍ତି ସ୍ତମ୍ଭରେ ବାବୁ ଭରତଚନ୍ଦ୍ର ପଟ୍ଟନାୟକ ତାଳଚେର ହୋଇଥିବା ତାହା ନ ହୋଇ ବାଲେଶ୍ୱର ପଟ୍ଟନାୟକ ଜଗତସିଂହପୁର ହେବ ।

---

ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ଶ୍ରୀ ବାବୁ କପିଳେଶ୍ୱର ଦାସ | କଟକ | ୫ ୨ ( |
| ,, ତ୍ରିଲୋଚନ ମହାନ୍ତି | ଜାଜପୁର | ୫ ୧ ( |
| ,, ଯଦୁନାଥ ମହାନ୍ତି ସେବେ- ଶ୍ରୀମାନ୍ତ | ପାଳଗିଡ଼ ଘୁଲି | ୫ ୩ ( |
| ,, ନିମାଇଁ ଚରଣ ମିଶ୍ର ଉକିଲ | କଟକ | ୫ ୧ ୧ |
| ,, କୁଳମଣି ମିଶ୍ର | ଖଣ୍ଡପଡ଼ା | ୫ ୩ ୧ |
| ,, ମଦନମୋହନ ପଟ୍ଟନାୟକ | ଜଗତସିଂହ | ୫ ୨ ୧ |

---


# ବିଜ୍ଞାପନ ।

## ପ୍ରାକୃତ ଅବ୍ୟର୍ଥ ମହୌଷଧ ।

ମୂଲ୍ୟ ପ୍ରତିଡବା ଟଂ ।୯ ଛଅଣା ମାସୁଲ ଏକଡବାଠାରୁ ଛ ଡବା ପର୍ଯ୍ୟନ୍ତ ଟଂ। ସ୍ୱତନ୍ତ୍ର । ସର୍ବପ୍ରକାର ଦଦ୍ରୁ ରୋଗର ଏହାପରି ଅବ୍ୟର୍ଥ ଗୁଣ ଥିବା ଜ୍ୱାଳା ଯନ୍ତ୍ରଣା ବିହୀନ ଆଶୁ ଫଳଦାୟକ ଔଷଧ ଏପର୍ଯ୍ୟନ୍ତ ଦ୍ୱିତୀୟ ଦେଖା ଯାଇ ନାହିଁ । ଶତ ଶତ ବ୍ୟକ୍ତି ଏହି ଔଷଧର ଗୁଣ ବର୍ଣ୍ଣନା କରି ମୁକ୍ତକଣ୍ଠରେ ପ୍ରଶଂସା କରୁଅଛନ୍ତି ।

ଔଷଧ ପ୍ରାର୍ଥୀ ମାତ୍ରକେ ସ୍ପଷ୍ଟରୂପେ ସ୍ୱ ସ୍ୱ ନାମ ଧାମ ଡାକଘର ଜିଲ୍ଲା ଏବଂ ବାହାର ରେଲେ ଡବା ଔଷଧ ଆବଶ୍ୟକ ତା ଲେଖିଲେ ଔଷଧ ପଠାଇବାର ଦାୟୀ କରୁ ଉପସ୍ଥିତ ହୁଏ ।

ପ୍ରାପ୍ତିସ୍ଥାନ ।
ଶ୍ରୀ ସୁଦର୍ଶନ ସେନ
ଦେବ ଉତ୍କଳ ପ୍ରେସ, ବାଲେଶ୍ୱର ।


Split by PDF Splitter
Digitized by srujanika@gmail.com

Split by PDF Splitter



## କର୍ମଖାଲି ।

ମାସିକ ୫ ୪୦ ଙ୍କା ବେତନର ଏକ ଜଣ ବନ୍ଦୋବସ୍ତ କାନୁନ୍‌ଗୋ ଓ ପ୍ରତ୍ୟେକ ୫ ୧୫ ଙ୍କା ବେତନର ଜ ୪ ଣ ବନ୍ଦୋବସ୍ତ ମୋହରର ମୟୂରଭଞ୍ଜ ସକାଶେ ଆବଶ୍ୟକ । ମୋହରର-ମାନଙ୍କୁ ଖସଡା ଓ ନକସା କେଳ ସରଜମିନ ତଦାରଖ କରି ବନ୍ଦୋବସ୍ତ ଜମାରୁ ଯେଉଁ ସମସ୍ତ ଖାରଜ ଦାଖଲହୋଇଥିବ ତାହା ରେଜିଷ୍ଟ୍ରୀରେ ଦରଜ କରିବାକୁ ହେବ । କାନନ୍‌ଗୋ ଉକ୍ତ ମୋହରରମାନଙ୍କର କାର୍ଯ୍ୟ ତଦାରଖ କରିବ ଓ ଆବଶ୍ୟକମତେ ନିଜେ କରିବ ଓ ମୋହରରମାନଙ୍କ ସମୁଦାୟ କାର୍ଯ୍ୟ ସକାଶେ ଦାୟୀ ହେବ । ଯେଉଁମାନେ ଗତ ଓଡିଶା ବନ୍ଦୋବସ୍ତରେ ବେସରକାରୀ ଅମିନ କାର୍ଯ୍ୟ କରିଥିବେ ମୋହରର ସକାଶେ ସେମାନଙ୍କର ଆବେଦନ ସର୍ବାଗ୍ରେ ଗ୍ରହଣ କରାଯିବ । କାନୁନ୍‌ଗୋ କାର୍ଯ୍ୟ ସକାଶେ ଉତ୍ତମ ସର୍ଭେ ଓ ନକସା କାର୍ଯ୍ୟ ଜାଣି-ଥିବା ବ୍ୟକ୍ତିର ଆବଶ୍ୟକ । ଯେଉଁ କାନୁନଗୋ-ମାନେ ମହାମାନ୍ୟ ଗବର୍ଣ୍ଣମେଣ୍ଟଙ୍କ ଅଧୀନରେ ଓଡିଶାରେ ଚଳନ୍ତି କାନୁନ୍‌ଗୋ କାର୍ଯ୍ୟ କରୁଅଛନ୍ତି ସେମାନଙ୍କ ମଧ୍ୟରୁ ଯଦି କେହି ଏଥି-ଲିଖିତ କାନୁନ୍‌ଗୋ କାର୍ଯ୍ୟ ସକାଶେ ଆବେଦନ କରନ୍ତି ତାହା ହେଲେ ଯେଉଁମାନେ ପୂର୍ବ ଦଶ ବର୍ଷ ସରକାରୀ କାର୍ଯ୍ୟ କରିଥିବେ ସେମାନଙ୍କ ସର୍ଭିସ୍ ଶ୍ରୀଯୁକ୍ତ କଲେକ୍ଟର ସାହେବଙ୍କ ନିକଟକୁ ରିପୋର୍ଟ କରି ଟ୍ରାନ୍ସଫର କରାଯିବ । ପ୍ରାର୍ଥୀମାନେ ସ୍ୱୀୟ ପ୍ରଶଂସାପତ୍ର ସହିତ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟ ଚଳିତ ମାସ ତା ୨୦ ରିଖ ମଧ୍ୟରେ ଆବେଦନ କରିବେ ।

ପୋଃ ଅଃ ଧର୍ମଶାଳା ଜିଃ କଟକ } ଗୋପୀମୋହନ ସାହୁ, ମ୍ୟାନେଜର । ବ । ମୟୂରଭଞ୍ଜ

## ବିଜ୍ଞାପନ ।

## ମଧୁପର ଉପହାର ।

“ଉତ୍କଳ ମଧୁପ” ମାସିକ ପତ୍ରିକାର ବାର୍ଷିକ ମୂଲ୍ୟ ଏଗାର ଅଣା ପଠାଇ ଗ୍ରାହକ ହେଲେ ୪୭ ପୃଷ୍ଠାରେ ସମାପ୍ତ

## ଭିକ୍‌ଟୋରିୟା ଚରିତ

ଉପହାର ଦିଆଯିବ । ଭିଃ ପିଃ ରେ ଉପହାର ପଠା ଯାଇ ମୂଲ୍ୟ ଆଦାୟ କରା ଯାଇପାରେ । ଏ ସୁବିଧା ଅଳ୍ପ ଦିବସ ସକାଶେ ।

ଦେବଗଡ଼ ପୋଃ, ସମ୍ବଲପୁର } ମେନେଜର “ଉତ୍କଳ ମଧୁପ”

## ବିଶେଷ ସମ୍ବାଦ ।

କୌଣସି ବ୍ୟକ୍ତିର ମୃତ୍ୟୁ ଉପଲକ୍ଷେ ଅନ୍ୟ କୌଣସି ବ୍ୟକ୍ତି ଅତି ସହଜରେ ନିରାପଦରେ ଓ ସାମାନ୍ୟ ବ୍ୟୟରେ ଅପେକ୍ଷାକୃତ ଅଧିକ ଟଙ୍କା ଲାଭ କରି ପାରନ୍ତି । ଏହି କାର୍ଯ୍ୟ ଓ ନାୟମ-ପ୍ରଣାଳୀ ବିସ୍ତୃତି ନିମନ୍ତେ ଇଂରାଜୀ ଜାଣିବା ଲୋକ ଆବଶ୍ୟକ । ଯେଉଁମାନେ ଏହି କାର୍ଯ୍ୟ ପ୍ରାର୍ଥୀ ହେବାକୁ ଇଚ୍ଛାନ୍ତି ସେମାନେ “କଲିକତା ୧୧-୩ ନମ୍ବର ହାରିସନ ରୋଡ଼ ମ୍ୟାନେଜର ସି, ପି ଆର” ଠିକଣାରେ ଏହି ପତ୍ରିକାର ନାମ ଉଲ୍ଲେଖ କରି ଇଂରାଜୀରେ ପତ୍ର ଲେଖିଲେ ସବିଶେଷ ଜାଣି ପାରିବେ ।

11-3 Harrison Road Calcutta.

## NEW YORK LIFE INSURANCE COMPANY.

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J. BELL
*Agent*
*Cuttack.*

## ମହାରାଣୀ ।



ପରଲୋକଗତା ମହାରାଣୀ ଭିକ୍ଟୋରିୟାଙ୍କର ଜୀବନ ଚରିତ ଓଡିଆଭାଷାରେ ମୁଦ୍ରିତ ହୋଇ ଅଛି । ଏଥିରେ ତାଙ୍କର ଜନ୍ମ, ବାଲ୍ୟାବସ୍ଥା, ଶିକ୍ଷା, ଅଭିଷେକ, ବିବାହ, ପୁତ୍ର କନ୍ୟା ଓ ସେମାନଙ୍କର ବିଦ୍ୟା ଶିକ୍ଷା, ରାଜ୍ୟ, ଶାସନର ଫଳ ଓ ମୃତ୍ୟୁ ବର୍ଣ୍ଣିତ ହୋଇଅଛି । ଉତ୍କଳ ନୀଳ ବର୍ଣ୍ଣ ସ୍ୟାହିରେ ଛପା ଓ ଅନେକଗୁଡିଏ ଛବି ଦିଆଯାଇଥିବାରୁ ପୁସ୍ତକଖଣ୍ଡି ଅତି ସୁନ୍ଦର ହୋଇ ଅଛି । ଓଡିଆଭାଷାରେ ଏପର୍ଯ୍ୟନ୍ତ ଏପରି ପୁସ୍ତକ ଛପା ହୋଇ ନ ଥିଲା । ମୂଲ୍ୟ ପାଞ୍ଚ ଅଣା ମାତ୍ର । କଟକ ଦରଘାବଜାର ପ୍ରିଣ୍ଟିଂକୋମ୍ପାନୀଙ୍କ ସେକ୍ରେଟେରୀଙ୍କ ନିକଟକୁ ପତ୍ର ଲେଖିଲେ ପୁସ୍ତକ ପାଇ ପାରିବ । ଗ୍ରାହକମାନେ ଦଶଖଣ୍ଡି ପୁସ୍ତକ ଏକାସଙ୍ଗେ ନେଲେ ଖଣ୍ଡିଏ ପୁସ୍ତକ ଅଧା ମୂଲ୍ୟରେ ପାଇବେ ।

## ବନାରସ ମାଲ ।

ବନାରସ ନଗରସ୍ଥ ଆମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନାରସୀ ମାଲ ଭାରତର ନାନାସ୍ଥାନର ରାଜା ଜମିଦାରମାନଙ୍କୁ ବହୁଦିନରୁ ବରାବର ମାଲ ଯୋଗାଇ ଆସୁଅଛୁଁ । ବାମଣ୍ଡା, କେନ୍ଦୁଝର, ଅଠମଲ୍ଲିକ, ରାଇଗଡ଼, ସରଣଇକଲା ପ୍ରଭୃତିର ରାଜାମାନଙ୍କ ନିକଟରେ ତତ୍ତ୍ୱ କଲେ ଆମ୍ଭର ଖାଣ୍ଟି କାରବାରର କଥା ଜଣା ପଡିବ ।

ଆମ୍ଭର ବାଣିଜ୍ୟ କୋଠିରେ ବିକ୍ରୟ ସକାଶେ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ସାଢ଼ୀ, ଯୋଡ଼ି ଟୋପି, ଚୋଗା, କିଂଖାପ, ବାପ୍ତା ସଙ୍ଗୀ, ଦୋପଟ୍ଟ ମଖମଲ, ଶିରରେ ବାନ୍ଧିବାର ଫେଟା, ରୁମାଲ, ସାଲ ଏବଂ ନାନା ପ୍ରକାର ରତ୍ନାଦିଖଚିତ ଅଙ୍ଗୁଷ୍ଠ ପ୍ରଭୃତି ଛଡ଼ା ସୁନା ରୂପାର ବାସନ, ହାତୀର ହାଉଦା ପ୍ରଭୃତି ବରାତ ଅନୁସାରେ ତିଆର କରାଇ ଦେଉଁ । ବରାତ ଦେବାବେଳେ ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ କେହି ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରୁଁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ କେଉଁ ଠିକଣାରେ କି ଉପାୟରେ (ଅର୍ଥାତ ଡାକରେ କି ରେଲରେ) ପଠାଇବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡିଆ ମୋହରର ରଖିଅଛୁଁ ସୁତରାଂ ଓଡିଆରେ ପତ୍ର ଲେଖିଲେ ଚଳିବ ମାତ୍ର ଲଫାଫାଉପରେ ଆମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ ନିରାପଦରେ ଆମ୍ଭର ହସ୍ତଗତ ହେବ

ଭେଲୁପେଏବଲ ପାରସଲରେ ମଧ୍ୟ ମାଲ ପଠାଯାଏ ଏବଂ ପସନ୍ଦ ନ ହେଲେ ଫେରନ୍ତ ନିଆଯାଏ ।

ଶ୍ରୀ ପାଲ୍ଲମାଲ ଭୋଲାନାଥ
ଲୁଣ୍ଡଗଳି ଫାଟକ ବନାରସ ସିଟି

## DANZIN

ଚିକିତ୍ସା ଜଗତର ସେହି
ଉଜ୍ଜ୍ୱଳ ରତ୍ନ ! !
ଡାକ୍ତର କେ, ଟୀ, ମାର୍ଟିନଙ୍କର
ଡ୍ୟାନ୍‌ଜିନ ! !

ଅନେକଙ୍କର ବିଶ୍ୱାସ ଥିଲା ଶୀତ ଓ ଗରମିର ବିଷ ଶରୀରରେ ପ୍ରବେଶ ହେଲେ ନାହିଁରେ

Digitized by srujanika@gmail.com

Split by PDF Splitter



ତାହା ବୃଥାଭୂତ ହୁଏ ନାହିଁ ବଲୁ ଡ୍ୟାନ୍ ଜନ୍ ଷ୍ଟାଯ୍ଯ ଅର୍ଦ୍ଧ ଶତାବ୍ଦି ଅତୀତ ହେଲା ଲୋକଙ୍କର ସେହି ବିଶ୍ୱାସ ଦୃଢ଼ କରୁଅଛୁ ଅଜି ଜଗତର ଲୋକେ ଏକବାକ୍ୟରେ ସ୍ୱୀକାର କରୁଅଛନ୍ତି ଯେ, ଡ୍ୟାନ୍ ଜନ୍ ସେହି ସମସ୍ତ ରୋଗର ଏକମାତ୍ର ମହୌଷଧ ।

ପାପ୍ରର ଘା, ଗରମିର ଘା, କାଛୁଅ, ଭଗ-ନ୍ଦର, ବାଘୀ, ନାଲିଘା, ନାକ ଓ ମୁଖଭିତରର ଘା, ଦେହର ଚକାଚକା ଦାଗ, ହାତ ଓ ଗୋ-ଡ଼ିତଳର ଚମଫାଟିବା, ହସ୍ତପଦ ଜ୍ୱାଳା, ଚକ୍ଷୁରୁ ଜଳ ପଡ଼ିବା, ମୁଣ୍ଡଧରା, ମୁଣ୍ଡବୁଲାଇବା, ମସ୍ତିଷ୍କ ଜ୍ୱାଳା କରିବା, କୁଷ୍ଠ, କାଛୁ, ଇତ୍ୟାଦି ରୋଗର ମହୌଷଧ । ମେହ, ପ୍ରମେହ, ପୂଜସହିତ ଧାତୁ ନିର୍ଗତ ହେବା, ପ୍ରସ୍ରାବ କରିବା ସମୟରେ ଜ୍ୱାଳା, ପ୍ରସ୍ରାବର ଅଗ୍ରେ ବା ପଶ୍ଚାତ୍ ସୂତାପରି ପଦାର୍ଥ ବାହାରିବା, ଲୁଗାରେ ଦାଗ ଲାଗିବା, ମୂତ୍ରକୃଚ୍ଛ୍ର, ପ୍ରସ୍ରାବର ଅଳ୍ପତା ବା ଆଧିକ୍ୟ, ଇନ୍ଦ୍ରିୟଶକ୍ତି କ୍ଷୀଣତା, ଅଶ୍ମରୀବଳ କାର୍ଯ୍ୟସ୍ଖଳନ, ଏମନ୍ତ କି ଧ୍ୱଜଭଙ୍ଗ ପର୍ଯ୍ୟନ୍ତ ଆରୋଗ୍ୟ କରି ଲୋକଙ୍କର ଦୃଢ଼ବିଶ୍ୱାସ ଜନ୍ମାଇଅଛି ।

ସ୍ତ୍ରୀବ୍ୟାଧି ଯଥା;—କଷ୍ଟରଜ, ଋତୁକାଳୀନ ପେଟର ବେଦନା, ଅଳ୍ପ ବା ଅଧିକ ପରିମାଣେ ରକ୍ତସ୍ରାବ, ଅନିୟମିତ କାଳେ ଋତୁ ହେବା ପ୍ରଭୃତି ରୋଗରେ ଡ୍ୟାନ୍ ଜନ୍ ବ୍ରହ୍ମାସ୍ତ୍ର ସ୍ୱରୂପ ଡ୍ୟାନ୍ ଜନ୍ ବାତରୋଗର ଅମୋଘ ଔଷଧ । ସୁସ୍ଥ ଶରୀରରେ ଦୈନିକ ଏକ ବା ଦୁଇ ମାତ୍ରା ସେବନ କଲେ ଶରୀରରେ ନୂତନ ରକ୍ତ କଣିକା ସୃଷ୍ଟିକରି ସବଳ ଓ ପୁଷ୍ଟି କରେ ।

ଡ୍ୟାନ୍ଜନ୍ ସାଲସାପରି ରୋଗକୁ ଦୃପି ରଖେ ନାହିଁ । ଡ୍ୟାନ୍ଜନ୍ଦ୍ୱାରା ରୋଗ ଆରୋଗ୍ୟ ହେଲେ ପୁନର୍ବାର ଆକ୍ରମଣର ଭୟ ନ ଥାଏ ।

ଡ୍ୟାନ୍ ଜନ୍ ସେବନର କୌଣସି ବନ୍ଧା ନିୟମ ନାହିଁ । ସକଳ ଋତୁ ଓ ସକଳ ଅବସ୍ଥାରେ ସେବନ କରାଯାଏ । ୧ ବୋତଲ ଔଷଧ ୧୫ ଦିନ ବ୍ୟବହାର କରାଯାଏ ।

ମୂଲ୍ୟ ।

ପ୍ରତିବୋତଲର ଟ ୧୷ ୬ ବୋତଲର ଟ ୭୷
୩ " ଟ ୪୧ ୧୨ " ଟ ୧୪୧

ଯ୍ୟାକିଂ ୧ଠାରୁ ୩ବୋତଲର ଟ୦।ଅଣା, ୪ଠାରୁ ୧୨ବୋତଲର ଟ୦।୶ଅଣା; ଡାକମାସୁଲ ସ୍ୱତନ୍ତ୍ର ଏକମାତ୍ର ଅଧିକାରକ ।

ଡାକ୍ତର କେ, ସୀ, ମାଟିନ । ସୋଲ ଏଜେଣ୍ଟ ।—
ଇଣ୍ଡିଆ, ବର୍ମ୍ମା ଏବଂ ସିଲୋନ
ଆଇ, ଡି, ଜି, ଏଣ୍ଡ କୋଂ
୬୩ୀ୧ନମ୍ବର ବାରଣସୀ ଘୋଷ ଷ୍ଟ୍ରିଟ କଲିକତା




# ସୁଗନ୍ଧ ସୌଖୀନ ଦ୍ରବ୍ୟ

କଲିକତାର ପ୍ରସିଦ୍ଧ ସୁଗନ୍ଧଦ୍ରବ୍ୟ ପ୍ରସ୍ତୁତକାରୀ ଏଚ, ବସୁଙ୍କ କାରଖାନାରେ ପ୍ରସ୍ତୁତ ।

## କୁନ୍ତଳୀନ

ଏହି ତୈଳ କେଶ ପରିବର୍ଦ୍ଧନ କରେ । ଏହାଦ୍ୱାରା କେଶର ଶୋଭା ବୃଦ୍ଧି ହୁଏ ଏବଂ କେଶ ଉଠିଯାଉଥିଲେ ତାହା ବନ୍ଦ ହୁଏ । ଏହା ଅତି ନିର୍ମଳ ଏବଂ ମନୋହର ସୁଗନ୍ଧଯୁକ୍ତ । ଏହା ଚାରିପ୍ରକାର ଏବଂ ମୂଲ୍ୟ ଯଥା:— ସୁବାସିତ କୁନ୍ତଳୀନର ମୂଲ୍ୟ ଏକ ଟଙ୍କା, ପଦ୍ମଗନ୍ଧ କୁନ୍ତଳୀନର ମୂଲ୍ୟ ଦେଢ଼ ଟଙ୍କା, ଗୋଲାପଗନ୍ଧ କୁନ୍ତଳୀନର ମୂଲ୍ୟ ଦୁଇ ଟଙ୍କା, ଜୁଇଗନ୍ଧ କୁନ୍ତଳୀନର ମୂଲ୍ୟ ଦୁଇ ଟଙ୍କା ।

## ଫୁଲ୍ସାର ଅଥବା ଏସେନ୍ସ ।

ସଦ୍ୟ ପ୍ରସ୍ଫୁଟିତ ନାନାବିଧ ସୁରଭି ପୁଷ୍ପର ସାର ସଂଗ୍ରହ କରାଯାଇ ଏହି ଉତ୍ତମ ପ୍ରକାର ଏସେନ୍ସ ପ୍ରସ୍ତୁତ କରାଯାଇଅଛି । ଏଥିର ସୁବାସ ମନୋମୁଗ୍ଧକର । ନାମ—ଭାୟୋଲେଟ୍; ମଲ୍ଲିକା; କାର୍ନେସନ; ରଜନୀଗନ୍ଧା; ମାଲତୀ; ବେଲଗୋଲାପ; ହ୍ୱାଇଟ୍ ରୋଜ୍; ବକୁଲ ରୋଜ୍; ବେଣାଚେର; କୁମୁଦିନୀ; ମିଶ୍ରକୁସୁମ; କେତକୀକୁସୁମ; ପାରିଜାତ-କୁସୁମ; ଇଲାଙ୍ଗଇଲାଙ୍ଗ ବୋତଲ । ମୂଲ୍ୟ ଏକଶିଶି ଏକଟଙ୍କା ମାତ୍ର ।

## ଲ୍ୟାଭେଣ୍ଡର ।

କସ୍ତୁରୀ ଲ୍ୟାଭେଣ୍ଡର ଦେଢ଼ଟଙ୍କା । ଲ୍ୟାଭେ-ଣ୍ଡର ଓ୍ୱାଟର ବଡ଼ଶିଶି ଚଉଦଅଣା, ସାନଶିଶି ସାତଅଣା ।

## ପମେଟମ ।

ଗୋଲାପି ପମେଟମ ଅଠଅଣା; ସୁରଭି ପମେଟମ ପାଞ୍ଚଅଣା ।

## ତାମ୍ବୁଲୀନ

ପାନ ସୁବାସିତ ଓ ସୁସ୍ୱାଦ କରିବାର ଅଦ୍ଭୁତ ସାମଗ୍ରୀ । ଗୁଣ୍ଡି ସଙ୍ଗରେ ଚଳିଏ ମିଶାଇ ଦେଲେ ଗୁଣ୍ଡି ମହକଉଠିବ । ମୂଲ୍ୟ ପ୍ରତି ଟିଣି ଅଠଅଣା

## ସରବତ ଅଥବା ସିରପ୍ ।

ଗ୍ରୀଷ୍ମକାଳ ସକାଶେ ଏହାଠାରୁ ଭଲଜିନିଷ ଆଉ ନାହିଁ ।

ଲେମନ ସିରପ୍ ବାରଅଣା । ଅଙ୍ଗୁର ସିରପ୍ ବାରଅଣା । ଅରେଞ୍ଜ ସିରପ୍ ବାରଅଣା । ରୋଜ ସିରପ୍ ଏକଟଙ୍କା । ଗୋଲ୍ଡେନ ସିରପ୍ ୧ଟଙ୍କା

## ଗୋଲାପଜଳ ।

ପ୍ରତି ପାଇଁ ଦେଢ଼ଟଙ୍କା ।

ପତ୍ର ଲେଖିଲେ ଡାକଦ୍ୱାରା ବା ରେଲଦ୍ୱାରା ଜିନିଷ ପଠାଯାଏ ଭାରତବର୍ଷର ପ୍ରଧାନ ପ୍ରଧାନ ମହାରାଜା ଓ ରାଜା ଓ ବଡ଼ ବଡ଼ ରାଜକର୍ମ-ଚାରିମାନଙ୍କଦ୍ୱାରା ଏହି ଦ୍ରବ୍ୟମାନ ବ୍ୟବହୃତ ଏବଂ ବିଶେଷରୂପେ ପ୍ରଶଂସିତ । ପାଇକାରୀ ଓ ଡାଏଷ୍ଟ ଦର ମୂଲ୍ୟରେ ପଠାଯାଏ ।

—ଠିକଣା:—

| | |
|---|---|
| ଏଚ ବସୁ<br>୬୨ନମ୍ବର ବହୁବଜାର ଷ୍ଟ୍ରିଟ<br>କଲିକତା | H. BOSE,<br>62 Bow Bazar<br>Street<br>Calcutta. |

କଟକରେ "ଉଦ୍ଯୋଗ ସମିତିର ଭଣ୍ଡାର"ରେ ଓ କଟକ ପ୍ରିଣ୍ଟିଂ କମ୍ପାନୀର ପ୍ରସ୍ତୁତ ଦୋକାନରେ ଏହି ଜିନିଷ ମିଳିବ ।

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ସର୍ତ୍ତ ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ସକାଶେ

| | |
|---|---|
| ପ୍ରତିସ୍ତମ୍ଭ | ଟ ୦ ୶ |
| ଅର୍ଦ୍ଧସ୍ତମ୍ଭ | ଟ ୵୯ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ ଟ ୩୲ |  |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଉ, ଉହାର ସର୍ତ୍ତ ଟ୦ ୵ ଚାରି ଅଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ସର୍ତ୍ତ ପ୍ରଥମ ଅର୍ଦ୍ଧ ହେବା ଓ ଦୁଇଗୁଣ ସ୍ଥାଯାକମ୍ପେ ହେବ ।

ଅଧିକ ଦିନ ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ

ଏହି ଉତ୍କଳଦୀପିକା କଟକ କଟକ ପ୍ରିଣ୍ଟିଂ କମ୍ପାନୀର ଛାପାଖାନାରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter 



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା


୪୪ ଭାଗ
୨୫ ସଂଖ୍ୟା

ତା ୨୨ ଜୁନ ମାସ ବୁଧବାର ସନ ୧୯୦୯ ମସିହା । ମୁ । ତା ୯ ନ ଆଷାଢ଼ ସନ ୧୩୦୫ ସାଲ ଶନିବାର

ଅଗ୍ରିମ ଟ ୩୧
ପଶ୍ଚାଦ୍ଦେୟ ଟ ୬୧


ସରକାରୀ ଋତୁପରୀକ୍ଷକଙ୍କର ବୃଷ୍ଟି ଗଣନା ଗତ ବର୍ଷ ଠିକ ହୋଇ ନ ଥିଲା ଏ ବର୍ଷ ମଧ୍ୟ ସେହିପରି ହେବାର ଶଙ୍କା ହେଉଅଛି । ବମ୍ବେଇ ଅଞ୍ଚଳର ବୃଷ୍ଟି ସ୍ରୋତ ଯଦ୍ୟପି ଗତ ତା ୧୫ ରିଖଠାରେ ପ୍ରବାହ ହୋଇ ପଶ୍ଚିମ ଉପକୂଳସ୍ଥ ଭୂମିରେ ଅନେକ ଜଳ ଢାଳିଅଛି ମାତ୍ର ମଧ୍ୟ ଭୂମିରେ ତାହାର ବଳ ଅତ୍ୟସାମାନ୍ୟ ପ୍ରତ୍ୟକ୍ଷ ହୋଇଅଛି ଏବଂ ବଙ୍ଗ ସମୁଦ୍ରର ବୃଷ୍ଟି ସ୍ରୋତ ତା ୨୨ ରିଖ ମଧ୍ୟରେ ପ୍ରବାହ ହେବାର ଥିଲା । ଅଥଚ ସେ ସମସ୍ତ ଗତ ହେଲା ମାତ୍ର ବର୍ଷାକାଳର ଜଳ ବଦଳରେ କେବଳ ଖଣ୍ଡବୃଷ୍ଟି ହୋଇଅଛି । ଫଳତଃ ବର୍ଷାକାଳ ଏ ବର୍ଷ ଶୀଘ୍ର ଆରମ୍ଭ ହେବା ପରି ଦିଶିଲା ନାହିଁ । ବର୍ତ୍ତମାନ ଜଳର ଅଭାବ ସମସ୍ତେ ଅନୁଭବ କରୁଅଛନ୍ତି ।

---

ଇଷ୍ଟକୋଷ୍ଟ ନ୍ୟୁଜ ନାମକ ସମ୍ବାଦପତ୍ରରେ ପ୍ରକାଶ ଯେ ଗଞ୍ଜାମ ଶିକ୍ଷଣଶାଳାର ତତ୍ତ୍ୱବଳ ହୋମରଙ୍କ ମୋକଦ୍ଦମାର ଶେଷଫଳ ଏହି ହୋଇଅଛି ଯେ ଶ୍ରୀଯୁକ୍ତ ନରସିଂହ ବେଙ୍କଟାଶାସ୍ତ୍ରୀ ଏବଂ ଶ୍ରୀଯୁକ୍ତ ଦକ୍ଷି ଶ୍ରୀନିବାସ ରାଓ ପନ୍ତୁଲୁ ଡେପୁଟି କଲେକ୍ଟରମାନେ ପଦଚ୍ୟୁତ ହୋଇଅଛନ୍ତି । ଅଦ୍ୟପି ଅବଗତ ହୋଇଅଛନ୍ତି ଯେ ଶେଷୋକ୍ତ ମହାଶୟଙ୍କର ଅନୁସାର ମାମଲାରେ କୌଣସି ଅବୈଧ ସମ୍ପର୍କ ଥିବାର ସନ୍ଦେହ ନ ଥାଇ କେବଳ ସୁ ଗୁରୁତର ଅସାବଧାନତା ହେତୁ ଏ ଦଣ୍ଡ ହୋଇଅଛି । ସେ ବର୍ଷ ଧରି ଡେପୁଟି କଲେକ୍ଟରୀ ସୁଖ୍ୟାତି ସହିତ କରିଆସିଥିବା ଏବଂ ଅର୍ଥ ଗ୍ରହଣ କରି ନ ଥିବା ସ୍ଥଳେ ତାହାଙ୍କୁ ଏହା ହେତୁରୁ କାର୍ଯ୍ୟରୁ ବାହାରି କରି ଦେବା ବଡ଼ କଠିନ ଦଣ୍ଡ ଅଟେ ! ସେମାନଙ୍କ ଦେଇ ବଦଳି କରି ଦେଇଥିଲେ ଭଲ ହୋଇଥାନ୍ତା ।

---

ଭୋପାଳର ବେଗମ ପରଲୋକ ଗମନ କରିଅଛନ୍ତି । ଗତ ତା ୧୨ ରିଖର ଅତିରିକ୍ତ ଇଣ୍ଡିଆ ଗଜେଟରେ ମହାମାନ୍ୟ ଗବର୍ଣ୍ଣର ଜେନେରଲ ବାହାଦୁର ଏହି ଶୋକ ସମ୍ବାଦ ପ୍ରଚାର କରି ବଡ଼ ଦୁଃଖିତ ହୋଇ କହିଅଛନ୍ତି ଯେ ବେଗମ ମହୋଦୟା ଅତ୍ୟନ୍ତ ଯୋଗ୍ୟତା ସହିତ ଶାସନ ଭାର ନିର୍ବାହ କରୁଥିଲେ ଏବଂ ଦୟା ଓ ମୃଦୁତା ବିଷୟରେ ବିଖ୍ୟାତ ଥିଲେ ଏବଂ ଇଂରେଜ ସରକାରଠାରେ ତାହାଙ୍କର ଅକପଟ ଭାବ ଏବଂ ଏକାନ୍ତ ସହାନୁଭୂତି ଥିଲା । ବେଗମ ମହୋଦୟା ଆପଣା ମାତାଙ୍କଠାରୁ ରାଜ୍ୟ ପାଇଥିଲେ ଏବଂ ତାଙ୍କ ପୁତ୍ର ସନ୍ତାନ ନଥା କେବଳ ଗୋଟିଏ ଦୁହିତା ରହି ଯାଇଅଛନ୍ତି । ଅତଏବ ଭୋପାଳ ରାଜ୍ୟ କ୍ରମାଗତ ତିନିପୁରୁଷ ରମଣୀଦ୍ୱାରା ଶାସିତ ହୋଇ ଆସିବା ଗୋଟିଏ ଅପୂର୍ବ ଘଟଣା ଅଟେ ।

---

ଅତ୍ୟନ୍ତ ଆନନ୍ଦସହିତ ଅବଗତ ହେଲୁଁ ଯେ ଏ ବର୍ଷ ନ ୩ ଜଣ ଭାରତୀୟ ଭଦ୍ରଲୋକ ବିଲାତର ସିଭିଲର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଷଷ୍ଠ ଓ ସପ୍ତମସ୍ଥାନ ଲାଭ କରିଅଛନ୍ତି । ସେମାନଙ୍କର ନାମ କାଉସମଜି ଦାମା, ପେସ୍ତନଜି ଦାମା ଏବଂ ହର ଗଜପତି ରାଓ ପୁରେ ଅଟେ । ପ୍ରଥମ ଦୁଇ ବ୍ୟକ୍ତି ପାରସିଜାତି ବମ୍ବେଇବାସୀ ଅଟନ୍ତି । ସେମାନଙ୍କ ମଧ୍ୟରୁ କାଉସମଜି, ବି, ଏ, ଏବଂ ପେସ୍ତନଜି ଏଲଫିନଷ୍ଟୋନରେ ବି, ଏ, ଓ ଏମ, ଏ ପାସ କରି ପ୍ରଥମ ବ୍ୟକ୍ତି ସରକାରୁ ବୃତ୍ତି ଲାଭ କରି ଓ ୨ ଯୁ ବ୍ୟକ୍ତି ନିଜ ବ୍ୟୟରେ ବିଲାତରେ ସିଭିଲ ସର୍ଭିସ ପରୀକ୍ଷା ସକାଶେ ପଢ଼ିବାକୁ ଯାଇଥିଲେ । ରାଓପୁରେ ମହାଶୟ ମଧ୍ୟପ୍ରଦେଶର ଲୋକ । ସେ ନାଗପୁର କଲେଜରେ ବି, ଏ, ଏବଂ କଲିକତା ପ୍ରେସିଡେନ୍ସି କଲେଜରେ ଏମ, ଏ ପାସ କରି ବିଲାତକୁ ପଢ଼ିବା ସକାଶେ ଯାଇଥିଲେ । ଏମାନଙ୍କର ପରୀକ୍ଷାର ପ୍ରଶଂସନୀୟ ଫଳ ନିମନ୍ତେ ଆମ୍ଭେମାନେ ଏକାନ୍ତ ମଙ୍ଗଳବାଦ ପ୍ରଦାନ କରୁଅଛୁ ।

---

ଉତ୍ତରପଶ୍ଚିମ ଅନ୍ତର୍ଗତ କାନପୁର ମିଶନରୀ କଲେଜର ଜଣେ ଅଧ୍ୟାପକ ଶ୍ରୀଯୁକ୍ତ ଜି, ଏଲ୍, ମେହେଁ ଗତ ସପ୍ତାହରୁ ଏ ନଗରରେ ପହଞ୍ଚି ଏଠା କଟକ ପ୍ରିଣ୍ଟିଂକୋମ୍ପାନୀ ହୋଟଲରେ ଗତ ଶନିବାର, ମଙ୍ଗଳବାର ଏବଂ ଗୁରୁବାର ତିନିଥର ବକ୍ତୃତା ପ୍ରଦାନ କରିଥିଲେ । ୧ମ ଦିନ ଶିକ୍ଷିତ ଲୋକଙ୍କର ଦାୟିତ୍ୱ, ୨ୟ ଦିନ ଜାତୀୟ ମହାସମିତିର ଦାବୀ ଓ ୩ୟ ଦିନ ଗବର୍ଣ୍ଣମେଣ୍ଟଙ୍କ ସହିତ ମହାସମିତିର ସମ୍ବନ୍ଧ ବିଷୟରେ ବକ୍ତୃତା ହୋଇଥିଲା । ମେହେଁ ମହୋଦୟ ଜଣେ ଅଳ୍ପ ବୟସ୍କ ଯୁବା ହେଲେହେଁ ତେଜସ୍ୱୀ ବକ୍ତା ଅଟନ୍ତି ଏବଂ ବକ୍ତୃତା ପ୍ରଦାନ କରିବାରେ ବିଶେଷ ପଟୁ ଥିବାର ପ୍ରକାଶ ହେଲା । ଜାତୀୟ ମହାସମିତିର କାର୍ଯ୍ୟରେ ତାହାଙ୍କର ପ୍ରଗାଢ଼ ଅନୁରାଗ । ସ୍ଥାନାଭାବରୁ ତାହାଙ୍କର ବକ୍ତୃତାର ସଂକ୍ଷେପ ପର୍ଯ୍ୟନ୍ତ ଏଥର ଦେବାକୁ ଅକ୍ଷମ ହେଲୁଁ ।

ବଡ଼ ଦୁଃଖର ବିଷୟ ଯେ ବକ୍ତା ମହୋଦୟ ଇଂରାଜୀରେ ଏଠାରେ ବକ୍ତୃତା ପ୍ରଦାନ କରିଥିଲେ ମାତ୍ର ଶ୍ରୋତା ମଧ୍ୟରେ ଅଧିକାଂଶ ସ୍କୁଲ ଛାତ୍ର ।

Digitized by srujanika@gmail.com

Split by PDF Splitter



ଅପର ଶିକ୍ଷିତ ଭଦ୍ରଲୋକ ନ ୧୦।୧୫ ଜଣରୁ ଅଧିକ ନ ଥିଲେ । ଏହିଠାରେ ପୁଣି ଆଗାମୀ ବର୍ଷରେ ପ୍ରାଦେଶିକ ସମିତିର ଅଧିବେଶନ ହେବ ।

—

ଗଞ୍ଜାମ ଜିଲ୍ଲା ଅସ୍କା ତହଶିଲର ସନ୍ନିଧିବାସୀ ବଙ୍କାଡ ଶ୍ରୀଯୁକ୍ତ ମିଷ୍ଟର ସାହେବ ଜଣେ ବିଚକ୍ଷଣ ବ୍ୟବସାୟୀ ଅଟନ୍ତି । ଇଂରାଜୀ ସମ୍ବାଦପତ୍ରରୁ ପ୍ରକାଶ ଯେ ସେ ଗତ ଦୁଇ ଏକ ବର୍ଷରେ ଆଖୁ ପେଡିବାର ଗୋଟିଏ ନୂତନ ଯନ୍ତ୍ର ଆବିଷ୍କାର କରି ଅଛନ୍ତି । ଆଖୁ ପେଡିବାର ପ୍ରଚଳିତ ଦେଶୀୟ ପ୍ରଥା ଏବଂ ତାହାଙ୍କର ଆବିଷ୍କୃତ ପ୍ରଥାର ଗୁଣାଗୁଣ ପରୀକ୍ଷା କରିବାକୁ ପ୍ରଜାମାନେ ରସ ବାହାର କରି ନେଇଥିବା ଅବଶିଷ୍ଟ ୪୦ ଟନ କଟି ଆଣି ତହିଁରୁ ତାହାଙ୍କର ନୂତନ ପ୍ରଣାଳୀରେ ଅସ୍କାଠାରେ ପ୍ରତି ଟନ୍‌ରେ ୬୦ ଗାଲନ ଗୁଡ଼ ବାହାର କଲେ । ପ୍ରତି ମାଣରେ ପ୍ରାୟ ୨୦ ଟନ ଆଖୁ ଉତ୍ପନ୍ନ ହୁଅଇ ଏବଂ ତହିଁରେ ୪ଟନ ଗୁଡ଼ ବାହାରିଥିଲା । ତାହା ହେଲେ ଦେଶୀ ପ୍ରଥାରେ ପ୍ରତି ମାଣରେ ପ୍ରାୟ ୨୦୦ ଗାଲନ ଏବଂ ଏକ ଗାଲନକୁ ୧୩ ର ହିସାବ କଲେ ମ ୧୫ ହଣ ଗୁଡ଼ ନଷ୍ଟ ହେବାର ଜଣାଯାଏ । ଭାରତରେ ଲକ୍ଷ ୨ ମାଣ ଆଖୁଚାଷ ହେଉଅଛି । ସୁତରାଂ ଦେଶୀୟ ପ୍ରଥାରେ ଆଖୁ ପେଡିବାରେ କେତେ ନଷ୍ଟ ହେଉଅଛି ତାହା ପାଠକମାନେ ଅନାୟାସରେ ଅନୁଭବ କରିବେ । ଆମ୍ଭେମାନେ ଆଶା କରୁଁ ମିଷ୍ଟର ସାହେବଙ୍କର ଆବିଷ୍କୃତ ପ୍ରଥା ଏପରି ସୁଫଳ ଦାୟକ ହେଲେ ଗବର୍ଣ୍ଣମେଣ୍ଟ ତାହା ଭାରତର ସକଳ ସ୍ଥାନରେ କୃଷିମାନଙ୍କୁ ଜଣାଇବା ବିଷୟରେ ତତ୍ପର ହେବେ ।

—

ସୁପରିଚିତ ପେନସନଭୋଗୀ ସବଡେପୁଟି କଲେକ୍ଟର ବାବୁ ବଳରାମ ଘୋଷ ଗତ ମଙ୍ଗଳବାର ଶେଷ ରାତ୍ରରେ ନିଜ ଆମନ୍ତ୍ରୁ ପ୍ରସ୍ଥାନ କରିବାର ଶୋକ ସମ୍ବାଦ ଅତ୍ୟନ୍ତ ଦୁଃଖର ସହିତ ପ୍ରକାଶ କରୁଅଛୁ । ଅନେକ ବର୍ଷରୁ ତାହାଙ୍କର ସ୍ୱାସ୍ଥ୍ୟ ବଡ଼ ଭଲ ନ ଥିଲା ମାତ୍ର ଟାଣ ଥିଲେ ଏବଂ ଅବଶ୍ୟକୀୟ କାର୍ଯ୍ୟ ଜୀବନରୂପେ ନିର୍ବାହ କରୁଥିଲେ । ପ୍ରାୟ ଏକ ମାସରୁ ଉଦରାମୟ ରୋଗରେ ପୀଡ଼ିତ ହୋଇ ନାନା ଚିକିତ୍ସାରେ କଷ୍ଟ ପାଇଲେ ତାହିଁ ଏବଂ ପରଲୋକରେ ଉଦ୍ଧବଙ୍କର ଇଚ୍ଛା ଯାହା ଥିଲା ତାହା ପୂର୍ଣ୍ଣ ହେଲା । ବଳରାମବାବୁ ଅତି ଅଳ୍ପ ଅର୍ଥାତ୍ ବ ୨୦ ବର୍ଷ ବୟସ ପୂର୍ବେ ଏଠା କଲେକ୍ଟରୀ ଦପ୍ତରରେ ଭରତି ହୋଇ ଅତ୍ୟନ୍ତ ଯୋଗ୍ୟତା ଦେଖାଇ କ୍ରମେ ପ୍ରଥମ ଶ୍ରେଣୀର ସବଡେପୁଟି ହୋଇ ଶେଷରେ ସ୍ୱଶ୍ରେଣୀର ସହିତ ପେନସନ ପାଇଥିଲେ । ସରକାରୀ କାର୍ଯ୍ୟରେ ସକ୍ଷମତା ନିରପେକ୍ଷତା ନ୍ୟାୟ ଓ ଶମପଟୁତାର ସେ ଗୋଟିଏ ଆଦର୍ଶ ଥିଲେ ଏବଂ ସେଥିପାଇଁ ଭଦ୍ରତା ସଦାଳାପ, ସଦାନୁଭୂତି ପ୍ରଭୃତି ଯୋଗୁ ସମାଜରେ ତାହାଙ୍କର ଯଥେଷ୍ଟ ଆଦର ଥିଲା । ଏହି ସବୁ ସୁଗୁଣ ସ୍ମରଣ କରି ତାହାଙ୍କର ସ୍ୱଜନ ବାନ୍ଧବ ପ୍ରିୟ ପରିଚିତ ଲୋକମାନେ ଅଧିକ ସନ୍ତାପିତ ହେଉଅଛନ୍ତି । ସେ ବ ୬୦ ବର୍ଷ ବୟସରେ ସ୍ତ୍ରୀ, ଏକମାତ୍ର ସୁଯୋଗ୍ୟପୁତ୍ର ବାବୁ ଶ୍ରୀରାମଚନ୍ଦ୍ର ଘୋଷ ଡେପୁଟି କଲେକ୍ଟର ଏବଂ ନାତି ନାତୁଣିମାନଙ୍କୁ ରଖି ବିଦାୟ ହୋଇଗଲେ । ପରମେଶ୍ୱର ତାହାଙ୍କର ଆତ୍ମାର ମଙ୍ଗଳ ଏବଂ ପରିବାର ବର୍ଗର ଶାନ୍ତି ବିଧାନ କରନ୍ତୁ ।

—

ଚଳିତ ମାସ ତା ୧୬ ରଖର କଲିକତା ଗେଜେଟରେ ସରକାରୀ ବିଜ୍ଞାପନ ବାହାରିଅଛି ଯେ ଆସନ୍ତା ସନ ୧୯୦୯ ସାଲରୁ ଛାତ୍ରବୃତ୍ତିମାନ ନିମ୍ନ ଲିଖିତ ହାରରେ ବସାଯିବ ଯଥା;—

ମାଇନର ବୃତ୍ତି ୧ମ ଟ ୨୫୲ କା ଓ ୨ୟ ଟ ୨୦୲ କା ସ୍ଥଳେ ଟ ୨୦୲ କା ଓ ଟ ୧୬୲ କା । ଜୁନିୟର ବୃତ୍ତି ୧ମ ଟ ୨୦୲ ୨ୟ ଟ ୧୫୲ ଓ ୩ୟ ଟ ୧୦୲ କା ସ୍ଥଳେ ଯଥାକ୍ରମେ ଟ ୧୬୲ କା, ଟ ୧୨୲ କା ଓ ଟ ୮୲ କା । ମଧ୍ୟଇଂରାଜୀ ଓ ମଧ୍ୟଭର୍ଣ୍ଣାକୁଲର ଟ ୫୲ କା ଓ ଟ ୪୲ କା ସ୍ଥଳେ ଟ ୪୲ କା ଏହି ଦୁଇ ବୃତ୍ତି ବ ୩ ବର୍ଷ ପର୍ଯ୍ୟନ୍ତ ଦିଆଯିବ । ଏପରି ଅଧିକା ୮୦ ଅପରପ୍ରାଇମେରୀ ଏବଂ ୪୦୬ ନିମ୍ନପ୍ରାଇମେରୀ ବୃତ୍ତି ସ୍ଥାପିତ ହେବ । ନିମ୍ନପ୍ରାଇମେରୀ ବୃତ୍ତି ଯେଉଁ ଜିଲ୍ଲାରେ ଯେତୋଟି ଦିଆଯିବ ତହିଁର ବିସ୍ତାରିତ ତାଲିକା ପ୍ରକାଶ ହୋଇଅଛି ତଦନୁସାରେ କଟକ ୭, ବାଲେଶ୍ୱର ୫, ଅନୁଗୁଳ ୨, ପୁରୀ ୬ ଏବଂ ଓଡ଼ିଶା ଗଡ଼ଜାତମାନ ୪ ପାଇଅଛନ୍ତି ।

ଜୁନିୟର ମୋଟ ବୃତ୍ତି ସଂଖ୍ୟା ମଧ୍ୟରୁ ୧ମ ଶ୍ରେଣୀରୁ ୪, ୨ୟରୁ ୭, ଏବଂ ୩ୟରୁ ୮ଗୋଟି ହାଇସ୍କୁଲର ନୂତନ ନିୟମାନୁସାରେ ଯେଉଁମାନେ ଏ ଓ ବ ଶ୍ରେଣୀରେ ପାଠ କରିବେ ସେମାନଙ୍କ ନିମନ୍ତେ ପୃଥକ୍ ରହିବ ।

ବହୁକାଳ ପୂର୍ବେ ସର୍ବୋଚ୍ଚ ବୃତ୍ତି ଟ ୪୦୲ କା ଥିଲା କ୍ରମେ କମିଆସି ଟ ୨୫୲ କାରେ ରହିଲା । ଏବେ ଟ ୨୦୲ କାକୁ ଖସିଗଲା ଏବଂ ଏହି ଭର୍ଣ୍ଣାକୁଲର ବୃତ୍ତି ଛଡ଼ା ଆଉ ସବୁ ବୃତ୍ତିର ହାର ଊଣା ହୋଇଅଛି ଏହା କୌଣସିରୂପେ ସନ୍ତୋଷ ଜନକ ନୁହେଁ । ପୂର୍ବଠାରୁ ସର୍ବାପେକ୍ଷା ଶ୍ରେଷ୍ଠ ସଂଖ୍ୟା ବୃଦ୍ଧି ହୋଇଥିବାର ଦେଖି ଉଚ୍ଚ ଓ ମଧ୍ୟମ ବୃତ୍ତିର ସଂଖ୍ୟା ବଢ଼ାଇବାର ବିଲକ୍ଷଣ କାରଣ ରହିଅଛି ମାତ୍ର ସେ ଆଶା ପୂର୍ଣ୍ଣ ହେବା କେତେକ ଥାଉ କମେ ଊଣା ହେଲା ! ଉଚ୍ଚଶିକ୍ଷାପ୍ରତି ସରକାରଙ୍କର ଆସ୍ଥା ଥିବାର ଏଥିରୁ ପ୍ରକାଶ ପାଉ ନାହିଁ ଏବଂ ଆର୍ଥିକ ଅବସ୍ଥା ଭଲ ଥିବା ସମୟରେ ଏପରି ହେବା ଅତୀବ ଦୁଃଖର ବିଷୟ ଅଟେ ।

—

## ପୁରୀ-ରଥଯାତ୍ରା ।

ପୂର୍ବେ ଯାତ୍ରିମାନେ ଶୀତଳ ଷଷ୍ଠୀଠାରୁ କ୍ରମାନ୍ୱୟେ ଆସିବାକୁ ଆରମ୍ଭ କରି ମାସାଧିକ କାଳ ରହିବାଦ୍ୱାରା ନାନା ଅସୁବିଧା ଭୋଗ କରୁଥିଲେ । ବର୍ତ୍ତମାନ ରେଲ ପ୍ରସାଦରୁ ଶ୍ରୀ ଗୁଣ୍ଡିଚା ଯାତ୍ରା ପାଞ୍ଚ ଦିନ ପୂର୍ବରୁ କେହି ବା ଯାତ୍ରା ଦିନ ଆସି ରଥସ୍ଥ ଶ୍ରୀଜୀଉଙ୍କ ଦର୍ଶନ କରି ସାନନ୍ଦେ ଗୃହ ଯାଉଅଛନ୍ତି ।

ଏ ବର୍ଷ ମଧ୍ୟ ସ୍ନାନ ପୂର୍ଣ୍ଣିମାକୁ ଯାତ୍ରୀ ସଂଖ୍ୟା ନିତାନ୍ତ କମ୍ ଥିଲା କିନ୍ତୁ ରଥଯାତ୍ରା ପାଞ୍ଚ ସାତ ଦିନ ପୂର୍ବରୁ ଯାତ୍ରୀ ସଂଖ୍ୟା କ୍ରମଶଃ ବୃଦ୍ଧି ହୋଇ ଅନୁମାନିକ ଦ ୭୫।୮୦ ହଜାର ହୋଇଥିଲା । ଏମାନଙ୍କ ମଧ୍ୟରେ ବଙ୍ଗାଳୀ ଓ ପଶ୍ଚିମା ଯାତ୍ରୀ ଅଧିକ ଥିଲେ । ଯାତ୍ରିମାନେ ଅଳ୍ପ ଦିନ ରହିବାଦ୍ୱାରା ଘର ଭଡ଼ା ମଧ୍ୟ ଅପେକ୍ଷାକୃତ ଅଳ୍ପ ହୋଇଥିଲା । ଏହା ସୁଖର ବିଷୟ ଯେ ଏ ପର୍ଯ୍ୟନ୍ତ ଓଲାଉଠାର ଉପଦ୍ରବ ହୋଇ ନାହିଁ ।

ତା ୧୬ ରଖ ସୋମବାର ପ୍ରାତଃକୁ ନବ ଯୌବନ ଦର୍ଶନ ଆରମ୍ଭ ହୋଇଥିଲା । ରଥର ନିତାନ୍ତ ଆବଶ୍ୟକୀୟ କାର୍ଯ୍ୟମାନ ହୋଇ ସାରି ନ ଥିବାରୁ ଅନ୍ଧକାର ଆସିବା ପରେ ଏ ଦିନ କୌଣସି ରଥ ସିଂହଦ୍ୱାରକୁ ଯାଇ ନ ଥିଲା ।

ତା ୧୮ ରଖ ମଙ୍ଗଳବାର ଶ୍ରୀ ଗୁଣ୍ଡିଚା ଦିନ ପ୍ରାୟ ପୂର୍ବାହ୍ନ ଘ ୯ ଟାଠାରେ ରଥାର୍ପଣା ଆରମ୍ଭ ହୋଇଥିଲା ଏବଂ ପ୍ରାୟ ଘ ୧୨ ଟା ସମୟରେ ତିନି ରଥ ସିଂହଦ୍ୱାରରେ ଲାଗିଲେ । ରଥର ଅବଶିଷ୍ଟ କାର୍ଯ୍ୟମାନ ଯଥା ନିୟମିତ ଶେଷ ହୋଇ ଶ୍ରୀଭୋଗ, ରଥମଣ୍ଡନ ଓ ପ୍ରତିଷ୍ଠାଦି ବିଧି ପରେ ରାତ୍ର ପ୍ରାୟ ଘ ୧୨ ଟାଠାରେ ପହଣ୍ଡିର ଉଦ୍ଯୋଗ ହୋଇ ପ୍ରଭୁମାନେ ରଥାରୂଢ଼ ହେବା ସମସ୍ତେ ପ୍ରଭାତ ପ୍ରାୟ ହୋଇଥିଲା ।

ବିଶେଷ ରାତ୍ରରେ ପହଣ୍ଡି ହେବାରୁ ଦର୍ଶକମାନଙ୍କ ପକ୍ଷେ କଷ୍ଟକର ହୋଇଥିଲା କିନ୍ତୁ ବର୍ଷା କମ୍ବା ମେଘାଡମ୍ବର ନ ଥାଇ ଆକାଶ ପରିଷ୍କାର ଥିବାରୁ ଅନେକେ ସୁଖରେ ଦର୍ଶନ କରିଥିଲେ ।

ତା ୧୯ ରଖ ବୁଧବାର ପୂର୍ବାହ୍ନରେ ରଥ ଟଣା ହୋଇ ନ ଥିଲା ।

—

Digitized by srujanika@gmail.com

Split by PDF Splitter



ଡେପୁଟି ଓ ସବ୍‌ଡେପୁଟି ପରୀକ୍ଷାର ଫଳ ।

ଗତ ଅପ୍ରେଲ ମାସ ତା ୯ ରିଖ ଓ ତହିଁ ପର ଦିନ ଏହି ପରୀକ୍ଷା କଲିକତାଠାରେ ଗୃହୀତ ହୋଇଥିଲା । ସର୍ବସୁଦ୍ଧା ଜ ୧୦୫ ଣ ପରୀକ୍ଷା ଦେବାର ଅନୁମତି ପାଇଥିଲେ ମାତ୍ର ପ୍ରକୃତରେ ଜ ୯୯ ଣ ଉପସ୍ଥିତ ହୋଇ ପ୍ରଶ୍ନ କାଗଜର ଉତ୍ତର ଲେଖି ଦେଇଥିଲେ । ସେମାନଙ୍କ ମଧ୍ୟରେ ଜ ୧୬ ଣ ମୁସଲମାନ, ଜ ୫ ଣ ବିହାରୀ ହିନ୍ଦୁ ଏବଂ ଜ ୬ ଣ ଓଡ଼ିଆ ଥିଲେ । ଯେଉଁମାନେ ଏକ ତୃତୀୟାଂଶ ବା ତହିଁରୁ ଅଧିକ ନମ୍ବର ରଖି ପାରିଥିଲେ ସେମାନଙ୍କ ସଂଖ୍ୟା ଜ ୬୨ ଣ । ପୂର୍ବରୁ ଘୋଷଣା କରାଯାଇଥିଲା ଯେ ଏଥର ପରୀକ୍ଷାର ଫଳାନୁସାରେ ସର୍ବୋଚ୍ଚ ନମ୍ବର ପାଇବା ଜ ୩ ଣ ଡେପୁଟିକଲେକ୍ଟର ନିଯୁକ୍ତ ହେବେ ଏବଂ ମାନ୍ୟବର ବଙ୍ଗେଶ୍ୱରଙ୍କର ମନୋନୀତମତେ ପରୀକ୍ଷୋତ୍ତୀର୍ଣ୍ଣ ବ୍ୟକ୍ତିଙ୍କ ମଧ୍ୟରୁ ଜ ୨ ଣ ଡେପୁଟି ଏବଂ ଜ ୩ ଣ ସବଡେପୁଟି ନିଯୁକ୍ତ ହେବେ । ତଦନୁସାରେ ବାବୁ ରେବତୀମୋହନ ଚକ୍ରବର୍ତ୍ତୀ ଏମ୍, ଏ, ବାବୁ ଅକ୍ଷୟକୁମାର ଗୁହ ବି, ଏ, ଏବଂ ବାବୁ ପ୍ରଫୁଲ୍ଲଶଙ୍କର ସେନ ଏମ୍, ଏ, ଯଥାକ୍ରମେ ୫୧୬, ୫୬୧ ଓ ୫୨୨ ନମ୍ବର ପାଇଥିବାରୁ ସେମାନେ ଏବଂ ଜଣେ ଓଡ଼ିଆ ବାବୁ ଦୟାନିଧି ଦାସ ବି, ଏ, ଏବଂ ଜଣେ ବିହାରୀ ମୁସଲମାନ ମୌଲବି ସୟଦ ଅବଦୁ ସମଦ ବି, ଏ, ଶିକ୍ଷାନବିଶ ଡେପୁଟି କଲେକ୍ଟର ସ୍ୱରୂପ ଗୃହୀତ ହେଲେ । ସେମାନେ ଶିକ୍ଷା ସମୟରେ ପ୍ରତିମାସ ଟ ୫୦ ଙ୍କା ଲେଖାଏ ବେତନ ପାଇବେ ଏବଂ ଯୋଗ୍ୟତା ଦେଖାଇ ପାରିଲେ ଏକଷ୍ଟିଂ ଶ୍ରେଣୀ ଅଥବା ଅଷ୍ଟମଶ୍ରେଣୀ ଡେପୁଟିକଲେକ୍ଟରରେ ଭର୍ତ୍ତି ହେବେ ।

ନିମ୍ନ ଲିଖିତ ପ୍ରାର୍ଥିଙ୍କୁ ମାନ୍ୟବର ଛୋଟଲାଟ ମହୋଦୟ ସବଡେପୁଟି ପଦ ନିମନ୍ତେ ମନୋନୀତ କଲେ ଯଥା,—

ବାବୁ ଭୁବନମୋହନ ଚାଟୁର୍ଯ୍ୟା ବି, ଏ, ବାବୁ ଜିତେନ୍ଦ୍ରନାଥ ସରକାର ବି, ଏ, ଏବଂ ବାବୁ ଅମରେନ୍ଦ୍ରନାଥ ପାଲ ଚୌଧୁରୀ ବି, ଏ, । ଏମାନେ ସମ୍ପ୍ରତି ମାସକୁ ଟ ୩୦ ଙ୍କା ବେତନ ପାଇ କାର୍ଯ୍ୟ ଶିକ୍ଷା କରିବେ ଏବଂ ସନ୍ତୋଷଜନକ ରିପୋଟ ହେଲେ ଚତୁର୍ଥ ଶ୍ରେଣୀର ସବ୍‌ଡେପୁଟି ପଦ ଖାଲି ହେବା ମାତ୍ରେ ଭର୍ତ୍ତି ହେବେ ।

ଡେପୁଟି ଓ ସବଡେପୁଟି ପଦରେ ଯେଉଁମାନେ ମନୋନୀତ ହେଲେ ସେମାନେ ସମସ୍ତେ ଗତ ଡିସେମ୍ବର ମାସ ତା ୩୧ ରିଖର ବିଜ୍ଞାପନ ଅନୁସାରେ ଯୋଗ୍ୟତାର ଡାକ୍ତରି ସାର୍ଟିଫିକଟ ଦାଖଲ କରିବାକୁ ବାଧ୍ୟ । ଯେ ଯେଉଁ ଜିଲ୍ଲାରେ କାର୍ଯ୍ୟ କରିବେ ତହିଁର ଆଦେଶ ଏ ପରେ ବାହାରିବ ।

ଉପର ଲିଖିତ ଆଦେଶରେ ପାଠକମାନେ ଦେଖିବେ ଯେ ଏଥର ଏକଜଣ ଓଡ଼ିଆର ଭାଗ୍ୟ ଫିଟିଅଛି ଏବଂ ସେ ଅନ୍ୟାନ୍ୟ ବର୍ଷପରି ପ୍ରଥମେ ସବଡେପୁଟି ନ ହୋଇ ଏକାବେଳେ ଡେପୁଟି ଶ୍ରେଣୀରେ ଗୃହୀତ ହୋଇଅଛନ୍ତି । ଓଡ଼ିଶାପ୍ରତି ଏତେ ଅନୁଗ୍ରହ ପ୍ରକାଶ କରିବା ହେତୁ ମାନ୍ୟବର ବଙ୍ଗେଶ୍ୱର ସରଜାନ ଉଡବରନଙ୍କୁ ଆମ୍ଭେମାନେ ଅଶେଷ ଧନ୍ୟବାଦ ଦେଉଅଛୁଁ ଏବଂ ଓଡ଼ିଶା ଜଲ ବୋରଡ଼ସଦସ୍ୟର ବର୍ତ୍ତମାନ୍ ପ୍ରତିନିଧି ମାନ୍ୟବର ଶ୍ରୀଯୁକ୍ତ ମଧୁସୂଦନ ଦାସ ଏ ବିଷୟରେ ଯତ୍ନ କରିଥିବାରୁ ସେ ମଧ୍ୟ ଧନ୍ୟବାଦର ପାତ୍ର ଅଟନ୍ତି । ଭରସା କରୁଁ ଦୟାନିଧି ବାବୁ କାର୍ଯ୍ୟକ୍ଷେତ୍ରରେ ସୁଖ୍ୟାତି ଲାଭ କରି ଏହି ଅନୁଗ୍ରହର ଟେକ ରକ୍ଷା କରିବେ ।

---

କଲିକତା ଶଗଡ଼ିଆଙ୍କ ମେଳ ।

କଲିକତାର ଶଗଡ଼ିଆମାନେ ମେଳ କରି ଗତ ତା ୮ ରିଖ ଶନିବାର ଶଗଡ଼ ଭଡ଼ା ବନ୍ଦ କରିଦେଲେ । ସହର ମଧ୍ୟରେ ଅନ୍ୟୂନ ପ୍ରାୟ ୧୦ ହଜାର ଶଗଡ଼ ପ୍ରତିଦିନ ମାଲ ଟୋଲାଇରେ ନିଯୁକ୍ତ ଥାଏ । ସମସ୍ତେ ଏକ ମେଳରେ ଭଡ଼ା ବୋହିବା ବନ୍ଦ କରି ଘରେ ବସିବାରୁ ମହାଜନ ବିଶେଷତଃ ବଡ଼ ବଡ଼ କୋଠି ବ୍ୟବସାୟୀଙ୍କର କଷ୍ଟର ସୀମା ରହିଲା ନାହିଁ । ଜାହାଜ ଘାଟରେ ଏବଂ ରେଲ ଶକଟରେ ମହାଜନି ମାଲ ସବୁ ପଡ଼ିରହିଲା ଏବଂ ବ୍ୟବସାୟ ଅଚଳ ହୋଇ ପଡ଼ିଲା । ଶଗଡ଼ିଆଙ୍କ ଦେଖା ଦେଖି ଭଡ଼ା ଗାଡ଼ିବାଲାମାନେ ମେଳ କରି ବସିଲେ ଏବଂ ସେମାନଙ୍କ ମଧ୍ୟରେ ଏମନ୍ତ ରଟନା ହେଲା ଯେ ମେଳଥି ଜଣେ ଶଗଡ଼ ବା ଗାଡ଼ି ଭଡ଼ା ନେବାକୁ ବାହାରିଲା ସେ ପ୍ରହାର ଖାଇଲା । କଲିକତାର ବଣିକ ସଭା ଶୀଘ୍ର ମେଳର ପ୍ରତିକାର ନିମନ୍ତେ ପୁଲିସ କମିଶନରଙ୍କ ନିକଟରେ ପରାମର୍ଶ କଲେ ଏବଂ ପୁଲିସ କମିଶନର ବ୍ୟସ୍ତ ହୋଇ କେତେକ ଶଗଡ଼ିଆ ଓ ଗାଡ଼ିବାଲାଙ୍କୁ ଡକାଇ ସେମାନଙ୍କର ମେଳ କରିବାର କାରଣ ପଚାରିବାରେ ସେମାନେ ଶ୍ରୀଯୁକ୍ତ ବ୍ରାଡେନବର୍ଗ ବାରିଷ୍ଟରଙ୍କ ଦ୍ୱାରା ଲିଖିତ ଦରଖାସ୍ତଦ୍ୱାରା ସେମାନଙ୍କର ଦୁଃଖ ଜଣାଇଲେ । ଏଥିରେ ଛିନ୍ନଦଳ ଖୁଲି ଗଲା । ପୁଲିସ କମିଶନର ସାହେବ ସେମାନଙ୍କର ଦୁଃଖ ବୁଝିବାର ଆଶ୍ୱାସ ଦେଇ ଅନେକ ବୁଝାଇ କହିବାରୁ ସେମାନେ ସମ୍ମତ ହୋଇ ଚତୁର୍ଥ ଦିନ ମଙ୍ଗଳବାର ଭଡ଼ା ବହିବାର ଆରମ୍ଭ କଲେ ଏବଂ କେହି କେହି ଅଧିକା ଭଡ଼ା ମଧ୍ୟ ପାଇଲେ । ସେମାନଙ୍କର ଦୁଃଖ ପୁଲିସ ପହରା ବାଲା ଏବଂ ପଶୁ କ୍ଳେଶ ନିବାରଣୀ ସଭାର ଗୁମାସ୍ତାଙ୍କର ଅତ୍ୟାଚାର । ପୁଲିସ ପହରା ବାଲାମାନଙ୍କୁ ଲାଞ୍ଚ ନ ଦେଲେ ସେମାନେ ବାଟ ବନ୍ଦ କରିବା ଇତ୍ୟାଦି ମିଥ୍ୟା ଅଭିଯୋଗରେ ଚାଲାଣ ଦେଇ ଦଣ୍ଡ ଦିଅନ୍ତି ଏବଂ ପଶୁ କ୍ଳେଶ ନିବାରଣୀ ସଭାର ଗୁମାସ୍ତାମାନେ କିଛି ନ ପାଇଲେ ରୋଗୀ ଓ ଦୁର୍ବଳବଳଦ ଓ ଘୋଡ଼ା ଯୋଚିବା ଅପରାଧରେ ଚାଲାଣ ଦିଅନ୍ତି । ମାଜିଷ୍ଟ୍ରେଟମାନେ ଗୋରୁ ଘୋଡ଼ା ନ ଦେଖି ଅଧିକ ଜରିମାନା କରନ୍ତି । ଏବଂ ସେ ଜରିମାନା ପଶୁ କ୍ଳେଶ ନିବାରଣୀ ସଭା ପାଉ ଥିବାରୁ ଅଧିକ ଅନର୍ଥ ହୁଏ । ଏପରି ରୁଗ୍ଣ ଗୋରୁ ବା ଘୋଡ଼ାଙ୍କ ଚିକିତ୍ସା ଘରେ ନ କରି ବେଲଗାଛିଆ ସ୍ଥିତ ସରକାରୀ ପଶୁ ଚିକିତ୍ସାଳୟକୁ ପଠାଇବା ଏବଂ ସେଠାର ଖାଲ ଅନୁସାରେ ଖରଚ ଦେବାର ନିୟମ ଥିବାରୁ ଗୋରୁ ଓ ଘୋଡ଼ାବାଲା ଅଧିକ ତକଲିଫରେ ପଡ଼ନ୍ତି । ଏହି ସବୁ ସେମାନଙ୍କର ଆପତ୍ତି ଏବଂ ତହିଁରେ ଯେ କିଛି ସତ୍ୟ ନାହିଁ ଏମନ୍ତ ବୋଲି ଯାଇ ନ ପାରେ ।

ଯାହା ହେଉ ବଣିକ ସଭାର ଉଦ୍ୟମରେ ପୁଲିସ କମିଶନର ଏବଂ ପଶୁ କ୍ଳେଶ ନିବାରଣୀ ସଭାର ସଭାପତି ଜାଗ୍ରତ ହୋଇ ଆପଣା ଆପଣା ଅଧୀନସ୍ଥ କର୍ମଚାରୀଙ୍କୁ ଏମନ୍ତ ସାବଧାନ କରି ଦେଇ ଅଛନ୍ତି ଏବଂ ସେମାନଙ୍କ କାର୍ଯ୍ୟରେ ତୀକ୍ଷ୍ଣ ଦୃଷ୍ଟି ରଖିଅଛନ୍ତି ଯେ ଆଉ କୌଣସି ଅତ୍ୟାଚାରର ଅବକାଶ ହେବା ଦୂରେ ଥାଉ ସହରର ମାଜିଷ୍ଟ୍ରେଟମାନଙ୍କ ନିକଟକୁ ପ୍ରତିଦିନ ୨୦।୨୫ ନମ୍ବର ମୋକଦ୍ଦମା ଚାଲାଣ ହେଉଥିବା ସ୍ଥଳେ ଗତ କେତେକ ଦିନ ଆଉ ସେପରି ମାମଲା କିଛି ଚାଲାଣ ହୋଇ ନାହିଁ । ସମ୍ପ୍ରତି ଏହି ବିଷୟର ଅନୁସନ୍ଧାନ ଏବଂ ଭବିଷ୍ୟତରେ କାର୍ଯ୍ୟ ନିର୍ବାହର ବ୍ୟବସ୍ଥା ନିମନ୍ତେ ଗୋଟିଏ କମିଶନ ବସିବାର କଥା ଚାଲିଅଛି । ଏହା ହେବା ବାଞ୍ଛନୀୟ ।

---

ତାଳଚେରର ଶାସନଭାର ।

ତାଳଚେରର ରାଜା ଶ୍ରୀ କିଶୋରଚନ୍ଦ୍ର ବୀରବର ହରିଚନ୍ଦନ ଏତେକାଳ ନାବାଳଗ ଥିଲେ ଏବଂ ସେ ରାଜ୍ୟର ଶାସନ ଭାର ଓଡ଼ିଶା ଗଡ଼ଜାତ ସୁପରିଣ୍ଟେଣ୍ଡେଣ୍ଟଙ୍କର କୋର୍ଟ ଅବ୍ ୱାର୍ଡସ ମହକୁମାର ଅଧୀନରେ ଜଣେ ମାନେଜରଙ୍କ ଦ୍ୱାରା ନିର୍ବାହ ହେଉଥିଲା । ଗତ ମାସ ତା ୮ ରିଖରେ ରାଜାଙ୍କର ନାବାଳକ ସମୟ ପୂର୍ଣ୍ଣ ହେଲା । ସୁତରାଂ ଗତ ତା ୯ ରିଖରେ ତାହାଙ୍କୁ ସ୍ୱରାଜ୍ୟ ଶାସନର ଅଧିକାର ଦିଆଗଲା ସେ କାର୍ଯ୍ୟ ଏହି ରୂପେ ଅନୁଷ୍ଠିତ ହେଲା ଯେ ସକାଳ ବେଳେ ରାଜ ପ୍ରାସାଦରେ ଗୋଟିଏ

Digitized by srujanika@gmail.com

Split by PDF Splitter



ବୃହତ୍ ଦରବାର ଉତ୍ସବ ହୋଇଥିଲା । ରାଜ ଜଗଦର, ଅମଲା, ପ୍ରଧାନ ସରବରାକାର, ବ୍ରାହ୍ମଣ ପଣ୍ଡିତ ପ୍ରଭୃତି ଅନେକ ଭଦ୍ର ଲୋକ ସମବେତ ହୋଇଥିଲେ । ଏହି ଦରବାରରେ ଗଡ଼ଜାତ ସୁପ୍ରିଣ୍ଟେଣ୍ଡେଣ୍ଟଙ୍କ ପକ୍ଷରୁ ଆସିଷ୍ଟାଣ୍ଟ ସୁପ୍ରିଣ୍ଟେଣ୍ଡେଣ୍ଟ ରାଜା ମହୋଦୟଙ୍କୁ ଗବର୍ଣ୍ଣମେଣ୍ଟରୁ ଆସିଥିବା ସନନ୍ଦ ପ୍ରଦାନ କରି ଶାସନ ଅଧିକାର ଦିଆ ଯିବାର ଘୋଷଣା ସମୟୋଚିତ ବାକ୍ୟଦ୍ୱାରା ପ୍ରକାଶ କଲେ । ଅପରାହ୍ଣରେ ରାଜା ମହୋଦୟ ନଗର ଭ୍ରମଣ ମହାସମାରୋହରେ ବାହାରି ଥିଲେ ସେ ସମୟରେ ପ୍ରଜାବର୍ଗ ରାଜମାର୍ଗ ପୂର୍ଣ୍ଣ କରି ମହାଉତ୍ସାହ ଓ ଆନନ୍ଦରେ ଜୟଧ୍ୱନିଦ୍ୱାରା ରାଜଭକ୍ତିର ଅନୁପମ ପରିଚୟ ଦେଇଥିଲେ । ସନ୍ଧ୍ୟାରେ ଏକ ବୃହତ୍ ମଜଲିସରେ ନୃତ୍ୟଗୀତାଦି ନାନା ଆମୋଦପ୍ରମୋଦ ରଙ୍ଗରୁ ଏହି ଶୁଭକାର୍ଯ୍ୟ ଶେଷ ହେଲା । ଏ ଶୁଭ ଘଟଣା ଉପଲକ୍ଷରେ ଆମ୍ଭେମାନେ ରାଜା ମହୋଦୟଙ୍କୁ ଅଶେଷ ମଙ୍ଗଳବାଦ ପ୍ରଦାନ କରୁଅଛୁଁ ଏବଂ ଏକାନ୍ତ ଆଶା କରୁଁ କି ଅଳ୍ପକାଳରେ ସେ ଏହି ଗୁରୁ ଭାର ଯୋଗ୍ୟତା ସହିତ ନିର୍ବାହ କରି ଗବର୍ଣ୍ଣମେଣ୍ଟ ଏବଂ ଜନସାଧାରଣଙ୍କର ପ୍ରଶଂସାଭାଜନ ହେବେ ।

ସରକାର ବାହାଦୁର ରାଜାଙ୍କୁ ଦୀର୍ଘକାଳ କୋର୍ଟ ଅବ ଓ୍ୱାର୍ଡ୍‌ସ ଅଧୀନରେ ରଖି ସୁବିଦ୍ୟା ଶିକ୍ଷା ଓ କାର୍ଯ୍ୟଶିକ୍ଷା ଦାନଦ୍ୱାରା ଶାସନଭାର ନିର୍ବାହର ଯୋଗ୍ୟ କରି ଉପଯୁକ୍ତ ସମୟରେ ତାହାଙ୍କୁ ସାକ୍ଷାତ ସମ୍ବନ୍ଧରେ ସେ ଭାର ଦେଲେ ହେଁ ଏକଜଣ ନୂତନ ନାବିକକୁ ପୋତରେ ବସାଇ ଝଡ଼ ତୋଫାନର ଭୀଷଣତାପୂର୍ଣ୍ଣ ସମୁଦ୍ରର ସାଗରକୁ ମେଲି ଦେବା ଅପେକ୍ଷା ଜଣେ ପ୍ରବୀଣ କର୍ଣ୍ଣଧାରର ସାହାଯ୍ୟ ଦେବା ସାବଧାନତାର କାର୍ଯ୍ୟ ଜ୍ଞାନ କରି ତାଳଚେରର ବର୍ତ୍ତମାନ୍ ମାନେଜର୍ ବାବୁ ଦାମୋଦର ଦାସଙ୍କୁ କିଛିକାଳ ସେହି କାର୍ଯ୍ୟରେ ରଖିବା ଏବଂ ଗବର୍ଣ୍ଣମେଣ୍ଟଙ୍କ ବିନା ଅନୁମତିରେ ତାହାଙ୍କୁ ବରଖାସ୍ତ ନ କରିବା କାରଣ ରାଜାଙ୍କୁ ଅନୁରୋଧ କରିଅଛନ୍ତି । ଏହି ଅନୁରୋଧ ଅଳ୍ପକାଳ ସକାଶେ ଏବଂ ଏହା ଯେ ଯୁକ୍ତିସଙ୍ଗତ ଭରସା କରୁଁ ରାଜା ଓ ମାନେଜର ଉଭୟେ ତାହା ସ୍ୱୀକାର କରିବେ ଏବଂ ପରସ୍ପର ମଧ୍ୟରେ ଭଲ ଭାବ ନ ରଖି ଏକ ଯୋଗରେ ରାଜଗୃହ ଏବଂ ରାଜ୍ୟର ମଙ୍ଗଳ କାର୍ଯ୍ୟରେ ବ୍ରତୀ ହେବେ । ରାଜ୍ୟ ରକ୍ଷାର ଓ ତହିଁର ସୁଶାସନ ନିମନ୍ତେ ସାକ୍ଷାତରେ ସେ ଦାୟୀ ଅଟନ୍ତି । ମାନେଜର ଏତେକାଳ ସରକାରଙ୍କର ଅଧୀନ କର୍ମଚାରୀ ଥିଲେ ଏଣିକି ସରକାରଙ୍କ ଆଦେଶମତେ ରାଜାଙ୍କର ଅଧୀନ ମାନେଜର ହେଲେ । ରାଜା ତାହାଙ୍କୁ ଯେ ଯେ କାର୍ଯ୍ୟର ଭାର ଦେବେ ସେ ତାହା କରିବେ ଏବଂ ଅବଶ୍ୟକମତେ ସୁପରାମର୍ଶ ଦେବେ । ଏହାର ବର୍ତ୍ତମାନ ସମ୍ବନ୍ଧ ଏବଂ କାର୍ଯ୍ୟସୂତ୍ର ଯେ ପରସ୍ପର ମଧ୍ୟରେ ସଦ୍ଭାବ ବୃଦ୍ଧି ହେଲାରୁ ଅନାୟାସରେ ବୋଲି ଯାଇପାରେ ଯେ ଭବିଷ୍ୟତରେ ବିଚ୍ଛେଦର ସମ୍ଭାବନା ରହିବ ନାହିଁ ।

---

## ଅଭିନବ ପୁରସ୍କାର ସଭା ।

ଗତ ପୂର୍ବ ଶୁକ୍ରବାର ସନ୍ଧ୍ୟାବେଳେ ଏ ନଗରସ୍ଥ ପ୍ରିଣ୍ଟିଂ କମ୍ପାନୀଙ୍କ କୋଠାରେ ଗୋଟିଏ ମନୋହର ଅଭିନବ ସଭା ହୋଇଥିଲା । ସଚରାଚର ବିଦ୍ୟାଳୟର ଛାତ୍ରମାନଙ୍କୁ ପରୀକ୍ଷାର ଫଳାନୁସାରେ ପୁରସ୍କାର ଦେବା କାରଣ ସଭା ହେବାର ଦେଖା ଅଛି ଏବଂ ସରକାରୀ ଉପାଧି ଦାନ ଉପଲକ୍ଷରେ ଦରବାର ହେବାର ମଧ୍ୟ ଦେଖା ଅଛି । ମାତ୍ର ଦେଶୀୟ ସମ୍ପ୍ରଦାୟ ବିଶେଷ ଏକ ଯୋଗରେ କେହି ଗୁଣବାନ୍ ବ୍ୟକ୍ତିର ସମାଦର ନିମନ୍ତେ ଏପରି ସଭା କରିବାର ପୂର୍ବେ ଏଠାରେ କେବେ ଦେଖି ଥିବାର ସ୍ମରଣ ହେଉ ନାହିଁ । ଏଥି ପାଇଁ ଏହାକୁ ଅଭିନବ ସଭା ବୋଲିବାକୁ ହେବ । ଏହା ନଗରବାସୀ ମାରୁଆଡ଼ିମାନଙ୍କଦ୍ୱାରା ଅନୁଷ୍ଠିତ ହୋଇଥିଲା । ମାରୁଆଡ଼ିମାନଙ୍କ ମୁଖ୍ୟ ବ୍ୟକ୍ତି ବାବୁ ହରଦତ୍ତରାୟ ପ୍ରଭୃତି ନିମନ୍ତ୍ରଣ ପତ୍ରଦ୍ୱାରା ଏ ନଗରବାସୀ ନାନା ଶ୍ରେଣୀର ଦେଶୀୟ ଭଦ୍ରଲୋକଙ୍କୁ ଆହ୍ୱାନ କରିଥିଲେହେଁ ବଡ଼ ଦୁଃଖର ବିଷୟ ଯେ କି ୧୦।୧୨ ଜଣରୁ ଅଧିକ ଶୁଭାଗମନର କ୍ଲେଶ ସ୍ୱୀକାର କରି ପାରି ନ ଥିଲେ । କେବଳ ମାରୁଆଡ଼ିଦଳର କି ୨୦।୨୫ ଜଣ ଉପସ୍ଥିତ ଥିବାରୁ ସଭା ଏକପ୍ରକାର ପୂର୍ଣ୍ଣ ହୋଇଥିଲା । ମାନ୍ୟବର ଶ୍ରୀଯୁକ୍ତ ମଧୁସୂଦନ ଦାସ ଯଥାବିଧିରେ ସଭାପତି ପଦରେ ବରିତ ହୋଇ କହିଲେ କି ଏ ନଗରବାସୀ ମାରୁଆଡ଼ିମାନେ ଏକ ପକ୍ଷରେ ବିଦେଶୀ ହେଲେହେଁ ପ୍ରକୃତରେ ଭାରତ ଭୂମିର ସନ୍ତାନ ହେବାରୁ ଅମ୍ଭମାନଙ୍କର ଭାଇ ଅଟନ୍ତି ଏବଂ ଭାଷା ଓ ରୀତିନୀତିର ଯେତେ ପ୍ରଭେଦ ହେଉ ପଛକେ ସେ ସମ୍ବନ୍ଧ ଭିନ୍ନ ହେବାର ନୁହେଁ । ସେମାନଙ୍କର ସ୍ୱଜାତି ପ୍ରେମ, ଐକ୍ୟତା, ସ୍ୱାଧୀନତା ଏବଂ ବ୍ୟବସାୟ ବୁଦ୍ଧି ଅସ୍ମଦ୍ଦେଶୀୟ ଓଡ଼ିଆମାନଙ୍କର ଶିକ୍ଷାର ସ୍ଥଳ ଏବଂ ଅଦ୍ୟ ସଭାର ଅନୁଷ୍ଠାନଦ୍ୱାରା ସେମାନେ ଆଉ ଗୋଟିଏ ନୂତନ ଶିକ୍ଷା ଦେଲେ । ସେମାନେ ଅମ୍ଭମାନଙ୍କ ପରି ସରକାରୀ ଚାକିରୀ ସକାଶେ ଲାଳାୟିତ ନୁହନ୍ତି, ସ୍ୱାଧୀନ ବ୍ୟବସାୟରେ ଜୀବିକା ନିର୍ବାହ କରି ମାନୀ ଓ ଧନୀ ହୋଇଅଛନ୍ତି ଏବଂ ସତ୍କାର୍ଯ୍ୟଦ୍ୱାରା ତହିଁର ଶ୍ରେଷ୍ଠତା ରଖିଅଛନ୍ତି । ସେମାନେ ବାକ୍‌ପଟୁ ନୁହନ୍ତି, କାର୍ଯ୍ୟପଟୁ । ଏକାକୀରେ ବାକ୍ୟର ମୂଲ୍ୟ ନାହିଁ ମାତ୍ର ଅନେକ ଲୋକଙ୍କ ବାକ୍ୟ ଏକ ହେଲେ ତାହା ଯେ ବହୁମୂଲ୍ୟ ସ୍ୱର୍ଣ୍ଣ ହୁଏ ଏହି ସଭାରେ ଆନୀତ ହୋଇଥିବା ଅତି ସୁନ୍ଦର ସ୍ୱର୍ଣ୍ଣ ପଦକ ଯାହା କି ସେମାନେ ଏ ନଗରର ଜଣେ ଉଦ୍ୟମଶୀଳ ସ୍ୱାଧୀନ ଇଂରାଜୀ ଚିକିତ୍ସା ବ୍ୟବସାୟୀ ବାବୁ ଅକ୍ଷୟକୁମାର ଘୋଷଙ୍କୁ ପ୍ରଦାନ ନିମିତ୍ତ ପ୍ରସ୍ତୁତ କରି ଆଣିଥିଲେ ତାହା ତହିଁର ସାକ୍ଷ ଦେଉଅଛି । ରାଜ ଦ୍ୱାରରେ ଅନେକ ଲୋକ ସମ୍ମାନିତ ହେବାର ଦେଖା ଯାଇଅଛି ମାତ୍ର କେହି କାରବାରୀ ସ୍ୱଦେଶୀୟଙ୍କଦ୍ୱାରା ଏପରି ସମ୍ମାନିତ ହେବାର ଏ ନଗରରେ ଏପର୍ଯ୍ୟନ୍ତ ଦେଖି ନାହୁଁ । ରାଜ ସ୍ଥାନଠାରୁ ଲୋକସମ୍ମାନ ଅଧିକ ଏହା ବୋଲିବା ବାହୁଲ୍ୟ । କାରଣ ଏକ ଜଣ ରାଜ ପ୍ରଭୁଙ୍କର ଅନୁଗ୍ରହ ହେଲେ ରାଜସମ୍ମାନ ମିଳିପାରେ ମାତ୍ର ଜନସାଧାରଣର ଏକ ମତ ନ ହେଲେ ଲୋକସମ୍ମାନ ପ୍ରାପ୍ତ ହୁଏ ନାହିଁ । ଏହି ଗୌରବ ସୂଚକ ବକ୍ତୃତା କରି ମାନ୍ୟବର ସଭାପତି ମହୋଦୟ ସ୍ୱର୍ଣ୍ଣ ପଦକଟି ବାବୁ ଅକ୍ଷୟକୁମାର ଘୋଷଙ୍କୁ ପ୍ରଦାନ କରି ତାହାଙ୍କୁ ସମ୍ବୋଧନ ପୂର୍ବକ କହିଲେ କି ତୁମ୍ଭେ ଅଳ୍ପ ବୟସରେ ବ୍ୟବସାୟର ପ୍ରଥମାବସ୍ଥାରେ ଏମନ୍ତ ସମ୍ମାନର ଭାଜନ ହେବାକୁ ସମର୍ଥ ହୋଇଅଛ ବଡ଼ି ଆନନ୍ଦର ବିଷୟ ଅଟେ । ତୁମ୍ଭେ ଏହି ଆନନ୍ଦରେ ତୃପ୍ତ ନ ହୋଇ ଉତ୍ତରୋତ୍ତର ବ୍ୟବସାୟର ଉନ୍ନତି କରିବ ଏବଂ ପୁରସ୍କାରର ଆଶା ନ ରଖି ଆପଣା କର୍ତ୍ତବ୍ୟ ପାଳନରେ ଦୃଢ଼ରୂପେ ମନୋଯୋଗୀ ହେବ । କର୍ତ୍ତବ୍ୟପରାୟଣ ବ୍ୟକ୍ତିର ଶ୍ରମ ବୃଥା ଯାଏ ନାହିଁ, ଇହକାଳରେ ଅଧିକ ଧନ ଲାଭ ନ ହେଲେ ପରକାଳରେ ପୁଣ୍ୟବଳରେ ସୁଖଲାଭ ହୁଏ ଏବଂ ତାହା ପରମ ଲାଭ । ତହୁଁ ଉତ୍ସବରୁ ମାରୁଆଡ଼ିମାନଙ୍କର ପ୍ରଦତ୍ତ ଅଭିନନ୍ଦନପତ୍ର ବାବୁ ରାମକାନ୍ତ ଘୋଷ ପାଠ କଲେ ଏବଂ ଅକ୍ଷୟବାବୁ ତହିଁ ଉତ୍ତରରେ କୃତଜ୍ଞତା ପ୍ରକାଶ କରିବାରୁ ସଭା ଭଙ୍ଗ ହେଲା । ଅଭିନନ୍ଦନପତ୍ରର ପ୍ରତିଲିପି ଏହି ।—

TO BABU AKSHOY KOOMAR GHOSE

Medical Practitioner

Dear Sir,

The services, you have rendered to our community, at Cuttack, have no value in Money. Your kind promptitude in making invited calls, your ingenious and deliberate prescriptions, ensuring success in the majority of cases, and your sympathetic words of hope and fortitude by the sick-bed—all these have put us under an obligation from which nothing could absolve us. It is,

Digitized by srujanika@gmail.com

therefore, with blended feelings of indebtedness and admiration that we make to you a present of this gold medal, a by no means ample recompense for your invaluable services.

We are, Dear Sir, Yours faithfully,
Hara Dutt Rai, Hari Ram, Dutta Ram, Debi Dutt, Biseswar Lall, Jai Narain, Tulsi Ram, Sunai Ram, Kalu Ram,
Cuttack, The 14th June, 1901

ଏଥିର ସଂକ୍ଷେପ ମର୍ମ ଏହି କି ହେ ଅସ୍ମଦ୍ବାନ୍ଧବ ଡାକ୍ତର ! ଅମ୍ଭମାନଙ୍କ ସମ୍ପ୍ରଦାୟର ଅନେକ ଲୋକଙ୍କର ପୀଡ଼ା ସମୟରେ ଆପଣ ଅହ୍ନିକ ସେମାନଙ୍କ ନିକଟରେ ଉପସ୍ଥିତ ହୋଇ ବିଚକ୍ଷଣ ଚିକିତ୍ସାଦ୍ୱାରା ଅଧିକାଂଶ ରୋଗୀଙ୍କୁ ଯେପରି ଆରୋଗ୍ୟ କରିଅଛ ଏବଂ ରୋଗୀର ଶଯ୍ୟାରେ ବସି ଯେପରି ସହାନୁଭୂତି ଓ ଧୈର୍ଯ୍ୟ ଓ ଆଶାବାକ୍ୟଦ୍ୱାରା କଷ୍ଟ ଦୂର କରିଅଛ ତାହାର ମୂଲ୍ୟ ଧନଦ୍ୱାରା ନିର୍ଣ୍ଣୟ ହୋଇ ନ ପାରେ । ଅମ୍ଭେମାନେ କୃତଜ୍ଞତା ଓ ଶ୍ରଦ୍ଧାପୂର୍ଣ୍ଣ ହୃଦୟରେ ଏହି ସ୍ୱର୍ଣ୍ଣ ପଦକ ପ୍ରଦାନ କରୁଁ ଏହା କୌଣସି ରୂପେ ଆପଣଙ୍କର ଅମୂଲ୍ୟ କାର୍ଯ୍ୟର ସମୁଚିତ ପୁରସ୍କାର ନୁହେ । ସ୍ୱାକ୍ଷର ଶ୍ରୀ ହରଦତ୍ତ ରାୟ, ହରିରାମ, ଦତ୍ତରାମ, ଦେବୀ ଦତ୍ତ ପ୍ରଭୃତି—ତା ୧୪ ରିଖ ଜୁନ ସନ ୧୯୦୧ ସାଲ !

ସ୍ୱର୍ଣ୍ଣ ପଦକର ମୂଲ୍ୟ ଟ ୧୫୦ ଟଙ୍କା ଏବଂ କଲିକତା ଲୁକହେଲଓଙ୍କ କୋଠିରେ ପ୍ରସ୍ତୁତ ହୋଇଅଛି ।

ଏ ସମ୍ବନ୍ଧରେ ଅମ୍ଭମାନଙ୍କର ଆଉ କହିବା ଅନାବଶ୍ୟକ । ମାରୁଆଡ଼ିମାନେ ଗୁଣ ଗ୍ରାହିତାର ଗୋଟିଏ ଅଦ୍ଭୁତ ସୁନ୍ଦର ପରିଚୟ ଦେଇ ଅମ୍ଭମାନଙ୍କର ଅଶେଷ କୃତଜ୍ଞତାର ଭାଜନ ହୋଇଅଛନ୍ତି ଏବଂ ଅମ୍ଭେମାନେ ଏକାନ୍ତ ଆଶା କରୁଁ କି ସେମାନେ ଅଦ୍ୟ ଯେଉଁ ମହତ ଉଦାହରଣ ଦେଖାଇଲେ ତାହା ଅସ୍ମଦ୍ଦେଶୀୟଙ୍କ ପାଖରେ ବିଫଳ ହେବ ନାହିଁ ।

---

# ସାପ୍ତାହିକ ସମ୍ବାଦ ।

### କଲିକତା-ଗେଜେଟ ।

କଟକର ପଣ୍ଡିତ ସବ୍‌ଡେପୁଟୀ ବାବୁ ସୁଦାମଚନ୍ଦ୍ର ନାୟକ ଡେପୁଟୀକଲେକ୍ଟରର ୫ମ ଶ୍ରେଣୀରେ ବାହାଲ ହେଲେ ।

କଟକର ପଣ୍ଡିତ ମାଜିଷ୍ଟ୍ରେଟ ଓ କଲେକ୍ଟର ମିଃ [illegible] ଏବଂ ମିଲନ [illegible] ସବର [illegible] ହେଲେ ।

କଟକର ବନ୍ଦୋବସ୍ତ ଅଫିସର ଡେପୁଟୀକଲେକ୍ଟର ବାବୁ [illegible] ଡେପୁଟୀକଲେକ୍ଟର ପଦରେ ନିଯୁକ୍ତ ହେଲେ ଓ ୧୮୮୭ ସାଲର ଅ ୨ନର ୫୦ ଧାରାନୁସାରେ କଲେକ୍ଟରଙ୍କ କ୍ଷମତା ପ୍ରାପ୍ତ ହେଲେ ।

କଟକ ଟ୍ରେନିଂସ୍କୁଲର ୨ୟ ଶିକ୍ଷକ ବାବୁ ମଧୁସୂଦନ ଦାସ ବି, ଏ, ଗତ ମଇମାସ ତା ୧୫ ରିଖରୁ ୭ମ ଶ୍ରେଣୀରେ ବାହାଲ ହେଲେ ।

---

ଓଡ଼ିଶାର କମିଶନର ସାହେବ ଗତ ମଙ୍ଗଳବାର ପୁରୀ ଗମନ କଲେ । ପୁଣି ଏକ ସପ୍ତାହ ମଧ୍ୟରେ ଫେରି ଆସିବେ ।

କେତେ ଦିନ ମେଘୁଆ ପାଗ ଓ କିଛି ଏକ ଥର ବର୍ଷା ପାତ ହେବାରୁ ଏ ସପ୍ତାହ ଗତ ସପ୍ତାହ ଠାରୁ ଗ୍ରୀଷ୍ମ କିଛି ଊଣା ଅନୁଭୂତ ହୋଇଅଛି ଏବଂ ବୃଷ୍ଟି ର ଅଧିକ ଆଶା ଦେଖା ଯାଉଅଛି । ଉଷା ଏବେ ଯେ ମୋଫସଲରେ ଏପର୍ଯ୍ୟନ୍ତ ଫସଲର ବାଧ ନାହିଁ ।

ଅଳ୍ପ ବୃଷ୍ଟି ହେବାରୁ ଜଳ କଷ୍ଟ ଦୂର ହୋଇ ନାହିଁ । ମହାନଦୀରେ ଗ୍ରାମ୍ୟ ଏକ ଫୁଟ ଜଳ ବଢ଼ିଥିଲା ।

ବାବୁ ଚନ୍ଦ୍ରାନନ୍ଦ ଦାସ ଶିକ୍ଷା ବିଭାଗ ରେଭେନସା କଲେଜର ହେଡ଼ମାଷ୍ଟର ହୋଇଥିଲେ; ସେହି ବିଭାଗରେ ପୁଣି କାର୍ଯ୍ୟ କରିବାକୁ ଅନୁରୋଧ କରାଯାଇଥିଲା।

ସେହି ଦିନ ଉପକୂଳ ଦେଇ ଜଳ ଆସିବା ଯୋଗୁଁ ଅଙ୍ଗାର ମଧ୍ୟରେ ଦଗ୍ଧ ହେବାର ଭୟ ଦୂର ହେଲା।

ଅଠଗଡ଼ର ରାଜା ସସ୍ତ୍ରୀକ ପୁରୁଷୋତ୍ତମ ତୀର୍ଥ କରିବାକୁ ଯାଇ ଅଛନ୍ତି ।

କଟକ ଶହରର ବିଭିନ୍ନ ସ୍ଥାନରେ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ଶୁଭକାମନା ଜଣାଯାଇଛି। ଗୋଟିଏ ସାହିତ୍ୟ ସମାଜ ନାମରେ ଏକ ସଭା ସ୍ଥାପନ ହୋଇଥିବାର ସମ୍ବାଦ ପାଇଅଛୁଁ ।

କଲିକତାରେ ଯେପରି ପ୍ଲେଗ ଦେଖା ଦେଉଅଛି ତାହାର ଆକ୍ରମଣ ସେପରି ଅଧିକ ନୁହେ । ପୂର୍ବ ଅପେକ୍ଷା ଏ ଦେଶ ବର୍ତ୍ତମାନ ଭଲ ଅଛି।

ସେହି ସହରରେ ପୁଲିସ ସହାୟତା ପାଇଁ କାର୍ଯ୍ୟ ହେଉଛି; ପୂର୍ବ ଅପେକ୍ଷା ଏଥିରେ ଅଳ୍ପ ଉନ୍ନତି ଦେଖାଯାଉଛି।

ଅନୁମାନ କରାଯାଏ ଯେ ଏହା ମଧ୍ୟ ଉପକାର ହେବ। ଏହି କାର୍ଯ୍ୟ ପାଇଁ ଅନ୍ୟ ସ୍ଥାନକୁ ଲୋକ ଯାଇଥିବାର ସମ୍ବାଦ ମିଳିଛି। ପ୍ରାୟ ୭ ଓ ଏକ ହଜାର ଟଙ୍କା ଖର୍ଚ୍ଚ ହୋଇଥିଲା। ଜଳ ଅଭାବରେ ପାଣି ଆଣିବାକୁ ଲୋକଙ୍କୁ କଷ୍ଟ ହେଉଥିଲା। ଗ୍ରାମର ଲୋକ ବହୁତ କଷ୍ଟ ପାଇଥିଲେ।

ଗତ ମାସ ତା ୧ ରିଖରେ ଶେଷ ହେବା ସପ୍ତାହରେ ଦକ୍ଷିଣ ଆଫ୍ରିକା କେପଟାଉନଠାରେ ଜ ୧୮ ଜଣ ପ୍ଲେଗ ମହାମାରି ରୋଗରେ ଆକ୍ରାନ୍ତ ହୋଇ ତହିଁ ମଧ୍ୟରୁ ଜ ୧୦ ଜଣ ମରି ଯାଇଥିଲେ । ଏ ପର୍ଯ୍ୟନ୍ତ ସେଠାରେ ଉକ୍ତ ରୋଗଦ୍ୱାରା ଜ ୭୮୪ ଜଣ ଆକ୍ରାନ୍ତ ହୋଇଥିଲେ ଏବଂ ତ ୩୧୮ ଜଣ ମରି ଯାଇଥିଲେ । ଏହି ମଧ୍ୟରେ ୟୁରୋପୀୟ ଶ୍ରେଣୀ ଜ ୧୬୩ ଜଣ ମଧ୍ୟରୁ ଜ ୪୭ ଜଣ ମରି ଯାଇଥିଲେ ।

ମାନ୍ଦ୍ରାଜରେ କିଛି ଲୋକଙ୍କ ସହିତ ଏକ ଧର୍ମ ସଭା ହୋଇଥିଲା; ସେଠାରେ ଅନେକ ଦିନ ଧରି ଅଲୋଚନା ହୋଇଥିଲା।

ଚୀନ ଦେଶରୁ ଆସିଥିବା ସମ୍ବାଦ ମିଳିଛି । ସେମାନଙ୍କ ଦମନ କରିବା କାରଣ ସିପାହୀ ପଠା ଯାଇଥିଲେ । ଲୋକମାନେ ତାହାଙ୍କୁ ଓଡ଼ିଶାର ଜଳକୁ ଆସି ନ ପାରିବାର ଆଦେଶ ହୋଇଥିବା ହେତୁ ଏ କାର୍ଯ୍ୟ ଘଟିଥିବାର ଜଣା ପଡ଼ିଛି। ତାଙ୍କ ସହିତ ଥିବା ଲୋକଙ୍କ ମଧ୍ୟରୁ ଜ ୧୪ ଜଣ ହତ ହୋଇଅଛନ୍ତି ।- ଏମାନଙ୍କ ବଂଶର ଲୋକ କେତେକ ଭଙ୍ଗରେ ହେଲେ ।

ବଙ୍ଗଳାଦେଶ ପାଇଁ ରେଳପଥ ଯୋଜନାର କାମ ଆରମ୍ଭ ହୋଇଛି। ଗତ ମାସ ତା ୧୦ ରିଖରେ ରେଳଗାଡ଼ି ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାଉଥିଲା; ହଠାତ୍ ରେଳଗାଡ଼ି ପଡ଼ିଯିବାରୁ ଦୁର୍ଘଟଣା ଘଟିଥିଲା। ଏଥିରେ କେତେ ଜଣ ମରିଯାଇଥିଲେ।

ତୁର୍କ ସୁଲତାନଙ୍କ ସେକ୍ରେଟରୀ ଅଫିସର ଘଟଣାରେ ଜଣେ କର୍ମଚାରୀଙ୍କୁ ବିଦେଶୀୟ ଲୋକଙ୍କ ସାହାଯ୍ୟରେ ଗୋପନ ଖବର ଦେବା ଦୋଷରେ ଗିରଫ କରାଯାଇଥିଲା। ସେହି କାର୍ଯ୍ୟ କରିଥିବା ଅପରାଧରେ ତାଙ୍କୁ ଅଦାଲତରେ ଦଣ୍ଡ ଦିଆଯିବାର ସମ୍ବାଦ ମିଳିଛି।

ଗତ ମାସ ତା ୧୧ ରିଖରେ ଏକ ସ୍ଥାନରୁ ଆସିଥିବା ସମ୍ବାଦରୁ ଜଣାଯାଏ ଯେ ସେଠାରେ ଗ୍ରୀଷ୍ମ ବଢ଼ିଛି। ଜଣେ ସାହେବ ଓ ଜଣେ ଲୋକ ଗରମରେ ମରି ପଡ଼ିଅଛନ୍ତି। ଉତ୍ତର ପଶ୍ଚିମାଞ୍ଚଳରେ ମଧ୍ୟ ଗରମ ଅଧିକ ହୋଇଅଛି। ଏଲାହାବାଦ, ଲକ୍ଷ୍ନୌ ଏବଂ ଅନ୍ୟ ସ୍ଥାନରେ ତାପମାନ ଯନ୍ତ୍ରରେ ପାରା ତ୍ର ୧୧୮ ଡିଗ୍ରୀ ଏବଂ ଆଉ ଏକ ସ୍ଥାନରେ ତ୍ର ୧୨୪ ଡିଗ୍ରୀ ପର୍ଯ୍ୟନ୍ତ ଉଠିଥିଲା ।

ବଙ୍ଗଳା ଦେଶରେ ଜଣେ ବୃଦ୍ଧା ସ୍ତ୍ରୀ ଲୋକ ରୋଗ ହେତୁ କଷ୍ଟ ପାଉଥିଲା। ଏକ ସାପ ତାହାକୁ କାମୁଡ଼ିବାରୁ ଘ ୨ ଘଣ୍ଟା ମଧ୍ୟରେ ବୁଢ଼ୀର ପ୍ରାଣ ବାହାରି ଗଲା ।-ନିମ୍ନରେ ଦେଖନ୍ତୁ।

ଏହି ସମୟରେ ଲୋକମାନଙ୍କର ସାହାଯ୍ୟ କରିଥିବା ଅପରାଧରେ ଜଣେ ଓଡ଼ିଆଙ୍କ ପୁତ୍ର ବ ୨ ବର୍ଷ ଦଣ୍ଡ ଓ ୧୦୦୦ ଟଙ୍କା ଅର୍ଥଦଣ୍ଡ ହୋଇଥିଲା। ଆଦାଲତରେ ଜଜ ସାହେବ ତାହାଙ୍କୁ ଅବ୍ୟାହତି ପ୍ରଦାନ କରିଅଛନ୍ତି ।

## ଯାଜପୁର ସମ୍ବାଦ ।

ଯାଜପୁର ଶହରରେ ଗତ ସପ୍ତାହରେ ରାତିରେ ଚୋରି ହୋଇଥିଲା। ପୋଲିସ ଅନୁସନ୍ଧାନ କରି କେତେ ଜଣ ଲୋକଙ୍କୁ ଗିରଫ କରିଛି। ଚାଳାଣ ହୋଇଥିବା ଲୋକଙ୍କ ମଧ୍ୟରୁ ଜ ୫ ଜଣ ଦଣ୍ଡ ପାଇଲେ ଏବଂ ଜ ୩ ଜଣ ଖଲାସ ପାଇଲେ। ବାକି ଲୋକଙ୍କ ବିଚାର ଚାଲୁଅଛି।

ଯାଜପୁର ସବ୍‌ଡିଭିଜନରେ କେତେକ ସ୍ଥାନରେ ଜଳ କଷ୍ଟ ହେଉଛି। କେତେକ ଲୋକ ଖାଦ୍ୟ ଅଭାବରେ କଷ୍ଟ ପାଉଛନ୍ତି। ସରକାରଙ୍କ ସାହାଯ୍ୟ ଆବଶ୍ୟକ।

ହବାର ଅପେକ୍ଷା ଅପରିଷ୍କ ଭୋଜନ କରିବାକୁ ସର୍ବଦା ଯତ୍ନ କରନ୍ତି ।

ଗତ ତା ୧୬ ଦିନଠାରୁ ଏଠାର କଲେକ୍ଟରମାନ ବୁଲନ୍ତବ- ସ୍ଥା ହୋଇଅଛି ଏବଂ ସେହିଦିନଠାରୁ ହାଇସ୍କୁଲ ପିଛ ସେହି ସମୟରେ ହୋଇଅଛି ।

ସମୁଦ ବୋର୍ଡ଼ ଇତ୍ୟାଦ ପଲ୍ଲୀଅଞ୍ଚ ଦଶେଷ ହେବାରୁ ଡେପୁଟିକଲେକ୍ଟର ଅଥବା ପିଲ୍ଲ କଲେକ୍ଟର ନିଯୁକ୍ତ ହୋଇ ଏଠାକୁ ଅଦିଅଛନ୍ତି ଏବଂ ବଲେକ୍ଟରସାହେବ ଅଦେଶ ଦେଇଅଛନ୍ତି କି ଯେଉଁ ପିଶ୍ୱାଦା ଶତକଡ଼ା ଅନ୍ତତଃ ୭୫ ପଲ୍ଲୀଅନା ପକ୍ଷ ଉପରେ ତାଗ କରି ନ ପାରିବ ତାହା ଉପରେ ଜରିମାନା ହେବ । ଅଥବା ସସପେଣ୍ଡ ହେବ । ଏହି ମତେ ଅନେକ ପିଶ୍ୱାଦାଙ୍କ ଉପରେ ଜରିମାନା ହୋଇଅଛି ।

ହାଇକୋର୍ଟର ହେନାଲ ବାର୍ଷିକ ମରାମତି ହେଉଅଛି ପିଛ କାରୁ ଜଜଙ୍କୁ ଦୂର ହୋଇଅଛି ଏବଂ ସ୍ଥାନ ଗୃହର ଜାନ- ଲାଠ ଇତ୍ୟାଦ ଦଶମରେ ଅମଦାନୀ ହୋଇଅଛି ।

ପାହୁଲନି ଅବକାରି ଏବେ ବନ୍ଦୋବସ୍ତ ହୋଇଅଛି ଯେ ଏଠା, ସବ ରେଜିଷ୍ଟ୍ରାର ମହକୁମରେ କ ୧୦।୧୧ ଣ ଅନେକୁ ଜବର ବଉଳ ଲବଣ ନିଯୁକ୍ତ ହୋଇ ଶୁକା ଟେକ୍ସ କାର୍ଯ୍ୟ ଶେଷ କରି ପାରୁ ନାହାନ୍ତି ।

## ସୁସ୍ଥ-ସମ୍ବାଦ ।

ଗତ ଶୁକ୍ରବାର ରାତ୍ର ଗାଡ଼ିମାଦର ପୂର୍ବ ଷ୍ଟେସନରେ ରେଲ ଅଟୁଥିବା ସମୟରେ ଏକ ଗୋଷ୍ଠ ତୀର୍ଥଯାତ୍ରୀ ବର୍ଷା ରେଲ ଗର୍ଭ ଶ୍ରବଣେ କେଉଁ ସ୍ଥାନରୁ ସ୍ୱଷଣ କେନେ ଦଉଛି ଅସି ଲଣ୍ଡିନ ଇଉଲକୁ ଦଠାରୁ ମୃତ ପଡ଼ ଭଳେ ସକ୍ତସିବାରୁ ରେଲ ମାଷ୍ଟରଙ୍କ ଦ୍ୱାରା ବନ୍ଦୀ ହୋଇଅଛି । ଜ୍ୱର ପ୍ରାୟ ତା ୮ ଓ ଅବାର କଥିତ ଡ୍ରୁଅଚ ।

ଗତ ତା ୧୭ ଏ ଶ୍ରୀ ଲୁଣାଇକେଲା ସାଗ୍ର ଅନ୍ତର୍ଗତ ଦୂଅର ସାଗ୍ର ନିବାସୀ ଏକ ଚୈଲଙ୍ଗୀ ଅଗସ୍ତ ଯୁବକ ଦଶ ଖାଉ ଅତ୍ମହତ୍ୟା କରିଅଛି । ତାଙ୍କର ଅଦି ଦବଶା କଥ- ଅଛି ଏବଂ ପରିଶେଷରେ ହାସପିଟାଲକୁ ନାଭ ହୋଇ ସେହିଠାରେ ମୃତ ହୋଇଅଛି ।

ଗ୍ରୀଷ୍ମ ଅଧିକ ହୋଇଅଛି । ଶୀଘ୍ର ବର୍ଷାର ଅବଶ୍ୟକ, କଟକର ସ୍ୱାସ୍ଥ୍ୟ ଭଲ ଅଛି ।

## ପତ୍ରପ୍ରେରକଙ୍କ ପ୍ରତି

ଶ୍ରୀ ମହନ୍ତ ରାମଚରଣ ଦାସ ଉକନରାପଡ଼ା— ଯେଉଁ କମାଏର ଦଳର ଜେଠେଳ ବ୍ୟକ୍ତି ଏକ- ଜଣ ମନୁଷ୍ୟଙ୍କୁ ମାରି ପକାଇବାର ଉତ୍କଳଦୀପି କାରେ ଲେଖାଥିଲା ସେହି ଦଳର ଜେଠାର ନାମ ରାମଚରଣ ଦାସ ନୁହେ ତାହାର ନାମ ରାମଭଜନ ଦାସ୍ଥା ଏହି ଭ୍ରମ ସଂଶୋଧନ କରାଗଲା ।

ଶ୍ରୀ—ଜାଜପୁରର ସବପୋଷ୍ଟ ଫେଲେ ସେଠା, ସବରେଜିଷ୍ଟ୍ରାର ବିଶେଷ ପରିଶ୍ରମ କରୁଥିବା ଏବଂ ଲିଖନକାର ସମ୍ପଦ ନଷ୍ଟ ହୋଇଥିବା କଥାମାନ ଠିକ ନୁହେ ବୋଲି ଯାଜପୁର ସମ୍ବାଦ ଦାତାଙ୍କୁ ସାବଧାନ କରିଦେଇଅଛନ୍ତି ।

ଶ୍ରୀ ଲାଲ ଖାଲମଣି ସିଂହ—ଶ୍ରୀବାସ୍ତବ କାୟସ୍ଥ ମାନଙ୍କର ଆଦିବାସସ୍ଥାନ ପଶ୍ଚିମ ପ୍ରଦେଶରେ ଉପନୟନ ହୁଏ ଅଛି । ଓଡ଼ିଶାରେ ଅସି ବାସକ- ରୁଥିବା ଲାଲ କାୟସ୍ଥଙ୍କ ମଧ୍ୟରେ ତାହା ପ୍ରଚଳିତ ନ ଥିଲା । ମାହାଙ୍ଗା ନିବାସୀ ସୁପରିଚିତ ବାବୁ ସୀତାନାଥ ସିଂହ ଗତ ତା ୧୯ ଦିନରେ ଅପଣା ନାତିର ଦଶକର୍ମରେ ଉପନୟନ କାର୍ଯ୍ୟ ଯଥା ବିଧିରେ କରୁଥିବାରୁ ସେ ଅନୁରୋଧ କରୁଅଛନ୍ତି ଯେ ଏ ଦେଶୀୟ ଏହି ଶ୍ରେଣୀର କାୟସ୍ଥମାନେ ତଦନୁସାରେ କର୍ମକାରକ ହୋଇ ଜାତୀୟ ଉନ୍ନତି କରିବେ ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ !

। ପ୍ର । କୋଠଦେଶ । ସା । ଭିଙ୍ଗାରପୁରର ପ୍ରଧାନ ଜମିଦାର ଶ୍ରୀଯୁକ୍ତ ଚୌଧୁରୀ କୃତ୍ତିବାସ ଦାସଙ୍କ ଭ୍ରାତୃଷ୍ପୁତ୍ର ରାଧାକୃଷ୍ଣ ଦାସଙ୍କ ଜ୍ୟେଷ୍ଠପୁତ୍ର ଶିବକୃଷ୍ଣ ଦାସଙ୍କର ଉପନୟନ କାର୍ଯ୍ୟ ଗତ ଜ୍ୟୈଷ୍ଠ ମାସ ତା ୩୦ ରେ ସମ୍ପନ୍ନ ହୋଇଥିବା ଓ ତହିଁ ଉପଲକ୍ଷେ ବିଶେଷ ଆୟୋଜନ ହେଉ- ଥିବାର ଶୁଣି ଅମ୍ଭେ ଗୋପ ଅଞ୍ଚଳରୁ ଅସିବା ସମୟରେ ସେହି ବାଟେ ଆୟୋଜନ ଦେଖିବା ମାନସରେ ପଶି ଅସିଲୁଁ । ପ୍ରକୃତ ଯେଉଁ ପର ଆୟୋଜନ ହୋଇଥିବାର ଶୁଣିଥିଲୁଁ ତାହା ପ୍ରତ୍ୟକ୍ଷ କରି ପରମ ଆପ୍ୟାୟିତ ହୋଇ ନିମ୍ନରେ ସଂକ୍ଷେପ ବର୍ଣ୍ଣନ କରୁଅଛୁଁ । ଉକ୍ତ ଚୌଧୁରୀ ବଂଶଙ୍କର ନିୟମ ଅଛି ଯେ ସେମାନଙ୍କ ଗୃହ ମଧ୍ୟରୁ କାହାରି ଉପନୟନ କାର୍ଯ୍ୟ ହେଲେ ସେଥିରେ ନିୟମିତ ଖର୍ଚ୍ଚ କରିଯିବ, କିନ୍ତୁ ରାଧା- କୃଷ୍ଣ ଦାସ ଅପଣାର ଜ୍ୟେଷ୍ଠପୁତ୍ରର ଉପନୟନ କାର୍ଯ୍ୟ କରୁଥିବାରୁ ଅନାଦରରେ ଏବଂ ତୁଷ୍ଟ ଚିତ୍ତରେ ଉକ୍ତ ଖର୍ଚ୍ଚ ଅପେକ୍ଷା ବହୁ ବେଶି ଖର୍ଚ୍ଚ କରିବାର ବନ୍ଦୋବସ୍ତ କରିଥିଲେ । ସେହି ସ୍ଥାନରେ ଅମ୍ଭେ ଉକ୍ତ କାର୍ଯ୍ୟ ଦେଖିବା ଲାଗି ଅନାଜ ସ ୭ ଣ୍ଟା ଉପସ୍ଥିତ ଥିଲୁଁ ଏବଂ ସାଧା- ରଣ ଲୋକଙ୍କର ସେଠାକୁ ଗମନାଗମନ ଓ ଅଭ୍ୟର୍ଥନା ଏବଂ ଭୋଜନ ଅଦ ଓ ଦୀନ ଦରିଦ୍ର ମାନଙ୍କୁ ବସ୍ତ୍ର ବିତରଣର ଯେପରି ବନ୍ଦୋବସ୍ତ ହୋଇଥିଲା ତହିଁରୁ ପ୍ରତ୍ୟକ୍ଷ ଜଣା ଯାଉଥିଲା ଯେ ଅନ୍ୟୂନ ସାତ ଶମ୍ଭା ଆଠ ହଜାର ଟଙ୍କା ଖର୍ଚ୍ଚ ହୋଇଥିବ । ଏପରି ମଙ୍ଗଳଜନକ କାର୍ଯ୍ୟରେ ଧନୀ ଲୋକମାନଙ୍କର ବୃଥା ଆଡ଼ମ୍ବର ବ୍ୟତୀତ ଏହିପରି ଖର୍ଚ୍ଚ କରିବା ବାଞ୍ଛନୀୟ । ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ଏହି ଯେ ଯେଉଁ ବାଳକଙ୍କୁ ଲାଗି ଏତେ ତ୍ୟାଗ ସ୍ୱୀକାରପୂର୍ବକ ଚୌଧୁରୀ ମହାଶୟ ଏପରି ଖର୍ଚ୍ଚ କରିଅଛନ୍ତି ତାହାର ମଙ୍ଗଳ ହେଉ ଓ ସେ ଦୀର୍ଘଜୀବୀ ହେଉ ।

କଟକ
୧୭।୬।୦୧ } ଶ୍ରୀ ଦର୍ଶକ

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ଶ୍ରୀ ବାବୁ ନନ୍ଦକୁମାର ବୋଷ | ଚଟ୍ଟଗ୍ରାମ | ଟ ୩( |
| „ ଚମାର୍ତ୍ତ ଚରଣ ଦେ | ଅଶାମ | ଟ ୩( |
| „ ମଣିକ ଲାଲ ଓ ଗଜମଣି ଲାଲ | କଟକ | ଟ ୧( |
| „ ହରମୋହନ ମହାନ୍ତି ହେଡ଼ ପଣ୍ଡିତ ଓରିଏଣ୍ଟର ବାଲାସୋରୁ | | ଟ ୩( |
| „ ଦ୍ୱାରକାନାଥ ଦ୍ୱାରବନ ଜଗଦେବ | ଓଡ଼ିଶା | ଟ ୩( |
| „ ବଳରାମ ଭରତ | କଟକ | ଟ ୩( |
| „ ରେକେନାଥ ହି ଡ଼ ହେଡ଼ିକନଷ୍ଟବଲ ଗୋପ | | ଟ ୩( |


## ବିଜ୍ଞାପନ ।

ସର୍ବସାଧାରଣଙ୍କୁ ଜଣାଉ ଅଛୁଁ ଯେ ସତ୍ୟଧର୍ମ ନାମକ ଉପାସନା ପୁସ୍ତକ ( ବଙ୍ଗଳା ଛପା )ଅମ୍ଭ ନିକଟରେ ବିନା ମୂଲ୍ୟରେ ବିତରଣ ହେଉ ଅଛି । ଯେଉଁମାନେ ଏ ପୁସ୍ତକ ନେବାକୁ ଇଚ୍ଛା କରନ୍ତି ସେମାନେ ମଙ୍ଗଳାବାଗସ୍ଥ ଅନାଦିଧର୍ମ- ପୁସ୍ତକାଳୟ ଠାରେ ଚିଠି ଦେଲେ ପାଇ ପାରିବେ । ଇତି ।

ଶ୍ରୀ ଗଙ୍ଗାଧର ବ୍ରହ୍ମ ଅବଧୂତ ମହାସ୍ଥଳ

## WANTED

A Head master for the Samantarapur Middle English School at a salary of Rs. 16 per mensem. Only those who have passed the Entrance Examination are to apply, and preference will be shown to those having experience in teachership. Applications with copies of testimonials will be sent to the undersigned within the 10th proximo.

General Hospital
Cuttack
21—6—1901. } Binode Lal Basu
Secretary.


Split by PDF Splitter
Digitized by srujanika@gmail.com

# ବିଜ୍ଞାପନ ।

ଅତି ସୁଲଭ !    ଅତି ସୁଲଭ !

"ମୟୂରଭଞ୍ଜ ଷ୍ଟେଟ ପୁଲିସ ଇନ୍‌ସ୍ପେକ୍‌ଟର ଶ୍ରୀଯୁକ୍ତ ଜେ, ଇ, ହଗିନ୍ସ ସାହେବଙ୍କଠାରେ ଗୋଟିଏ ନୂତନ ଉତ୍କୃଷ୍ଟ ଫଟଗ୍ରାଫ୍ ଛାପିବାର (Camra) ଯନ୍ତ୍ର ମଧ୍ୟ ରହିଁଛ ସମୁଦାୟ ଉପ କରଣ ସହିତ ଅତି ସୁଲଭ ମୂଲ୍ୟରେ ବିକ୍ରୟ ସକାଶେ ପ୍ରସ୍ତୁତ ଅଛି । କ୍ରେତାଗଣ ତାହାଙ୍କ ଠାରୁ ଲେଖିଲେ ଫାବଲମ୍ମେ ମୂଲ୍ୟ ଇତ୍ୟାଦି ଜଣାଇ ଦିଆଯିବ" ।

Sd. J. E. HUGGINS
*Inspector of Police,*
*Mourbhunj.*

# ବିଜ୍ଞାପନ ।

## ଯାଦୁର ଅବ୍ୟର୍ଥ ମହୌଷଧ ।

ମୂଲ୍ୟ ପ୍ରତିଡବା ଟଂ ।୵ ଚାରିଅଣା ମାସୁଲ ଏକଡବାଠାରୁ ଛ ଡବା ପର୍ଯ୍ୟନ୍ତ ଟଂ। ଚାରିଅଣାମାତ୍ର । ସର୍ବପ୍ରକାର ଦଦ୍ରୁ, ଚର୍ମଉର ଏହାଧର ଉତ୍କୃଷ୍ଟ ପୁଣି ଜ୍ୱାଳା ଯନ୍ତ୍ରଣା ବିହୀନ ଆଶୁ ଫଳ ଦାୟକ ଔଷଧ ଏପର୍ଯ୍ୟନ୍ତ ଦ୍ୱିତୀୟ ଦେଖା ଯାଇ ନାହିଁ । ଶତ ଶତ ବ୍ୟକ୍ତି ଏହି ଔଷଧର ଗୁଣ ବର୍ଣ୍ଣନା କରି ମୁକ୍ତକଣ୍ଠରେ ପ୍ରଶଂସା କରିଅଛନ୍ତି ।

ଔଷଧ ଗ୍ରହଣାର୍ଥି ମାନଙ୍କେ ସୁସ୍ପଷ୍ଟରୂପେ ସ୍ୱ ସ୍ୱ ନାମ ଧାମ ଡାକଘର ଜିଲ୍ଲା ଏବଂ କାହାର କେତେ ଡବା ଔଷଧ ଅବଶ୍ୟକ ନ ଲେଖିଲେ ଔଷଧ ପଠାଇବାର ନାନା ବିଘ୍ନ ଉପସ୍ଥିତ ହୁଏ ।

ପ୍ରାପ୍ତିସ୍ଥାନ ।
ଶ୍ରୀ ରାମତାରକ ସେନ
ଦେବ୍ଙ୍କ ଉତ୍କଳ ପ୍ରେସ୍, ବାଲେଶ୍ୱର ।

# ବିଜ୍ଞାପନ ।

## ମଧୁପର ଉପହାର ।

" ଉତ୍କଳ ମଧୁପ " ମାସିକ ପତ୍ରିକାର ବାର୍ଷିକ ମୂଲ୍ୟ ଏଗାର ଅଣା ପଠାଇ ଗ୍ରାହକ ହେଲେ ୪୭ ପୃଷ୍ଠାରେ ସମାପ୍ତ

## ଭିକ୍ଟୋରିୟ ଚରିତ

ଉପହାର ଦିଆଯିବ । ଭିଃ ପିଃ ରେ ଉପହାର ପଠା ଯାଇ ମୂଲ୍ୟ ଆଦାୟ କରା ଯାଇପାରେ । ଏ ସୁବିଧା ଅତ୍ୟଳ୍ପ ଦିନସ ସକାଶେ ।

ଦେବଗଡ଼ ପୋଃ, } ସମ୍ପାଦକ
ସମ୍ବଲପୁର } " ଉତ୍କଳ ମଧୁପ "

# ବିଶେଷ ସମ୍ବାଦ ।

କୌଣସି ବ୍ୟକ୍ତିର ମୂଳ ଉପଲକ୍ଷେ ଅନ୍ୟ କୌଣସି ବ୍ୟକ୍ତି ଅତି ସହଜରେ କାର୍ଯ୍ୟପଦରେ ଓ ସାମାନ୍ୟ ବ୍ୟୟରେ ଅପେକ୍ଷାକୃତ ଅଧିକ ଟଙ୍କା ଲାଭ କରି ପାରନ୍ତି । ଏହି କାର୍ଯ୍ୟ ଓ ନିୟମ-ପ୍ରଣାଳୀ ବସ୍ତୁତଃ ଜିମନ୍ତେ ଇଂରାଜୀ ଜାଣିବା ଲୋକ ଆବଶ୍ୟକ । ଯେଉଁମାନେ ଏହି କାର୍ଯ୍ୟ ପ୍ରାର୍ଥୀ ହେବାକୁ ଇଚ୍ଛାନ୍ତି ସେମାନେ "କଲିକତା ୧୧-୩ ନମ୍ବର ହାରିସନ ରୋଡ଼ ମ୍ୟାନେଜର ସି, ପି ଆଇ" ଠିକଣାରେ ଏହି ପତ୍ରିକାର ନାମ ଉଲ୍ଲେଖ କରି ଇଂରାଜୀରେ ପତ୍ର ଲେଖିଲେ ସବିଶେଷ ଜାଣି ପାରିବେ ।

11-3 Harrison Road Calcutta.

## NEW YORK LIFE INSURANCE COMPANY.

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J, BELL
*Agent*
*Cuttack.*

# ମହାରାଣୀ ।



ପରଲୋକଗତା ମହାରାଣୀ ଭିକ୍ଟୋରିୟାଙ୍କର ଜୀବନ ଚରିତ ଓଡ଼ିଆଭାଷାରେ ମୁଦ୍ରିତ ହୋଇ ଅଛି । ଏଥିରେ ତାଙ୍କର ଜନ୍ମ, ବାଲ୍ୟାବସ୍ଥା, ଶିକ୍ଷା, ଅଭିଷେକ, ବିବାହ, ପୁତ୍ର କନ୍ୟା ଓ ସେମାନଙ୍କର ବିଦ୍ୟା ଶିକ୍ଷା, ରାଜ୍ୟ, ଶାସନର ଫଳ ଓ ମୃତ୍ୟୁ ବର୍ଣ୍ଣିତ ହୋଇଅଛି । ଉତ୍କୃଷ୍ଟ ନାଲ ବର୍ଣ୍ଣ ସ୍ୟାହିରେ ଛପା ଓ ଅନେକଗୁଡ଼ିଏ ଛବି ଦିଆଯାଇଥିବାରୁ ପୁସ୍ତକଖଣ୍ଡି ଅତି ସୁନ୍ଦର ହୋଇ ଅଛି । ଓଡ଼ିଆଭାଷାରେ ଅଦ୍ୟପର୍ଯ୍ୟନ୍ତ ଏପରି ପୁସ୍ତକ ଛପା ହୋଇ ନ ଥିଲା । ମୂଲ୍ୟ ପାଞ୍ଚଅଣା ମାତ୍ର । କଟକ ଦରଘାବଜାର ପ୍ରିଣ୍ଟିଂକୋମ୍ପାନୀଙ୍କ ସେକ୍ରେଟାରୀଙ୍କ ନିକଟକୁ ପତ୍ର ଲେଖିଲେ ପୁସ୍ତକ ପାଇ ପାରିବ । ଯେଉଁମାନେ ଦଶଖଣ୍ଡ ପୁସ୍ତକ ଏକସଙ୍ଗରେ ନେବେ ସେ ଖଣ୍ଡିଏ ପୁସ୍ତକ ବିନା ମୂଲ୍ୟରେ ପାଇବେ ।

# ବନାରସ ମାଲ ।

ବନାରସ ନଗରସ୍ଥ ଆମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନାରସୀ ମାଲ ଭାରତର ନାନାସ୍ଥାନର ରାଜା ଜମିଦାରମାନଙ୍କୁ ବିଶ୍ୱସ୍ତଭାବରେ ବହୁକାଳ ମାଲ ଯୋଗାଇ ଆସୁଅଛୁଁ । ବାମଣ୍ଡା, କେନ୍ଦୁଝର, ଆଠମଲ୍ଲିକ, ରାୟଗଡ଼, ସରେଇକଲା ପ୍ରଭୃତିର ରାଜାମାନଙ୍କ ନିକଟରେ ତତ୍ତ୍ୱ କଲେ ଆମ୍ଭର ଖାଣ୍ଟି କାରବାରର କଥା ଜଣା ପଡ଼ିବ ।

ଆମ୍ଭର ବାଣିଜ୍ୟ କୋଠିରେ ବିକ୍ରୟ ସକାଶେ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ସାଢ଼ୀ, ଯୋଡ଼ ଜୋଡ଼ି, ଶେଯା, କିଂଖାପ, ବାଫ୍ତା ଚଦର, ଦୋପଟ ମଖମଲ, ଶିରରେ ବାନ୍ଧିବାର ଫେଟା, ରୁମାଲ, ସାଲ ଏବଂ ନାନା ପ୍ରକାର ଉତ୍ପାଦଖଚିତ ଅଙ୍ଗୁଷ୍ଠ ପ୍ରଭୃତି ଛଡ଼ା ସୁନା ରୂପାର ବାସନ, କାଗଜ କାରୁକାର୍ଯ୍ୟ ପ୍ରଭୃତି ବରାତ ଅନୁସାରେ ତିଆରି କରାଇ ଦେଉଁ । ବରାତ ଦେବାବେଳେ ଅନୁମାନିତ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ କେହି ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରୁଁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ କେଉଁ ଠିକଣାରେ କି ଉପାୟରେ (ଅର୍ଥାତ୍ ଡାକରେ କି ରେଲରେ) ପଠାଇବାକୁ ହେବ ଲେଖିବା ଅବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ କେହି ଓଡ଼ିଆ ମୋହରର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ଚଳିବ ମାତ୍ର ଲଫାପାଉପରେ ଆମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ ଭଲହୁଏ।ରେ ଆମ୍ଭର ହସ୍ତଗତ ହେବ

ରେଲ୍‌ୱେ ଏବଲ ପାରସଲରେ ନମୁନା ମାଲ ପଠାଯାଏ ଏବଂ ପସନ୍ଦ ନ ହେଲେ ଫେରାଇ ନିଆଯାଏ ।

ଶ୍ରୀ ପାଲୁମାଲ ଭୋଳାନାଥ
ଚୂଡ଼ୀଗଳ ଫାଟକ ବନାରସ ସିଟି

# DANZIN

ଓଡ଼ିଆ ଜଗତରେ ସେହି
ଉଜ୍ଜ୍ୱଳ ରତ୍ନ ! !
ଡାକ୍ତର କେ, ଟୀ, ମାର୍ଟିନଙ୍କର
ଡ୍ୟାନ୍‌ଜିନ ! ! !

ଅନେକଙ୍କର ବିଶ୍ୱାସ ଥିଲା ପାରା ଓ ଗନ୍ଧକର ବିଷ ଶରୀରରେ ପ୍ରବେଶ କଲେ ତାହିରେ

Digitized by srujanika@gmail.com

ତାହା ଦୃଷ୍ଟିଭୂତ ହୁଏ ନାହିଁ କିନ୍ତୁ ଡ୍ୟାନ୍ କିନ୍ ପ୍ରାୟ ଅର୍ଦ୍ଧ ଶତାବ୍ଦି ଅତୀତ ହେଲା ଲୋକଙ୍କର ସେହି ବିଶ୍ୱାସ ଦୃଢ଼ କରୁଅଛି ଏବଂ ଜଗତର ଲୋକେ ଏକବାକ୍ୟରେ ସ୍ୱୀକାର କରୁଅଛନ୍ତି ଯେ, ଡ୍ୟାନ୍ କିନ୍ ସେହି ସମସ୍ତ ରୋଗର ଏକମାତ୍ର ମହୌଷଧ ।

ପାଞ୍ଚର ଘା, ଶରୀରର ଘା, କାର୍ବୁର, ଭଗନ୍ଦର, ବାଘୀ, ନାଲିଘା, ନାକ ଓ ମୁଖଭିତରର ଘା, ଦେହର ଚକାଚକା ଦାଗ, ହାତ ଓ ଗୋଡ଼ତଳର ଚମଫାଟିବା, ହସ୍ତପଦ ଜ୍ୱାଳା, ଚକ୍ଷୁରୁ ଜଳ ପଡ଼ିବା, ମୁଣ୍ଡଧରା, ମୁଣ୍ଡବୁଲାଇବା, ମସ୍ତିଷ୍କ ଜ୍ୱାଳା କରିବା, କୁଷ୍ଠ, ବାତ, ଇତ୍ୟାଦି ରୋଗର ମହୌଷଧ । ମେହ, ପ୍ରମେହ, ପୂଜସହିତ ଧାତୁ ନିର୍ଗତ ହେବା, ପ୍ରସ୍ରାବ କରିବା ସମୟରେ ଜ୍ୱାଳା, ପ୍ରସ୍ରାବର ଅଗ୍ରେ ବା ପଶ୍ଚାତ୍ ସ୍ୱଚ୍ଛାପର ପଦାର୍ଥ ବାହାରିବା, ଲୁଗାରେ ଦାଗ ଲାଗିବା, ମୂତ୍ରକୃଚ୍ଛ୍ର, ପ୍ରସ୍ରାବର ଅଳ୍ପତା ବା ଆଧିକ୍ୟ, ରତିଶକ୍ତି ହୀନତା, ଅଶ୍ମରୀଜନିତ ସ୍ନାୟବିକ ଦୁର୍ବଳତା, ଏମନ୍ତ କି ଧ୍ୱଜଭଙ୍ଗ ପର୍ଯ୍ୟନ୍ତ ଆରୋଗ୍ୟ କରି ଲୋକଙ୍କର ଦୃଢ଼ବିଶ୍ୱାସ ଜନ୍ମାଇଅଛି ।

ସ୍ତ୍ରୀବ୍ୟାଧି । ଯଥା;—ବନ୍ଧ୍ୟତ୍ୱ, ଋତୁକାଳୀନ ପେଟର ବେଦନା, ଅଳ୍ପ ବା ଅଧିକ ପରିମାଣେ ରକ୍ତସ୍ରାବ, ଅନିୟମିତ କାଳେ ଋତୁ ହେବା ପ୍ରଭୃତି ରୋଗରେ ଡ୍ୟାନ୍ କିନ୍ ବ୍ରହ୍ମାସ୍ତ୍ର ସ୍ୱରୂପ । ଡ୍ୟାନ୍ କିନ୍ ବାତରୋଗର ଅମୋଘ ଔଷଧ । ସୁସ୍ଥ ଶରୀରରେ ଦୈନିକ ଏକ ବା ଦୁଇ ମାତ୍ରା ସେବନ କଲେ ଶରୀରରେ ନୂତନ ରକ୍ତ ଜନ୍ମିବା ଦ୍ୱାରା ସବଳ ଓ ପୁଷ୍ଟ କରେ ।

ଡ୍ୟାନ୍କିନ୍ ଖାଲିଖାଇଲେ ରୋଗକୁ ଲୁଚି ରଖେ ନାହିଁ । ଡ୍ୟାନ୍କିନ୍ଦ୍ୱାରା ରୋଗ ଆରୋଗ୍ୟ ହେଲେ ପୁନର୍ବାର ଆକ୍ରମଣର ଭୟ ନ ଥାଏ । ଡ୍ୟାନ୍ କିନ୍ ସେବନର କୌଣସି ବନ୍ଧା ନିୟମ ନାହିଁ । ସକଳ ଋତୁ ଓ ସକଳ ଅବସ୍ଥାରେ ସେବନ ହୋଇପାରେ । ୧ ବୋତଲ ଔଷଧ ୨ ୧୫ ଦିନ ବ୍ୟବହାର କରାଯାଏ ।

ମୂଲ୍ୟ ।

ପ୍ରତିବୋତଲର ଟ ୧୷ ୬ ବୋତଲର ଟ ୭୷
୩ „ ଟ ୪୧୦ ୧୨ „ ଟ ୧୪୧୦
ପ୍ୟାକିଂ ୧ଠାରୁ ୩ବୋତଲର ଟ°। ଅଣା, ୪ ଠାରୁ ୧୨ବୋତଲର ଟଂ॥୵ ଅଣା; ଡାକମାସୁଲ ସ୍ୱତନ୍ତ୍ର ଏକମାତ୍ର ଅଧିକାରୀ ।

ଡାକ୍ତର କେ, ସୀ, ମାଣ୍ଟିକ । ଶେଲ ଏଜେଣ୍ଟ।—
ଇଣ୍ଡିଆ, ବର୍ମା ଏବଂ ସିଲୋନ
ଏଲି, ବି, କେ, ଏଣ୍ଡ କୋଂ
୨୬।୧ନମ୍ବର ବାରାଣସୀ ଘୋଷ ଷ୍ଟ୍ରିଟ କଲିକତା

Split by PDF Splitter




## ସୁଗନ୍ଧ ସୌଖୀନ ଦ୍ରବ୍ୟ

କଲିକତାର ପ୍ରସିଦ୍ଧ ସୁଗନ୍ଧଦ୍ରବ୍ୟ ପ୍ରସ୍ତୁତକାରୀ ଏଚ, ବସ୍ଙ୍କ କାରଖାନାରେ ପ୍ରସ୍ତୁତ ।

କୁନ୍ତଳୀନ

ଏହି ତୈଳ କେଶ ପରିବର୍ଦ୍ଧନ କରେ । ଏହାଦ୍ୱାରା କେଶର ଶୋଭା ବୃଦ୍ଧି ହୁଏ ଏବଂ କେଶ ଉପୁଡ଼ିଯାଉଥିଲେ ତାହା ବନ୍ଦ ହୁଏ । ଏହା ଅତି ନିର୍ମଳ ଏବଂ ମନୋହର ସୁଗନ୍ଧଯୁକ୍ତ । ଏହା ଚତୁଃପ୍ରକାର ଏବଂ ମୂଲ୍ୟ ସୁଲଭ:— ସୁବାସିତ କୁନ୍ତଳୀନର ମୂଲ୍ୟ ଏକ ଟଙ୍କା, ପଦ୍ମଗନ୍ଧ କୁନ୍ତଳୀନର ମୂଲ୍ୟ ଦେଢ଼ ଟଙ୍କା, ଗୋଲାପଗନ୍ଧ କୁନ୍ତଳୀନର ମୂଲ୍ୟ ଦୁଇ ଟଙ୍କା, ଜୁଇଗନ୍ଧ କୁନ୍ତଳୀନର ମୂଲ୍ୟ ଦୁଇ ଟଙ୍କା ।

ପୁଷ୍ପସାର ଅଥବା ଏସେନସ ।

ସଦ୍ୟ ପ୍ରସ୍ଫୁଟିତ ନାନାବିଧ ସୁରଭି ପୁଷ୍ପର ସାର ସଂଗ୍ରହ କରାଯାଇ ଏହି ଚଉଦ ପ୍ରକାର ଏସେନ୍ସ ପ୍ରସ୍ତୁତ କରାଯାଇଅଛି । ଏଥିର ସୁବାସ ମନୋମୁଗ୍ଧକର । ନାମ—ଗନ୍ଧମେଲ; ମଲ୍ଲିକା; କାମିନୀ; ରଜନୀଗନ୍ଧା; ମହୁଆ; ଦେଲଖୋସ; ହ୍ୱାଇଟ ରୋଜ; ବଦ୍ରୁ ରୋଜ; ବେଣାତେଲ; କୁମୁଦିନୀ; ଚିଶଲୁସୁମ; ହେନାକୁସୁମ; ପାରିଜାତ କୁସୁମ; ଭିକ୍ଟୋରିଆ ବୋକେ । ମୂଲ୍ୟ ଏକଶିଶି ଏକଟଙ୍କା ମାତ୍ର ।

ଲ୍ୟାଭେଣ୍ଡର ।

କସ୍ତୁରୀ ଲ୍ୟାଭେଣ୍ଡର ଦେଖନ୍ତୁ । ଲ୍ୟାଭେଣ୍ଡର ଔଷଧର କାମକିଛି କରୁଅଛି, ସ୍ନାନ ସମୟରେ ଆବଶ୍ୟକ ।

ଓଟ୍ଟୋ ଗୋଲାପ

ଗୋଲାପ ଅଟରେ ଆଠଅଣା; ସୁବଚ୍ଛ ଅଟୋଟମ ପାଞ୍ଚଅଣା ।

ତାମ୍ବୁଲୀନ

ପାନ ସୁବାସିତ ଓ ସୁସ୍ୱାଦ କରିବାର ଅଦ୍ଭୁତ ସାମଗ୍ରୀ । ଗୁଣ୍ଡ ସଙ୍ଗରେ ଚନ୍ଦନ ମିଶାଇ ଦେଲେ ଗୁଣ୍ଡି ମନମୋହକ । ମୂଲ୍ୟ ପ୍ରତି ଡିବି ଆଠଅଣା

ସରବତ୍ ଅଥବା ସିରପ୍ ।

ଗ୍ରୀଷ୍ମକାଳ ସକାଶେ ଏହାଠାରୁ ଉତ୍କୃଷ୍ଟ ଆଉ ନାହିଁ ।

ଲେମନ ସିରପ୍ ବାରଅଣା । ଅରେଞ୍ଜ ସିରପ୍ ବାରଅଣା । ପାଇନ୍ୟାପଲ୍ ସିରପ୍ ବାରଅଣା । ରୋଜ ସିରପ୍ ଏକଟଙ୍କା । ଗୋଲାପକେଶର ସିରପ୍ ଏକଟଙ୍କା

ଗୋଲାପଜଳ ।

ପ୍ରତି ଶିଶି ଦେଢ଼ଟଙ୍କା ।

ପତ୍ର ଲେଖିଲେ ଡାକଦ୍ୱାରା ବା ରେଲଦ୍ୱାରା ଜିନିଷ ପଠାଯାଏ । ଭାରତବର୍ଷର ପ୍ରଧାନ ପ୍ରଧାନ ମହାରାଜା ଓ ରାଜା ଓ ବଡ଼ ବଡ଼ ଗଭର୍ଣ୍ଣର ଗଣ୍ୟମାନ୍ୟଙ୍କଦ୍ୱାରା ଏହି ଦ୍ରବ୍ୟମାନ ବ୍ୟବହୃତ ଏବଂ ବିଶେଷରୂପେ ପ୍ରଶଂସିତ । ପଣ୍ଡିତ ଓ ଜ୍ଞାନୀଙ୍କୁ ବିନା ମୂଲ୍ୟରେ ପଠାଯାଏ ।

ଠିକଣା:—

| | |
|---|---|
| ଏଚ ବସୁ<br>୬୨ନମ୍ବର ବହୁବଜାର ଷ୍ଟ୍ରିଟ<br>କଲିକତା | H. BOSE,<br>62 Bow Bazar<br>Street<br>Calcutta. |

କଟକରେ "ଉଦ୍ୟୋଗି ସମିତିର ଭଣ୍ଡାର"ରେ ଓ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ଏହି ଜିନିଷ ମିଳିବ ।

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚା ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦ ୵ |
| ଅଧସ୍ତମ୍ଭକୁ | ଟ ୨ ୧ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩ ୧ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ହେଁ ତହିଁର ଖର୍ଚ୍ଚା ଟ° ୷ ଠାରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚା ପ୍ରଥମଥରର ଅଧା ଓ ଦ୍ୱିଗୁଣ ଥିଲେ ହେବ ।

ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା କଟକ ନଟବ ପରଗଣାର ପିଣ୍ଟିଂ କମ୍ପାନି ଲିମିଟେଡଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter

REGISTERED No. C. 81.



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୩୬ ଶ
ସଂ ୨୬ ଶ ସଂଖ୍ୟା
ତା ୨୯ ରିଖ ସାହେବ ଜୁନ ସନ ୧୯୦୧ ମସିହା । ମୁ । ତା ୧୭ ର ଅଷାଢ଼ ସନ ୧୩୦୮ ସାଲ ଶନିବାର
ଅଗ୍ରୀମ ଟ ୩୧
ପଶ୍ଚାଦେୟ ଟ ୬୧

ବଙ୍ଗପ୍ରଦେଶର ଶିକ୍ଷା ବିଭାଗର ଡାଇରେକ୍ଟର ଆଜ୍ଞାପନ ଦେଇଅଛନ୍ତି କି ଚଳିତ ବର୍ଷର ମଧ୍ୟବୃତ୍ତି ଏବଂ ଉଚ୍ଚପ୍ରାଇମେରୀ ବୃତ୍ତି ପରୀକ୍ଷାମାନ ନିମ୍ନଲିଖିତ ତାରିଖମାନଙ୍କରେ ଗୃହୀତ ହେବ ଯଥା—

ମଧ୍ୟବୃତ୍ତି—ତା ୧୧ ରିଖ ଅକ୍ଟୋବର ଶୁକ୍ରବାର ଇଂରାଜୀଭାଷା, ରଚନା ପ୍ରଭୃତି, ତା ୧୪ ରିଖ ସୋମବାର ଦେଶୀୟ ଭାଷା ଓ ଭୂଗୋଳ, ତା ୧୫ ରିଖ ମଙ୍ଗଳବାର ଅଙ୍କ ଓ ଇତିହାସ ଏବଂ ତା ୧୬ ରିଖ ବୁଧବାର ଜ୍ୟାମିତି, ଭୂମିପରିମାଣ, ସ୍ୱାସ୍ଥ୍ୟରକ୍ଷା ଏବଂ ପଦାର୍ଥବିଦ୍ୟା ।

ଉଚ୍ଚପ୍ରାଇମେରୀ ବୃତ୍ତି—ଅକ୍ଟୋବର ମାସ ତା ୧୪ ରିଖ ସୋମବାରରେ ଦେଶୀୟ ଭାଷା, ଇତିହାସ ଓ ଭୂଗୋଳ, ତା ୧୫ ରିଖ ମଙ୍ଗଳବାରରେ ଅଙ୍କ, ଜ୍ୟାମିତି ଏବଂ ଭୂମିପରିମାଣ ଏବଂ ତା ୧୬ ରିଖ ବୁଧବାରରେ ସ୍ୱାସ୍ଥ୍ୟରକ୍ଷା ଏବଂ ପଦାର୍ଥବିଦ୍ୟା ଅଥବା କୃଷିଶିକ୍ଷା ।

———

ଗତ ଶନିବାର ସକାଳେ ଏ ନଗରର ନେଲିଘାଟ ଭିତରେ ଥିବା ଗୋଟିଏ ଖପରଲି ଘର ଅଗ୍ନିଦ୍ୱାରା ପୋଡ଼ିଗଲା । ଘରଟି ଗୋଟିଏ ବଡ଼ ଗୋଦାମ, ଚାରିପାଖ ଇଟାର ପକ୍କା କାନ୍ଥ ଓ ଗୋଟିଏ ମାତ୍ର ଦ୍ୱାର ଘରମଧ୍ୟରେ ପ୍ରାୟ ଅଢେଇଲକ୍ଷ ଟଙ୍କାର ଜଡ଼ିମ୍ବାବତୀ ରଖା ଯାଇଥିଲା ଏବଂ କବାଟ ବନ୍ଦ ଥିଲା । କିପରି ଅଗ୍ନି ପ୍ରବେଶ ହୋଇ ଜଳୁଛି ଜଣାପଡ଼ୁ ନାହିଁ । ଦିବା ୧୦ ଘଣ୍ଟା ବେଳେ ଭିତରୁ ଧୂଆଁ ଉଠି ଚାଳ ଜଳିବାର ଦେଖାଯିବାରୁ ତତ୍କ୍ଷଣାତ୍ ପହରାବାଲା ଓ ପୁଲିସମାନେ ପଡ଼ି ଜଳ ଢାଳିବା ଓ ନିକଟସ୍ଥ ଗୋଦାମମାନଙ୍କର ଖପର ଓଲ୍ଟାଇ ପକାଇବାରୁ ସେ ଗୋଦାମ ଛଡ଼ା ଆଉ କୌଣସି ଦିଗକୁ ଅଗ୍ନି ବ୍ୟାପି ପାରିଲା ନାହିଁ । ମାତ୍ର ତହିଁରେ ଥିବା ଜିନିଷ ଅପରାହ୍ନ ୫ ଘଣ୍ଟା ପର୍ଯ୍ୟନ୍ତ ଜଳୁଥିଲା ଏବଂ ଶେଷରେ କାନ୍ଥ ଭାଙ୍ଗି ଜଳ ପକାଇବାରେ ନିଆଁ ଲିଭିଲା । ସଂଘଟନବେଳେ ଜେଲସୁପ୍ରିଣ୍ଟେଣ୍ଡେଣ୍ଟ ଡାକ୍ତର ସାହେବ ଉପସ୍ଥିତ ଥିଲେ ଏବଂ ଅପରାହ୍ନରେ ମାଜିଷ୍ଟ୍ରେଟ ସାହେବ ଆସି ଅନେକ ଖଣ ପର୍ଯ୍ୟନ୍ତ ଥିଲେ । କିପରି ଅଗ୍ନି ଜାତ ହେଲା ଅବଶ୍ୟ ଜଣାପଡ଼ ନାହିଁ ।

———

ଏଥର ବଙ୍ଗପ୍ରଦେଶ ଛଡ଼ା ଭାରତର ସର୍ବତ୍ରରେ ବୃଷ୍ଟିର ଅଭାବ ପଡ଼ିଅଛି । ବମ୍ବେରେ ମୌସୁମି ବୃଷ୍ଟି ସବଳରେ ଉପସ୍ଥିତ ହୋଇଥିଲା । ମାତ୍ର ତାହା ସମୁଦ୍ରରେ ଭାସିଗଲା ଅର୍ଥାତ୍ ଉପକୂଳସ୍ଥ କେତେକ ଭୂମି ଖଣ୍ଡରେ ଜଳ ଢାଳି ଚାଲିଗଲା ରାଜ୍ୟ ଭିତରେ ପ୍ରବେଶ କଲା ନାହିଁ । ମେଘର ଆଡ଼ମ୍ବର ଯଥେଷ୍ଟ ଦେଖା ଯାଉଅଛି ମାତ୍ର ଖଣ୍ଡବୃଷ୍ଟି ବିନା ଲଗାଣ ବର୍ଷଣ ଅଦୌ ଦେଖା ନାହିଁ ଏବଂ ଶସ୍ୟମରୁଡ଼ିର ଡାକ ଶୁଣାଅଡି ପଡ଼ୁଅଛି । ସଙ୍ଗେ ସଙ୍ଗେ ଚାଉଳର ଦର ବଢ଼ୁଅଛି ଏବଂ ମହାଜନମାନେ କେତେ ବନ୍ଦ କରିଅଛନ୍ତି । ଏ ବର୍ଷ ମଇ ମାସ ତା ୧୬ ରିଖଠାରୁ ଗତ ତା ୨୩ ରିଖ ପର୍ଯ୍ୟନ୍ତ ଯେତେ ବୃଷ୍ଟି ହୋଇଅଛି ଏବଂ ଏହି ସମୟରେ ପୂର୍ବ ବର୍ଷମାନଙ୍କରେ ହାରାହାରି ଯେତେ ବୃଷ୍ଟି ହୋଇଥିଲା ତହିଁର ପରିମାଣ ନିମ୍ନେ ଲେଖାଗଲା ଯଥା:—

| ସ୍ଥାନ | ବୃଷ୍ଟିର ପରିମାଣ | |
|---|---|---|
| | ଏ ବର୍ଷ | ବାର୍ଷିକ ହାରାହାରି |
| କଟକ | ୩.୪୭ | ୧୧.୪୦ |
| ବାଲେଶ୍ୱର | ୨.୩୦ | ୯.୭୭ |
| ପୁରୀ | ୩.୮୪ | ୭.୧୬ |

ଇନ୍ଦ୍ରଦେବ ଏତେ ନିଷ୍ଠୁର କାହିଁକି ?

———

ଭାଗଲପୁର ଡିଭିଜନକୁ ଏ ବର୍ଷ ବଙ୍ଗୀୟ ବ୍ୟବସ୍ଥାପକ ସଭାର ଜଣେ ସଦସ୍ୟ ନିର୍ବାଚନ ଅଧିକାର ଦେବା ବିଷୟରେ ଭାଗଲପୁରର ଜମିଦାର ସଭା ବଙ୍ଗେଶ୍ୱରଙ୍କ ନିକଟକୁ ଯେଉଁ ଆବେଦନ ପତ୍ର ପଠାଇଥିଲେ ଏବଂ ଯାହା ଉକ୍ତ ଡିଭିଜନର କମିଶନର ସାହେବ ସମର୍ଥନ କରିଥିଲେ ତହିଁର ଉତ୍ତର ଗତ କଲିକତା ଗେଜେଟରେ ବାହାରିଅଛି । ବଙ୍ଗେଶ୍ୱର ମହୋଦୟ ସଦସ୍ୟ ନିର୍ବାଚକ ସମ୍ବନ୍ଧୀୟ ପ୍ରଚଳିତ ନିୟମମାନ ବିଶଦରୂପେ ବୁଝାଇ ଦେଇ କହୁଅଛନ୍ତି କି କୌଣସି ବିଭାଗର ମିଉନିସିପାଲିଟୀ ସମୂହ ସହିତ ଜିଲା ବୋର୍ଡ଼ ସମୂହର କୌଣସି ସମ୍ପର୍କ ନାହିଁ ନିର୍ବାଚନ ବିଷୟରେ ସେମାନଙ୍କୁ ସମ୍ପୂର୍ଣ୍ଣରୂପେ ପୃଥକ୍ ଜ୍ଞାନ କରିବା ଉଚିତ ଏବଂ ଏହି ଜ୍ଞାନ ଅନୁସାରେ କାର୍ଯ୍ୟ ଚଳି ଆସୁଅଛି । ଭିନ୍ନ ଭିନ୍ନ ବିଭାଗକୁ ଯେପରି ଅଧିକାର ଦାନ ଦିଆ ଯାଇଅଛି ତଦନୁସାରେ ଏଥର ପାଟନା ବିଭାଗର ଜିଲା ବୋର୍ଡ଼ସମୂହର ପାଳି ପଡ଼ୁଅଛି । ମିଉନିସିପାଲିଟୀସମୂହର ପାଳି ଗଭର୍ଣ୍ଣମେଣ୍ଟଙ୍କର ବିଶେଷ ଆଦେଶଦ୍ୱାରା ବଦଳି ଯାଇଥିବା ସ୍ଥଳେ

Digitized by srujanika@gmail.com

ଭାଗଲପୁରର ଦାବୀ ବର୍ତ୍ତମାନ୍ ଖଣ୍ଡି ନାହିଁ । ଭାଗଲପୁରର ଜିଲ୍ଲା ବୋର୍ଡ଼ସମ୍ବନ୍ଧୀ ପାଳି ସନ ୧୯୦୪ ସାଲରେ ପଡ଼ିବ ।

---

କଲିକତା ନଗରର ନଡ଼ୀ ଶଗଡ଼ ଓ ଗାଡ଼ିବାଲଙ୍କ ମେଳ ବିଷୟରେ ଗବର୍ଣ୍ଣମେଣ୍ଟଙ୍କ ପକ୍ଷରୁ ଯେଉଁ ତଦନ୍ତ ହେବାର କଥା ଗତ ସପ୍ତାହରେ ଲେଖିଥିଲୁଁ ତହିଁର ଆଦେଶ ବାହାରିଅଛି । ବଙ୍ଗପ୍ରଦେଶର ମାନ୍ୟବର ଲେଫ୍ଟନାଣ୍ଟ ଗବର୍ଣ୍ଣର ସେହି କାର୍ଯ୍ୟର ଭାର ଚବିଶ ପରଗନ୍ନାର ମାଜିଷ୍ଟ୍ରେଟଙ୍କ ପ୍ରତି ଅର୍ପଣ କରି ତାହାଙ୍କୁ ନିମ୍ନଲିଖିତ ବିଷୟମାନ ଅନୁସନ୍ଧାନ କରିବାକୁ ଆଦେଶ ଦେଇଅଛନ୍ତି । ଯଥା ୧—ମେଳସ୍ଥମାନଙ୍କର କଷ୍ଟ ଯଥାର୍ଥ ଦୁଃଖ ଥିଲା କି ନା ? ୨—ମାଜିଷ୍ଟ୍ରେଟମାନେ ଜରିମାନାର ପରିମାଣ ହଠାତ୍ ବୃଦ୍ଧି କରିଅଛନ୍ତି କି ନା ? ୩—ପୀଡ଼ିତପଶୁଙ୍କୁ ଚିକିତ୍ସାଳୟକୁ ପଠାଇବା ସମ୍ବନ୍ଧୀୟ ଆଇନ ଯଥାରୂପେ ବ୍ୟବହାର ହେଉଅଛି କି ନା ? ୪—ସେହି ଆଇନର କାର୍ଯ୍ୟପ୍ରଣାଳୀରେ କିଛି ଅନ୍ୟାୟ ଅଛି କି ? ୫—ପୁଲିସ ବିରୁଦ୍ଧରେ ଯେ ସବୁ କୁକାର୍ଯ୍ୟ କଥିତ ହୋଇଅଛି ସେ ସବୁ ପ୍ରମାଣ ହୋଇପାରେ କି ନା । ଏବଂ ୬—ପଶୁକ୍ଲେଶ ନିବାରଣୀ ସଭାର କାର୍ଯ୍ୟହେତୁ ମେଳର ଉତ୍ପତ୍ତି ହୋଇଥିଲା କି ନା ? ୨୪ ପରଗନ୍ନାର ମାଜିଷ୍ଟ୍ରେଟ ଯୋଗ୍ୟ ଓ ଲୋକପ୍ରିୟ ହାକିମ ଅଟନ୍ତି । ତାହାଙ୍କୁ ଏହି ତଦନ୍ତ କାର୍ଯ୍ୟରେ ଗବର୍ଣ୍ଣମେଣ୍ଟ ନିଯୁକ୍ତ କରିବାରେ ଲୋକେ ଆନନ୍ଦିତ ହୋଇଅଛନ୍ତି, ମାତ୍ର ତାହାଙ୍କ ସଙ୍ଗେ ଜଣେ ଦେଶୀୟ ବେସରକାରୀ ଲୋକ ନିଯୁକ୍ତ ହୋଇଥିଲେ ଅଧିକ ଭଲ ହୋଇଥାନ୍ତା ।

---

ଗତ ତା ୧୮ ରିଖର ଗଞ୍ଜାମ ଓଡ଼ିଆ ହିତବାଦିନୀରେ ପାଠ କଲୁଁ କି କଣିକା, ସୁରଙ୍ଗି, ବଡ଼ଖେମଣ୍ଡି ଓ ସାନଖେମଣ୍ଡି ଏହି ଚାରିରାଜ୍ୟର ଅଧିପତିମାନଙ୍କ ମଧ୍ୟରେ ସୀମା ସଂକ୍ରାନ୍ତ ବିବାଦ ଉପସ୍ଥିତ ହୋଇଅଛି । ସହଯୋଗିନୀ ଯଥାର୍ଥ କହିଅଛନ୍ତି କି ଏ ବିବାଦ ମୀମାଂସା ନିମନ୍ତେ ବିଚାରାଳୟକୁ ଗଲେ ବୃଥାରେ ସମସ୍ତଙ୍କର ଅନେକ ଟଙ୍କା ନଷ୍ଟ ହୋଇଯିବ ଏବଂ ସାନଖେମଣ୍ଡି ଓ ବଡ଼ଖେମଣ୍ଡିର ରାଜାମାନେ ଜ୍ୟେଷ୍ଠ ଓ କନିଷ୍ଠ ଭ୍ରାତ ହେଉଥିବା ହେତୁ ସେମାନଙ୍କମଧ୍ୟରେ ମୋକଦ୍ଦମା ହେବା କୌଣସିମତେ ଶୋଭନୀୟ ନୁହେ । ଆମ୍ଭେମାନେ ଏ ମତରେ ସମ୍ପୂର୍ଣ୍ଣ ଐକ୍ୟ ହୋଇ ପରସ୍ପର ମଧ୍ୟରେ ବିବାଦ ନିଷ୍ପତ୍ତି କରିନେବା କାରଣ ଏହାଙ୍କୁ ଅନୁରୋଧ କରୁଅଛୁଁ । ସକଳ ରାଜାଙ୍କର ଚକ୍ରବର୍ତ୍ତୀ ଇଂରାଜ ସମ୍ରାଟଙ୍କ ଅମଳରେ ସକଳ ଜମିଦାରୀ ସୀମା ବିଧିମତେ ନିରୂପିତ ହୋଇଅଛି । ସ୍ୱଚ୍ଛମନରେ ନିଜ ନିଜ କାର୍ଯ୍ୟର ଦୋଷ ଗୁଣ ବିଚାର କଲେ ଅଳ୍ପରେ ବିବାଦ ଭଙ୍ଗିଯିବ । ମାତ୍ର ବୃଥା ଅହଂକାର ଏବଂ ପରଲୁବ୍ଧଙ୍କ ସ୍ୱାର୍ଥ ବାକ୍ୟରେ ମାତିଲେ ଅନିଷ୍ଟ ବିନା ଇଷ୍ଟସାଧନ ହେବ ନାହିଁ । ରାଜାମାନଙ୍କ ଉପରେ ପ୍ରଜା ପାଳନ ଏବଂ ସାଧାରଣ ହିତସାଧନର ଗରିଷ୍ଠ ଦାୟିତ୍ୱ ଅଛି । ସେ ଚିନ୍ତାରେ ମଗ୍ନ ରହିଲେ ସାମାନ୍ୟ ବିବାଦରେ ଅର୍ଥ ଓ ସମୟ ନଷ୍ଟ କରିବାର ପ୍ରବୃତ୍ତି ହେବ ନାହିଁ ।

---

ଗତ ଦୋଳଯାତ୍ରା ସମୟରେ ସେରଗଡ଼ଗଞ୍ଜି ଠାରେ ଜଣେ ମୁସଲମାନ ମଉଲବୀ ବାଟରେ ଚାଲି ଯାଉଥିବା ସମୟରେ ଜଣେ ହିନ୍ଦୁ ତାହାଙ୍କୁ ଲକ୍ଷ୍ୟକରି ପିଚକାରୀ ମାରିବାରୁ ତାହାଙ୍କ ଟୋପିରେ ପଡ଼ିଲା । ସେ ଫଉଜଦାରୀରେ ନାଲିସ କରିବାରୁ ସେଠା ସବଡିଭିଜନ ଅଫିସର ଦଣ୍ଡବିଧିର ଧା ୩୫୨ ଓ ୫୦୪ ଧା ଅନୁସାରେ ଅପମାନ ଓ ଅନ୍ୟାୟ ବଳ ପ୍ରକାଶ ନିମନ୍ତେ ହିନ୍ଦୁ ଆସାମି ପ୍ରତି ମା ୩ ସ କାରାଦଣ୍ଡ ବ୍ୟବସ୍ଥା କଲେ । ଜଜସାହେବ ଅପିଲରେ ମା ୨ ସ କାଟିଦେଇ ଏକମାସ କାରାଦଣ୍ଡ ସ୍ଥିର କଲେ । ଏହି ଆଦେଶ ବିରୁଦ୍ଧରେ ଆସାମୀ ହାଇକୋର୍ଟରେ ଦରଖାସ୍ତ କରି ଉକିଲଦ୍ୱାରା ଆପତ୍ତି କଲା କି କୌଣସି ଅପରାଧ ହୋଇଥିଲେ ତାହା ଫରିୟାଦି ମୌଲବୀଙ୍କ ପ୍ରତି ନ ହୋଇ ତାହାଙ୍କ ଟୋପିପ୍ରତି ହୋଇଥିବାର ବୋଲାଯିବ ଏବଂ ଆସାମୀ ସେ ସମୟରେ ମଦ ଖାଇ ବହୋସ ଥିଲା । ମାନ୍ୟବର ବିଚାରପତି ଉଡ଼ଲଙ୍କର ଆପତ୍ତି ଶୁଣି କହିଲେ କି ଅନ୍ୟର ଧର୍ମ ବିଶ୍ୱାସରେ ଦୁଃଖ ଜନ୍ମାଇବାର ଅଧିକାର କାହାରି ନାହିଁ ଏବଂ ଏ ପ୍ରକାର ଅପମାନ ନିବାରଣ କରିବା ଏକାନ୍ତ ଆବଶ୍ୟକ ଏହା କହି ମୋକଦ୍ଦମା ଡିସମିସ କଲେ । ହୋରିଖେଳ ବା କୌଣସି ଖେଳ କଉତୁକ ପରସ୍ପର ସମ୍ମତିରେ ସମାନଧର୍ମୀ ଲୋକଙ୍କ ସଙ୍ଗେ ଖେଳିବା ଉଚିତ । ମତୁଆଲା ହୋଇ ବାଟରେ ଯାହା ତାହାକୁ ପିଚକାରୀ ମାରିବା ଅବଶ୍ୟ ଅପରାଧ ଅଟେ । ହିନ୍ଦୁକୁଳ ଲୋକେ ଏ ବିଷୟରେ ସର୍ବଦା ସାବଧାନ ରହିବେ ।

---

ସମ୍ବଲପୁର ହିତୈଷିଣୀରେ ଆନନ୍ଦ ସହିତ ପାଠ କଲୁଁ କି ସମ୍ବଲପୁର ବାସିମାନେ ସେ ଅଞ୍ଚଳର କଚେରୀମାନଙ୍କର ଭାଷା ଓଡ଼ିଆ ବଦଳରେ ହିନ୍ଦି ହେବାରୁ ଲୋକଙ୍କର ନାନା ଅସୁବିଧା ଓ କଷ୍ଟ ହେବା ବିଷୟରେ ଯେଉଁ ଆବେଦନପତ୍ର କେତେକ ମାସ ହେଲା ପଠାଇଥିଲେ ମହାମାନ୍ୟ ଗବର୍ଣ୍ଣର ଜେନେରଲ ବାହାଦୁର ତାହା ପ୍ରାପ୍ତ ହୋଇ ଛତିଶଗଡ଼ ଭୂସ୍ୱାମୀମାନଙ୍କର ସତ୍ୟାସତ୍ୟ ରିପୋର୍ଟ କରିବା କାରଣ ସ୍ଥାନୀୟ ଡେପୁଟି କମିଶନରଙ୍କ ନିକଟକୁ ପଠାଇଅଛନ୍ତି ଏବଂ ଡେପୁଟି ମହାଶୟ ଅନୁସନ୍ଧାନର ଭାର ବାବୁ ବୈକୁଣ୍ଠନାଥ ପୂଜାରୀ ଓ ମୁନସି ଜାକିରଅଲି ଏକଷ୍ଟ୍ରା ଆସିଷ୍ଟାଣ୍ଟ କମିଶନର ଦ୍ୱୟଙ୍କୁ ଅର୍ପଣ କରିଅଛନ୍ତି । ନ୍ୟାୟସଙ୍ଗତ ଆବେଦନପତ୍ର ମହାମତି ଲର୍ଡ କର୍ଜନ ବାହାଦୁରଙ୍କ ସମୀପରେ ବ୍ୟର୍ଥ ହେବାର ନୁହେ ଏହା ତହିଁର ଆଉ ଗୋଟିଏ ପ୍ରମାଣ ଅଟେ । ଆମ୍ଭେମାନେ ଏକାନ୍ତ ଆଶା କରୁଁ କି ଯେଉଁମାନଙ୍କ ପ୍ରତି ଅନୁସନ୍ଧାନର ଭାର ଅର୍ପିତ ହୋଇଅଛି ସେମାନେ ଉତ୍ତମରୂପେ ତାହା ସମ୍ପାଦନ କରିବେ ଓ ମୋକଦ୍ଦମା ବିଚାର କାଳରେ ନିଜେ ଯାହା ଅନୁଭବ କରିଅଛନ୍ତି ଓ ମୂର୍ଖ ମାମଲତକାରଙ୍କର ଅସୁବିଧା ଯାହା ପ୍ରତ୍ୟକ୍ଷ କରିଅଛନ୍ତି ସେ ସବୁ ସରଳ ଓ ନିର୍ଭୟ ଭାବରେ ଜଣାଇବାକୁ କୁଣ୍ଠିତ ହେବେ ନାହିଁ । ଓଡ଼ିଆଭାଷା କଚେରୀରୁ ଉଠିଯିବାରୁ ଯେଉଁମାନେ କଷ୍ଟ ଭୋଗ କରୁଅଛନ୍ତି ଓ କରିଅଛନ୍ତି ସେମାନଙ୍କର ସେ କଥା ଆବେଦନପତ୍ରଦ୍ୱାରା ଏହି ସମୟରେ ଡେପୁଟି କମିଶନର ମହାଶୟଙ୍କୁ ଜଣାଇବାର ଉଚିତ । କେହି ଯେମନ୍ତ ଏଥିରେ କାଳବିଳମ୍ବ କରିବେ ନାହିଁ ।

---

ବାଲେଶ୍ୱରରୁ ସମ୍ବାଦ ପାଇଅଛୁଁ ଯେ ଗତ ତା ୯ ରିଖରେ ବାଲିଆପାଲ ଥାନାର କଞ୍ଚୁଡୁଲ ପଟିନ ମୌଜାରେ ଗୋଟିଏ ନିଷ୍ଠୁର ନରହତ୍ୟା ହୋଇଥିଲା । ନନ୍ଦ ଅଧିକାରୀ ନାମକ ଜଣେ ଟଙ୍କଣୀ ଜୁପଣାର ମଉକଲ ଓ ଭାଇ ସଙ୍ଗେ ବାଲେଶ୍ୱରକୁ ଯାଉଥିଲେ । ଉକ୍ତ ମୌଜାର ବିଲ ମଧ୍ୟରେ ପହଞ୍ଚିବାବେଳେ ଅକସ୍ମାତ କେତେଜଣ ଡକାଏତ ସେମାନଙ୍କୁ ଆକ୍ରମଣ କରନ୍ତେ ମଉକଲ ଓ ଭାଇ ପଳାଇଗଲେ ମାତ୍ର ଅଧିକାରୀ ଏକୁଟି ରହିଗଲା । ଡକାଏତମାନେ ତାହାକୁ ବାଟରେ ମାରିପକାଇ ତାହା ପାଖରେ ଥିବା କେତେକ ଦଲିଲ ଦସ୍ତାବିଜ ଓ ଟଙ୍କା ପଇସା ନେଇ ଖସିଗଲେ । ଦୁଇମାସ ତଳେ ବାଲେଶ୍ୱର ସଦରରୁ ମା ୬ ଦୂର ଛତ୍ରା ରେବଣାଠାରେ କୃଷ୍ଣପାଣିଗ୍ରାହୀ ନାମକ ଜଣେ ବ୍ରାହ୍ମଣ ମହାଜନ ଏହିପରି ହତ୍ୟା ହୋଇଥିଲା । ଏହି ଦୁଇ ହତ୍ୟାରେ ପୁଲିସ କାହାରିକୁ ଧରି ପାରି ନାହାନ୍ତି । ସଦର ମଧ୍ୟରେ ଚୋରଙ୍କର ଉପଦ୍ରବ

Split by PDF Splitter
Digitized by srujanika@gmail.com

ବଢ଼ିଅଛୁ । ପ୍ରାୟ ୨ ୧୫ ଦ ହେଲା ସଦର ଥାନା ନିକଟ ମୋହଗଞ୍ଜ ବଜାରର ଏକ ମାରୱାଡ଼ି ଘରେ ସିନ୍ଧ ହୋଇ କିଛି ଟଙ୍କା ପଇସା ସହିତ ଦୁଇଟା ବାକସ ଚୋରି ଯାଇଥିଲା । ଏକ ସହରରେ ନେ ପୁଷ୍ଟୀକଲେକ୍ଟର ବାବୁ ରୂପଚନ୍ଦ୍ର ଚକ୍ରବର୍ତ୍ତୀ ଏବଂ ଅନ୍ୟ ସହରରେ ବାବୁ ତ୍ରୈଲୋକ୍ୟନାଥ ବୋଷ ଉକିଲଙ୍କ ଘରେ ଚୋର ପଶିଥିଲେ ମାତ୍ର ଘରର ଲୋକମାନେ ଉଠିବାରୁ ପଳାଇଗଲେ । ଏଥିମଧ୍ୟରୁ ଗୋଟିଏ ମାମଲାରେ କେହି ଧରାପଡ଼ି ନାହିଁ । ପତ୍ରପ୍ରେରକଙ୍କ ବିବେଚନାରେ ପୁଲିସର ଅଯୋଗ୍ୟତା ଏଥିର କାରଣ ଅଟେ । ସଦର ଥାନାର ଭାର ଜଣେ ହେ ୩୦ ୧ ଙ୍କା ବେତନର ସବଇନସ୍ପେକ୍ଟରଙ୍କୁ ଦିଆ ଯାଇଅଛି ।

---

## ପୁରୀ-ରଥଯାତ୍ରା ।

ଗତ ତା ୧୯ ରଖ ବୁଧବାର ଅପରାହ୍ନରୁ ନିୟମିତରୂପେ ସ୍ନାନଯାତ୍ରା ହୋଇବେଳା ରଥଯାତ୍ରା ହୋଇଥିଲା । କର୍ତ୍ତାବ ପ୍ରତିବନ୍ଧକ ନ ଥିବାରୁ ଶ୍ରୀଜଗନ୍ନାଥ ଅର୍ଥାତ୍ ଶନିବାର ତା ୨୨ ରଖ ସନ୍ଧ୍ୟା ସଜ ରଥ ଗୁଣ୍ଡିଚାମଣ୍ଡପରେ ଲାଗିଥିଲେ । ତା ୨୩ ରଖ ରବିବାର ସନ୍ଧ୍ୟାରେ ପହଣ୍ଡି ବିଜୟ କରି ପ୍ରଭୁ ଙ୍କ ଗୁଣ୍ଡିଚାମଣ୍ଡପ ସିଂହାସନାରୂଢ଼ ହେବାରୁ ସୋମବାର ଓ ମଙ୍ଗଳବାର ଦୁଇଦିନ ବହୁମତେ ଅଳ୍ପ ଭୋଗ ହୋଇଥିଲା । ତା୨୬ରଖ ପ୍ରଭାତ ପୂର୍ବରୁ ଶ୍ରୀଜଗନ୍ନାଥଙ୍କ ଶୋଭତ ଭୋଗ ହୋଇ ସିଂହାସନ (ରତ୍ନ) ଶୂନ୍ୟ ହୋଇଅଛି ।

ରଥମାନଙ୍କର ଦକ୍ଷିଣମୂର୍ତ୍ତି ଆରମ୍ଭ ହୋଇ ନାହିଁ । ବଙ୍ଗାଳଯାତ୍ରୀମାନେ ଫେରି ଯାଇଅଛନ୍ତି ଯଦ୍ୟପି ଯାତ୍ରୀ ସାମାନ୍ୟ ପରିମାଣେ ଅଛନ୍ତି କେତେକ ମଧ୍ୟ ଆସୁଅଛନ୍ତି । ତାଙ୍କ ମଧ୍ୟରେ ସାମାନ୍ୟରୂପେ ଓଲାଉଠା ଆରମ୍ଭ ହୋଇଅଛି ।

ରଥଯାତ୍ରା ପୁରୀବାସିଙ୍କର ରୋଜଗାରର ପ୍ରଧାନ ସମୟ । ଏଥର ଅଳ୍ପ ଯାତ୍ରୀ ଆସିବା, ରେଲ ଯୋଗେ ଶୀଘ୍ର ବାହାରି ଯିବା ଏବଂ ଖର୍ଚ୍ଚ ଯାଗ ହେବାରୁ ପଣ୍ଡା, ଦୋକାନଦାର, ଭଡ଼ାଘରବାଲା ପ୍ରଭୃତି ସମସ୍ତଙ୍କର ରୋଜଗାର ଅତ୍ୟନ୍ତ ଊଣା ପଡ଼ିଅଛି । ମିଉନିସିପାଲିଟି କେତେକ ଅସ୍ଥାୟୀ ଭାଟି ଘର ନିର୍ମାଣ କରି ଦେଇଥିବାରୁ ଘରର ଭଡ଼ା ଅନେକ ଭଡ଼ା ଦେବାକୁ ସକ୍ଷମ ଥିବା ବ୍ୟକ୍ତି ତହିଁରେ ଦୁଇ ଏକ ରାତ୍ର କଟାଇ ଦେଇ ଚାଲି ଗଲେ । ବୃଷ୍ଟି ହୋଇଥିଲେ ନିତାନ୍ତ ଗରିବ ବିନା ଅନ୍ୟ କେହି ତହିଁରେ ରହି ନ ଥାନ୍ତେ । ରେଲ ଯୋଗେ ଯାତ୍ରିଙ୍କର ସୁବିଧା ହେଲା ମାତ୍ର ଅନେକ ଲୋକର ଅର୍ଜନରେ ବାଧା ପଡ଼ିଲା ଏବଂ ସମ୍ଭବତଃ ତହିଁ ସଙ୍ଗେ ମିଉନିସିପାଲିଟି ଓ ଭଡ଼ା ଘର ଫିସ ଆୟ ଊଣା ହୋଇଅଛି । କଥିତ ହୁଅଇ ଯେ ମିଉନିସିପାଲିଟି ଏହିସବୁ ଅସ୍ଥାୟୀ ଘରରେ ରହିବା ପ୍ରତି ଯାତ୍ରୀଠାରୁ ୯ ୦୨ ଲେଖାଏଁ ଟିକସ ନେବାର ନିୟମ କରିଅଛନ୍ତି ବା କରିବେ । ତାହାହେଲେ ଗରିବ ଯାତ୍ରିଙ୍କର କଷ୍ଟ ହେବ ।

---

## ରେଲଅତ୍ୟାଚାର ।

ରେଲଯାତ୍ରୀଙ୍କ ପ୍ରତି ରେଲବେ କର୍ମଚାରୀଙ୍କର ଅନ୍ୟାୟ ବ୍ୟବହାର ବିଷୟରେ ପୂର୍ବରୁ ଖଣ୍ଡିଏ ପତ୍ର ପାଇଅଛୁଁ । ତହିଁରେ ଲେଖାଅଛି ଯେ ଗତ ଫେବୃୟାରୀ ମାସ ତା ୫ ରଖରେ ନ ୨୩ ମ୍ବର ଅପମେଲ ଟ୍ରେନରେ ସ୍ତ୍ରୀ ବାଳକ ବାଳିକା ନ ୧୦ ଜଣ ଗୋଟିଏ କୋଠରୀରେ ବସିଥିଲେ । ସାକ୍ଷିଗୋପାଳର ଷ୍ଟେସନ ମାଷ୍ଟର ପି, ଡେମିକ ଆସି ସେହି କୋଠରୀରେ କେତେଜଣ ପଶ୍ଚିମା ଯାତ୍ରିଙ୍କୁ ଭରିଦେବାକୁ ଚାହିଁବାରୁ ସେହି ସ୍ତ୍ରୀ ଓ ବାଳକଙ୍କ ରକ୍ଷା ନିମନ୍ତେ ନିକଟସ୍ଥ କୋଠରୀରେ ବସିଥିବା ନ ୨ ଜଣ ପୁରୁଷ ଆପତ୍ତି କଲେ କି ନିୟମାନୁସାରେ ନ ୧୦ ଜଣ ସେ କୋଠରୀରେ ଅଛନ୍ତି ଏବଂ ସେମାନେ ଭଦ୍ରମହିଳା ସୁତରାଂ ଅନ୍ୟଲୋକଙ୍କୁ ତହିଁରେ ବସାଇବା ଉଚିତ ନୁହେ । ଏହିକଥାରେ କଳହ ହେଲା ଏବଂ ଷ୍ଟେସନ ମାଷ୍ଟର ପୁଲିସକୁ ଡାକି ଧମକାଇଲେ । ଏଥିମଧ୍ୟରେ ଟ୍ରେନ ଛାଡ଼ିଦେବାରୁ ଷ୍ଟେସନ ମାଷ୍ଟର ଖୋର୍ଦ୍ଧା ରୋଡ଼ ଷ୍ଟେସନକୁ ତାରସମ୍ବାଦ ଦେଲେ କି ସ୍ତ୍ରୀମାନଙ୍କ ସଙ୍ଗରେ ଥିବା ଉକ୍ତ ଦୁଇଜଣ ପୁରୁଷ ତାହାଙ୍କୁ ପ୍ରହାର କରି ତାହାଙ୍କ କାର୍ଯ୍ୟରେ ବାଧା ଦେଇଥିବାରୁ ରେଲୱେ ଆଇନର ଧା ୧୦୧ ଓ ୧୨୧ ର ଅନୁସାରେ ସେମାନଙ୍କୁ ଗିରଫ କରିବା ଆବଶ୍ୟକ । ତଦନୁସାରେ ସେମାନେ ଖୋର୍ଦ୍ଧା ରୋଡ଼ ଷ୍ଟେସନଠାରେ ଧୃତ ହୋଇ ଜାମିନ ଦେଇ କଟକରେ ସ୍ତ୍ରୀମାନଙ୍କୁ ଛାଡ଼ି ପୁଣି ଫଉଜଦାରୀ ଅଦାଲତରେ ହାଜର ହେଲେ । ଡେପୁଟି ମାଜିଷ୍ଟ୍ରେଟ ବାବୁ କୁଞ୍ଜବିହାରୀ ଭଟ୍ଟାଚାର୍ଯ୍ୟଙ୍କ ମିସଲରେ ମୋକଦ୍ଦମାର ବିଚାର ହେଲା । ୭।୮ ଥର ରେଲରେ କଟକରୁ ପୁରୀକୁ ଯାଇ ହାଜର ହେଲା ଉତ୍ତାରୁ ମୁଦେଇ ଇନସ୍ପେକ୍ଟରମାନେ ଏହିଜଣ ଆସାମୀ ଉପରେ କିଛି ଅପରାଧ ନ ଘଟିବାରୁ ସେ ଖଲାସ ପାଇଲେ ଓ ଅନ୍ୟ ଆସାମୀ ଅନ୍ତ ୨।୩ ଥର ଦୌଡ଼ି ସଫାଇ ସାକ୍ଷୀ ଦେଇ ଖଲାସ ପାଇଲା । ବଡ଼ ଦୁଃଖର ବିଷୟ ଯେ ପତ୍ରପ୍ରେରକ ଏ ସମ୍ବନ୍ଧରେ ଅନେକ କଥା ଲେଖିଅଛନ୍ତି ମାତ୍ର ହାକିମଙ୍କ ରାୟ ନ ଦେଖିବାରୁ ସେ ସମ୍ବନ୍ଧରେ ଆମ୍ଭେମାନେ କିଛି କହିପାରୁ ନାହୁଁ । ଯେବେ ମୋକଦ୍ଦମା ମିଥ୍ୟା ଥିଲା ତେବେ ହାକିମ ମୁଦେଇଠାରୁ ମୁଦାଲାଙ୍କୁ କ୍ଷତିପୂରଣ ନ ଦିଆଇଲେ ତାହିଁ କି ଓ ମୁଦାଲାମାନେ ଏତେ କ୍ଷତିଗ୍ରସ୍ତ ହୋଇ ଅନ୍ୟ ପ୍ରତିକାର ନ ଖୋଜିବାର ହେତୁ କଣ ଜଣା ନାହିଁ । ରେଲବେ ମାନେଜରଙ୍କର ସ୍ପଷ୍ଟ ଆଦେଶ ଅଛି ଯେ କୌଣସି ରେଲକର୍ମଚାରୀ ଯାତ୍ରୀପ୍ରତି କିଛି ଅନ୍ୟାୟ ବ୍ୟବହାର କଲେ ଅବିଳମ୍ବେ ତହିଁର ସମ୍ବାଦ ଟ୍ରାଫିକ ମାନେଜର ବା ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଦେଲେ ତହିଁର ଯଥୋଚିତ ଅନୁସନ୍ଧାନ କରାଯାଇ ଦୋଷ ସାବ୍ୟସ୍ତ ହେଲେ ଦଣ୍ଡ ଦିଆଯିବ । ଲୋକେ ହେଲା ତଉ ନୀରବ ରହିଲେ କେହି ପଚାରନ୍ତି ନାହିଁ ଏବଂ ଦୁଷ୍ଟଲୋକମାନେ ଅତ୍ୟାଚାର କରିବାକୁ ଅଧିକ ଉତ୍ସାହିତ ହେବେ ।

---

## କଟକ ସରଭେସ୍କୁଲ ।

ଗତ ଜାନୁଆରୀମାସରେ ଶିବପୁର ଇଞ୍ଜିନୀୟରିଂ କଲେଜର ଅଧ୍ୟକ୍ଷ ଶ୍ରୀଯୁକ୍ତ ଯେ, ଏସ୍, ସ୍ଲେଟର ସାହେବ କଟକସ୍ଥ ସରଭେସ୍କୁଲ ପରିଦର୍ଶନ କରିଥିଲେ । ତାହାଙ୍କମନ୍ତବ୍ୟରୁ ପ୍ରକାଶ ଯେ ଏହି ବିଦ୍ୟାଳୟରେ ସେ ସମୟରେ ପଢ଼ୁଥିବା ନ ୮୫ ଜଣ ଛାତ୍ରମଧ୍ୟରେ ନ ୩୧ ଜଣ ଓଡ଼ିଆ ନ ୭ ଜଣ ସମ୍ବଲପୁରୀ, ନ ୩ ଜଣ ମାନ୍ଦ୍ରାଜୀ ଏବଂ ନ ୪୯ ଜଣ ବଙ୍ଗାଳୀ ଥିଲେ । ସେହି ନ ୮୫ ଜଣ ଛାତ୍ରମଧ୍ୟରୁ ନ ୭ ଜଣ ଏସ୍ତ୍ରାଲସ, ନ ୧୧ ଜଣ ମିଡ଼ଲଇଂଲିସ, ଏବଂ ନ ୪୨ ଜଣ ମିଡ଼ଲ ଭର୍ଣ୍ଣାକ୍ୟୁଲର ପାସ କରିଥିଲେ ଏବଂ ଅବଶିଷ୍ଟ ନ ୨୫ ଜଣ ହାଇସ୍କୁଲର ୧ମ ୨ୟ ଓ ୩ୟ ଶ୍ରେଣୀର ଛାତ୍ର ଥିଲେ । ଯେଉଁ ନ ୪ଜଣ ଏସ୍ତ୍ରାନସ, ପାସ କରିଥିଲେ ସେମାନେ ସମସ୍ତେ ବଙ୍ଗାଳୀ । ଏଥିରୁ ଦେଖାଯାଏ ଯେ ଅଧିକାଂଶ ଛାତ୍ର ଇଂରାଜୀ ଜାଣନ୍ତି ନାହିଁ ସୁତରାଂ ଦେଶୀୟଭାଷାରେ ଶିକ୍ଷା ଦିଆଯାଏ ଏବଂ କାର୍ଯ୍ୟତଃ ଏ ବିଦ୍ୟାଳୟକୁ ଅମିନ ଓ ସରଭେୟର ପ୍ରସ୍ତୁତ କରିବାର ଭର୍ଣ୍ଣାକ୍ୟୁଲର ସରଭେସ୍କୁଲ କୁହାଯିବ । ଅମିନ ଓ ସରଭେୟରର ଯୋଗ୍ୟ ହେବା କାରଣ ଯେଉଁ ବିଷୟର ଶିକ୍ଷା ପ୍ରୟୋଜନ ସେ ସମସ୍ତ ବିଷୟ ଶିକ୍ଷା ଦେବାର ଯଥେଷ୍ଟ ବ୍ୟବସ୍ଥା ଏହି ସ୍କୁଲରେ ହୋଇଅଛି । ତହିଁରୁ ଅଧିକ ବିଷୟ ଇଞ୍ଜିନିୟରୀ ଶିକ୍ଷା ଯାହା କି ନେଟାଲ ଏଲାକାର କାର୍ଯ୍ୟର ଯୋଗ୍ୟତା ନିମନ୍ତେ ଏ ବିଦ୍ୟାଳୟରେ ଦିଆଯାଏ ତାହା ଅସମ୍ପୂର୍ଣ୍ଣ ଏବଂ ସମ୍ଭବତଃ ସେହି କାରଣରୁ ଏହି ସ୍କୁଲର ଯେଉଁ ଛାତ୍ରମାନେ ସବ ଓଭରସିୟରର କାର୍ଯ୍ୟ ପାଇଥିଲେ ପୂର୍ତ୍ତ ବିଭାଗର କର୍ମଚାରୀମାନେ ସେମାନଙ୍କ

Split by PDF Splitter



ଉପରେ ସନ୍ତୁଷ୍ଟ ହୋଇପାରିବେ ନାହିଁ । ପ୍ରକୃତରେ ବଙ୍ଗଦେଶର ଟେକ୍‌ନିକାଲ ସ୍କୁଲମାନଙ୍କର ପାଠ୍ୟ ପ୍ରଣାଳୀ ଏଠାରେ ପ୍ରଚଳିତ ନ ହେଲେ ଅନ୍ତତଃ ଓଭରସିଅରି କାର୍ଯ୍ୟ କରିବା ଯୋଗ୍ୟ ସବ ଓଭରସୀୟର ଶିକ୍ଷା ହୋଇପାରିବ ନାହିଁ । ଓଡ଼ିଶାରୁ ବାର୍ଷିକ ନ ୭୦ ଣ ମାତ୍ର ଏଣ୍ଟ୍ରାନ୍ସ ପାସ କରୁଥିବା ସ୍ଥଳେ ସବ ଓଭରସୀୟର ସ୍କୁଲ ମଧ୍ୟ ଖୋଲିବା କଥା ସନ୍ଦେହଜନକ । ତଥାପି ଥରେ ଚେଷ୍ଟା କରିବା ଉଚିତ ଏବଂ ଯେବେ ସେ ପର୍ଯ୍ୟନ୍ତ ଶିକ୍ଷା ଦେବାର ବନ୍ଦୋବସ୍ତ ହେବ ତେବେ ନୂତନ ଶାସ୍ତ୍ର ପ୍ରଣାଳୀ ଅନୁସାରେ ସରକାରୀ ସ୍କୁଲର ଡି ଫୋର୍ଷ ଏଠାରେ ଜାରୀ ହୋଇପାରିବ । ଏହି ଉପରେ ଏ ସ୍କୁଲର ଶିକ୍ଷା ପଦ୍ଧତି ଚଳାଇବାର ପ୍ରାଥମିକ ଖରଚ ସ୍ଥାନୀୟ ଲୋକମାନେ ଯୋଗାଇବେ । ବଙ୍ଗଦେଶର ଯେଉଁ ସ୍ଥାନରେ ଟେକ୍‌ନିକାଲ ( ବ୍ୟବସାୟ ଶିକ୍ଷାର ) ସ୍କୁଲ ଅଛି ସର୍ବତ୍ର ପ୍ରାଥମିକ ଖରଚ ଲୋକେ ଯୋଗାଇଅଛନ୍ତି । ଯେବେ ଓଡ଼ିଶା ବ୍ୟବସାୟ ଶିକ୍ଷାର ମହତ୍ତ୍ୱ ଏପର୍ଯ୍ୟନ୍ତ ଭଲରୂପେ ବୁଝି ନାହିଁ ତେବେ ତାହାକୁ ତାହା ବୁଝାଇବା ଚେଷ୍ଟାରେ ପ୍ରାଦେଶିକ ପାଣ୍ଠିର ଟଙ୍କା ନଷ୍ଟ କରିବା କିଛି ଫଳ ନାହିଁ । ଅଲ୍ପ ଚଳିବାର ଖରଚ ମଧ୍ୟ ଅଧିକ ହେବ ନାହିଁ । ବଢ଼େଇ ଓ କମାରଶାଳ ନିର୍ମାଣ ଏବଂ ଯନ୍ତ୍ରାଦି ସାଜସଜ୍ଜ ନିମନ୍ତେ ପ୍ରାୟ ଦଶହଜାର ଟଙ୍କା ଦରକାର ଏବଂ ବର୍ତ୍ତମାନ ସ୍କୁଲର ବ୍ୟୟ ଯେତେ ଅଛି ତହିଁ ଉପରେ ବାର୍ଷିକ ଦୁଇହଜାର ଟଙ୍କାରୁ ଅଧିକ ବ୍ୟୟ ପଡ଼ିବ ନାହିଁ । ଏହି ନୂତନ ନିୟମରେ ସ୍କୁଲଟି ଗଠିତ ହେଲେ ତହିଁରେ ତିନୋଟି ବିଭାଗ ରହିବ ଯଥା—( ୧ ) ଓଭରସିଅର ବିଭାଗ ( ୨ ) ଆର୍ଟିଜାନ ବିଭାଗ ଏବଂ ( ୩ ) ଜାରଗର ବିଭାଗ । ବ ୩ ର୍ଷଠାରୁ ବ ୫ ର୍ଷ ମଧ୍ୟରେ ଏହି ସ୍କୁଲର ଉପଯୋଗିତା ବିଲକ୍ଷଣରୂପେ ଜଣାପଡ଼ିବ ଏବଂ ଯେବେ ଏହା କାର୍ଯ୍ୟ ତତ୍ପରରୂପେ ଚାଲିବ ଏବଂ ଉଚ୍ଚ ଶ୍ରେଣୀର ଛାତ୍ରମାନେ ଆକୃଷ୍ଟ ହେବେ ତେବେ ଆଶା କରାଯାଏ ଯେ ଏ ପ୍ରଦେଶର ପ୍ରଧାନ ବ୍ୟକ୍ତିମାନେ ଏ ବିଦ୍ୟାଳୟରେ ଦିଆଯାଉଥିବା ଶିକ୍ଷାର ମୂଲ୍ୟ ହୃଦୟଙ୍ଗମ କରିବେ ଏବଂ ତେତେବେଳେ ଏହି ବିଦ୍ୟାଳୟକୁ ଇଞ୍ଜିନିୟରିଂ ସ୍କୁଲର ସମତୁଲ୍ୟ ପ୍ରସାର କରିବା ପ୍ରସଙ୍ଗ ବିଚାର କରିବାର ସମୟ ଉପସ୍ଥିତ ହେବ ।

ଉପରଲିଖିତ ମନ୍ତବ୍ୟ ବର୍ତ୍ତମାନ ସର୍ବସାଧାରଣଙ୍କୁ ଜଣାଇବାର ଅଭିପ୍ରାୟ ଏହିକି ବ୍ୟବସାୟ ଶିକ୍ଷା ଅର୍ଥାତ ଟେକ୍‌ନିକାଲ ସ୍କୁଲ ସ୍ଥାପନର ବିଷୟ ଅଛି ଜାଣି ଗୁରୁଅଟେ ଲାଗିଅଛୁଁ ଏବଂ ଏହା ଦେଶର ଦରିଦ୍ରତା ଲାଘବ କରିବାର ଗୋଟିଏ ପ୍ରଧାନ ଉପାୟ ବୋଲି ଅନେକ ଲୋକ ବିବେଚନା କରୁଅଛନ୍ତି । ସରକାର ମଧ୍ୟ ସେ ବିଷୟରେ ନିର୍ଲିପ୍ତ ନାହାନ୍ତି । ଓଡ଼ିଶାର ଲୋକମାନେ ଯେବେ ଦଶହଜାର ଟଙ୍କା ଚେନ୍ଦା କରି ଦେଇ ପାରିବେ ତେବେ ଏଠା [illegible] ସ୍କୁଲଟି ପ୍ରକୃତ ଟେକ୍‌ନିକାଲ ସ୍କୁଲରେ ପରିଣତ ହୋଇପାରିବ । ବଙ୍ଗଳାର ଦୃଷ୍ଟାନ୍ତ ଦେଇ ଷ୍ଟେଟସାହେବ ଲୋକ ସାହାଯ୍ୟ ପ୍ରାର୍ଥନା କରନ୍ତି । ମାତ୍ର ଆମ୍ଭେମାନେ ଅନୁମାନ କରୁଁ ନ ତହିଁରୁ କମ ଗୁଣ ଟଙ୍କାର ସଙ୍ଗତି ହେଲେ ଓଡ଼ିଶାର ଅବସ୍ଥା ଦୃଷ୍ଟିରେ ବଙ୍ଗଳାଠାରୁ କିଛି ଉଣା ବିଚାର କରାଯାଇନ୍ତି । ଚେଷ୍ଟା କଲେ ଯେ ୫୦ ହଜାର ଟଙ୍କା ଓଡ଼ିଶାରେ ସଂଗ୍ରହ ହୋଇ ନ ପାରିବ ଏମନ୍ତ ନୁହେ । ସର୍ବସାଧାରଣଙ୍କୁ ଏ ବିଷୟ ଉତ୍ତମରୂପେ ବିବେଚନା କରିବା କାରଣ ଅନୁରୋଧ କରୁଅଛୁଁ । ପ୍ରାୟ ୨୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଏଠାରେ ସର୍ଭେସ୍କୁଲ ସ୍ଥାପିତ ହୋଇଅଛି ଏବଂ ଏଥିମଧ୍ୟରେ ଶିକ୍ଷିତ ଲୋକଙ୍କର ଅବସ୍ଥା ଅନେକ ଭଲ ହୋଇଅଛି । ଯେବେ ସେମାନଙ୍କ ଉଦ୍ୟମରେ ଗୋଟିଏ ବିଦ୍ୟାଳୟର ଉନ୍ନତି ହୋଇ ନ ପାରିବ ତେବେ ବଡ଼ ଲଜ୍ଜାର ବିଷୟ ନୁହେ କି ?

---

### ଗୋଟିଏ ଈର୍ଷାପୂର୍ଣ୍ଣ ଅପବାଦ ରଟନା ।

ଗତ ତା ୧୭ ରଖ ସନ୍ଧ୍ୟାରେ ପୁରୀଠାରେ ନ ୪ ଣ ଦେଶୀୟ ଭଦ୍ର ମହିଳା ସଙ୍ଗ ହୋଇ ବଗିରେ ଭ୍ରମଣ କରୁଥିଲେ । ସେମାନଙ୍କ ମଧ୍ୟରେ ନ ୨ ଣ ହିନ୍ଦୁ ଧର୍ମାବଲମ୍ବୀ ଥିବାରୁ ଶ୍ରୀଜଗନ୍ନାଥଙ୍କ ଦର୍ଶନର ଅଭିଳାଷ କଲେ । ଅନ୍ୟ ଦୁଇ ଜଣ ମଧ୍ୟରୁ ଏକ ଜଣ ବ୍ରାହ୍ମ ଧର୍ମାବଲମ୍ବୀ ଏବଂ ଅନ୍ୟ ଜଣ ଖ୍ରୀଷ୍ଟିୟାନ ଥିଲେ । ହିନ୍ଦୁଧର୍ମାବଲମ୍ବିନୀମାନେ ପୁରୀରେ ନୂତନ ନୁହନ୍ତି ଏବଂ ସମୟରେ ମନ୍ଦିରକୁ ଯିବା ଆସିବା କରିବାହେତୁ ପଣ୍ଡା ଓ ସେବକାଦି ତାହାଙ୍କୁ ଭଲ ଚିହ୍ନନ୍ତି । ଖ୍ରୀଷ୍ଟିୟାନ ମହିଳାଟି ମଧ୍ୟ ପୁରୀରେ ଅପରିଚିତ ନୁହନ୍ତି । ମନ୍ଦିର ସନ୍ନିକଟ ହେବାରେ ପଣ୍ଡା ଆସି ଇତରକୁ ଆହ୍ୱାନ କଲା ଓ ଖ୍ରୀଷ୍ଟିୟାନ ଯୁବତୀ ଦ୍ୱିଧା କରନ୍ତେ କିଛି ଚିନ୍ତା ନାହିଁ ବୋଲି କହି ନ ୪ ଣଙ୍କୁ ମନ୍ଦିର ମଧ୍ୟକୁ ନେଇ ଦର୍ଶନ କରାଇଲା । ସେ ଦିନ ନେତ୍ରୋତ୍ସବ ହେତୁ ଯାତ୍ରୀର ଯଥେଷ୍ଟ ଭିଡ଼ ଥିଲା । ଲେଉଟି ଆସିବା ବେଳେ ଭିଡ଼ ମଧ୍ୟରେ କେହି ସ୍ଥାନୀୟ ବୈଷ୍ଣବ ଖ୍ରୀଷ୍ଟିୟାନ ଯୁବତୀଙ୍କୁ ଚିହ୍ନିପାରି ପଣ୍ଡା ଉପରେ ବିରକ୍ତ ହୋଇ ଏକ ଗୁପ୍ତ ପ୍ରଚାର କଲା । ତେଣିକରେ ପଣ୍ଡା ଓ ସେ ସଙ୍ଗେ ନେଇଥିବା ଯାତ୍ରୀଙ୍କର ଭ୍ରମ ଭାଙ୍ଗି ଗଲା ଏବଂ ସେମାନେ ଲଜ୍ଜା ଓ ଦୁଃଖରେ ତତ୍କାଳ ମନ୍ଦିରରୁ ବାହାର ଆସି ସ୍ୱ ସ୍ୱ ଗୃହକୁ ପ୍ରସ୍ଥାନ କଲେ ।

ଘଟଣା ଏତିକି । ଏଥିରୁ ସେହି ଦିନ ପୁରୀରୁ କଲିକତାର ସମ୍ବାଦପତ୍ରମାନଙ୍କ ନିକଟକୁ ନିମ୍ନଲିଖିତ ମର୍ମରେ ତାରସମ୍ବାଦ ଗଲା ଏବଂ ତା ୧୮ ରଖର ବେଙ୍ଗଲି ନାମକ ପ୍ରସିଦ୍ଧ ଦୈନିକ ଇଂରାଜୀ ସମ୍ବାଦପତ୍ରଦ୍ୱାରା ସର୍ବତ୍ର ପ୍ରଚାରିତ ହେଲା । ଯଥା— " ଅହିନ୍ଦୁମାନଙ୍କର ପୁରୀ ମନ୍ଦିର ଭିତରକୁ ଯିବାର ନିଷେଧ ଥିବା ପ୍ରତ୍ୟକ୍ଷେ ପୁରୀର ବଡ଼ଡାକ୍ତରଙ୍କର ସ୍ତ୍ରୀ ଶ୍ରୀମତୀ ସେନ ଏବଂ ତେବେ ଜଣ ଖ୍ରୀଷ୍ଟିୟାନ ମହିଳା ମନ୍ଦିର ମଧ୍ୟକୁ ଯାଇ ହିନ୍ଦୁମାନଙ୍କ ପୂଜା ଅସୁବିଧା ପ୍ରତିରୂପ କରିବାରୁ ହିନ୍ଦୁସମାଜ ଭୟ ଓ ବ୍ୟାକୁଳତାରେ ବିଚଳିତ ହୋଇଅଛନ୍ତି । ସେହି ଖ୍ରୀଷ୍ଟିୟାନ ମହିଳାମାନେ ହିନ୍ଦୁମାନଙ୍କ ଅଦ୍ଭୁତ କୌତୁକ ଦେଖିବା ନିମନ୍ତେ ଛଦ୍ମବେଶରେ ମଧ୍ୟ ମନ୍ଦିରକୁ ଯାଇଥିଲେ ଏବଂ ଲୋକେ ଏତେ ଉତ୍ତେଜିତ ହୋଇଥିଲେ ଯେ ତତ୍‌କ୍ଷଣାତ ପୁଲିସ ହସ୍ତକ୍ଷେପ କରି ନ ଥିଲେ ଶାନ୍ତିଭଙ୍ଗ ହୋଇଥାନ୍ତା । ବିଧର୍ମୀମାନେ ବଳେ ପଶି ହିନ୍ଦୁମାନଙ୍କ ନିଜର ନିର୍ଦ୍ଦୋଷ ଧର୍ମ ସାଧନରେ ବାଧା ଦେବାର ଦେଖି ହିନ୍ଦୁମାନେ ବଡ଼ କାତର ଅଛନ୍ତି ।"

ଅମ୍ଭମାନଙ୍କର ବର୍ଣ୍ଣିତ ଘଟଣା ଯେ ପ୍ରକୃତ ତାହା ଅମ୍ଭେମାନେ ବିଶେଷ ଅନୁସନ୍ଧାନଦ୍ୱାରା ବୁଝିଅଛୁଁ ଏବଂ ବିଶ୍ୱସ୍ତସୂତ୍ରେ ଅବଗତ ହୋଇଅଛୁଁ । ଯେ ସ୍ୱୟଂ ପୁରୀର ମାଜିଷ୍ଟ୍ରେଟ ଘଟଣାର ଅଳ୍ପ କ୍ଷଣ ପରେ ରଥଯାତ୍ରାର କାର୍ଯ୍ୟୋପଲକ୍ଷରେ ମନ୍ଦିର ନିକଟକୁ ଯାଇ ଶାନ୍ତିଭଙ୍ଗର ଉପକ୍ରମ ବା ସାଧାରଣ ଉତ୍ତେଜନାର କୌଣସି ନିଦର୍ଶନ ପାଇ ନ ଥିଲେ । ସେପରି କିଛି ହୋଇଥିଲେ ଅମ୍ଭମାନଙ୍କ ପୁରୀ ସମ୍ବାଦଦାତା ଗତ ସପ୍ତାହରେ ରଥଯାତ୍ରାର ଓ ଅନ୍ୟାନ୍ୟ ସମ୍ବାଦ ମଧ୍ୟରେ ଏ ବିଷୟ ତେମନ୍ତ ସ୍ୱରୂପତ ହୋଇଥିଲେ ଲେଖିଥାନ୍ତେ । ଏ ନଗରରୁ ଯେଉଁମାନେ ପୁରୀକୁ ରଥ ଦେଖିବାକୁ ଯାଇଥିଲେ ସେମାନେ ଭୟ ଓ ନିରକ୍ତ ସହିତ ତାହା ସ୍ୱୀକାର କରୁଥାନ୍ତି । କେବଳ ଜଣେ ଭଦ୍ର ଖ୍ରୀଷ୍ଟିୟାନ ମହିଳା ମନ୍ଦିରରେ ପ୍ରବେଶ କରି ଧରା ପଡ଼ିବା ନିତାନ୍ତ ଅବିବେଚନାର କାର୍ଯ୍ୟ ବୋଲି ପ୍ରକାଶ କରୁଥିଲେ । ସେହି ଖ୍ରୀଷ୍ଟିୟାନ ଯୁବତୀର ପିତା ଏ କଥା ଶୁଣି ପୁରୀକୁ ଯାଇ ରାଜାଙ୍କ ନିକଟକୁ ଦୁଃଖ ଓ କ୍ଷମା ସୂଚକ ପତ୍ର ଲେଖିବାରେ ସେହା ଉଚିତ ହେଲେ ନ ସେ ଅନୁସନ୍ଧାନ କରି ବୁଝିଅଛନ୍ତି ଯେ ପଣ୍ଡାର ଦୋଷରୁ ଏପରି ଘଟିଅଛି ଏବଂ ସେ ତାହାର

Digitized by srujanika@gmail.com

ଜୁଚିତ ଶାସ୍ତି ଦେବେ । ଏଥିରୁ ସ୍ପଷ୍ଟ ଜଣା ଯାଉ-ଅଛି ଯେ ଭାରତସମ୍ବାଦ ଲିଖିଅଛନ୍ତି କେତେ-ଜଣ ଖ୍ରୀଷ୍ଟିୟାନ ରମଣୀ ଛଦ୍ମବେଶରେ ମନ୍ଦିର ମଧ୍ୟକୁ ପ୍ରବେଶ କରି ହିନ୍ଦୁମାନଙ୍କ ଧର୍ମାଗ୍ରହ ନାଶ କରିବା ଓ ସେହି ହେତୁ ଶାନ୍ତି ଭଙ୍ଗର ଉପକ୍ରମ ହେବା ଓ ପୁଲିସଦ୍ୱାରା ତାହା ନିବାରିତ ହେବା କଥାମାନ ସମ୍ପୂର୍ଣ୍ଣ ମିଥ୍ୟା ଅଟେ । ତ ୪ ଜଣ ମହିଳା ମଧ୍ୟରେ ଏହା ଜାଣି ନାହାନ୍ତି ବା ଯିଏଲ ସଇଜନଙ୍କ ସ୍ତ୍ରୀର ନାମ ଉଲ୍ଲେଖ କରି ତାହାଙ୍କୁ ଖ୍ରୀଷ୍ଟିୟାନଧର୍ମାବଲମ୍ବୀ ଲେଖିବା ଏବଂ ସେ ଓ ତାହାଙ୍କ ସଙ୍ଗିନୀ-ମାନେ ହବା ସ ୧୦।୧୧ ଶ୍ରା ବେଳେ ଦାଣ୍ଡକୁ ବାହାରିବାର ସାଧାରଣ ପୋଷାକ ପିନ୍ଧି ଯାଇ-ଥିବା ସତ୍ତ୍ୱେ ଛଦ୍ମବେଶ ଧାରଣ କରିଥିବା ଲେଖିବା ବଦ୍, ମହିଳାମାନେ ବହୁ ଲୋକ ସାମାନରେ ଛଦ୍ମପାଦ କରିବା କଥାମାନ ନିତାନ୍ତ ଦୁର୍ଗନ୍ଧି ଅପବାଦ ଦେବା ବିନା ଆଉ କ'ଣ କୁହାଯାଇ ପାରେ ? ଭାରତସମ୍ବାଦ ଲେଖକ ଇଂରାଜୀ ପଢ଼ି ଜଣେ ଶିକ୍ଷିତ ଲୋକ ହୋଇ ଅଛନ୍ତି ମାତ୍ର ବଡ଼ ଦୁଃଖର ବିଷୟ ସେ ଅବଧି ଭଦ୍ର ସ୍ତ୍ରୀର ମର୍ଯ୍ୟାଦା ବୁଝି ନାହାନ୍ତି । କାର୍ଯ୍ୟଟି ଅନ୍ୟାୟ ହୋଇଅଛି ସନ୍ଦେହ ନାହିଁ ମାତ୍ର କେଉଁ ଲୋକ ସମାଜରେ ଏମନ୍ତ ଅଛି ଯେ ଭ୍ରମରେ ସୁଦ୍ଧା ସେ କେବେ ଅନ୍ୟାୟ କରେ ନାହିଁ ? ସେ-ମାନଙ୍କ ଅଭିଭାବକଙ୍କୁ ଏଥି ଥିବା ସ୍ତ୍ରୀଙ୍କୁ ଜଣାଇଥିଲେ ଯଥେଷ୍ଟ ହୋଇଥାନ୍ତା । ଲୁଣ୍ଠାପୂର୍ଣ୍ଣ ସମ୍ବାଦ ଲେଖିବାଦ୍ୱାରା କେଉଁ ଉପକାର ସାଧିତ ହେଲା ? ପଣ୍ଡାଙ୍କର ଲୋଭ ବା ଅସାବଧାନତା-ଯୋଗୁ ପ୍ରତିଦିନ କେତେ ଲୋକ ମନ୍ଦିର ମଧ୍ୟକୁ ଯାଉଅଛନ୍ତି ସେ ଯାହାଙ୍କର ମନ୍ଦିର ମଧ୍ୟକୁ ଯିବାର ନିଷେଧ ଅଛି । ଉଦାର ଧର୍ମଶ୍ରଦ୍ଧାପରାୟଣ ହିନ୍ଦୁମାନେ ମନ୍ଦିର ମଧ୍ୟରେ ସ୍ୱୀୟ ଧର୍ମ ସାଧନରେ ବାହି ଅନ୍ୟ କଥା ପ୍ରତି ଦୃଷ୍ଟି ପକାନ୍ତି ନାହିଁ ନତୁବା ଅବୈଧ କାର୍ଯ୍ୟ ଦେଖିଲେ ନିଶ୍ଚୟ ପ୍ରତିବାଦ କରି ଦେଇ ନ ଥାନ୍ତେ । କେବଳ ଛିଦ୍ରାନ୍ୱେଷୀ ନିନ୍ଦକମାନେ ନିଜ ସ୍ୱଭାବ ଦୋଷରେ ଭଲକୁ ଖରାପ ଗଢ଼ି ଜନ-ସାଧାରଣଙ୍କର ମନ ବିଗାଡ଼ିବାର ଚେଷ୍ଟା କରନ୍ତି ଏବଂ ଲୋକଙ୍କୁ ପ୍ରଶ୍ରୟ ଦେବା ସମ୍ବାଦପତ୍ରର ସମ୍ପାଦକ ମାନଙ୍କର ଉଚିତ ନୁହେ ।

## ସାପ୍ତାହିକ ସମ୍ବାଦ ।

### କଲିକତା-ଗେଜେଟ ।

କଟକର ପ୍ଲେଗ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀଯୁକ୍ତ ଏଚ, ଏମ, ଗୁଡ଼ଲଙ୍କେ ଛୁଟିକାଳ ସମାପ୍ତେ ପ୍ଲେଗ ଡେପୁଟି ପ୍ରଭୃତିର ସ୍ଥାନ ପାଇଲେ ।

ଜଗନ୍ନାଥ ପ୍ଲେଗ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀଯୁକ୍ତ ଭଗବାନ, ଓମ୍ବର, ସଇଦହେନ୍ ପ୍ଲେଗ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ହେଲେ ।

ଷ୍ଟେସନ ପୂର୍ବର ଅତିରିକ୍ତ ସୁପରିଣ୍ଟେଣ୍ଡେଣ୍ଟ ସିଇ, ଏସ, ଏସ ମାଜିଷ୍ଟ୍ରେଟଙ୍କ ଅଧୀନ ଅପେକ୍ଷା ପର୍ଯ୍ୟନ୍ତ ପାଟଣାର କାର୍ଯ୍ୟ, କଟ ପୂର୍ବର ଭାର ପାଇଲେ । ସେହିପରି ମାଜିଷ୍ଟ୍ରେଟ ପ୍ରଭୃତିଙ୍କର ମାଲେଷ୍ଟରକୁ ବଦଳି ହେବାର ଅଧୀନ ରହିତ ହେଲ ଏବଂ ମହିଳା ଜନିତ ହୋମିଓପାଥ ବାହାଦୁରଙ୍କର ଡାକ୍ତରଙ୍କୁ ବଦଳ ହେବାର ଆଦେଶ ମଧ୍ୟ ରହିତ ହେଲା ।

ଗତ ଷାଣ୍ମାସିକ ପରୀକ୍ଷାରେ ନିମ୍ନଲିଖିତ ମହାଶୟମାନେ ପଦଶିକ୍ଷା ବିଷୟରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ଯଥା—ବାବୁ ଅଭୟପ୍ରସାଦ ଦାସ ବଙ୍ଗଳା ଓ ଶ୍ରୀଯୁକ୍ତ ଏ, ବାର୍ଣ୍ଣ ଷ୍ଟୋନ ଓଡ଼ିଆରେ ।

ନିମ୍ନଲିଖିତ ମହାଶୟମାନେ ଅଂଶିକ ପାସ କରିଅଛନ୍ତି ଯଥା—ଶ୍ରୀଯୁକ୍ତ ଭବନାଇ, ଏମ, ମିଲର ଅଟନ, ଓଡ଼ିଆ ଏବଂ ଏବାଭିଷରେ ଏବଂ ବାବୁ ଯୋଗେନ୍ଦ୍ରନାରାୟଣ ମିତ୍ର ଅଙ୍କ ଏବଂ ଓଡ଼ିଆରେ । ପ୍ରଥମ ଲିଖିତ ବ୍ୟକ୍ତିଙ୍କ ହଜୋ-ଗ୍ରାମ, ଏବଂ ୨ୟ ବ୍ୟକ୍ତିର ଅଙ୍କ ଓ ଏବାଭିଷ ପାସ କରିବାର ବାକି ରହିଲା ।

---

ଏ ନଗରରେ କେବଳ ଗତ ଶନିବାର ରାତ୍ରରେ ଏକ-ଅଶ୍ରା ସାଧାରଣ ବୃଷ୍ଟି ହୋଇଥିଲା । ତହିଁରୁ ଗ୍ରୀଷ୍ମ ପ୍ରଚଣ୍ଡ ମେଘ ଉଦୟ ହୋଇ ଉଡ଼ିଯାଇଥିବାରୁ ବୃଷ୍ଟି ନାହିଁ ମାତ୍ର ଶୀତଳ ବାୟୁ ବହୁଥିଲା ଯାହାହେତୁ ଗତ ବାର ଅପରାହ୍ନରେ ଏକଅଶ୍ରା ଉତ୍ତମ ବୃଷ୍ଟି ହେବାରୁ କର୍ଦ୍ଦମାକ ଗରମ ହେଉଥିଲା ଜଣାଗଲା ।

ଏଠାର ଜଣେ ଡେପୁଟି କଲେକ୍ଟର ବାବୁ ଅନୁକୂଳଙ୍କ ବହୁଦିନ ପିତା ବଙ୍ଗଳାରୁ ଅଧି ପୁତ୍ର ଦର୍ଶନ କରି ଏ ନଗର-କୁ ଆସିଥିଲେ ଗତ ବୁଧବାର ଏଠାରେ ତାହାଙ୍କର ମୃତ୍ୟୁ ହେଲା ବଡ଼ ଦୁଃଖର ବିଷୟ ଅଟେ ।

ବାବୁ ବଳରାମ ଦାସ ଡେପୁଟି କଲେକ୍ଟରଙ୍କ ବଙ୍ଗଳାରେ ଅଭାବ ହୋଇଥିବା ହୁଗ୍ଲୀର କେବା ଅଭିଯୋଗର ଅନୁସନ୍ଧାନ ଏଠାର ଡେପୁଟି ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ଦେବେନ୍ଦ୍ରନାଥ ବାନାର୍ଜିଙ୍କ କୋର୍ଟରେ ଜ ୧୦ ଶ ଗୁହାର ସୋପାନରେ ଉପରୁ ସାହେବ ମହୋଦୟ ଏହି ପ୍ରାୟ ଉପରେ ଭାରବାରୁ ଦିବାରୁ ଉଚିତ ଅଟେ ।

ଗତ ତା ୧୭ ଗଣ୍ଡରେ ଦକ୍ଷିଣରୁ ଏକଦଲ ଫୌଜ ମଠ ଅଭିବାର ଶୋଭାରେ ଦେଖାଯାଇଥିଲା । ଫୌଜ ସବୁ ଉଦ୍ଧାରଙ୍କର କେତେକ ଚଢ଼ାଇପଡ଼ ବଡ଼ ଥିଲେ । ଭଦ୍ରକ-ଠାରୁ ପିପିଲି ଓ କେନ୍ଦ୍ରାପଡ଼ାକୁ ଏହି ଫୌଜଦଳ ଗଲେ ଓ ଏଥି ଚଢ଼ିଯାଇଥିବାର ଶୁଣିଲୁ ତୁଅନ୍ତି ।

ଗତ ତା ୨୧ ଗଣ୍ଡରେ ନନ୍ଦକିଶୋରଙ୍କ ଠାରେ ୬ ଜଣ ଯୋଦ୍ଧା ଏବଂ ଅଶ୍ୱାରୋହୀ ହାଜିର ହେଲେ । ସେଠାରୁ ଜଣେ ପଡ଼ିଥିବାରୁ ଜ ୫ ଜଣ ଚଳାଇଗଲେ ଏବଂ ଏକ ଜଣ ତହିଁ ପଡ଼ି ତାଙ୍କୁ ନ ଚଳାଇ ମରିଗଲା ।

ବଙ୍ଗଳାଜିଲା ଶିବନାଥପୁରର ଅଶ୍ୱ ଚୋରିକର ନାମକ ଜଣେ ବ୍ୟକ୍ତି ଅପଣା ପୁରୋହିତ ନାମ ଜାଲ କରିଥିବା ଅପରାଧରେ ଆଲିପୁର ଡେପୁଟି ମାଜିଷ୍ଟ୍ରେଟଙ୍କ ଅଦାଲତରୁ ଏକବର୍ଷ ଶ୍ରମଯୁକ୍ତ କାରାଦଣ୍ଡ ପାଇଅଛି ପ୍ରତିବାଦି ପ୍ରକୃତିର ଭାରଂବାର ଅପମାନ କରିଥିବା ହେତୁ ଆସାମୀ ତାହାର ନାମ ଜାଲ କରିଥିଲା ।

ଏଥର ବ, ଏ, ପରୀକ୍ଷାରେ ଜ୫, ଏମ୍, ଏ, ପରୀକ୍ଷାରେ ଜ ୪ ଏବଂ ଏଣ୍ଟ୍ରାନ୍ସ ପରୀକ୍ଷାରେ ୬୧୪ ଜଣ ଜଣେ ମହିଳା ପାସ କରିଅଛନ୍ତି ।

ଜାଜପୁର ଅଞ୍ଚଳରେ ଗତପୂର୍ବ ବୁଧବାର ରାତ୍ର ଦି ପ୍ରହର ସମୟରେ ପ୍ରବଳ ବୃଷ୍ଟି ଓ ବଜ୍ରାଘାତ ହେବାରୁ ଲୋକଙ୍କ ବହୁତ କ୍ଷତି ହୋଇ ଯାଇଅଛି । ଏହି ଝଡ଼ରେ ବହୁସଂଖ୍ୟକ ବୃକ୍ଷ ଉତ୍ପାଟିତ ଏବଂ ଗୃହ ଭୂମିଶାୟୀ ହୋଇଅଛି ।

କେଷ୍ଟାର କେ ନୂତନ ପଦ୍ଧତିରେ ଯେ ସବୁ ଲୋକ ବଞ୍ଚି ଥିବେ, ଗବର୍ଣ୍ଣମେଣ୍ଟ ସେମାନଙ୍କ ହାତଗଣତି ଜମିକୁ ପ୍ରତି ଜଣକୁ ୫ ॥ ଟା ହିସାବରେ ମଞ୍ଜୁର କରିଅଛନ୍ତି । ଏହି ଟଙ୍କାରେ ସେମାନେ ଭଲମତ ଗୋଟିଏ ଦୁଇ ଘରକରି ପାରିବେ । ସ୍ଥୋର କମିଶନର ଏବଂ ଗବର୍ଣ୍ଣମେଣ୍ଟଙ୍କର ଏପରି ସହାନୁଭୂତି ପ୍ରଶଂସନୀୟ ଅଟେ ।

ଗତ ପୂର୍ବସପ୍ତାହରେ ସମସ୍ତ ଭାରତବର୍ଷ ମଧ୍ୟରେ ଜ ୨୧୩ ପ୍ଲେଗ ରୋଗର ମୃତ୍ୟୁମୁଖରେ ପତିତ ହୋଇଅଛନ୍ତି । ତା-ହାର ପୂର୍ବସପ୍ତାହର ମୃତ୍ୟୁ ସଂଖ୍ୟା ଜ୧୬୪୮ ଣ ଥିଲା । ସର୍ବାପେକ୍ଷା ବଙ୍ଗଦେଶରେ ବର୍ତ୍ତମାନ ପ୍ଲେଗର ଜଣା ହୋଇଅଛି । ଉକ୍ତ ସପ୍ତାହରେ ବଙ୍ଗରେ ଜ ୪୦ ଣରୁ ଅଧିକ ଲୋକ ହୋଇ ନାହିଁ ମାତ୍ର ତହିଁ ପୂର୍ବ ସପ୍ତାହରେ ଜ ୧୮୧ ଣ ମରିଥିଲେ ।

ଢାକାର ଟିକାର ସହରରେ ଗୋଟିଏ ଗଣ୍ଡ ବଢ଼ ଅଛନ୍ତି ତାହାର ଓଜନ ୩୪ ତୁ. ଗୁଡ଼ । ତାହାକୁ ନେବାର ସମୟରେ ବୟସ ୬୯ ବର୍ଷ ହୋଇଥିଲା । ବର୍ତ୍ତମାନ ତ ୭୧ ବର୍ଷ ହୋଇଅଛି ।

ସୁଙ୍ଗରଭି ନାମକ ଏକ ଯାତ୍ରୀରେ ଏକ ଜଣ ଦେଶୀ ଖଦେଷ୍ଟା ସର୍ପ ଗର୍ତ୍ତରେ ମାସ ପଡ଼ିଗଲା । ଉକ୍ତ ଦେଶୀ ଖଲ ଷ୍ଟେସନ ରେଲଓଏର ଏକଜଣ କର୍ମଚାରୀ ଗୋଟିଏ ଅଡେଣ୍ଟ ବାବୁଙ୍କ ପୁତ୍ର ଷ୍ଟେସନର ନିକଟରେ ଅଚ୍ଛନ୍ନ ହୋଇ ପଡ଼ିଥିଲା । ସେଠାରେ ତାହାର ପ୍ରାଣବାୟୁ ବାହାରି ଯାଇଥିଲା । ସର୍ପ ଗର୍ମୀ ଏ ମୃତ୍ୟୁର କାରଣ ।

୪ ମହାରାଣୀ ଭିକ୍ଟୋରିଆଙ୍କ ଭଣ୍ଡାରରେ ୫୦ ହଜାର ବେ ଉଲ ମଦ ମହଜୁଦ ଥିଲା । ନିଲାମଦ୍ୱାରା ତାହା ବିକ୍ରୟ ହେବ । ଅନେକ ଖରିଦଦାର ହେବେ ।

ପୋଲାଣ୍ଡରେ ଏକ କେମିଷ୍ଟ ବୋତଲରେ ସୂର୍ଯ୍ୟକିରଣ ପୂରାଇ ରଖିବାର କୌଶଳ ଆବିଷ୍କାର କରୁଅଛନ୍ତି । ମ.ବିଜ୍ଞ ସୁକ୍ତ ସ୍ୱର୍ଣ୍ଣର ଓଜନ ଜଗତରେ ତାହାର ପରୀକ୍ଷା ହେଉଅଛି ।

ଅଯୋଧ୍ୟାର ଲୁଧପୁର ନବାବଙ୍କ ବେଗମ ଏକ ମୁକଦ୍ଦମା ନବାବଙ୍କ ତାହାଙ୍କ ସମ୍ପତ୍ତିର ଅଂଶ ବଲଦ୍ଦାକୁ ଦେଖାଇ ଅନ୍ୟ ଏକ ସେବକୁ ଦଖଲ କରି ଦେବାରୁ ଅଭିଯୋଗ କରୁଥିଲା ନବାବ ବେଗମ ଓ ଅନ୍ୟ ସେବକ ନାମରେ ସେହି ମୋକଦ୍ଦମା ଜଗତ ହୋଇଥିଲା ତହିଁରେ ସରକାରୀ ଆଦାଲତ ମୁକ୍ତିଲାଭ କରିବାର ସମ୍ମାନ ମିଳଇ । ବର୍ତ୍ତମାନ ଶୁଣାଯାଏ ଉକ୍ତ ବେଗମ ଅଯୋଧ୍ୟାର ନବାବଙ୍କ ବେଗମ ନୁହନ୍ତି ।

ପଞ୍ଜାବ ସ୍ୱେଚ୍ଛାଦଳର ଜଣେ ସିପାହୀ ପାଗଳ ହୋଇ ଖଣ୍ଡାଦ୍ୱାରା ଜ ୩ ଣ ଦେବଙ୍କୁ ହାଣି ପକାଇବାର ଖବର ହେଲା । ଗ୍ରାମବାସୀମାନେ ହତ୍ୟାକାଣ୍ଡ ଦେଖି ଅସ୍ତ୍ରାସ୍ତ୍ର ଧରି ତାକୁ ଧରି ବାନ୍ଧି ପୁଲିସ ହାତରେ ଦେଇଅଛନ୍ତି । ଆସାମୀ ପାଗଳାଗାରଦ ଜେଲରେ ବିଚାର କରାଯାଉଅଛି ।

କୋରିଆଠାରେ ଦେଶୀୟମାନଙ୍କ ଖ୍ରୀଷ୍ଟିୟାନଙ୍କ ହତ୍ୟା କରୁଥିବାରୁ ସେଠା ଲୋକେ ମୁକ୍ତଦେଶୀୟ ବା ୫୦୦ ଣ ଖ୍ରୀଷ୍ଟି-ୟାନଙ୍କୁ ମାରିଗଲାଇଥିବାର ସମ୍ବାଦ ମିଳଇ ।—ବ ସାପ୍ତାହିକ ।

ବ୍ରିଟିସର ସମ୍ରାଟଙ୍କର ଗୋଟିଏ କନ୍ୟା ଜାତ ହୋଇଅଛି ।

ପ୍ରୁସିଆ ରାଜ୍ୟ ରାଜଧାନୀରେ ଏଠାରେ ଅନୁଭବ ଭଲ ସୁସମ୍ବାଦ ପ୍ରକୃତ ବର୍ଣ୍ଣ କରିଥିଲେ ସେ ବର୍ତ୍ତମାନ ହାବଡ଼ାଠାରେ ପରିଦ୍ରେଦିଙ୍କ କରୁଥିଲେ ଏବଂ ସେଠ

Digitized by srujanika@gmail.com

Split by PDF Splitter



ସବଡେପୁଟି ମେଜେଷ୍ଟ୍ରର ଫେସ୍ତର ସାହେବ ତାଙ୍କ ସହିତ ଏକ କୋଠିରେ ବାସ କରୁଥିଲେ । ଅନନ୍ତରେ ସ୍ନାନ ଭଲଯେ ଏକ ହୋଟେଲରେ ମଦ୍ୟ ପାନ କରି ଅନେକ ରାତ୍ରରେ ଫେରି ଆସିଲେ । ଫେସ୍ତର ସାହେବ ଅବକାଶ ଅଧିକ ରାତ୍ରରେ ମଦ ଖେଳରେ ଫେରି ଅସିବାରୁ ଲେଷ୍ଟ ସାହେବଙ୍କ ପତ୍ନୀ ତାଙ୍କ ଗାଳି ଦେଲେ । ଅନନ୍ତର କହେସ ଷଁକା ସମୟରେ ସେହି ସରେ ଫେସ୍ତରସାହେବ ଲେଷ୍ଟସା-ହେବଙ୍କ ସ୍ତ୍ରୀଙ୍କୁ ଘାତେ ଅପଣା ପ୍ରତି ଗୁଳ ଚାଳିଲେ । ସରେ ଭୂମିକାର୍ଣ୍ଣ ଉପସ୍ଥିତ ହୁଅନ୍ତେ ସମସ୍ତେ ସେଠାକୁ ଦୌଡ଼ିଗଲେ । ପୁଲିସ ଇନ୍‌ସ୍ପେକ୍ଟର ମଧ୍ୟ ଅସି ଲେଷ୍ଟସା-ହେବଙ୍କ ଦେଖୁଥିବା ବେଳେ ଫେସ୍ତରସାହେବ ତଠାରୁ ଛଠିଆଇ ଅପଣା ବେକରେ ଛୁରି ଚଳାଇ ଅତ୍ମହତ୍ୟା କଲେ । ଲେଷ୍ଟସାହେବଙ୍କ ହସପତାଲକୁ ନିଅଗଲା ମାତ୍ର ସେ ଦୁଇଦିନର ଭିତରୁ ମରିଗଲେ । ଏ ଶୋଚନୀୟ ବ୍ୟାପାର ଏହାର ମୂଳ କାରଣ ଅଦ୍ୟ ପ୍ରକାଶିତ ହୋଇ ନାହିଁ ।

କୋଲାର ସୁବର୍ଣ୍ଣ ଖଣିରୁ ବର୍ତ୍ତମାନ ପର୍ଯ୍ୟନ୍ତ ୫୧୭,୪୮-୯୭୪ ର ସୁବର୍ଣ୍ଣ ପଠାଯାଇଥିବାର ସମ୍ବାଦ ମିଳଇ ।

## ଯାଜପୁର ସମ୍ବାଦ ।

ଯାଜପୁର ଥାନାର ହେଡ୍ କନେଷ୍ଟବଲ ସମବସ୍ତାର ବିଦ୍ଦ ଓ ଚୌକିଦାର ସାଳଦାନ୍ଦ ଦେହେସ୍ ପୁଲିସ ପ୍ରସ୍ତୁତ ଘାଟିରେ ଚହ୍ଲାନ ଲଉଥିବାର ମିଥ୍ୟା ଅଭିଯୋଗରେ ୫ ୪ ଇଜରେ ଚାଲାଣ ଦେବାର ଭୟ ଦେଖାଇ ସାଲମ-ପୁରର ଅପର୍ଣ୍ଣ ସମଲଠାରୁ ୫ ୦ । ଟଙ୍କା ନେଇଥିବାରୁ ଅପର୍ତ୍ତି ସାମଲର ନାଲସମତେ ସବଡିଭିଜନ ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ନହି ସାହେବ ଉକ୍ତ ଦରଖାସ୍ତକୁ ତଦାରଖ କରିବା ନିମନ୍ତେ ପୁଲିସ ଇନ ବାବୁଙ୍କଠାରୁ ପଠାଇ ଦେଲେ ଏବ ଇନସ୍ପେକ୍ଟର ବାବୁ ତଦନ୍ତ କରି ନାଲିସ ସମ୍ପୂର୍ଣ୍ଣ ମିଥ୍ୟା ଥିବାର ରିପୋର୍ଟ ଦେଲେ । ମାତ୍ର ସାହେବଙ୍କର ସନ୍ଦେହ ହେବାରୁ ସେ ସ୍ୱୟଂ ମକଦ୍ଦମା ବିଚାର କରି ଭିଲସ୍ତପକ୍ଷରୁ ପ୍ରମାଣ ନେଇ ଅସାମୀ ହେଡ଼କନେଷ୍ଟବଲ ଓ ଚୌକିଦାର ପ୍ରତ୍ୟେକଙ୍କୁ ଅଠମାସ ହିସାବ କାରାଦଣ୍ଡର ଅଦେଶ କରି-ଅଛନ୍ତି ଅସାମୀମାନେ ମାଜିଷ୍ଟ୍ରେଟର ଡିଷ୍ଟ୍ରିକ ଜଜ ସାହେବଙ୍କ ହଜୁରରେ ଅପିଲ କରି ଅପିଲ ନିଷ୍ପତ୍ତି ପର୍ଯ୍ୟନ୍ତ ପ୍ରତ୍ୟେକେ ୫ ୨୫୦୧ ଙ୍କା ନୁହଁ ଜାମିନରେ ମୁକ୍ତ ହୋଇଅଛନ୍ତି ।

ଗ୍ରାମ୍ୟ ଦନ ସପ୍ତାହ ଗତ ହେଲା ଜଳ ବର୍ଷା ହୋଇ ନାହିଁ ଜଳ ବିନା ଗୃହିମାନଙ୍କର ହାହାକାର ପଡ଼ୁଅଛି । ଯେଉଁ ସମସ୍ତ ଧାନ ବୁଣା ହୋଇଥିଲା ତାହା ସବୁ ଜଳା-ଭାବରୁ ହୋଇ ଶୁଖିଯାଇ ହୋଇ ଯାଉଅଛି ।

ବୃଷ୍ଟି ଅଭାବରୁ ଧାନ ଗଛର ବଡ଼ କ୍ଷତି ହୋଇଯାଉ-ଅଛି ଏବ ମହାଜନମାନେ ଧାନ ଦେଇ ଦେବାର ବନ୍ଦ କରିଅଛନ୍ତି । ଦେଶୀୟ ଗରିବ ପ୍ରଜାଙ୍କର କଷ୍ଟର ସୀମା ନାହିଁ ।

ଗତ ମଙ୍ଗଳବାର ତା ୧୮ ରିଖ ରବିବାର ରାତ୍ରି ୨। ୩ ଘଣ୍ଟାଠାରୁ ୧୨ଟା ପର୍ଯ୍ୟନ୍ତ ଅସ୍ତଧ୍ୟ ଝିଟିକାପାତ ହେଉର କରରୁ ଦକ୍ଷିଣ ଦିଗକୁ ପ୍ରାୟ ୪।୫ ମାଇଲ ଲମ୍ବା ଓ ଦୁଇ-ମାଇଲ ପର୍ଯ୍ୟନ୍ତ ଅବାଧ ଅଛନ୍ତି ଜଳ ଯାଉଥିଲେ ତହିଁ ଅନନ୍ତର ତା ୧୭ ରିଖ ଦିବା ଘ ୧୦ ଟା ସମୟରେ ତହିଁ ନିଧାରୁ ଅନୁସନ୍ଧାନ ଚଳାଇ ରକ୍ତର ଟୁକୁଡ଼ାକୁ ଫେରି ଯାଇଥିଲେ ସେମାନେ ସେଉଁ ୨ ସ୍ଥାନରେ ବର୍ଷି ଯାଉଥିଲେ ସେ ସ୍ଥାନର ଗଛର ପତ୍ର ଓ ଭୂମିର ଘାସ ଓ ଶାକ୍ୟ ସେ ହର ଜଳ ଥାନଙ୍କ ଶୀଘ୍ର ସେଥି କରିଥିଲେ ।

ଶାଳପୁର ଥାନା ହୋତାରେ ୩ଟା ସବରେଜେଷ୍ଟ୍ରାର ବାବୁ ଉଚ୍ଚନ୍ନ କରି ନ ଥିବା ଶେଷ ଶତ ସମ୍ବାଦ ଲଭଲ-ଭିତ୍ତିରେ ଯେଉଁ ପ୍ରକାଶ ହୋଇଅଛି ତାହା ଭିତ୍ତିମୂଳକ ନୁହେଁ ଅଲୁ ଅଛି କିଛି ନୁହେଁ ।

## ସୁଷ୍ମ-ସମ୍ବାଦ ।

ଜାଞ୍ଜିର ଷ୍ଟିଲ ଉଲେକ୍‌ଟର ମି: ହ୍ୟାମନେଃ ସାହେବ ୫ ୧୧୬୭୯ ଅତ୍ମସାତ କରିଥିବା ଅପରାଧରେ ଅଭିଯୁକ୍ତ ହୋଇ ଗତମାସ ତା ୨୪ ରିଖରେ ଡେଃ ମାଜିଷ୍ଟ୍ରେଟ ବାବୁ ହରେକୃଷ୍ଣମାର ଘୋଷଙ୍କ ବିଚାରରେ ଦଣ୍ଡବିଧି ଅଇ-ନର ଧ ୪୦୮ ଧା ଅନୁସାରେ ମା ୬ସ କାରାଦଣ୍ଡ ଭୋଗର ଅଦେଶ ପ୍ରାପ୍ତ ହୋଇଅଛନ୍ତି ଏବ ଉକ୍ତ ସାହେବଙ୍କ ସେହି ଡାଞ୍ଚରେ ରେଲର୍ଓଷ୍ଟେ ଅଇନର ଧ ୧୧୨ ଧା ଅନୁସାରେ ୫ ୧୦୦ ଜରିମାନା ହୋଇଅଛି ।

ଗତ ରବିବାର ରାତ୍ରିରେ ଗୋଟିଏ ବୃଦ୍ଧବେଶୀ ବୋଝବାଳ ସାହସ୍ତିତ ଗୃହରେ ଉଚ୍ଚ ଅତ୍ମହତ୍ୟା କରିଅଛି ।

ଗତ ତା ୧୮ ରିଖରେ ଓଡ଼ିଶାର କମିଶନ ସାହେବ ମହୋଦୟ ପୁରୀକୁ ଅଗମନ କରି ଶା ୨୨ ରିଖରେ ଅତ୍ରତ୍ୟ ଜିଲା ସ୍କୁଲ ଓ ସଂସ୍କୃତ ସ୍କୁଲ ପରିଦର୍ଶନ କରିଥିଲେ । ଏହି ହେତୁରୁ ଅଶା କରୁଁ ସାହେବ ମହୋଦୟ ଶେଷୋକ୍ତ ବିଦ୍ୟାଳୟର ଉନ୍ନତି ଏବ ଗରିବ ଛାତ୍ରମାନଙ୍କର ନିମିତ୍ତ ବୃତ୍ତି ଶୀଘ୍ର ପ୍ରାପ୍ତିର ବନ୍ଦୋବସ୍ତ କରିବେ । ବୃତ୍ତି ପ୍ରାପ୍ତିରେ ଅନେକ ଉପକାର ହେବାର ଶୁଣାଯାଏ ।

ଗତ ତା ୨୪ ରିଖରେ ଜଣେକ ଲୋକ ନରେନ୍ଦ୍ର ପୁଷ୍କରିଣୀରେ ସନ୍ତରଣ କରୁଁ କ୍ଲାନ୍ତ ହୋଇ ଜଳମଗ୍ନରେ ପ୍ରାଣତ୍ୟାଗ କରିଅଛି ।

ଗତ ସପ୍ତାହରେ କେତେକ ଦିବସ ମେଘୁଆ ପାଗ ହୋଇଥିବାରୁ ଗ୍ରୀଷ୍ମର ପ୍ରାବଲ୍ୟ କିଞ୍ଚିତ କମ ଅଛି ।

## ପତ୍ରପ୍ରେରକଙ୍କ ପ୍ରତି ।

**ଶ୍ରୀ ଗୋବନ୍ଦ ତ୍ରିପାଠୀ—ଝଙ୍କଡ଼ ଶାରଦ ଠାକୁରାଣୀଙ୍କ ମନ୍ଦିର ସମ୍ମୁଖରେ ବାଲେଶ୍ୱର ଜିଲ୍ଲାର ଜ ୨।୧ ଣ ବ୍ରାହ୍ମଣ ଗୋଟିଏ ୮।୧୦ କଣର ଘର ପ୍ରସ୍ତୁତ କରି ପ୍ରତି ବର୍ଷରେ କେତେଗୁଡିଏ ମୂର୍ତ୍ତି ଯଥା ରାମ, ଲକ୍ଷ୍ମଣ, ସୀତା, କଳିଯୁଗ ବେଶ୍ୟା ଇତ୍ୟାଦି ବସାଇବାରୁ ଯାତ୍ରି-ମାନେ ଠାକୁରାଣୀ ଦର୍ଶନ ଅପେକ୍ଷା ସେସବୁ ଦେଖିବାରେ ଅଧିକ ମାତିଅଛନ୍ତି ଏବ ତହିଁରେ ଠାକୁରାଣୀଙ୍କର ଅୟ ଊଣା ହେଉଅଛି । ଅତ-ଏବ ଭବିଷ୍ୟତକୁ ଏପରି କରିବାକୁ ନ ଦେବା କାରଣ ମନ୍ଦିରର ପରିଚାଳକମାନଙ୍କୁ ସେ ଅନୁ-ରୋଧ କରୁଅଛନ୍ତି । ଲୋକେ ଯେବେ ତମା-ଷାରେ ବାନ୍ଧି ହେବେ ତେବେ ତମାସା ଦେଖା-ଇବାବାଲା ଦେବାରୁ କିଛି ଛଡ଼ାଇ ତମାଷା ଦେଖାଇଲେ ସେହି ଫଳ ହେବ । ମନ୍ଦିର ପରି-ଚାଳକମାନେ ଅନୁମତି ନ ଦେବାଠାରୁ ତମାଷା-ବାଲାଙ୍କ ସଙ୍ଗେ ଭାଗ ବସାଇଲେ ଠାକୁରାଣୀଙ୍କର ଉକ୍ତ କ୍ଷତି ପୂରଣ ହୋଇପାରେ ।—ସମ୍ପାଦକ**

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ଶ୍ରୀ ବାବୁ ବୃନ୍ଦାବନ ମିଶ୍ର | କୌଡ଼ା | ୫ ୩ ( |
| „ ସଙ୍ଗାଧର ଦାସ ବ୍ରହ୍ମଚାରିବେଣ୍ଡଗାଡ଼ି | ଭୁଗ୍ରି | ୫ ୧ ( |
| „ ସୁଦର୍ଶନ ଦାସ ସଃ ଇଃ ଉଲେକ୍‌ଟର | „ | ୫ ୧୮ ( |
| „ ଭଗବତଚରଣ ସେନ | „ | ୫ ୨ ( |
| „ ସ୍ୱର୍ଣ୍ଣଶ୍ୟାମ ଦାସ ମୁଣ୍ଡାର | ଢ:ଢ | ୫ ୧ ( |
| ଶ୍ରୀ ବାବୁ ଦାମୋଦରଦାସ ବଂଶୀ ଯାଜପୁର | | ୫ ୧ ( |
| „ ରଘୁନାଥପଣ୍ଡା କୁଆଙ୍ଗ କୁଞ୍ଜ ଗାଲି | | ୫ ୩ ( |
| „ ରାମ ଚରଣ ମିଶ୍ର ଖଣ୍ଡଲ କଟକ | | ୫ ୧ ( |
| ମହାରଜା । ବ । କେଉଁଝର | | ୫ ୭ ( |
| ରଜା । । ବ । କଣିପଡ଼ା | | ୫ ୩। ( |
| ଶ୍ରୀ ବାବୁ ଲକ୍ଷ୍ମଣଦାସ ଉଡ଼ଲକେଟା ଥଃ ଏଃ | ଦୁ ମରୁମା | ୫ ୧୩ |
| „ ମାଳଗୋବନ୍ଦ ମହାନ୍ତି ଭଦ୍ରାଗପୁର | କରଦଡ଼ା | ୫ ୩ ( |
| ପଚଳସାକ୍ଷ୍ମ କବସ୍ତିକାର କଟକ | | ୫ ୩ ( |
| „ ଗୋଲୋକଚନ୍ଦ୍ର ବୋଷ ଜମିଦାର କଟକ | | ୫ ୩ ( |

# ବିଜ୍ଞାପନ ।

କଟକ ଟ୍ରେନିଂସ୍କୁଲର ଇଂରେଜୀ ଶିକ୍ଷକ ଶ୍ରେଣୀରେ କେତେଗୁଡିଏ ଓ ପଣ୍ଡିତଶ୍ରେଣୀରେ କେତେଗୋଟି ବୃତ୍ତି ଖାଲିଅଛି । ପ୍ରାର୍ଥୀମାନେ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ଉପସ୍ଥିତ ହୋଇ ଅବେଦନ କରିବେ ।

କଟକ ଟ୍ରେନିଂସ୍କୁଲ } Madhusadan Rao.
୨୫-୬-୧୯୦୧ } ହେଡମାଷ୍ଟର ଟ୍ରେନିଂସ୍କୁଲ କଟକ

## ବିଜ୍ଞାପନ ।

ସର୍ବସାଧାରଣଙ୍କୁ ଜଣାଉ ଅଛୁଁ କି ସତ୍ୟଧର୍ମ ନାମକ ଉପାସନା ପୁସ୍ତକ ( ବଙ୍ଗଳା ଛାପା )ଅମ୍ଭ ନିକଟରେ ବିନା ମୂଲ୍ୟରେ ବିତରଣ ହେଉଅଛି । ଯେଉଁମାନେ ଏ ପୁସ୍ତକ ନେବାକୁ ଇଚ୍ଛା କରନ୍ତି ସେମାନେ ମଙ୍ଗଳାବାଗସ୍ଥ ଅନାଦିଧର୍ମ-ପୁସ୍ତକାଳୟ ଠାରେ ତତ୍ତ୍ୱ କଲେ ପାଇ ପାରିବେ ଇତି ।

ଶ୍ରୀ ଗଙ୍ଗାଧର ବ୍ରହ୍ମ ଅବଧୂତ ମହାରାଜ

## WANTED

A Head master for the Samantarapur Middle English School at a salary of Rs. 16 per mensem. Only those who have passed the Entrance Examination are to apply, and preference will be shown to those having experience in teachership. Applications with copies of testimonials will be sent to the undersigned within the 10th proximo.

General Hospital } Binode Lal Basu
Cuttack } *Secretary.*
1—6—1901. }

Digitized by srujanika@gmail.com

Split by PDF Splitter



## ବିଜ୍ଞାପନ ।

ଅତି ସୁଲଭ ! ଅତି ସୁଲଭ !

"ମୟୂରଭଞ୍ଜ ଷ୍ଟେଟ ପୁଲିସ ଇନ୍‌ସ୍‌ପେକ୍ଟର ଶ୍ରୀଯୁକ୍ତ ଜେ, ଇ, ହଗିନ୍ସ ସାହେବଙ୍କଠାରେ ଗୋଟିଏ ନୂତନ ଉତ୍କୃଷ୍ଟ ଫଟଗ୍ରାଫ୍ ଉଠିବାର (Camra) ଯନ୍ତ୍ର ସବୁ ଚିତ୍ରର ସମୁଦାୟ ଉପକରଣ ସହିତ ଅତି ସୁଲଭ ମୂଲ୍ୟରେ ବିକ୍ରୟ ସକାଶେ ପ୍ରସ୍ତୁତ ଅଛି । କ୍ରେତାଗଣ ତାହାଙ୍କ ଠାରୁ ଲେଖିଲେ ତାଲିକା ମୂଲ୍ୟ ଇତ୍ୟାଦି ଜଣାଇ ଦିଆଯିବ" ।

*Sd.* J. E. HUGGINS
*Inspector of Police,*
*Mourbhunj.*

## ବିଜ୍ଞାପନ ।

## ସ୍ନାୟୁର ଅବ୍ୟର୍ଥ ମହୌଷଧ ।

ମୂଲ୍ୟ ପ୍ରତିଡବା ଟଂ ।୵ ଛଅଣା ମାସୁଲ ଏକଡବାଠାରୁ ଛ ଡବା ପର୍ଯ୍ୟନ୍ତ ଟଂ। ଗୁରୁଅଣା ମାତ୍ର । ସବଂପ୍ରକାର ବଦ୍ଧୁ ରୋଗର ଏହାପର ଉତ୍କୃଷ୍ଟ ପୁଣି ଜ୍ୱାଳା ଯନ୍ତ୍ରଣା ନିବାରକ ଅଶୁ ଫଳଦାୟକ ଔଷଧ ଏପର୍ଯ୍ୟନ୍ତ ଦ୍ୱିତୀୟ ଦେଖା ଯାଇ ନାହିଁ । ଶତ ଶତ ବ୍ୟକ୍ତି ଏହି ଔଷଧର ଗୁଣ ବର୍ଣ୍ଣନା କରି ମୁକ୍ତକଣ୍ଠରେ ପ୍ରଶଂସା କରିଅଛନ୍ତି ।

ଔଷଧ ଗ୍ରହଣାର୍ଥି ମାନଙ୍କେ ସ୍ପଷ୍ଟରୂପେ ସ୍ୱ ସ୍ୱ ନାମ ଧାମ ଡାକଘର ଜିଲ୍ଲା ଏବଂ କାହାକୁ କେତେ ଡବା ଔଷଧ ଆବଶ୍ୟକ ନ ଲେଖିଲେ ଔଷଧ ପଠାଇବାର ନାନା ବିଘ୍ନ ଉପସ୍ଥିତ ହୁଏ

ପ୍ରାପ୍ତିସ୍ଥାନ ।

ଶ୍ରୀ ରାମଚାରଣ ସେନ
ଦେଶ ଉତ୍କଳ ପ୍ରେସ, ବାଲେଶ୍ୱର

## ବିଜ୍ଞାପନ ।

## ମଧୁପର ଉପହାର ।

"ଉତ୍କଳ ମଧୁପ" ମାସିକ ପତ୍ରିକାର ବାର୍ଷିକ ମୂଲ୍ୟ ଏଗାର ଅଣା ପଠାଇ ଗ୍ରାହକ ହେଲେ ୪୭ ପୃଷ୍ଠାରେ ସମାପ୍ତ

## ଭିକ୍ଟୋରିଆ ଚରିତ

ଉପହାର ଦିଆଯିବ । ଭିଃ ପିଃ ରେ ଉପହାର ପଠା ଯାଇ ମୂଲ୍ୟ ଆଦାୟ କରା ଯାଇପାରେ । ଏ ସୁବିଧା ଅତ୍ୟଳ୍ପ ଦିବସ ସକାଶେ ।

ଜୈବଗଡ଼ ପୋଃ, } ସମ୍ପାଦକ
ସମ୍ବଲପୁର } "ଉତ୍କଳ ମଧୁପ"

## ବିଶେଷ ସମ୍ବାଦ ।

କୌଣସି ବ୍ୟକ୍ତିର ମୂଳ ଉପଲକ୍ଷେ ଅନ୍ୟ କୌଣସି ବ୍ୟକ୍ତି ଅତି ସହଜରେ ନିରାପଦରେ ଓ ସାମାନ୍ୟ ବ୍ୟୟରେ ଅପେକ୍ଷାକୃତ ଅଧିକ ଟଙ୍କା ଲାଭ କରି ପାରନ୍ତି । ଏହି କାର୍ଯ୍ୟ ଓ ବୀମାପ୍ରଣାଳୀ ବିସ୍ତୃତ ଜାଣନ୍ତେ ଇଂରାଜୀ ଜାଣିବା ଲୋକ ଆବଶ୍ୟକ । ଯେଉଁମାନେ ଏହି କାର୍ଯ୍ୟ ପ୍ରାର୍ଥୀ ହେବାକୁ ଇଚ୍ଛାନ୍ତି ସେମାନେ "କଲିକତା ୧୧-୩ ନମ୍ବର ହାରିସନ ରୋଡ଼ ମ୍ୟାନେଜର ବି, ପି ଆଇ" ଠିକଣାରେ ଏହି ପତ୍ରିକାର ନାମ ଉଲ୍ଲେଖ କରି ଇଂରାଜୀରେ ପତ୍ର ଲେଖିଲେ ସବିଶେଷ ଜାଣି ପାରିବେ ।

11-3 Harrison Road Calcutta.

## NEW YORK LIFE INSURANCE COMP NY.

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J. BELL
*Agent*
*Cuttack.*

## ମହାରାଣୀ ।



ପରଲୋକଗତା ମହାରାଣୀ ଭିକ୍ଟୋରିଆଙ୍କର ଜୀବନ ଚରିତ ଓଡ଼ିଆ ଭାଷାରେ ମୁଦ୍ରିତ ହୋଇ ଅଛି । ଏଥିରେ ତାଙ୍କର ଜନ୍ମ, ବାଲ୍ୟାବସ୍ଥା, ଶିକ୍ଷା, ଅଭିଷେକ, ବିବାହ, ପୁତ୍ର କନ୍ୟା ଓ ସେମାନଙ୍କର ବିଦ୍ୟା ଶିକ୍ଷା, ରାଜ୍ୟ, ଶାସନର ଫଳ ଓ ମୃତ୍ୟୁ ବର୍ଣ୍ଣିତ ହୋଇଅଛି । ଉତ୍କଳ ନୀଳ ବର୍ଣ୍ଣ ସ୍ୟାହିରେ ଛପା ଓ ଅନେକଗୁଡ଼ିଏ ଛବି ଦିଆଯାଇଥିବାରୁ ପୁସ୍ତକଖଣ୍ଡି ଅତି ସୁନ୍ଦର ହୋଇ ଅଛି । ଓଡ଼ିଆଭାଷାରେ ଅଦ୍ୟପର୍ଯ୍ୟନ୍ତ ଏପରି ପୁସ୍ତକ ଛପା ହୋଇ ନ ଥିଲା । ମୂଲ୍ୟ ପାଞ୍ଚଅଣା ମାତ୍ର । କଟକ ଦରଘାବଜାର ପ୍ରିଣ୍ଟିଂକୋମ୍ପାନୀଙ୍କ ସେକ୍ରେଟେରୀଙ୍କ ନିକଟରୁ ପତ୍ର ଲେଖିଲେ ପୁସ୍ତକ ପାଇ ପାରିବ । ଛାତ୍ରମାନେ ଦଶଖଣ୍ଡ ପୁସ୍ତକ ଏକସଙ୍ଗରେ ନେଲେ ଗୋଟିଏ ପୁସ୍ତକ ବିନା ମୂଲ୍ୟରେ ପାଇବେ ।

## ବନାରସୀ ମାଲ ।

ବନାରସ ନଗରସ୍ଥ ଆମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ବଣ୍ଟାଦାର ବନାରସୀ ମାଲ ଗୁଜରାଟ ନାନାସ୍ଥାନର ଖଣ୍ଡି ଜମିଦାରମାନଙ୍କୁ ବହୁସଂଖ୍ୟାରେ ଯେତିକି ମାଲ ଯୋଗାଇ ଆସୁଅଛୁଁ । ବାମଣ୍ଡା, କେନ୍ଦୁଝର, ଆଠମଲ୍ଲିକ, ମୟୂରଭଞ୍ଜ, ପଟନାଗଡ଼ା ପ୍ରଭୃତିର ରାଜାମାନଙ୍କ ନିକଟରେ ତତ୍ତ୍ୱ କଲେ ଆମ୍ଭର ଖାଣ୍ଟି କାରବାରର କଥା ଜଣା ପଡ଼ିବ ।

ଆମ୍ଭର ବାଣିଜ୍ୟ କୋଠିରେ ବିକ୍ରୟ ସକାଶେ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ଶାଢ଼ୀ, ଧୋତି ଯୋଡ଼ି, ଚେଲା, ଦୋପଟ୍ଟା, ବାଫ୍ତା ଉଢ଼ଣୀ, ଝୋଟପଟ୍ଟା ମହଲ, ଶିରରେ ବାନ୍ଧିବାର ଫେଟା, ରୁମାଲ, ସାଲ ଏବଂ ନାନା ପ୍ରକାର ରଜାଇ ଖଚିତ ଅଙ୍ଗରଖା ପ୍ରଭୃତି ରଙ୍ଗା ସୂତା ଭୂଷଣ ବାସନ, ତାହାର ଦାଉଦା ପ୍ରସିଦ୍ଧ ବସନ ଅନୁସାରେ ତୟାର କରୁଅଛୁଁ । ବରାଦ ଦେବାବେଳେ ଅନୁମାନିତ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ କେହି ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରୁଁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ କେଉଁ ଠିକଣାରେ କି ଉପାୟରେ (ଅର୍ଥାତ୍ ଡାକରେ କି ରେଲରେ) ପଠାଇବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରିର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ଚଳିବ ମାତ୍ର ଲଫାପାଉପରେ ଆମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ ନିରାପଦରେ ଆମ୍ଭର ହସ୍ତଗତ ହେବ

ରେଲୁପେ ଏବଲ ପାରସଲରେ ମଧ୍ୟ ମାଲ ପଠାଯାଏ ଏବଂ ପସନ୍ଦ ନ ହେଲେ ଫେରତ ନିଆଯାଏ ।

ଶ୍ରୀ ପାଲ୍ଲୁମାଲ ଗୋଲାନାଥ
ଭୁଝଗଲ ଫାଟକ ବନାରସ ସିଟି

## DANZIN

ଚିକିତ୍ସା ଜଗତର ସେହି ଉଜ୍ଜ୍ୱଳ ରତ୍ନ ! !
ଡାକ୍ତର ଜେ, ଟୀ, ମାର୍ଟିନଙ୍କର ଡ୍ୟାନ୍‌ଜିନ ! ! ।

ଅନେକଙ୍କର ବିଶ୍ୱାସ ଥିଲା ପାଷ୍ଟ ଓ ଗରମିର ବିଷ ଶରୀରରେ ପ୍ରବେଶ ହେଲେ ତାହିଁରେ

Digitized by srujanika@gmail.com

ତାହା ଦୃଷ୍ଟିଭୂତ ହୁଏ ନାହିଁ କିନ୍ତୁ ଡ୍ୟାକ୍ କିନ୍ ଷ୍ଟାର୍ପ୍ଟ ଅର୍ଦ୍ଧ ଶତାବ୍ଦି ଅତୀତ ହେଲା ଲୋକଙ୍କର ସେହି ବିଶ୍ୱାସ ଦୂର କରଅଛୁ ଆଜି ଜଗତର ଲୋକେ ଏକବାକ୍ୟରେ ସ୍ୱୀକାର କରୁଅଛନ୍ତି ଯେ, ଡ୍ୟାକ୍ କିନ୍ ସେହି ସମସ୍ତ ରୋଗର ଏକମାତ୍ର ମହୌଷଧ ।

ପାସ୍ୱର ଘା, ଗରମିର ଘା, କାଉଁର, ଭଗନ୍ଦର, ବାଘୀ, ନାଲିସା, ନାକ ଓ ମୁଖଭିତରର ଘା, ଦେହର ଚକାଚକା ଦାଗ, ଦାନ୍ତ ଓ ଗୋଡ଼ିତଳର ଚମଫାଟିବା, ହସ୍ତପଦ ଜ୍ୱାଳା, ଚକ୍ଷୁରୁ ଜଳ ପଡ଼ିବା, ମୁଣ୍ଡଧରା, ମୁଣ୍ଡବୁଲାଇବା, ମସ୍ତିଷ୍କ ଜ୍ୱାଳା କରିବା, କୁଣ୍ଡିଆ, କାଛୁ, ଇତ୍ୟାଦି ରୋଗର ମହୌଷଧ । ମେହ, ପ୍ରମେହ, ଧୂଜସହିତ ଧାତୁ ନିର୍ଗତ ହେବା, ପ୍ରସ୍ରାବ କରିବା ସମୟରେ ଜ୍ୱାଳା, ପ୍ରସ୍ରାବର ଅଗ୍ରେ ବା ପଶ୍ଚାତ୍ ସୂତାପରି ପଦାର୍ଥ ବାହାରିବା, ଲୁଗାରେ ଦାଗ ଲାଗିବା, ମୂତ୍ରକୃଚ୍ଛ୍ର, ପ୍ରସ୍ରାବର ଅଳ୍ପତା ବା ଆଧିକ୍ୟ, ରତିଶକ୍ତି ହ୍ରାନତା, ଅସ୍ୱାଭାବିକ ବୀର୍ଯ୍ୟସ୍ଖଳନ, ଏମନ୍ତ କି ଧ୍ୱଜଭଙ୍ଗ ପର୍ଯ୍ୟନ୍ତ ଆରୋଗ୍ୟ କରି ଲୋକଙ୍କର ଦୃଢ଼ବିଶ୍ୱାସ ଜନ୍ମାଇଅଛି ।

ସ୍ତ୍ରୀବ୍ୟାଧି ଯଥା;—କଷ୍ଟରଜ, ଋତୁକାଳୀନ ପେଟର ବେଦନା, ଅଳ୍ପ ବା ଅଧିକ ପରିମାଣେ ରକ୍ତସ୍ରାବ, ଅନିୟମିତ ତାଲେ ଋତୁ ହେବା ପ୍ରଭୃତି ରୋଗରେ ଡ୍ୟାକ୍ କିନ୍ ବ୍ରହ୍ମାସ୍ତ୍ର ସ୍ୱରୂପ

ଡ୍ୟାକ୍ କିନ୍ ବାତରୋଗର ଅମୋଘ ଔଷଧ । ସୁସ୍ଥ ଶରୀରରେ ଦୈନିକ ଏକ ବା ଦୁଇ ମାତ୍ରା ସେବନ କଲେ ଶରୀରରେ ନୂତନ ରକ୍ତ ଜଣିବା ଦୃଷ୍ଟିକରି ସବଳ ଓ ପୁଷ୍ଟି କରେ ।

ଡ୍ୟାକ୍ କିନ୍ ସାଲସାପରି ରୋଗକୁ ଗୁପ୍ତ ରଖେ ନାହିଁ । ଡ୍ୟାକ୍ କିନ୍ ଦ୍ୱାରା ରୋଗ ଆରୋଗ୍ୟ ହେଲେ ପୁନର୍ବାର ଆକ୍ରମଣର ଭୟ ନ ଥାଏ ।

ଡ୍ୟାକ୍ କିନ୍ ସେବନର କୌଣସି ବନ୍ଧା ନିୟମ ନାହିଁ । ସକଳ ଋତୁ ଓ ସକଳ ଅବସ୍ଥାରେ ସେବନ କରାଯାଏ । ୧ ବୋତଲ ଔଷଧ ଦି ୧୫ ଦିନ ବ୍ୟବହାର କରାଯାଏ ।

ମୂଲ୍ୟ ।

ପ୍ରତିବୋତଲର ଟ ୧୲    ୬ ବୋତଲର ଟ ୭୲
୩ „ ଟ ୪୯    ୬ „ ଟ ୧୪୯
ଡାକ୍‌ରେ ୧ଠାରୁ ୩ବୋତଲର ଟ୦।୵ ଅଣା, ୪ ଠାରୁ ୧୬ବୋତଲର ଟ୦।୵ଅଣା; ଡାକମାସୁଲ ସ୍ୱତନ୍ତ୍ର

ଏକମାତ୍ର ଏଜେଣ୍ଟ ।

ଡାକ୍ତର କେ, ଶୀ, ମାଡିକ । ସୋଲ ଏଜେଣ୍ଟ ।—
ଇଣ୍ଡିଆ, ବର୍ମା ଏବଂ ସିଲୋନ
ଏଲ, କେ, କ, ଏଣ୍ଡ କୋଂ
୬୬ନମ୍ବର ବାରାଣସୀ ଘୋଷ ଷ୍ଟ୍ରିଟ କଲିକତା




# ସୁଗନ୍ଧ ସୌଖୀନ ଦ୍ରବ୍ୟ

କଲିକତାର ପ୍ରସିଦ୍ଧ ସୁଗନ୍ଧଦ୍ରବ୍ୟ ପ୍ରସ୍ତୁତକାରୀ ଏଇଚ, ବସୁଙ୍କ କାରଖାନାରେ ପ୍ରସ୍ତୁତ ।

## କୁନ୍ତଳୀନ

ଏହି ତୈଳ କେଶ ପରିବର୍ଦ୍ଧନ କରେ । ଏହାଦ୍ୱାରା କେଶର ଶୋଭା ବୃଦ୍ଧି ହୁଏ ଏବଂ କେଶ ଛିଣ୍ଡିଯାଉଥିଲେ ତାହା ବନ୍ଦ ହୁଏ । ଏହା ଅତି ନିର୍ମଳ ଏବଂ ମନୋହର ସୁଗନ୍ଧଯୁକ୍ତ । ଏହା ଚାରିପ୍ରକାର ଏବଂ ମୂଲ୍ୟ ସୁଲଭ:—ସୁବାସିତ କୁନ୍ତଳୀନର ମୂଲ୍ୟ ଏକ ଟଙ୍କା, ପଦ୍ମଗନ୍ଧ କୁନ୍ତଳୀନର ମୂଲ୍ୟ ଦେଢ଼ ଟଙ୍କା, ଗୋଲାପଗନ୍ଧ କୁନ୍ତଳୀନର ମୂଲ୍ୟ ଦୁଇ ଟଙ୍କା, ଜୁଇଗନ୍ଧ କୁନ୍ତଳୀନର ମୂଲ୍ୟ ଦୁଇ ଟଙ୍କା ।

## ପୁଷ୍ପସାର ଅଥବା ଏସେନ୍ସ ।

ସଦ୍ୟ ପ୍ରସ୍ଫୁଟିତ ନାନାବିଧ ସୁରଭି ପୁଷ୍ପର ସାର ସଂଗ୍ରହ କରିଯାଇ ଏହି ଉତ୍କୃଷ୍ଟ ପ୍ରକାର ଏସେନ୍ସ ପ୍ରସ୍ତୁତ କରାଯାଇଅଛି । ଏଥିର ସୁବାସ ମନୋମୁଗ୍ଧକର । ନାମ—ଭୃମେଲି; ମଲ୍ଲୀ; କାମିନୀ; ରଜନୀଗନ୍ଧା; ମଲ୍ଲିକା; ବେଲଗୋସ; ହ୍ୱାଇଟ୍ ରୋଜ୍; ରସଗ ରୋଜ୍; ବେଣାଚେର; କୁମୁଦିନୀ; ମିଣ୍ଟକୁସୁମ; ହେନାକୁସୁମ; ପାରିଜାତକୁସୁମ; ଇକୋଉସ୍ୱା ବୋଲେ । ମୂଲ୍ୟ ଏକଶିଶି ଏକଟଙ୍କା ମାତ୍ର ।

## ଲ୍ୟାଭେଣ୍ଡର ।

ବସୁଙ୍କ ଲ୍ୟାଭେଣ୍ଡର ଦେଢ଼ଟଙ୍କା । ଲ୍ୟାଭେଣ୍ଡର ଓ୍ୱାଟର ବଡ଼ଶିଶି ଚଉଦଅଣା, ସାନଶିଶି ସାତଅଣା ।

## ପମେଟମ

ଗୋଲାପି ପମେଟମ ଆଠଅଣା; ସୁଗନ୍ଧ ପମେଟମ ପାଞ୍ଚଅଣା ।

## ତାମ୍ବୂଲୀନ

ପାନ ସୁବାସିତ ଓ ସୁସ୍ୱାଦ କରିବାର ଅପୂର୍ବ ସାମଗ୍ରୀ । ଗୁଣ୍ଡି ସଙ୍ଗରେ ଅଳ୍ପ ମିଶାଇ ଦେଲେ ଗୁଣ୍ଡି ମହକପଡ଼ିବ । ମୂଲ୍ୟ ପ୍ରତି ଡିବି ଆଠଅଣା

## ସରବତ ଅଥବା ସିରପ୍ ।

ଗ୍ରୀଷ୍ମକାଳ ସକାଶେ ଏହାଠାରୁ ଉତ୍କୃଷ୍ଟ ଜିନିଷ ଆଉ ନାହିଁ ।

ଲେମନ ସିରପ୍ ବାରଅଣା । ଜିଞ୍ଜର ସିରପ୍ ବାରଅଣା । ଅରେଞ୍ଜ ସିରପ୍ ବାରଅଣା । ରୋଜ ସିରପ୍ ଏକଟଙ୍କା । ରୋଜ୍‌ଉଡ ସିରପ୍ ଏକଟଙ୍କା

## ଗୋଲାପଜଳ ।

ପ୍ରତି ଶିଶି ଦେଢ଼ଟଙ୍କା ।

ପତ୍ର ଲେଖିଲେ ଡାକଦ୍ୱାରା ବା ରେଲଦ୍ୱାରା ଜିନିଷ ପଠାଯାଏ । ଭାରତବର୍ଷର ପ୍ରଧାନ ପ୍ରଧାନ ମହାରାଜା ଓ ରାଜା ଓ ବଡ଼ ବଡ଼ ରାଜକର୍ମଚାରୀମାନଙ୍କଦ୍ୱାରା ଏହି ଦ୍ରବ୍ୟମାନ ବ୍ୟବହୃତ ଏବଂ ବିଶେଷରୂପେ ପ୍ରଶଂସିତ । ପଞ୍ଜିକା ଓ ତାଲିକା ବିନା ମୂଲ୍ୟରେ ପଠାଯାଏ ।

ଠିକଣା:—

| | |
|---|---|
| ଏଇଚ ବସୁ<br>୬୨ନମ୍ବର ବହୁବଜାର ଷ୍ଟ୍ରିଟ<br>କଲିକତା | H. BOSE,<br>62 Bow Bazar<br>Street<br>Calcutta. |

କଟକରେ "ଉଦ୍ୟୋଗ ସମିତିର ଭଣ୍ଡାର"ରେ ଓ କଟକ ଟ୍ରେଡିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ଏହି ଜିନିଷ ମିଳିବ ।

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦ ⁄ |
| ଅଧସ୍ତମ୍ଭକୁ | ଟ ୬ ୧ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩ ୧ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ, ତହିଁର ଖର୍ଚ୍ଚ ଟ୦ ୲ ଠାରୁ ଊଣା ହେବ ନାହିଁ

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମ ଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ ।

ଅଧିକ ଦିନ ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ସହର କଟକ ଉତ୍କଳସାଧନାର ପ୍ରିଣ୍ଟିଂ କମ୍ପାନୀ ଲିମିଟେଡ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Split by PDF Splitter

REGISTERED No. ?. 51.

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

# UTKAL DIPIKA.


| | | |
|---|---|---|
| ଭାଗ ୩୬ ଶ<br>ସଂ ୨୭ ସଂଖ୍ୟା | CUTTACK, SATURDAY THE 6TH JULY 1901.<br>ତା ୨୩ ଶ ଆଷାଢ଼ ସନ ୧୩୦୮ ସାଲ ଶନିବାର | ଅଗ୍ରୀମ ୩୲<br>ପଶ୍ଚାଦ୍ଦେୟ ୪୲ |


ବଙ୍ଗଳାର ଲେଫ୍‌ଟେନାଣ୍ଟଗବର୍ଣ୍ଣର ମାନ୍ୟବର ସରଜନ ଉଡବରନ ବାହାଦୁର ପୂର୍ବବଙ୍ଗ ଭ୍ରମଣାର୍ଥେ ଆଜ ଅପରାହ୍ଣରେ ଦାରଜିଲିଂଠାରୁ ଯାତ୍ରା କରିବେ ଏବଂ ଏହି ମାସ ତା ୩୧ ରିଖ ଅପରାହ୍ଣରେ କଲିକତାକୁ ଲେଉଟି ଆସିବେ। ଅଧିକାଂଶ ଭ୍ରମଣ ଜଳ ପଥରେ "ରୋଠାସ" ନାମକ ସରକାରୀ ଜାହାଜରେ ହେବ।

---

ବମ୍ବେଇ ପ୍ରଦେଶରେ ଦୁର୍ଭିକ୍ଷ ସାହାଯ୍ୟ ଲୋକ୍ତି ବ୍ୟକ୍ତିଙ୍କ ସଂଖ୍ୟା କ୍ରମାଗତ ବୃଦ୍ଧି ଉପରେ ଅଛି। ଗତ ସପ୍ତାହରେ ୧୬,୧୪୦ ବୃଦ୍ଧି ହୋଇ ଥିଲା ମାତ୍ର ରାଜପୁତାନା ହାଇଦରାବାଦ ପ୍ରଭୃତି ଦେଶୀୟ ରାଜ୍ୟରେ ଊଣା ପଡିବାରୁ ନେଟ ବୃଦ୍ଧି ୧୪୪୬ ସହିତ ସାହାଯ୍ୟଦ୍ୱାରା ପ୍ରତିପାଳିତ ହେଉଥିବା ଲୋକଙ୍କର ମୋଟ ସଂଖ୍ୟା ୫,୩୧,୭୫୫ ହୋଇଥିଲା।

---

ସମ୍ବଲପୁର ହିତୈଷିଣୀରେ ଅତ୍ୟନ୍ତ ଦୁଃଖର ସହିତ ପାଠକଙ୍କୁ ଜ ସମ୍ବଲପୁର ନିବାସୀ ବାବୁ ଧରଣୀଧର ମିଶ୍ରଙ୍କର ମଧ୍ୟମପୁତ୍ର ବାବୁ ମଦନମୋହନ ମିଶ୍ର କଲିକତା ବିଶ୍ୱ ବିଦ୍ୟାଳୟର ଗତ ବ, ଏ ପରୀକ୍ଷାରେ ପାସ୍ କରି ଏମ, ଏ, ପଢ଼ିବାର ଆୟୋଜନ କରୁଥିଲେ। ଏଥିମଧ୍ୟରେ ଜ୍ୱରରୋଗରେ ପୀଡିତ ହୋଇ ପରଲୋକଗମନ କରିଅଛନ୍ତି। ଏହା କେବଳ ସମ୍ବଲପୁର ନାହିଁ ସମସ୍ତ ଓଡିଶାର ଦୁର୍ଭାଗ୍ୟ ବୋଲିବାକୁ ହେବ।

---

ବିଲାତର ତାରସମ୍ବାଦରୁ ପ୍ରକାଶ ଯେ ଆମ୍ଭମାନଙ୍କର ନୂତନ ସମ୍ରାଟ୍ ଘୋଷଣା ଦେଇଅଛନ୍ତି ଯେ ତାହାଙ୍କର ରାଜାଭିଷେକ ଆସନ୍ତା ଜୁନମାସରେ ହେବ। ପୂର୍ବେ ଯେ ସମସ୍ତ ଅଭିଷେକ ହୋଇଯାଇଅଛି ତହିଁର ବୃତ୍ତାନ୍ତ ପର୍ଯ୍ୟାଲୋଚନା କରିବା କାରଣ ଗୋଟିଏ କମିଶନ ନିଯୁକ୍ତ ହୋଇଅଛି ଏବଂ ଘୋଷଣା ପତ୍ରରେ ଲେଖାଅଛି କି ଓ‌ଏଷ୍ଟମିନଷ୍ଟର ଆବରେ ଅଭିଷେକ କ୍ରିୟା ଯେପରି ହୋଇଥାଏ ସେପରି ମାତ୍ର ଅନୁଷ୍ଠିତ ହେବ। ଉତ୍ସବଟା ବହୁତଦିନ ବ୍ୟାପିବନାହିଁ।

---

ଏବେ ଦିନେ ଇନ୍ଦ୍ର ଦେବଙ୍କର କୃପା ଦୃଷ୍ଟି ଅଛି ଏବଂ ଏ ନଗର ଓ ଓଡିଶାର ସବୁଠାରେ ଏ ସପ୍ତାହରେ ପ୍ରଚୁର ବୃଷ୍ଟି ହୋଇଅଛି। ଜଳର ପରିମାଣ ଅଳ୍ପ ମାତ୍ର କ୍ଷେତ ସକାଶେ ବର୍ତ୍ତମାନ ଅଧିକ ଜଳର ପ୍ରୟୋଜନ ନାହିଁ କେବଳ ଏହି ଭାବରେ ବୃଷ୍ଟି ହେବା ବାଞ୍ଛନୀୟ। ମଧ୍ୟ ପ୍ରଦେଶ ହାଇଦରାବାଦ ସହିତ ଦକ୍ଷିଣ ପ୍ରଦେଶ ଏବଂ ପଶ୍ଚିମ ଉପକୂଳରେ ଉତ୍ତମ ବୃଷ୍ଟି ହୋଇ ଅଛି। ମାତ୍ର ରାଜପୁତାନା ଏବଂ ମଧ୍ୟଭାରତ ସହିତ ପଟନାଠାରୁ ପେସବାର ପର୍ଯ୍ୟନ୍ତ ଉତ୍ତର ଭାରତରେ ବୃଷ୍ଟି ହୋଇନାହିଁ। ଉତ୍ତର ପଶ୍ଚିମ ପ୍ରଦେଶର ବର୍ଷାକାଳ ତିନି ସପ୍ତାହ ପଛକୁ ପଡିଅଛି।

---

ଭିକ୍ଟୋରିଆ ସ୍ମରଣାର୍ଥ ସ୍ମୃତିଚିହ୍ନ ପାଣ୍ଠିର ମୋଟ ଗତ ସପ୍ତାହ ପର୍ଯ୍ୟନ୍ତ ୫୩,୧୪,୮୭୬୷୶ ୧୦ ହୋଇ ଥିଲା ଏବଂ ତହିଁ ମଧ୍ୟରେ ସେ ସପ୍ତାହରେ ନେପାଳର ପ୍ରଧାନ ମନ୍ତ୍ରୀଙ୍କର ବଡ଼ରାଣୀ ଟ ୧୦,୦୦୦୲ ଙ୍କା ଏବଂ ମହୀଶୂରର ମହାରାଣୀ ଟ ୭୦୦୦୲ ଙ୍କା ଦେଇଥିଲେ। ପାଣ୍ଠିର ଏହି ସନ୍ତୋଷଜନକ ଅବସ୍ଥା ଦେଖି କମିଟି ଶୀଘ୍ର କାର୍ଯ୍ୟାରମ୍ଭର ବନ୍ଦୋବସ୍ତ କରୁଅଛନ୍ତି। ସମ୍ଭବତଃ ଅନ୍ୟୁନ ଦେ ପାଣ୍ଠିର ମୋଟ ୪ଲକ୍ଷ ଟଙ୍କା ହେବ ଏବଂ ତାହା କମ୍ପାନୀ କାଗଜରେ ଜମା ଦେଲେ ନିତାନ୍ତ ପକ୍ଷରେ ବାର୍ଷିକ ୧୬।୧୪ ହଜାର ଟଙ୍କା ଆୟ ହେବ। ସୁତରାଂ ଅନ୍ତତଃ ଜ ୧୦୦ ଣ ଦେଶୀୟ ସ୍ତ୍ରୀଙ୍କୁ ବୃତ୍ତି ପ୍ରଦାନ ପୂର୍ବକ ଶିକ୍ଷା ଦେବାର ସୁବିଧା ହେବ।

---

ପୁରୀ ମନ୍ଦିରରେ ଖ୍ରୀଷ୍ଟିୟାନ ମହିଳାର ପ୍ରବେଶ ସମ୍ବନ୍ଧୀୟ ପ୍ରକୃତ ବିବରଣ ଅବଗତ ହୋଇ କଲିକତାର "ବଙ୍ଗାଳ" ସମ୍ବାଦପତ୍ର ଗତମାସ ତା ୨୯ ରିଖର ସଂଖ୍ୟାରେ ଲେଖି ଅଛନ୍ତି କି ତାହାଙ୍କର ହୃଦ୍‌ବୋଧ ହୋଇଅଛି ଯେ ଉକ୍ତ ମହିଳାଙ୍କର ଭ୍ରମରୁ ସେ ଘଟଣା ହୋଇଥିଲା ଏବଂ ସେମାନେ ବିଦ୍ରୂପ କରିବାକୁ ଯାଇଥିଲେ ଏମନ୍ତ ବୋଲିବାର କୌଣସି ହେତୁ ନାହିଁ। ଉକ୍ତ ମହିଳା ଏବଂ ସେମାନଙ୍କର ବନ୍ଧୁବର୍ଗଙ୍କ ମନରେ କୌଣସି ପ୍ରକାର ପୀଡ଼ାଦାୟକ ସମ୍ବାଦପତ୍ରମୁ କରିଥିବା ହେତୁ ସମ୍ପାଦକ ଖେଦ ପ୍ରକାଶ କରି ଅଛନ୍ତି। ଭରସା କରୁଁ ତାରସମ୍ବାଦ ଦାତା ଏଥିରେ ଲଜ୍ଜିତ ହୋଇ ଭବିଷ୍ୟତକୁ ସାବଧାନ ହେବେ। ଭଦ୍ର ମହିଳାଙ୍କର ମିଥ୍ୟା ନିନ୍ଦା ରଟାଇବା ନିତାନ୍ତ ଘୃଣିତକାର୍ଯ୍ୟ ଅଟେ।

---

ଗତ ମାସ ତା ୨୭ ରିଖରେ ବାଟଲିଅରର ମାଜିଷ୍ଟ୍ରେଟ ସାହେବଙ୍କ କୋଠିରେ ଭିକ୍ଟୋରିଆ ସ୍ମରଣାର୍ଥ ପାଣ୍ଠି ବିଷୟରେ ଗୋଟିଏ ସଭା ହୋଇ

Digitized by srujanika@gmail.com

ଥିଲା ଏବଂ ମାଜିଷ୍ଟ୍ରେଟ ମହୋଦୟ ସମ୍ମତ ହୋଇଥିଲେ । ସଭ୍ୟମାନେ ଏକ ମତରେ ବାଲେଶ୍ୱରର ମାଜିଷ୍ଟ୍ରେଟ, ରାଜା ବୈକୁଣ୍ଠନାଥ ଦେ ବାହାଦୁର ଏବଂ ବାବୁ ରାଧାଚରଣ ଦାସଙ୍କ ନିକଟ ଚିଠି ସକାଶେ ପ୍ରସ୍ତାବ ମଞ୍ଜୁର କଲେ ଏବଂ ବାଲେଶ୍ୱରରେ ଯେଉଁ ଚାନ୍ଦା ଆଦାୟ ହୋଇଅଛି ତାହା ଓଡ଼ିଆ ସ୍ମରଣାର୍ଥ ପାଣ୍ଠିରେ ଦେବାର ଧାର୍ଯ୍ୟ କଲେ । କେବଳ ବାବୁ ରାଧାଚରଣ ଦାସ କଲିକତା ପାଣ୍ଠିରେ ଚାନ୍ଦା ଦେବାକୁ ଅଙ୍ଗୀକାର କରିଥିବାରୁ ତାହାଙ୍କର ଚାନ୍ଦା ବାଲେଶ୍ୱରର ପାଣ୍ଠିରୁ କଟି ଯିବ । ଆଶା ହୁଏ ରାଧାଚରଣ ବାବୁ ଓଡ଼ିଆ ସ୍ମରଣାର୍ଥ ପାଣ୍ଠି ସକାଶେ ପୃଥକ୍ ଚାନ୍ଦା ଦେବେ ।

———

ବୁଅର ଯୁଦ୍ଧର ସମାଚାର କେତେକ ସପ୍ତାହ ଲେଖି ନାହୁଁ । ଯୁଦ୍ଧ ଶେଷ ହେବା ତହିଁର କାରଣ ନୁହେ କେବଳ ମନ୍ଦ ଗତିରେ ଚାଲୁଥିବାରୁ ବିଶେଷ କିଛି ଜଣାଇବାର ନ ଥିଲା । ମାତ୍ର ଏ ସପ୍ତାହରେ ସମ୍ବାଦ ଆସିଅଛି ଯେ ବୁଅରମାନେ ଦକ୍ଷୋଣ୍ଟ ନଦୀ ଯୁଦ୍ଧରେ ଇଂରାଜଙ୍କୁ ପରାସ୍ତ ଏବଂ ସେମାନଙ୍କର ଅସ୍ତ୍ର ଶସ୍ତ୍ର ବାରୁଦ ଓ ରସଦ ପ୍ରଭୃତି ଛଡ଼ାଇ ନେଇଅଛନ୍ତି ଏବଂ ପ୍ରାୟ ଦଶହଜାର ବୁଅର ସେନା ସଦର୍ପରେ କେପକଲୋନି ଆକ୍ରମଣ କାରଣ ଚଢ଼ାଉ କରିଅଛନ୍ତି ସେ ରାଜ୍ୟର ପ୍ରାୟ ସମସ୍ତ ଉତ୍ତରାଂଶ ସେମାନଙ୍କ ହସ୍ତରେ ପତିତ ହୋଇଅଛି । ବୁଅରମାନେ କି କେଉଁ ଜାତିର ବଂଶ ? ଏତେ ହତ ଓ ବନ୍ଦୀ ହେଲାଉତ୍ତାରୁ ପୁଣି କେଉଁଠାରୁ ଏତେ ସୈନ୍ୟ ଅଣୁଅଛନ୍ତି । ଆଉ ଏକ ମାସରେ ଦୁଇ ବର୍ଷ ପୂର୍ଣ୍ଣ ହେବ ତଥାପି ଯୁଦ୍ଧ ଶେଷ ହେବାର ଲକ୍ଷଣ ଦେଖା ଯାଉ ନାହିଁ ।

———

ହିନ୍ଦୁପେଟ୍ରିଅଟର ଜଣେ ସଂବାଦଦାତା ନାନ୍-ସ୍ପରଠାରୁ ଲେଖିଅଛନ୍ତି କି ପଣ୍ଡିତ ଦେବଦତ୍ତ ଶର୍ମା ବର୍ତ୍ତମାନ୍ ସେଠାରେ ଅଛନ୍ତି । ସେ ସାହସ ପୂର୍ବକ ପ୍ରକାଶ କରୁଅଛନ୍ତି କି ଯେଉଁବେଳେ ଯେଉଁଠାରେ ଲୋକେ ପରୀକ୍ଷା କରିବାକୁ ଇଚ୍ଛା କରିବେ ସେ ସେତେବେଳେ ସେଠାରେ ମନ୍ତ୍ର ପାଠଦ୍ୱାରା ବୃଷ୍ଟି କରାଇ ପାରିବେ । ଅନ୍ୟଥା ହେଲେ ତହିଁର ଯେ ଦଣ୍ଡ ହେବ ତାହା ଭୋଗ କରିବାକୁ ପ୍ରସ୍ତୁତ ଅଛନ୍ତି । ସେ ଏ ବିଷୟରେ ଲେପ୍ଟନାଣ୍ଟ ଗବର୍ଣ୍ଣର ଏବଂ ଗବର୍ଣ୍ଣର ଜେନେରଲଙ୍କ ନିକଟକୁ ପତ୍ର ମଧ୍ୟ ଲେଖିଅଛନ୍ତି । ଏ ପଣ୍ଡିତଙ୍କୁ ଗବର୍ଣ୍ଣମେଣ୍ଟ ବର୍ଷା କରାଇବା କାର୍ଯ୍ୟରେ ନିଯୁକ୍ତ କଲେ ଭାରତରେ ଆଉ ଦୁର୍ଭିକ୍ଷ ହେବ ନାହିଁ ଏବଂ ଦେଖ ବିଶ୍ୱାସ ପରୀକ୍ଷା ନିମନ୍ତେ ସରକାର ଯେଉଁ ମହକୁମାଟି ରଖିଅଛନ୍ତି ତାହା ଉଠିଯିବ । ଘନ ୨ ଦୁର୍ଭିକ୍ଷ ଦେଖି ଏବଂ ବନ୍ଧୁହୂର ସ୍ୱର୍ଗରୁ ପ୍ରୟୋଜନମତେ ଜଳ ବର୍ଷାଇବାର ସୁବିଧା ନ ପାଇ ଏତେଦିନେ ମର୍ତ୍ତ୍ୟରେ ଅବତୀର୍ଣ୍ଣ ହେଲେ ପରା ?

— ※ —

ଜଏଣ୍ଟଷ୍ଟକକମ୍ପାନି ଅର୍ଥାତ୍ ଯୌଥବ୍ୟବସାୟୀଙ୍କର ଗତବର୍ଷ ( ସନ ୧୯୦୦।୧୯୦୧ ) ର ତାଲିକା କଲିକତା ଗେଜେଟରେ ବାହାରିଅଛି । ଗ ତବର୍ଷ ଆରମ୍ଭରେ ଥିଲା ୪୦୨ କମ୍ପାନି ଆଦାୟ ମୂଳଧନ ୧୫ କୋଟି ଟଙ୍କାରୁ କିଛି ଅଧିକ । ବର୍ଷମଧ୍ୟରେ ରେଜିଷ୍ଟ୍ରୀ ହେଲା ୧୭ କମ୍ପାନିଙ୍କୁ ମୂଳଧନ ଟ ୩,୦୯,୭୫୫ ଙ୍କା ଏବଂ ଉଠିଗଲା ୨୦ କମ୍ପାନିଙ୍କୁ ମୂଳଧନ ଟ ୮,୧୬,୨୭୦ ଙ୍କା । ସୁତରାଂ ବର୍ଷଶେଷରେ ରହିଲା ୩୯୯ କମ୍ପାନିଙ୍କୁ ମୂଳଧନ ଟ ୧୫,୪୭,୧୯,୭୩୪ ଙ୍କା । ୭ ଟା କମ୍ପାନିର ମୂଳଧନ ବୃଦ୍ଧି ହେବା ହେତୁ ମୋଟ ମୂଳଧନ ବଢ଼ିଅଛି । ଯେଉଁ ୨୦ କମ୍ପାନି ଉଠିଗଲା ତହିଁମଧ୍ୟରୁ ୧୦ ଅର୍ଥାତ୍ ଅର୍ଦ୍ଧେ ବିବିଧ ସାହାଯ୍ୟ ପାଣ୍ଠି ଥିଲା ଏବଂ ତଦ୍ଦ୍ୱାରା ସାଧାରଣ କ୍ଷତି ନାହିଁ । ପକ୍ଷାନ୍ତରେ ନୂତନ କମ୍ପାନି ମଧ୍ୟରେ ୭ ଟା ମୁଦ୍ରା, ଗୋଟିଏ କପା, ଝୋଟ, ରେଶମାଦି କଳ, ୨ଟା ପଥରକୋଇଲା ଖଣି ଏବଂ ଅବଶିଷ୍ଟ ବିବିଧ ବ୍ୟବସାୟର ଅଟେ । ସୁତରାଂ ଯୌଥବ୍ୟବସାୟର ସାମାନ୍ୟ ଉନ୍ନତି ଭିନ୍ନ ଅବନତି ଘଟି ନାହିଁ ସୁଖର ବିଷୟ ଅଟେ ।

————

ଗତବର୍ଷରୁ ଭାରତରେ ଯେଉଁ ଦୁର୍ଭିକ୍ଷ ପଡ଼ିଅଛି ତହିଁର ସାହାଯ୍ୟ ନିମିତ୍ତ ଇଂରାଜ ରାଜ୍ୟ ଛଡ଼ା ଅନ୍ୟାନ୍ୟ ଯେଉଁ ବିଦେଶରୁ ସାହାଯ୍ୟ ଆସିଅଛି ତହିଁମଧ୍ୟରେ ଆମେରିକା ବା ମାର୍କିନ ରାଜ୍ୟକୁ ପ୍ରଧାନ ବୋଲିବାକୁ ହେବ । ଏହି ଆମେରିକାରୁ ଦୁର୍ଭିକ୍ଷ ସାହାଯ୍ୟ ନିମନ୍ତେ ୧୭ ଲକ୍ଷ ଟଙ୍କା ନଗଦ ଓ ଶସ୍ୟଦ୍ୱାରା ଆସିଅଛି ଏବଂ ସମ୍ପ୍ରତି ଦୁର୍ଭିକ୍ଷ ଶେଷ ହୋଇ ଆସିଲେହେଁ ଅନାଥ ବାଳକ ବାଳିକାମାନଙ୍କର ରକ୍ଷାର ଚିନ୍ତା ରହିଅଛି । ସେପକ୍ଷରେ ଆମେରିକାର ଅମନୋଯୋଗ ହେବାର ଦୂରେ ଥାଉ କେବଳ ଖ୍ରୀଷ୍ଟିୟାନ ହେରାଲଡ଼ ନାମକ ସେ ଦେଶର ସମ୍ବାଦପତ୍ରରେ ଅନ୍ୟାନ୍ୟ ବାଳକବାଳିକାମାନଙ୍କୁ ସାହାଯ୍ୟ ଦେବାର ଅବଶ୍ୟକତା ଅବଗତ ହୋଇ ସ୍ୱେଚ୍ଛାପୂର୍ବକ ପାଞ୍ଚହଜାର ପିଲାଙ୍କୁ ପାଞ୍ଚବର୍ଷ ପର୍ଯ୍ୟନ୍ତ ପାଳିବାକୁ ଅଗ୍ରସର ହୋଇଅଛନ୍ତି । ପ୍ରତ୍ୟେକ ପିଲାପଛରେ ବାର୍ଷିକ ଟ ୪୫ ଙ୍କ ହିସାବରେ ପ୍ରତିବର୍ଷ ୨ଲକ୍ଷ ୨୫ ହଜାର ଟଙ୍କା ବ୍ୟୟ ହେବାର ଧାର୍ଯ୍ୟ ହୋଇଅଛି । ଦାତାମାନଙ୍କ ନିକଟରୁ ଟଙ୍କା ଉଠୁଲ କରିବା କାରଣ କେହି ଯିବାର ବା ଘୂରିବାର ପ୍ରୟୋଜନ ନାହିଁ । ସେ ଆପଣା ସୁଖେ ଟଙ୍କା ପଠାଇଦେବେ ଏବଂ ଭାରତବର୍ଷରେ ଗୋଟିଏ କମିଟି ଗଠିତ ହୋଇଅଛି ଓ ଜ ୭ ଣ ପାଦ୍ରି ତହିଁର ସଭ୍ୟ ହୋଇଅଛନ୍ତି ଯେ ସେହିମାନେ ବ୍ୟୟ ବିଧାନ କରିବେ । ଅନାଥ ପିଲାମାନଙ୍କୁ କେବଳ ଗ୍ରାସ ଆଚ୍ଛାଦନ ଦିଆଯିବ ଏତିକି ନୁହେ ସେମାନଙ୍କୁ ଗୋଟିଏ ୨ ବ୍ୟବସାୟ ଶିକ୍ଷା ଦିଆଯିବ । କେବଳ ଦେଶୀୟ ଖ୍ରୀଷ୍ଟିୟାନଙ୍କର ଦଳ ବଢ଼ାଇବା ଏହି ଦାନର ଅଭିପ୍ରାୟ ନୁହେ । ଏଥିପାଇଁ ନିୟମ ହୋଇଅଛି କି କେହି ଅନାଥ ପିଲାଙ୍କୁ ନେବାକୁ ଇଚ୍ଛା କଲେ ପାଦ୍ରିମାନେ ବିନା ଆପତ୍ତିରେ ତାହାକୁ ଦେବେ । ଆମେରିକା ପ୍ରକୃତରେ ଲକ୍ଷ୍ମୀ ଆଶ୍ରିତଦେଶ । ଯେମନ୍ତ ଧନ ତେମନ୍ତ ଉଦାରତା ।

———

ପାର୍ଲାଖେମିଡି ଗଞ୍ଜାମ ଜମ୍ବୁସର ବଦାୟରୁ ପ୍ରକାଶ ହେଉଥିବା ଗଞ୍ଜାମ ନ୍ୟୁସନାମକ ଇଂରାଜୀ ସାପ୍ତାହିକ ସଂବାଦପତ୍ରର ଗତମାସ ତା ୨୯ ରଖର ସଂଖ୍ୟାଉପରେ ବଡ଼ ୨ ଇଂରାଜୀ ଅକ୍ଷରରେ ଏହା ଶେଷସଂଖ୍ୟା ବୋଲି ମୁଦ୍ରିତ ହୋଇଥିବାର ଦେଖିଅତ୍ୟନ୍ତ ଦୁଃଖିତ ଓ ଚିନ୍ତିତ ହେଲୁଁ । ସରକାରୀ ବନ୍ଦୋବସ୍ତରେ ପାର୍ଲାଖେମିଡି ମାନ୍ଦ୍ରାଜ ପ୍ରଦେଶାନ୍ତର୍ଗତ ଗଞ୍ଜାମ ଜିଲ୍ଲାରେ ସ୍ଥାପିତ ହେଲେହେଁ ତାହା ପ୍ରକୃତପକ୍ଷେ ଓଡ଼ିଶାର ଏକଅଂଶ ଏବଂ ଗଞ୍ଜାମ ନ୍ୟୁସ ଓଡ଼ିୟାମାନଙ୍କର ହିତ, ଉନ୍ନତି ଏବଂ ଆଶା ଜନସାଧାରଣ ଏବଂ ଗବର୍ଣ୍ଣମେଣ୍ଟଙ୍କୁ ଜ୍ଞାତ କରାଇବା କାର୍ଯ୍ୟରେ ନିଯୁକ୍ତ ଥିଲା । ଏକକଥାରେ ଏହା ଓଡ଼ିୟାମାନଙ୍କର ଏକମାତ୍ର ଇଂରାଜୀ ସମ୍ବାଦପତ୍ର ଥିଲା । ଏହା ଉଠିଯିବା ଅତ୍ୟନ୍ତ ଦୁଃଖର ବିଷୟ ନୁହେକି ? ଉଠିଯିବାର କାରଣ ଗ୍ରାହକମାନଙ୍କର ଅବଦ୍ୟାପଣ ? ମାନେଜରଙ୍କ ବିଜ୍ଞାପନରୁ ପ୍ରକାଶ ଯେ ଗ୍ରାହକମାନଙ୍କ ମଧ୍ୟରୁ ତିନି-ଚତୁର୍ଥାଂଶଠାରେ ମୂଲ୍ୟ ବାକି ରହିଅଛି । ସେ ପାଞ୍ଚବର୍ଷ କାଗଜ ଚଳାଇ ଛପାଖରଚ ପର୍ଯ୍ୟନ୍ତ ଯୋଗାଇ ପାରିଲେ ନାହିଁ । ଅନ୍ୟାନ୍ୟ ଖରଚ କଥା କି ବୋଲାଯିବ ? କହିପାରନ୍ତି ଯେ ଓଡ଼ିଶାରେ ଇଂରାଜୀ ଶିକ୍ଷିତ ଓ ସାଧାରଣ ହିତୈଷୀଙ୍କର ସଂଖ୍ୟା ଏତେ ଊଣା ଯେ ତହିଁରେ ଏପରି ଘଟିବା ବିସ୍ମୟକର ନୁହେ । ଏ ସ୍ୱୀକାର ନ କଲେହେଁ ପ୍ରଥମେ ଗ୍ରାହକ ହେବା ଦ୍ୱାରା ମାନେଜରଙ୍କ ଆଶା ବଢ଼ାଇ ପରେ ମୂଲ୍ୟ ଦେବାକୁ ତ୍ରୁଟି କରିବା ସଚ୍ଚରିତ୍ରତାର ବହିର୍ଭୂତ ଏବଂ ଅଳ୍ପ ସଂଖ୍ୟକ ଶିକ୍ଷିତ ଓଡ଼ିଶାବାସୀଙ୍କ ପ୍ରତି ତାହା ଲଜ୍ଜାର ବିଷୟ ଅଟେ । ଯେବେ ଦୁଃଖ

Split by PDF Splitter

Digitized by srujanika@gmail.com

Split by PDF Splitter



ସମ୍ବାଦପତ୍ର ଲୋକଙ୍କର ମନୋମତ ନ ହେଲେ ଛେବେ ଯେ ଯେତେଦିନ ନେଲେ ତହିଁର ମୂଲ୍ୟ ଦେଇ ଦାମ କଟାଉଥିଲେ ମାନେଜର ଭ୍ରମରେ ପଡ଼ି ଏବେ କ୍ଷତିଗ୍ରସ୍ତ ହୋଇ ନ ଥାନ୍ତେ । ଯାହା ହେବାର ହୋଇଗଲା ଏବଂ ଜଣାଗଲା ଯେ ଓଡ଼ିଶାରେ ଇଂରାଜୀ ସମ୍ବାଦ ପତ୍ର ଚଳାଇବାର ସମୟ ଉପସ୍ଥିତ ହୋଇ ନାହିଁ । ସମ୍ପ୍ରତି ଅମ୍ଭମାନଙ୍କର ଏକାନ୍ତ ଅନୁରୋଧ ଏହି କି ଗଞ୍ଜାମ ନ୍ୟୁଜର ବାକିଦାର ଗ୍ରାହକମାନେ ଆପଣା ୨ ଦେଣ ପରିଶୋଧ କରି ନିଜ ୨ ସମ୍ମାନ ଏବଂ ମାନେଜରଙ୍କୁ କ୍ଷତିର ଦାୟରୁ ରକ୍ଷା କରନ୍ତୁ ।

———

କିଆଁରପୁରର ଚୌଧୁରୀ ବଂଶ ସମ୍ପତ୍ତି ଓ ମାନ୍ୟରେ ଏ ଜିଲାର ବାହାରିକ ଓଡ଼ିଶା ମଧ୍ୟରେ ଗୋଟିଏ ପ୍ରଧାନ ଘର ବୋଇଲେ ଅତ୍ୟୁକ୍ତି ହେବ ନାହିଁ ଏବଂ ବୃହତ୍ ଏକାନ୍ନ ପରିବାରର ପ୍ରସିଦ୍ଧ ଉଦାହରଣ ଅଟେ । କେତେକ ପୁରୁଷ ଚୌଧୁରୀମାନେ ଏକାନ୍ନରେ ଥାଇ କ୍ରମଶଃ ଉନ୍ନତିଦ୍ୱାରା ସମ୍ପତ୍ତି ବଢ଼ାଇ ଆସୁଥିଲେ । ମାତ୍ର କୁଟୁମ୍ବ ବିଶେଷ ହେବାରୁ ଏବଂ ଆଧୁନିକ ସଭ୍ୟତା ଓ ବିଳାସିତା ପ୍ରବେଶଦ୍ୱାରା ଭିନ୍ନ ୨ ରୁଚି ହୋଇପଡ଼ିବାରୁ ଏକଜଣ କର୍ତ୍ତାର ଆଦେଶରେ ସମସ୍ତେ ଚଳିତ ହେବା ଯାହା କି ଏକାନ୍ନ ପରିବାରର ପ୍ରଧାନ ନିୟମ ଅଟେ ଗତ ବ ୨୦ ବର୍ଷରୁ ତହିଁର ଅଳ୍ପେ ୨ ବ୍ୟତିକ୍ରମ ଘଟି ବର୍ତ୍ତମାନକୁ ଏକପ୍ରକାର ଅସମ୍ଭାଳ ହୋଇ ପଡ଼ିଅଛି । ବିଷୟ କାର୍ଯ୍ୟର ବର୍ତ୍ତମାନ୍ ଏତେଦୂର ବିଶୃଙ୍ଖଳା ଘଟିଅଛି କି ଯେଉଁମାନେ ପୂର୍ବେ ବହୁ ଟଙ୍କା ଋଣ ଦେଇ ଅନେକ ଜମିଦାରଙ୍କୁ ଲାଟବନ୍ଦିର ଦାୟରୁ ରକ୍ଷା କରୁଥିଲେ ବର୍ତ୍ତମାନ୍ କେତେକ ନିଜ ଜମିଦାରୀକୁ ଲାଟରୁ ରକ୍ଷା କରିବାର ଚିନ୍ତାରେ ମଗ୍ନଥିଅଛନ୍ତି । ଏତେବଡ଼ ଘରର ଏମନ୍ତ ଅବସ୍ଥା ଅବଶ୍ୟ ଦୁଃଖର ବିଷୟ ଅଟେ । ମାତ୍ର ରକ୍ଷାର ଉପାୟ କି ? ବର୍ତ୍ତମାନ୍ ଏ ଘରର ମାଲିକ ୧୮ ଭାଇ ଏବଂ ସେମାନଙ୍କ ମଧ୍ୟରେ କେତେଜଣ ନାବାଲଗ ଅଛନ୍ତି । ସେମାନେ ପୂର୍ବପରି ଏକାଠି ରହି ପାରିବା ଅସମ୍ଭବ ଏ କଥା ଅପରଲୋକଙ୍କ ପରି ସେମାନଙ୍କ ମଧ୍ୟରେ ବୁଝିବା ଲୋକମାନେ ହିଁ ବା ବୁଝି ପାରୁଅଛନ୍ତି ଏବଂ ସୁଖର ବିଷୟ ଯେ ଏ ବିଭାଗର କମିଶନର ଶ୍ରୀଯୁକ୍ତ ଗୁପ୍ତ ସାହେବ ସେମାନଙ୍କ ପ୍ରତି ଯଥୋଚିତ ସହାନୁଭୂତି ଦେଖାଇ ରକ୍ଷାର ଉପାୟ ବିବେଚନା କରୁଅଛନ୍ତି । ଏଣିକି ଏକାଠି ରହିବା ଅସମ୍ଭବ ବିବେଚିତ ହେବା ସ୍ଥଳେ ସ୍ଥାବର ଅସ୍ଥାବର ସମସ୍ତ ସମ୍ପତ୍ତି ବାଣ୍ଟି ନେଇ ପୃଥକ୍ ହୋଇ ଯିବା ରକ୍ଷାର ଶ୍ରେଷ୍ଠ ଉପାୟ ଅଟେ , ଏଥିପାଇଁ ଅଦାଲତର ଆଶ୍ରୟ ନେଲେ ମାମଲା ଖରଚରେ ଅନେକ ସମ୍ପତ୍ତି ନଷ୍ଟ ହୋଇ ଯିବ ଏବଂ ତହିଁ ପାଇଁ ସମସ୍ତଙ୍କର ପଶ୍ଚାତ୍ତାପ ବଢ଼ିବ । ନିଜେ ୨ ସରଳହୃଦୟ ହୋଇ ସମ୍ପତ୍ତି ବାଣ୍ଟି ନେବା ସର୍ବାପେକ୍ଷା ଶ୍ରେୟସ୍କର । ସ୍ଥାବର ସମ୍ପତ୍ତିର ବାଣ୍ଟ ଅବଶ୍ୟ ସମୟ ସାପେକ୍ଷ ତାହା ହେବା ପର୍ଯ୍ୟନ୍ତ ସମସ୍ତେ ମିଶି ରେଜଷ୍ଟ୍ରୀ କ୍ଷମତାପତ୍ରଦ୍ୱାରା ଏକଜଣ ମାନେଜର ନିଯୁକ୍ତ କରିବା ଆବଶ୍ୟକ । ମାନେଜର ଉସୁଲ ତହସିଲ କରି ସରକାରୀ ମାଲଗୁଜାରୀ ଇତ୍ୟାଦି ଦାଖଲ କରି ନିଟ ମୁନାଫା ବାର୍ଷିକ ହିସାବ ସହିତ ଅଂଶୀଦାରମାନଙ୍କୁ ଅଂଶାନୁସାରେ ବାଣ୍ଟି ଦେବ ଓ ବଣ୍ଟନ ଆଗ ଶେଷ ହେଲା ଉତ୍ତାରୁ ମାଲିକ ଆପଣା ୨ ଅଂଶର ଭାର ଗ୍ରହଣ କରିବେ । ଅମ୍ଭେମାନେ ଅବଗତ ହୋଇଅଛୁଁ ଯେ ଅଂଶୀଦାରମାନେ ଏଥିରେ ସମ୍ମତ ଅଛନ୍ତି । ଏହା ଶୀଘ୍ର କାର୍ଯ୍ୟରେ ପରିଣତ ହେଲେ ସମସ୍ତେ ଏହି ବନ୍ଦୋବସ୍ତ ସ୍ଥିର ରଖିବା ପ୍ରତି ମନୋଯୋଗୀ ହେଉନ୍ତୁ ଏତିକି ଅମ୍ଭମାନଙ୍କର ପ୍ରାର୍ଥନା ।

———

## ଦସ୍ତାବିଜ ରେଜଷ୍ଟ୍ରୀ ।

ସନ ୧୮୯୯–୧୯୦୦ ସାଲରେ ଓଡ଼ିଶାର ନାନା ରେଜଷ୍ଟ୍ରୀ କଚେରୀରେ ଯେତେ ଦସ୍ତାବିଜ ରେଜଷ୍ଟ୍ରୀ ଓ ଆୟ ବ୍ୟୟ ହୋଇଥିଲା ତହିଁର ବିବରଣ ନିମ୍ନେ ପ୍ରଦତ୍ତ ହେଲା । ଯଥା-

| କଚେରୀର ନାମ | ଦସ୍ତାବିଜ | ଆୟ | ବ୍ୟୟ |
|---|---|---|---|
| କଟକ | ୫,୨୮୦ | ଟ ୬,୫୧୦ | ଟ ୪,୦୫୭ |
| ଜଗତସିଂହପୁର | ୫,୩୩୭ | ଟ ୩,୮୫୨ | ଟ ୨,୨୩୪ |
| କେନ୍ଦ୍ରପଡ଼ା | ୨,୧୩୪ | ଟ ୨,୦୨୫ | ଟ ୧,୩୭୦ |
| ଯାଜପୁର | ୩,୬୬୬ | ଟ ୩,୫୮୧ | ଟ ୧,୬୮୮ |
| ବାଲେଶ୍ୱର | ୬,୬୭୨ | ଟ ୫,୯୬୧ | ଟ ୪,୪୨୫ |
| ଜଲେଶ୍ୱର | ୩,୨୪୨ | ଟ ୨,୫୦୮ | ଟ ୧,୬୨୫ |
| ଭଦ୍ରକ | ୪,୪୩୯ | ଟ ୪,୦୨୨ | ଟ ୨,୧୩୯ |
| ପୁରୀ | ୪,୮୨୨ | ଟ ୬,୩୬୭ | ଟ ୩,୩୮୧ |
| ଗୋପ | ୩୧୫ | ଟ ୨୧୬ | ଟ ୩ |
| ପିପିଲି | ୭,୭୫୩ | ଟ ୫,୬୫୫ | ଟ ୨,୭୫୨ |
| ଖୋର୍ଦ୍ଧା | ୩,୫୬୦ | ଟ ୩,୫୩୪ | ଟ ୧,୮୧୧ |

ଗୋପ ୨ର ଗତ ମାର୍ଚ୍ଚମାସ ତା ୧ ରିଖରେ କଚେରୀ ଫିଟିଥିଲା ଏଥିରୁ ଦେଖାଯାଏ ଯେ ବର୍ତ୍ତିତବର୍ଷରେ କଟକ ଜିଲାରେ ଟ ୭,୫୨୦ଙ୍କ ବାଲେଶ୍ୱର୍ ଜିଲାରେ ଟ ୪,୩୧୧ ଙ୍କା ଏବଂ ପୁରୀ ଜିଲାରେ ୪୭,୮୨୮ ଙ୍କା ନିଟ ଲାଭ ହୋଇଥିଲା ।

ଅନୁଗୁଳଠାରେ ଗୋଟିଏ ରେଜଷ୍ଟ୍ରୀ କଚେରୀ ଅଛି ମାତ୍ର ବର୍ଷମଧ୍ୟରେ କେବଳ ଶ ୭ଟି ଦସ୍ତାବିଜ ରେଜଷ୍ଟ୍ରୀ ହୋଇଥିଲା ।

ପୂର୍ବବର୍ଷ ଏବଂ ଏବର୍ଷ ଓଡ଼ିଶାର ତିନି ଜିଲ୍ଲାରେ ଯେତେ ଦସ୍ତାବିଜ ରେଜଷ୍ଟ୍ରୀ ହୋଇଥିଲା ନିମ୍ନେ ପ୍ରଦର୍ଶିତ ହେଲା ଯଥା ।

| | ସ ୧୮୯୮।୯୯ | ସ ୧୮୯୯।୧୯୦୦ |
|---|---|---|
| କଟକ | ୧୧,୯୦୮ | ୧୬,୫୧୭ |
| ବାଲେଶ୍ୱର | ୧୧,୮୦୧ | ୧୪,୩୫୩ |
| ପୁରୀ | ୧୬,୫୪୭ | ୧୬,୫୫୦ |

ଏଥିରୁ ପ୍ରକାଶ ଯେ କଟକରେ ଶତକଡ଼ା ପ୍ରାୟ ୫୦ ଏବଂ ବାଲେଶ୍ୱରରେ ଶତକଡ଼ା ପ୍ରାୟ ୨୫ ବୃଦ୍ଧି ହୋଇଅଛି । କେବଳ ପୁରୀରେ ପ୍ରାୟ ସମାନ ରହିଅଛି । ଦସ୍ତାବିଜ ମଧ୍ୟରେ ଅଧିକାଂଶ ଅଚଳନ୍ତି ସମ୍ପତ୍ତି ସମ୍ବନ୍ଧୀୟ କବାଲା ପ୍ରଭୃତି ଅଟେ । ତମସୁକ ପ୍ରଭୃତି ଚଳନ୍ତି ସମ୍ପତ୍ତିର ଦସ୍ତାବିଜ ଏକପଣରୁ ଅଧିକ ହେବ ନାହିଁ ଏତେ ବୃଦ୍ଧି ଶୁଭଲକ୍ଷଣ ନୁହେ ।

ଗତ ବନ୍ଦୋବସ୍ତରେ ପ୍ରଜାମାନଙ୍କର ସ୍ୱତ୍ୱ ସ୍ଥିର ହେବାରୁ ପ୍ରଜାସ୍ୱତ୍ୱ ବିକ୍ରୟ ବହୁତ ବୃଦ୍ଧି ହୋଇଅଛି । ବର୍ତ୍ତିତବର୍ଷରେ ଥାନା ଓ ଯାହି ସ୍ୱତ୍ୱ ଯେତେ ବିକ୍ରୟ ହୋଇଅଛି ତହିଁର ତାଲିକା ନିମ୍ନେ ଦିଆଗଲା ଯଥା—

| | ଥାନା | ଯାହି | ମୂଲ୍ୟ |
|---|---|---|---|
| କଟକ | ୧,୧୦୮ | ୩,୬୧୮ | ଟ ୯,୯୮,୩୬୧ |
| ବାଲେଶ୍ୱର | ୧୦୪ | ୫,୩୪୪ | ଟ ୨,୩୧,୫୩୦ |
| ପୁରୀ | ୦ | ୭,୫୨୨ | ଟ ୪,୭୨,୦୬୬ |

ଏଥିରୁ ସ୍ୱତ୍ୱ ଖରିଦଦାର କଟକରେ ଅଧିକାଂଶ ବାଣିଜ୍ୟଲୋକ ବାଲେଶ୍ୱରରେ ଅଧିକାଂଶ ମହାଜନ ଜମିଦାର ଏବଂ ରଯ଼ତ ଓ ପୁରୀରେ ଅଧିକାଂଶ ରଯ଼ତ ଏବଂ ବାଣିଜ୍ୟଲୋକ ଅଟନ୍ତି । ଏତେ ଅଧିକ ପରିମାଣରେ ଯୋତସ୍ୱତ୍ୱ ବିକ୍ରୟ କରିବା ପ୍ରଜାମାନଙ୍କର ଦରିଦ୍ରତାର ପ୍ରମାଣ ବିନା ମଙ୍ଗଳକର ବୋଲି କହି ନ ପାରୁ । ମାତ୍ର ଏହାଦ୍ୱାରା ସରକାରଙ୍କର ଷ୍ଟାମ୍ପ ମାସୁଲ ଏବଂ ରେଜଷ୍ଟ୍ରୀ ଫିସର ଆୟ ଯଥେଷ୍ଟ ବୃଦ୍ଧି ହେଉଅଛି ଏବଂ ଜମିଦାରମାନଙ୍କର ନୂତନ ବନ୍ଦୋବସ୍ତରେ ଲାଭର ଭାଗ ଯାହା ଉଣା ପଡ଼ିଅଛି ଏପ୍ରକାର ସ୍ୱତ୍ୱ ବିକ୍ରୟର ଅନୁମତିର ଫିସଦ୍ୱାରା ତହିଁର କଥଞ୍ଚିତ କ୍ଷତିପୂରଣ ହେଉଅଛି

———

## ଜିଲାବୋର୍ଡ଼ଙ୍କୁ ଅର୍ଥସାହାଯ୍ୟ ।

ଗତ ଜୁଲାଇମାସରେ ବଙ୍ଗୀୟ ଗବର୍ଣ୍ଣମେଣ୍ଟ ଏହି ମର୍ମରେ ବିଭାଗୀୟ କମିଶନରମାନଙ୍କୁ ଲେଖିଥିଲେ କି ଜିଲାବୋର୍ଡ଼ ସମୂହର ଆୟ ଏମନ୍ତ ବର୍ଦ୍ଧନଶୀଳ ନୁହେ ଯେ ସଡ଼କ ଘାଟ ଉନ୍ନତି ବା ରକ୍ଷା ନିମନ୍ତେ ଯଥୋଚିତ ବ୍ୟୟ କରିପାରିବେ । ଅଥଚ ସଡ଼କର ଆବଶ୍ୟକତା କ୍ରମା-

Digitized by srujanika@gmail.com

ଗତ ନ ହୁଅନ୍ତୁ । ଗବର୍ଣ୍ଣମେଣ୍ଟଙ୍କ ବିଶ୍ୱାସରେ ପ୍ରଦେଶୀୟକରର ଏକଦଶମାଂଶ ସାହାଯ୍ୟସ୍ୱରୂପ ଜିଲ୍ଲା ବୋରଡ଼ ସମୂହଙ୍କୁ ଦାନ ଦେଲେ ଭଲ ହେବ । ଏ ବିଷୟରେ କମିଶନରମାନଙ୍କ ମତ ଲୋଡ଼ିଥିଲେ । କମିଶନରମାନେ ପ୍ରାୟ ଏକମତରେ ଏହି ପ୍ରସ୍ତାବ ଅନୁମୋଦନ କରିଅଛନ୍ତି ଏବଂ କେହି୨ ଆୟ ବଢ଼ାଇବାର ଉପାୟ ମଧ୍ୟ କହିଅଛନ୍ତି ଯଥା—

ହାଟଉପରେ ଲାଇସେନ୍ସ ଫିସ ବସାଇବା, ରୋଡ଼ସେଶ ବଢ଼ାଇବା ଏବଂ ସଡ଼କ ଓ ପୋଲ ଉପରେ ମାହୁଲ ଧାର୍ଯ୍ୟ କରିବା । ଗବର୍ଣ୍ଣମେଣ୍ଟଙ୍କ ବିବେଚନାରେ ପ୍ରଥମଟି ଅସାଧ୍ୟ ୨ୟଟି ଟିକସ ବୃଦ୍ଧି ହେବାରୁ ଅଗ୍ରାହ୍ୟ ଏବଂ ୩ୟଟି ଏକାଧିକ ଥର ବିବେଚିତ ଏବଂ ଅଗ୍ରାହ୍ୟ ହୋଇଥିଲେହେଁ ଅନେକ ବହୁଦର୍ଶୀ କର୍ମଚାରୀ ସେ ବିଷୟର ଉଲ୍ଲେଖ କରିଥିବାରୁ ମାନ୍ୟବର ଲେପ୍ଟନାଣ୍ଟ ଗବର୍ଣ୍ଣର ସ୍ୱିକାର କରିବେ । ମାତ୍ର ବର୍ତ୍ତମାନ ଯେଉଁ ପ୍ରସଙ୍ଗ ପଡ଼ିଅଛି ତାହା ତାହାଁର ବହିର୍ଭୂତ ଅଟେ । ଗବର୍ଣ୍ଣମେଣ୍ଟ ସମ୍ପ୍ରତି ଯେଉଁ ସାହାଯ୍ୟ ଦେବାର ମନସ୍ଥ କରିଅଛନ୍ତି ତାହା ଚିରସ୍ଥାୟୀ ନୁହେଁ କିମ୍ବା ଜିଲ୍ଲାବୋରଡ଼ର ଧାରଣ କାର୍ଯ୍ୟ ନିମନ୍ତେ ନୁହେ । କେବଳ ସଡ଼କ ସକାଶେ ଯାହା ରେଲବାଟ ସଙ୍ଗେ ଯୋଗ ହେବ । ପ୍ରଥମେ ଟ ୪,୮୦,୦୦୦ ଙ୍କା ଦେବାର ଇଚ୍ଛା ଥିଲା ମାତ୍ର ଓଡ଼ିଶା ଏବଂ ଛୋଟନାଗପୁର ଏହି ଦୁଇ ବିଭାଗର ଅନୁନ୍ନତ ଅବସ୍ଥା ଦୃଷ୍ଟିରେ ମାନ୍ୟବର ଲେପ୍ଟନାଣ୍ଟ ଆଉ ଟ ୬୦,୦୦୦ ଙ୍କା ମିଶାଇ ୫ଲକ୍ଷ୪୦ହଜାର ଟଙ୍କା ସାହାଯ୍ୟ ଦାନ କରି ନିମ୍ନଲିଖିତରୂପେ ବାଣ୍ଟି ଦେଇଅଛନ୍ତି । ଯଥା—

| | |
|---|---|
| ବର୍ଦ୍ଧମାନ ବିଭାଗ | ଟ ୬୪,୦୦୦ |
| ପ୍ରେସିଡେନ୍ସୀ | ଟ ୪୮,୦୦୦ |
| ରାଜସାହୀ | ଟ ୫୩,୦୦୦ |
| ଢାକା | ଟ ୭୨,୦୦୦ |
| ଚଟ୍ଟଗ୍ରାମ | ଟ ୩୦,୦୦୦ |
| ପାଟନା | ଟ ୧,୩୭,୦୦୦ |
| ଭାଗଲପୁର | ଟ ୪୭,୦୦୦ |
| ଓଡ଼ିଶା | ଟ ୩୦,୦୦୦ |
| ଛୋଟନାଗପୁର | ଟ ୩୦,୦୦୦ |

ଉପର ଲିଖିତ ବାଣ୍ଟ ପ୍ରତ୍ୟେକ ବିଭାଗର ପ୍ରଦେଶୀୟ କରର ଆୟ ଅନୁସାରେ ନ ହୋଇ ପ୍ରୟୋଜନ ଦୃଷ୍ଟିରେ ହୋଇଅଛି । ସୁତରାଂ ପାଟନା ବିଭାଗରେ ପ୍ରଚୁର ରେଲ ବାଟ ଥିବାରୁ ତାହାର ଭାଗ କିଛି ଊଣା ଏବଂ ଓଡ଼ିଶା ଓ ଛୋଟନାଗପୁରରେ ଅଳ୍ପ ସଡ଼କ ଥିବାରୁ ଅଧିକ ଦିଆଯାଇ ଅଛି । ବିଭାଗୀୟ କମିଶନରମାନେ ଆପଣା ୨ ଅଧୀନ ପ୍ରତ୍ୟେକ ଜିଲ୍ଲାର ଅବସ୍ଥା ବିବେଚନାରେ ଯାହାଙ୍କୁ ଯେତେ ଦେବାର ଉଚିତ ବୁଝିବେ ସେତେ ଦେବେ । ଏମନ୍ତ କି ଏକ ବିଭାଗର ସମସ୍ତ ଟଙ୍କା ଗୋଟିଏ ଜିଲ୍ଲାକୁ ସେ ଆବଶ୍ୟକ ବୁଝିଲେ ପ୍ରଦାନ କରିବେ ଏବଂ ତଦ୍ଦ୍ୱାରା ତାହାଙ୍କ ବିବେଚନାରୁ ଯେଉଁ ବାଟ ବା ବାଟମାନ ସର୍ବାପେକ୍ଷା ଅଧିକ ପ୍ରୟୋଜନୀୟ ବୋଧ ହେବ ତାହା ସମ୍ପୂର୍ଣ୍ଣରୂପେ ନିର୍ମାଣ ହେବ । କେବଳ ଏହିଥର ସକାଶେ ଟଙ୍କା ଦିଆଯାଇ ଥିବା ସ୍ଥଳେ ନାନା ଅସମ୍ପୂର୍ଣ୍ଣ କାର୍ଯ୍ୟରେ ତାହା ବ୍ୟୟ ହେବ ନାହିଁ, ଭବିଷ୍ୟତରୁ ଗବର୍ଣ୍ଣମେଣ୍ଟ କେତେ ସାହାଯ୍ୟ ଦେବେ ଅବା ଆଉ ଦେବେ ନ ଦେବେ ତାହା ବର୍ତ୍ତମାନ ନିଶ୍ଚୟ ବୋଲିଯାଇ ନ ପାରେ । ଅତଏବ ଯେଉଁ ଟଙ୍କା ଦେଲେ ତଦ୍ଦ୍ୱାରା ଗୋଟିଏ ବା ଅଧିକ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ଆବଶ୍ୟକ । ବିଭାଗୀୟ କମିଶନରମାନଙ୍କୁ ଏହି ଉପଦେଶ ଦିଆଯାଇ ଅଛି । ଓଡ଼ିଶା ଛୋଟନାଗପୁରର ସଦସ୍ୟ ମାନ୍ୟବର ଶ୍ରୀଯୁକ୍ତ ମଧୁସୂଦନ ଦାସ ଅଧିକ ସାହାଯ୍ୟ ପାଇବା କାରଣ ଅନୁରୋଧ କରିଥିଲେ ଏବଂ ମାନ୍ୟବର ଗବର୍ଣ୍ଣର ତଦନୁସାରେ ଉକ୍ତ ଦୁଇ ବିଭାଗକୁ କିଛି ଅଧିକା ଦେଇଅଛନ୍ତି । ତହିଁ ନିମନ୍ତେ ଉଭୟଙ୍କୁ ଆମ୍ଭେମାନେ ଧନ୍ୟବାଦ ଦେଉଅଛୁଁ ।

---

## ସାପ୍ତାହିକ ସମ୍ବାଦ ।

### କଲିକତା-ଗେଜେଟ ।

ବାଲେଶ୍ୱରର ଡେପୁଟୀକଲେକ୍ଟର ବାବୁ ଭୂପତି ଚକ୍ରବର୍ତ୍ତୀ ୧୮୧୪ ସାଲ ଅ ୧ ଆଇନାନୁଯାୟୀ କଲେକ୍ଟରକ୍ଷମତା ପ୍ରାପ୍ତ ହୋଇଅଛନ୍ତି ।

ବଙ୍ଗଳା ମିଉନ୍ସିପାଲିଟିର ପ୍ରଧାନ ସେକ୍ରେଟରି ମିଃ ଜେ, ଏ, ବୋର୍ଡିଲନ ଅଧିକ ଅବେଦନ ପର୍ଯ୍ୟନ୍ତ ଅଥବା ମାନ୍ୟବର ପି, ନୋଲାନଙ୍କ ଅନୁପସ୍ଥିତ କାଳରେ ବୋର୍ଡ଼ର ମେମ୍ବର ପଦରେ ନିଯୁକ୍ତ ହେଲେ ।

ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ମି ଏଚ., ଏସ, ପୁର୍ ୨ୟ ଗ୍ରେଡ଼ରେ ଦାଖଲ ହେଲେ ।

ଡେପୁଟି କଲେକ୍ଟର ବାବୁ କାଳୀଚରଣ ଦାସ ପୁରୀରୁ ଲକ୍ଷ୍ମଣ ଟାଉନ ଡେପୁଟୀକଲେକ୍ଟର ପଦରେ ନିଯୁକ୍ତ ହେଲେ

୧୯୦୧ ସାଲ କଟକ ଟ୍ରେନିଂ ସ୍କୁଲର ଶିକ୍ଷକ ପରୀକ୍ଷାର ଫଳ ନିମ୍ନେ ପ୍ରକାଶିତ ହେଲା ।

୧ମ ଶ୍ରେଣୀ ।

ମଧ୍ୟବର୍ତ୍ତୀ ।

| | |
|---|---|
| ୧ ସନାତନ ପ୍ରଧାନ | ୨ ଗଦାଧର ମିଶ୍ର |
| ୩ ଅନନ୍ତ କ ନାଥ | ୪ ପୁରୁଷୋତ୍ତମ ମିଶ୍ର |
| ୫ କରୁଣାକର ପଣ୍ଡା | |

ନିମ୍ନ

| | |
|---|---|
| ୧ ଗଙ୍ଗାଧର ମିଶ୍ର | ୨ ବଂଶୀଧର ମହାନ୍ତି |

୨ୟ ଶ୍ରେଣୀ ।

ମଧ୍ୟବର୍ତ୍ତୀ ।

| | |
|---|---|
| ୧ ହରିହର ମିଶ୍ର | ୨ ବିଶ୍ୱନାଥ ମହାପାତ୍ର |
| ୩ କୃଷ୍ଣମଣି ପାଣିଗ୍ରାହୀ | ୪ ରାଧାମୋହନ ପାଣିଗ୍ରାହୀ |
| ୫ ନିଧିକର ଦାସ | ୬ ରଘୁ ମହାପାତ୍ର |
| ୭ କୃପାସିନ୍ଧୁ କର | ୮ କାଶୀନାଥ ନାୟକ |

ନିମ୍ନ

| | |
|---|---|
| ୧ ନିତ୍ୟାନନ୍ଦ ତ୍ରିପାଠୀ | ୨ ମଦନମୋହନ ଦାସ |
| ୩ ଭଗବାନ ପଣ୍ଡା | ୪ ବାସୁଦେବ ମିଶ୍ର |
| ୫ ରଘୁନାଥ ଦାସ | |

୩ୟ ଶ୍ରେଣୀ ମଧ୍ୟବର୍ତ୍ତୀ ।

| | |
|---|---|
| ୧ ବୈଷ୍ଣବଚରଣ ପାଣିଗ୍ରାହୀ | ୨ ଗୋବିନ୍ଦ ମିଶ୍ର |
| ୩ ଜଗନ୍ନାଥ ଦାସ | ୪ ପଞ୍ଚାନନ ପଣ୍ଡା |
| ୫ ବୃନ୍ଦାବନ କର | ୬ ବୈକୁଣ୍ଠନାଥ ମିଶ୍ର |
| ୭ ଦମ୍ବରୁ. ରଥ | ୮ ଉପେନ୍ଦ୍ରନାଥ ମିଶ୍ର |
| ୯ ଗଦାଧର ଶାଢ଼ଙ୍ଗୀ | ୧୦ କାଶୀନାଥ ମହାନ୍ତି |

---

ଏ ନଗର ଚଉଦା ବଜାରର ଗୋଟିଏ ଉଆସରେ ବୈଶାଖ ମାସ ୨ ଶ ରେଳ ବସାବାଡ଼ି ସୁନାର ଘଟା ଓ ଅଳଙ୍କାରଚୋରି ସମୂହ ଚୋରମାନେ ଘରେ ପଶି ଅପହରଣ କରି ଚାଲିଗଲେ । କେବଳ ଜ ୩ ଣ ଧରାପଡ଼ିଲେ ଏବଂ ଅନ୍ୟମାନେ ପଳାଇଗଲେ । ସରକାରପକ୍ଷରେ ସୁନାର ଘଟା ଚୋରାଇ ଆହା ବାହାରିଲା ତାହା ପ୍ରକୃତରେ ପିତଳ ଥିଲା । ସେମାନେ ଠକ ଅଟନ୍ତି । ପୁଲିସ ସେମାନଙ୍କୁ ଜାମିନରେ ଛାଡ଼ି ଦେଇଅଛନ୍ତି ।

ଏ ସପ୍ତାହରେ ଏ ନଗରରେ ବର୍ଷାକାଳ ଜଣାପଡ଼ୁଅଛି । ପ୍ରାୟ ପ୍ରତ୍ୟହ ବୃଷ୍ଟି ହୋଇଅଛି ମାତ୍ର ପରିମାଣ ଅଳ୍ପ ।

ଏ ନଗରର ସ୍ୱାସ୍ଥ୍ୟ ଭଲଅଛି । ମାତ୍ର ସହରର ଅଳ୍ପ ଦୂରରେ ଜାଜପୁରରେ ଓଲାଉଠାରେ ୬ ୩ ଣ ମରିବାରୁ ସବ ମାଜିଷ୍ଟ୍ରେଟ ବାବୁ ସେଠାରେ ଯାଇ ବିଶେଷ ତଦାରଖ କରୁଅଛନ୍ତି ।

ଏ ନଗରର ପଶ୍ଚିମପାର୍ଶ୍ୱ କାଠଯୋଡ଼ି ନଦୀରେ ଗତ ଶୁକ୍ରବାର ସନ୍ଧ୍ୟାରେ ୧୪।୧୫ ବର୍ଷ ଜଣେ ଯୁବତୀ ସ୍ନାନ କରିବା ସମୟରେ ମଗର ଧରିଲା । ପୁଲିସ ତହିଁ ପର ଦିନ ତାହାର ମୃତ ଦେହ ପାଇଥିଲେ ।

ଯତ୍ନଶୀଳ ପୁଲିସ ଗୋଟିଏ କଣ୍ଟାବଳ ଉପରେ ଦଶ ଜଣ ଜନ୍ତୁ ଚୋରମାନେ ମାଡ଼ିଥିଲେ । ଗତ ସୋମବାର ଏଠା ଡେପୁଟି କଲେକ୍ଟର ମାଜିଷ୍ଟ୍ରେଟ ଅଧିକାରୀ ଟ ୧୫ ଙ୍କା ପୁରସ୍କାର ଦିଆଗଲା ।

କଟକ ପାଣ୍ଡୁଲିପି ନିକଟରେ ଏକୋଇଶୀ ପୂଜା ଉତ୍ସବରେ ନଗରର ସମସ୍ତ ଲୋକ ଗଲେ ଏ ନଗରର ଅନେକ ଭଦ୍ରଲୋକଙ୍କୁ ଆମନ୍ତ୍ରଣ କରି ନାଚ ତାମସା ଏବଂ ପ୍ରୀତିଭୋଜନ କରାଇ ଥିଲେ ।

ପୁରୀର ଲକ୍ଷ୍ମୀଦାସ ଛାତ୍ର ନେଇ ଆଜି । ଏଥର ରଥରେ ଗୁଣ୍ଡିଚା ଦେଇ ସନ୍ଧ୍ୟା ଦେବାର ପୂର୍ବ ମାତ୍ର ଆ ଦିନର ବେଳ ପରେ ଶେଷ ହୋଇ ନ ଥିବାରୁ ଯାତ୍ରୀମାନେ ବେଶ ହନ୍ତସନ୍ତ ହୋଇଅଛନ୍ତି ।

କଲିକତା ମାତ୍ର ସାତ ଲକ୍ଷ ଜନମ କରିବ ସବ ଏଟ, ଏ, ପଣ୍ଡିତରେ ୩ୟ ଥରରେ ଭିଡ଼ ହୋଇଥିବାରୁ ସବ କଲିକତା ଗେଜେଟରେ ବାହାରିଅଛି । ଏହିଠାରେ ଏ ବାଳିକ କଲେଜ ଚିଠି ବାହାର କଥା ।

କଲିକତା ଯାଇ ଖଡ଼ଗପୁରଠାରୁ ଅନ ପାନ ସାହେବ କଲ୍ ବେଙ୍ଗଲ ନାଗପୁର ରେଲବେର ମାଲ ଯାତାୟାତ ନିମନ୍ତେ ଲମ୍ବା ସମୟରେ ଗୋଟିଏ ଯାହାଙ୍କର ପୁଲ ପ୍ରସ୍ତୁତ ହେବ । ତହିଁର ବ୍ୟୟ ୧୧ ଲକ୍ଷ ୮୪ ହଜାର ଟଙ୍କା ଅନୁମିତ ହୋଇଅଛି ।

ବଙ୍ଗଳା ନାଗପୁର ରେଲବେ କମ୍ପାନୀ ସମ୍ପ୍ରତି ଲାଇନ ଟ୍ରେନ ହ୍ରାସ କରିବା ନିମନ୍ତେ ହାବଡ଼ାଠାରୁ ଚଳିଲେ ସ ୩୨।୧୭ ମିନିଟରେ ଖଡ଼ଗପୁର ଠାରେ ପହଞ୍ଚାଇଥିଲେ । ଏବେଶ ଉଡ଼ିଷ୍ୟା ରେଲ କମ୍ପାନୀର ଏକ୍ସପ୍ରେସ ମେଲ ଟ୍ରେନ ହାବଡ଼ାଠାରୁ ଛାଡ଼ିଲେ ରାତ୍ରି ୫।୪୮ ମିନିଟରେ କଟକ ଏ

Split by PDF Splitter

Digitized by srujanika@gmail.com

[illegible] । ସୁତରାଂ ବଙ୍ଗଳା ନାଗପୁର ରେଲ୍ୱେର ଜମି ହୋଇଅଛି ଏବଂ ସମ୍ଭବତଃ ସେମାନେ କଲିକତାରୁ ଲମ୍ବେ- [illegible] ଠିକା ସରକାରଙ୍କୁ ଦେଇବେ ।

[illegible] ସେହିଠାରୁ [illegible] ଅବୈତନିକ [illegible] ଉଲ୍ଲ [illegible] ସେମାନଙ୍କର [illegible] କେହି କିଛି କରି ନ [illegible] । [illegible] ଜଣେ କର୍ତ୍ତା ହେବାର [illegible] [illegible] ଏବଂ [illegible] ମଞ୍ଜୁର କରିଅଛନ୍ତି । [illegible] ରେଲ୍ୱେମାନଙ୍କର [illegible] [illegible] ଏବଂ କେବଳ ମାସକୁ ଟ ୨୨୦୦ ଟା [illegible] ପୃଥକ୍ । ଅବଶ୍ୟ [illegible] [illegible] ଟା ଦେବେ କିନ୍ତୁ ଭତ୍ତା ନାହିଁ ।

ସନ ୧୯୦୦ ସାଲରେ ରେଲୱେର ଅସ୍ୱରୁ ଗବର୍ଣ୍ଣମେଣ୍ଟ [illegible] ଲକ୍ଷ ଟଙ୍କା ଲାଭ ହୋଇଅଛି । ସନ ୧୮୯୮ ରେ ୭୮ [illegible] ୧୮୯୯ ରେ ୧୬ ଲକ୍ଷ ଟଙ୍କା ଲୋକସାନ ହୋଇଥିଲା । ଏହି ବତ୍ସର ମଧ୍ୟରେ *୭୧୯ ମାଇଲ [illegible] ରେଲପଥ ନିର୍ମାଣ ହୋଇଅଛି ।

[illegible] ସୁକ୍ର [illegible] ଓ୍ୟାଟ୍‌ସନ ନଗରର କୌଣସି [illegible] ବର୍ଷରୁ କେବେ ଗୁଡ଼ିଏ ସ୍ୱର୍ଣ୍ଣଖଣ୍ଡର ମାଟି [illegible] ମଧ୍ୟରେ ସେମାନଙ୍କ ଥିବାର ଜଣା [illegible] ନାହିଁ । [illegible] ନଗର [illegible] [illegible] ଭୀଜ ଦେଖିଲେ କୌଣ ମଇଳରେ ସ୍ୱର୍ଣ୍ଣ [illegible] ସୁବର୍ଣ୍ଣ [illegible] ମାତ୍ର ଅଛନ୍ତି । [illegible] ପ୍ରକାର ପ୍ରବାଳ ପ୍ରବିନ୍ଦୁ ପ୍ରାପ୍ତ ହେଉଅଛି ।

[illegible] ମଧ୍ୟରେ ସ୍ୱଚ୍ଛ ମୁଦ୍ରା ତିଆରି କରାଇବାକୁ [illegible] ସ୍ଥିର କରିଅଛନ୍ତି । ଏହି ମୁଦ୍ରାର [illegible] ଗବର୍ଣ୍ଣମେଣ୍ଟ [illegible] ମୁଦ୍ରା ପରି ଏବଂ [illegible] ଓ ଅନ୍ୟ [illegible] ଇଂରାଜୀ ଲେଖା [illegible] । [illegible] ମାସ ପରେ ଏହି [illegible] ହେବ ।

[illegible] [illegible] ରୁ [illegible] ଦରରେ ଲ ୧୪ ଶ ହ ୭୦ ହଜାର [illegible] । [illegible] ବର୍ଜ୍ଜନ ବାହାଦୁରଙ୍କ [illegible] ଭାରତର [illegible] [illegible] ପ୍ରାପ୍ତ ଲ ** ଶ ଟଙ୍କା ଦ୍ୱାରା [illegible] । [illegible] କି ?

---

### ପତ୍ର ପ୍ରେରକଙ୍କ ପ୍ରଶ୍ନ

ଜଣେ ପାଠକ – ମହାପ୍ରଭୁଙ୍କ ସେବକ ଶ୍ରେଣୀରେ ଗଣ୍ଡା ଥିବା ମାହାରୀମାନଙ୍କ ଛଡ଼ା ଅନ୍ୟ ହିନ୍ଦୁ ବେଶ୍ୟାମାନଙ୍କର ପୁରୀ ଜଗନ୍ନାଥଙ୍କର ମନ୍ଦିର ମଧ୍ୟରେ ପ୍ରବେଶ ନିଷେଧ ଅଛି ମାତ୍ର କାର୍ଯ୍ୟତଃ ପଶ୍ଚିମା ଦକ୍ଷିଣୀ ବଙ୍ଗାଳୀ ଏବଂ ଅନେକ ଓଡ଼ିଆ ବେଶ୍ୟାମାନେ ଅବାରିତ ରୂପେ ମନ୍ଦିରକୁ ଯାଇ ଦର୍ଶନ କରୁ ଅଛନ୍ତି ଠିକ କରି ଚିହ୍ନିବା ସହଜ ନୁହେ ।

---

### ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ଶ୍ରୀ ବାବୁ ଜଗନ୍ନ କୃଷ୍ଣାନନ୍ଦ | ହିଣ୍ଡପା ଥଠମଣ୍ଡଳ | ଟ ୩( |
| " ଜାନଗରଙ୍କୁରାଜେନ୍ଦ୍ର | ଅଲବଡ଼ାରବାଟିଶର | ଟ ୩( |
| " ଦାମୋଦର ରଥ | କଟକ | ଟ ୬( |
| ରେଭେନ୍ସା ହାଇ କେଲ | " | ଟ ୩( |

---

## ବିଜ୍ଞାପନ ।

ଜମ୍ବ ବଡ଼ମ୍ବା ମାନେଜର କଚେରୀର ପୁରା- ତନ ଇଂରାଜି ଓ ଓଡ଼ିଆ କଥି ଆଦି କାଗଜାତ୍ ମାନ ଫେରସ୍ତ କରିବା ସକାଶେ ମାସିକ ଟ ୧୨ଙ୍କା ବେତନର ଏକଜଣ ମୋହରର ଆବଶ୍ୟକ ଯେଉଁମାନଙ୍କର କଚେରୀ କାର୍ଯ୍ୟରେ ପ୍ରବେଶ ନ ଥିବ ସେମାନଙ୍କ ପକ୍ଷେ ଦରଖାସ୍ତ କରିବା ଅନ୍- ଚିତ । ଦରଖାସ୍ତ ସହିତ ପ୍ରଶଂସା ପତ୍ର ଆଦି ଆମ୍ଭ ନିକଟକୁ ପ୍ରାର୍ଥୀମାନେ ଆସନ୍ତା ଜୁଲାଇ ମାସ ତା ୨୦ ରିଖ ପର୍ଯ୍ୟନ୍ତ ପଠାଇ ପାରିବେ ।

କଚେରୀ ମାନେଜର }
। କ । ବଡ଼ମ୍ବା } Madanmohan Patnaik
୨୯।୬।୧୯୦୧ } ମାନେଜର

---

## NOTICE.

Is hereby given that a Dhenkanal Scholarship of Rs. 7 a month tenable for 2 years, will be awarded by the Cuttack District Board. Candidates are invited to apply to the undersigned before the 17th instant in the following form. The candidates must have passed the Entrance Examination.

### FORM OF APPLICATION.

1. Name of candidate.
2. Name of his father and his occupation.
3. Residence, temporary or permanent. If the candidate be domiciled in Orissa, for how many generation he has been so domiciled.
4. What examination the candidate has passed, and in what division, whether in the first chance or otherwise.
5. Name of the School and the Class in which he is reading.
6. Certificate from respectable persons about the character and circumstances of the candidate.
7. Remarks giving other particulars which the candidate may wish to give.

Cuttack District Board Office 3—7—01. } J. C. CHUNDER Vice-Chairman.

---

## FOR SALE.

A thatched Bungalow containing 7 rooms. 2 Verandahs and Portico with range of out-houses for gharry, poney, cows kitchen and poultry, with a small tank, all standing on 11 goonts of land, on side of Meria Bazar Christian Sahi lane and within 300 feet of Cutchery road.

For particulars apply to undersigned.

1st July, 1901 } R. F. TAYLOR, CUTTACK.

## ବିଜ୍ଞାପନ ।

କଟକ ମେରିଆ ବଜାର ଖ୍ରୀଷ୍ଟିୟାନସାହି ନିକଟରେ ଗୋଟିଏ ଛପରବଙ୍ଗଳା ବିକ୍ରୟ ନିମନ୍ତେ ପ୍ରସ୍ତୁତ ଅଛି । ଏଥିରେ ୭ ଗୋଟି କୋଠରି ଗୋଟି୨ ଟି ବରଣ୍ଡା ଏବଂ ଗାଡ଼ି, ଘୋଡ଼ା, ଓ ଅନ୍ୟାନ୍ୟ ଜନ୍ତୁମାନଙ୍କ ରହିବା ନିମନ୍ତେ ବାହାର ଘର ଅଛି । ଏଥି ସଲ- ଗ୍ନରେ ଗୋଟିଏ ଛୋଟ ପୋଖରୀ ଅଛି । ଉପରୋକ୍ତ ବଙ୍ଗଳା ଗୁ ୧୧ ଣ୍ଠ ଜମିରେ ଅବସ୍ଥିତ ଏବଂ ସଡ଼କଠାରୁ ଫୁ ୩୦୦ ଟ ଦୂର । କ୍ରେତାମାନେ ନିମ୍ନ ଲିଖିତ ଠିକଣାରେ ତତ୍ତ୍ୱ କଲେ ସମୁଦାୟ ବିଷୟ ଜାଣି ପାରିବେ।

ଆର, ଏଫ୍, ଟେଲର
କଟକ

---

## ନୃସିଂହପୁରାଣ ।

| | | | |
|---|---|---|---|
| ୧ମ ଭାଗର ଟ ୧। | | ୬ଷ୍ଠ ଭାଗର ଟ ୧.୯ | |
| ୨ୟ " | ୨୧। | ୪ର୍ଥ " | ୫୧। |
| ୫ମ " | ଟ ୧୦/ | ୬ଷ୍ଠ " | ଟ ୦୧ |
| ୭ମ " | ଯନ୍ତ୍ରସ୍ଥ । | | |

ଏଥିରେ ପଞ୍ଚପୁରାଣ—ଶ୍ରୀ ମଦ୍ଭାଗବତ, ମହା- ଭାରତ, ରାମାୟଣ, ହରିବଂଶ ଓ ନୃସିଂହମହାପ୍ରଭୁଙ୍କ ଚରିତ ବାହୁଲ୍ୟରୂପେ ସନ୍ନିବିଷ୍ଟ । ଏହାକୁ ଶାସ୍ତ୍ରମାନୁସାରେ ପାଠ ବା ଶ୍ରବଣକଲେ ସକଳ ପାପ ଦୂର ଓ ପୁଣ୍ୟଲାଭ ସଞ୍ଚାରିତ ଏବଂ ଚତୁର୍ବର୍ଗ ଫଳ ଲାଭ ହେବ । ଏଗ୍ରନ୍ଥରେ ମନୁଷ୍ୟମାନଙ୍କର ଯାବତୀୟ କର୍ତ୍ତବ୍ୟ କର୍ମ ସମ୍ବନ୍ଧୀୟ ନାନାପ୍ର- କାର ସଦୁପଦେଶ ବିଶଦଭାବରେ ବର୍ଣ୍ଣିତ ହୋ- ଇଅଛି ପାଠକେ ଏହାକୁ ଥରେ ପାଠକଲେ ବା ଶୁଣିଲେ ବୁଝିପାରିବେ ବିଶେଷ ଜଣାଇବା ବାହୁଲ୍ୟ ।

ଏଗ୍ରନ୍ଥ ଗୃହୀର ଗୂଢ଼-ରହସ୍ୟରୂପ ଅଟେ । ଏକ ଏକ ସେଟ ଏଥିରୁ ଗୃହରେ ରଖିବାର ଉଚିତ । ଏହା ବୃହତ୍ ଗ୍ରନ୍ଥ । ୭ଖଣ୍ଡରେ କଲ୍ପିତ । ଗ୍ରନ୍ଥକାର ପ୍ରତିଖଣ୍ଡ ଭାଗର ଅଙ୍ଗ୍ରା ପ୍ରଦାନ କରିଅଛନ୍ତି । ପ୍ରକୃତରେ ଭାଗର ଯେଉଁମା ରତ୍ନ ଓ ମଣି ପ୍ରଭୃତି ବହୁମୂଲ୍ୟ ପଦାର୍ଥରେ

Split by PDF Splitter
Digitized by srujanika@gmail.com

Split by PDF Splitter



ଯୁକ୍ତି । ଏତନ୍ନ ଜନସାଧାରଣଙ୍କର ଜୀବନସାର୍ଥକ କରିବାର ସେରୂପ ବହୁମୂଲ୍ୟ ହିତୋପଦେଶରେ ଯୁକ୍ତି ଅଛି ।—

ଉକ୍ତଗ୍ରନ୍ଥରେ ମୁଦ୍ରିତ ହୋଇ କଟକ କରଗାବଜାରସ୍ଥ କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି ।

---

## ବିଜ୍ଞାପନ ।

ପୁସ୍ତକରେ ଅଦ୍ବିତୀୟ । କେବଳ ଜଗତର ଯୁଗାନ୍ତର ।

**ବ୍ୟାଧି ଜଗତର ବୋହିନୂର !!!**

ଆମେରିକା ପ୍ରଦେଶସ୍ଥ ନିଉୟର୍କ ନଗରର ବିଖ୍ୟାତନାମା ଡାକ୍ତର ଉଇଲିୟମ ମେଜର ଏମ୍, ଏ, ଏମ୍, ଡି, ସାହେବଙ୍କ ଆବିଷ୍କୃତ

### ଇଲେକ୍ଟ୍ରୋ ସାଲସା ।



ଭାରତବର୍ଷ ଗ୍ରୀଷ୍ମ ପ୍ରଧାନ ଦେଶହେତୁ ଏତଦ୍ଦେଶ ବାସିମାନଙ୍କର ଅଳ୍ପବୟସଠାରୁ ଇନ୍ଦ୍ରିୟ ଚାଞ୍ଚଲ୍ୟତା ଉପସ୍ଥିତ ହୁଏ, ଏବଂ ତାହାର ଅପରିମିତ ଅନାଚାରଣର ବିଷମୟ ଫଳରୁ ଯେ ସମସ୍ତ ଯନ୍ତ୍ରଣାଦାୟକ ଦୁଃସାଧ୍ୟ ଶୁକ୍ର ଓ ରକ୍ତସମ୍ବନ୍ଧୀୟ ପୀଡା ଉପସ୍ଥିତ ହୋଇଥାଏ ତାହାର କବଳରୁ ଦୁର୍ଭାଗ୍ୟ ଭାରତବାସିମାନଙ୍କର ମୁକ୍ତ ହେବାର କୌଣସି ପ୍ରକୃତ ସ୍ଥାୟୀକ୍ରିୟାଜନକ ଔଷଧ ପ୍ରଚଳିତ କୌଣସି ଚିକିତ୍ସା ପଦ୍ଧତିରେ ଆଜପର୍ଯ୍ୟନ୍ତ ଆବିଷ୍କୃତ ହୋଇ ନାହିଁ । ସୁତରାଂ ଚିକିତ୍ସକ ସମ୍ପ୍ରଦାୟ ଓ ଔଷଧ ବ୍ୟବସାୟିମାନଙ୍କ କର୍ତ୍ତବ୍ୟାନୁରୋଧରେ ବା ସ୍ୱାର୍ଥର ବଶବର୍ତ୍ତୀରେ ଯେ କେବଳ ଠକାଇଅଛନ୍ତି ତାହା ନୁହେ ! ଅନ୍ୟଥା ଉକ୍ତ ଔଷଧର କ୍ରିୟାରେ ବିପରୀତ ଫଳ ହେବାର ଦେଖାଯାଏ; ସ୍ଥଳବିଶେଷରେ ଯଦି ବିରମଣ ଚିକିତ୍ସକଙ୍କ ଔଷଧରେ ଉପକାର ଦେଖାଯାଏ ସତ୍ୟ! କିନ୍ତୁ ସାମାନ୍ୟ ଅତ୍ୟାଚାରରେ ବା ସ୍ୱାସ୍ଥ୍ୟର ଅନିୟମରେ ପୁନରାକ୍ରମଣ ହୋଇଥାଏ । ଏହି ସକଳ ଅବସ୍ଥା ପର୍ଯ୍ୟାଲୋଚନା କରି ତାହାର ପ୍ରକୃତ ଔଷଧ ଆବିଷ୍କାର କଳ୍ପନାରେ ଗତ ବ ୧୮ ବର୍ଷ ବ୍ୟାପୀ ଆମ୍ଭମାନଙ୍କ ଅବିଚଳିତ ଅଧ୍ୟବସାୟ, ଅମାନୁଷିକ ପରିଶ୍ରମ, ଅଜସ୍ର ଅର୍ଥ ବ୍ୟୟ, ବହୁ ଅନୁସନ୍ଧାନ ଓ ପରୀକ୍ଷାଫଳରେ ହିମାଳୟ ପର୍ବତର ଉପତ୍ୟକା ଭୂମିରୁ ଉଦ୍ଧୃତ ଗାମ୍ଭୀର୍ଯ୍ୟ ଭେଷଜ ଗୁଣାନ୍ୱିତ କେତେକ ବୃକ୍ଷାଦ୍ୟ ଲତା ଗୁଳ୍ମର ନିର୍ଯ୍ୟାସର ସହିତ ରକ୍ତ ପରିଷ୍କାରକ, ଧାତୁପୋଷକ, ଶୁକ୍ରବର୍ଦ୍ଧକ, ପାରଦଦୋଷ ନାଶକ, ତୃପ୍ତିକର, ମେଧା ଓ ସ୍ମୃତିଶକ୍ତି ବୃଦ୍ଧିକର ପ୍ରଭୃତି ସ୍ୱାସ୍ଥ୍ୟ ଓ ଶରୀର ସଂରକ୍ଷଣ ଉପଯୋଗୀ ୭୬ ପ୍ରକାର ଦେଶି ଓ ବିଲାତି ଔଷଧର ସାରଭାଗ ଏକତ୍ରିତ କରି ଇଲେକ୍ଟ୍ରୋ ଅର୍ଥାତ୍ ତାଡିତଶକ୍ତି ସଂଯୋଗେ ନୂତନ ରସାୟନିକ ପ୍ରକରଣେ ଏହି ଇଲେକ୍ଟ୍ରୋ ସାଲସା ଆବିଷ୍କୃତ ହୋଇ ଏତେଦିନ ପରେ ଚିକିତ୍ସା ଜଗତରେ ଏକ ମହତ ଅଭାବ ଦୂରୀଭୂତ ହୋଇଅଛି । ତମସାଚ୍ଛନ୍ନ ହତାଶ ପ୍ରାଣରେ ଏକ ଆଶାର ପ୍ରଦୀପ ଜଳି ଉଠିଅଛି ।

ଅସିୟା, ଇଉରୋପ, ଆମେରିକା, ଅଷ୍ଟ୍ରେଲିୟା ପ୍ରଭୃତି ମହାଦେଶମାନଙ୍କର ପ୍ରସିଦ୍ଧ୨ ଚିକିତ୍ସକ ଓ ଜନସାଧାରଣ ମୁକ୍ତକଣ୍ଠରେ ଘୋଷଣା କରୁଅଛନ୍ତି ଯେ ଶୁକ୍ର ଓ ରକ୍ତସମ୍ବନ୍ଧୀୟ ପୀଡାରୋଗର ଏପରି ସର୍ବଗୁଣ ସମ୍ପନ୍ନ, ସ୍ଥାୟୀକ୍ରିୟାଜନକ, ସନ୍ତ୍ୟକ୍ଫଳପ୍ରଦ, ସୁଖସେବ୍ୟ, ନିର୍ଦ୍ଦୋଷ, ଔଷଧ ଆଉ ଦ୍ୱିତୀୟ ନାହିଁ । ବାଲସ୍ୱଭାବ ସୁଲଭ ଦୋଷରେ ଅସ୍ୱାଭାବିକ ମୈଥୁନରେ ବା ଅପରିମିତ ଅପବିତ୍ର ସଂସର୍ଗରେ କିମ୍ବା ଅଧିକ ଅଧ୍ୟୟନରେ ଅଧିକ ଚିନ୍ତାରେ ଅଧିକ ରାତ୍ରି ଜାଗରଣେ, ଶାରୀରିକ ଓ ମାନସିକ ପରିଶ୍ରମର ବାହୁଲ୍ୟତାରେ, ଦୀର୍ଘକାଳବ୍ୟାପୀ ପ୍ରଖର ସୂର୍ଯ୍ୟଉତ୍ତାପ ଭ୍ରମଣରେ, ଅସ୍ୱାସ୍ଥ୍ୟକର ସ୍ଥାନରେ ବାସ, ପାରଦ ମିଶ୍ରିତ ବା ଉଗ୍ରଗୁଣ ବିଶିଷ୍ଟ ଔଷଧ ସେବନରେ, କିମ୍ବା ମ୍ୟାଲେରିୟା ଓ ଉପଦଂଶ ବିଷ ପ୍ରଭୃତି ଶରୀରରେ ପ୍ରବେଶ ହେବା କାରଣରୁ ଯଦି

ଶୁକ୍ର ଦୂଷିତ ହୋଇ—ଧାତୁ ଦୌର୍ବଲ୍ୟ ସ୍ମୃତିଶକ୍ତି ହ୍ରାସ, ଶୁକ୍ରର ତରଳତା, ଅଳ୍ପ ବା ଘୋର ଉତ୍ତେଜନାରେ ରେତପାତ, ସହବାସରେ ସମ୍ପୂର୍ଣ୍ଣ ବା ଅସମ୍ପୂର୍ଣ୍ଣରୂପେ ଅକ୍ଷମ, ରତିଶକ୍ତି ହୀନତା ସ୍ଥାନୀୟ ଅଙ୍ଗର କୋମଳତା, ମେହ, ପ୍ରମେହ, ଶୁକ୍ରମେହ, ପ୍ରସ୍ରାବଯନ୍ତ୍ରଣା, ପ୍ରସ୍ରାବ ସଙ୍ଗରେ ପୁରାଣ୍ଡ୍ୟରେ ଅବା ଅଲକ୍ଷରେ ଶୁକ୍ରପତନ, ଲୁଗାରେ ଦାଗ ଲାଗିବା, ସ୍ୱପ୍ନଦୋଷ, ମଳର ବେଗରେ ଶୁକ୍ର ନିର୍ଗତ ହେବା, ଶୁକ୍ରର ସନ୍ତାନ ଉତ୍ପତ୍ତି ଶକ୍ତିର ଅଭାବ, ଧାରଣା ଶକ୍ତିର ହ୍ରାସ, ସ୍ତ୍ରୀଲୋକ ଦର୍ଶନ ବା ସ୍ପର୍ଶନ ମାତ୍ରେ କିମ୍ବା ସାମାନ୍ୟ ସହବାସରେ ଶୁକ୍ରପାତ, ମୂତ୍ରକୃଚ୍ଛ୍ରତା, ମୂତ୍ରମାର୍ଗ ସ୍ଥ ଅଳ୍ପ ୨ ବା ଅଧିକ ପରିମାଣରେ ପ୍ରସ୍ରାବ ହେବା, ବହୁମୂତ୍ର ପ୍ରସ୍ରାବ ଲାଲ ବା ଗୋଳିଆ ହେବା, ସ୍ମରଣ ଓ ଚିନ୍ତାଶକ୍ତିର ହ୍ରାସ, କେଶର ଅକାଳ ପକ୍ୱତା, ଚିଡ଼ଚିଡ଼ା ସ୍ୱଭାବ, ସାମାନ୍ୟ କାରଣରୁ କୋପ, କର୍ତ୍ତବ୍ୟ କାର୍ଯ୍ୟରେ ଅନିଚ୍ଛା, ସାହାସ ଓ ଉଦ୍ୟମ ହୀନତା, ସାମାନ୍ୟ ପରିଶ୍ରମେ ବା କଥାର ସମୟରେ ଘର୍ମ ନିର୍ଗତ ହେବା, ମସ୍ତିଷ୍କର ସ୍ନାୟୁର ଗ୍ଲାନତା ଓ ଦୁର୍ବଳ ଓ ସେହି ନିମିତ୍ତ ମସ୍ତିଷ୍କ, ଚକ୍ଷୁ କୋଟର ଗତ, ଦେହରୁକ୍ଷ, ଶୁଷ୍କ ଓ ଶ୍ରୀହୀନ କ୍ଷୁଧାମାନ୍ଦ୍ୟତା, ପରିପାକ ଶକ୍ତିର ଅଭାବ, ଅମ୍ଳ, ଘନ ଜଳବାର, କୋଷ୍ଠବଦ୍ଧ ହସ୍ତକମ୍ପନ, ହାତ, ଗୋଡ଼, ଓ ଚକ୍ଷୁଜ୍ୱାଲା, ମୁଣ୍ଡବୁଲା, ଚିତ୍ତ ଚାଞ୍ଚଲ୍ୟ, ଇତ୍ୟାଦି ବୋଧହେବା ପ୍ରଭୃତି ଶୁକ୍ରଜ ରୋଗ ବା ତତ୍ତ୍ଉପସର୍ଗ ଆକ୍ରମଣ କରିଥାଏ କିମ୍ବା ସେହି ସମୂହ କାରଣରେ ଯଦି—

ରକ୍ତ ଦୂଷିତ ହୋଇ—ରକ୍ତ ପିତର ବୃଦ୍ଧି, ପାରଦବିକୃତି, ଉପଦଂଶ (ଖର୍ମି) ବାତରକ୍ତ, ଅମ୍ଳପିତ୍ତ, ଗାତ୍ରକଣ୍ଡୁ, ବାଗି, ନାକ ଓ ମୁଖର ଭିତରେ କିମ୍ବା ଜନନେନ୍ଦ୍ରିୟ, କୋଷ ଓ ଜାଙ୍ଗ ପ୍ରଭୃତି ସ୍ଥାନରେ ଘା, ପାଚିଲ ଘା, ନୂତନ ପୁରାତନ ନାଲି ଘା, ଶୋଷହେବା, କାଛୁ, କାଉର, ଭଗନ୍ଦର, ଶୂଳ, କାନ୍ଥୁ, ପ୍ରଭୃତି ଦୁର୍ଦ୍ଦମନୀୟ ଚର୍ମରୋଗ, ନୂତନ, ପୁରାତନ ବାତ, କଟୀ, ଉରୁ, ଜଙ୍ଘା, ସ୍କନ୍ଧ, ହସ୍ତ, ପାଦ, ଓ ସନ୍ଧି ସକଳର ଗୁରୁତ୍ୱ, ବେଦନା, କନକନ ହେବା, ମୋଡିହୋଇଯିବାରୁ କ୍ଷେତ୍ରଜନିତ ଚଳନଶକ୍ତିର ହ୍ରାସ, ଦନ୍ତମୂଳ ଫୁଲା, ଓ ବ୍ୟଥା, ଦନ୍ତ ଶିଥିଳ ମୁଖରେ ଦୁର୍ଗନ୍ଧ, ଶରୀର ନାନାସ୍ଥାନରେ ସାମୟିକ ବା ଅସାମୟିକ ଦାଗ ବା ଗରମି ଜ୍ୱରର ଲକ୍ଷଣ ହାତର ବା ଗୋଡ଼ ତଳିପାରେ ଚମଡ଼ା ଉଠା କିମ୍ବା ସ୍ଥାନବିଶେଷ ସାଦା ୨ ବା କଳା କଳା ଚିହ୍ନ, କୁଣ୍ଡାଇ ହୋଇ ଫୁଟି ଉଠିବା, ଚକ୍ଷୁରୁ ଜଳ ପଡିବା, କୃଶତା, ରକ୍ତହୀନତା, ଶୋଥ, ଅଜୀର୍ଣ୍ଣ, କୋଷ୍ଠବଦ୍ଧ ପ୍ରଭୃତି ରକ୍ତସମ୍ବନ୍ଧୀୟ ପୀଡ଼ା ବା ତତ୍ତ୍ଉପସର୍ଗ ଆକ୍ରମଣ ହୋଇଥାଏ, କିମ୍ବା ଭବିଷ୍ୟତ ରୋଗସମୂହର କୌଣସି ଲକ୍ଷଣ ପ୍ରକାଶ ପାଇଥାଏ, ତେବେ ଏହି ସାଲସା ସେବନ କର, ତାଡିତଶକ୍ତିର ପ୍ରଭାବରେ ସଙ୍ଗେ ୨ ଶୁଭଫଳ ଫଳିବ । କୋଷ୍ଠ ପରିଷ୍କାର ହେବ, କ୍ଷୁଧା ବୃଦ୍ଧି ହେବ । ଚିତ୍ତ ପ୍ରଫୁଲ୍ଲ ହେବ, ଏବଂ ଏକମାତ୍ର ଔଷଧ ଏକ ମୋହର ଅପେକ୍ଷା ଅଧିକ ଅନୁମାନ ହେବ । ଏକ ସପ୍ତାହରେ ଆଶାତୀତ ଉପକାର ଜଣାଯିବ । ଏବଂ ରୋଗିର ବୟସ ଓ ରୋଗର ଅବସ୍ଥା ଓ ଭେଦ ୨ ଥାଇ ପ୍ରକୃତି ଭେଦେ ୩ ସପ୍ତାହଠାରୁ ୬ ସପ୍ତାହ ମଧ୍ୟରେ

Digitized by srujanika@gmail.com

ସତ୍ଵରେ ସମ୍ପୂର୍ଣ୍ଣରୂପେ ନିଶ୍ଚୟ ସ୍ଥାୟୀ ଆରୋଗ୍ୟ ଲାଭ ହୋଇ, ଶରୀର ହୃଷ୍ଟପୁଷ୍ଟ ଓ ବଳିଷ୍ଠ ହେବ, ଦେହର ଲାବଣ୍ୟ ବୃଦ୍ଧି ହେବ, ରତିଶକ୍ତିର ସମ୍ପୂର୍ଣ୍ଣ ବିକାଶ ପାଇବ, ସହବାସରେ କ୍ଷମତା ଜନ୍ମିବ । ସ୍ମରଣଶକ୍ତିର ବୃଦ୍ଧି ହେବ । ଦୂଷିତ-ରକ୍ତ ଶୋଧିତ ହୋଇ ନୂତନ ରକ୍ତକଣିକା ସୃଜନ ହେବ । ଶାରୀରିକ ଓ ମାନସିକ ଦୌର୍ବଲ୍ୟ ଏବଂ ଅବସନ୍ନତା ଦୂରୀଭୂତ ହୋଇ ଯୌବନ କାଳୋ-ଚିତ ସ୍ଵାଭାବିକ ବଳ ବୀର୍ଯ୍ୟ ଓ ନଷ୍ଟସ୍ଵାସ୍ଥ୍ୟ ପୁନର୍ବାର ଫେରି ପାଇବ ଏବଂ ଆଜୀବନ ତାହା ଅଟଳ ରହିବ ।

ନିଃସନ୍ଦେହରେ କୁହାଯାଇପାରେ ଯେ ଏହି ଭୁମ୍ବ ରୋଗର ଏକମାତ୍ର ପ୍ରକୃତ ମହୌଷଧ; ଯେହେତୁ ପୃଥିବୀସ୍ଥ ଯାବତୀୟ ପ୍ରଧାନ ୨ ଚିକି-ତ୍ସାଳୟ ସମୂହରେ ଏହି ସାଲସା ଦୀର୍ଘକାଳ ବ୍ୟବହୃତ ହୋଇ ଉପରୋକ୍ତ କାର୍ଯ୍ୟକାରିତା ଶକ୍ତିର ଅବ୍ୟର୍ଥ ପ୍ରମାଣ ହୋଇଯାଇଅଛି । ସେହି ହେତୁରୁ ଚିକିତ୍ସା ଜଗତରେ ଏହା ଶୀର୍ଷସ୍ଥାନ ଅଧିକାର କରିଅଛି । ଏବଂ ଲକ୍ଷ ୨ ପ୍ରଶଂସାପତ୍ର ଲାଭ କରିଅଛି ଏଥିରେ କୌଣସି ପ୍ରକାର ବିଷାକ୍ତ ବା ମାଦକଦ୍ରବ୍ୟର ସଂସ୍ରବ ନ ଥିବାରୁ ଆବାଲ ବୃଦ୍ଧ ବନିତା ସମସ୍ତ ଅବସ୍ଥାରେ ଓ ସକଳ ଋତୁରେ ନିର୍ବିଘ୍ନରେ ସେବନ କରିପାରନ୍ତି । ବିଶେଷତଃ ସ୍ନାନ, ଆହାର, ଓ ପଥ୍ୟାପଥ୍ୟର ବିଶେଷ କୌଣସି କଠିନ ନିୟମ ନ ଥିବାରୁ ପୀଡ଼ିତ ଲୋକର ଏହା ଏକମାତ୍ର ବନ୍ଧୁ ! ଧନୀ ଦରିଦ୍ରର ସମାନ ଅଧିକାର ! !

ତୁମ୍ଭେ ପୀଡ଼ିତ ଥାଅ—ଏହି ସାଲସା ସେବନ କରି ସହଜରେ, ସୁଲଭରେ, ଚିକିତ୍ସକର ବିନା ସାହାଯ୍ୟରେ, ଅଳ୍ପ ସମୟ ମଧ୍ୟରେ ରୋଗୋନ୍ମୁକ୍ତ ହୋଇ ସୁଖରେ ଦୀର୍ଘଜୀବନ ଲାଭ କରିବ ।

ତୁମ୍ଭେ ଭଲ ଥାଅ—ଏହି ସାଲସା ପ୍ରତ୍ୟହ ଏକମାତ୍ର ଦୁଗ୍ଧର ସହିତ ମିଶ୍ରିତକରି ସେବନ କର, ଶରୀରର ସପ୍ତଧାତୁର ଉତ୍କର୍ଷ ସାଧିତ ହେବ, ସହଜରେ ଜରା ଆକ୍ରମଣ କରି ପାରିବ ନାହିଁ । ଏବଂ ଅନ୍ୟଥା ଅତ୍ୟାଚାରରେ ମୂଧା ଶୁକ୍ର ବା ରକ୍ତ ସମ୍ବନ୍ଧୀୟ ପୀଡ଼ା ଉତ୍ପନ୍ନ ହେବ ନାହିଁ ।




ବିଶେଷ ଦ୍ରଷ୍ଟବ୍ୟ—ଇଲେକ୍‌ଟ୍ରୋ ସାଲସାର ଅଲୌକିକ ଶକ୍ତି ପ୍ରଭାବରେ ଦେଶମଧ୍ୟରେ ବହୁଳ ପ୍ରଚାର ଓ ଅସମ୍ଭବ ବିକ୍ରୟ ଦେଖି ପ୍ରତାରକ ଔଷଧ ବ୍ୟବସାୟୀମାନେ ଜାଲ କରୁଅଛନ୍ତି । ସେଥି ନିମନ୍ତେ ଏହି ଟ୍ରେଡମାର୍କ ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କ ଆଇନାନୁସାରେ ରେଜିଷ୍ଟରୀ କରାହୋଇଅଛି ଏବଂ ପ୍ରତ୍ୟେକ ଶିଶିର ଖୋଲ ଉପରେ ଏହା ସଂଯୁକ୍ତ ଅଛି । ଯେଉଁଥିରେ ଉକ୍ତ ଟ୍ରେଡମାର୍କ ନାହିଁ ତାହା କୃତ୍ରିମ, ଯେ କେହି ଉକ୍ତ କୃତ୍ରିମ କାରୀଙ୍କୁ ଧରାଇ ଦେଇ ପାରିବେ, ଅଥବା ଆମ୍ଭ-ମାନଙ୍କ ଇଲେକ୍‌ଟ୍ରୋସାଲସାର ବର୍ଣ୍ଣିତ ଗୁଣ ନାହିଁ ବୋଲି ପ୍ରମାଣ ଦେଇ ପାରିବେ ତାହାଙ୍କୁ ଟ ୧୦୦୦ ୯ ଙ୍କା ପୁରସ୍କାର ପ୍ରଦାନ କରାଯିବ ।

ମୂଲ୍ୟ ଦି—ଇଂରାଜୀ, ବଙ୍ଗଳା, ଉତ୍କଳଭାଷାର ବ୍ୟବସ୍ଥାପତ୍ର ସହିତ ଏକ ସପ୍ତାହ ସେବନୋପ-ଯୋଗୀ ପ୍ରତ୍ୟେକ ଶିଶି ଇଲେକ୍‌ଟ୍ରୋ ସାଲସାର ମୂଲ୍ୟ ଟ ୨ ୯ ଙ୍କା ୩ ଶିଶି ଟ ୫୷, ୬ ଶିଶି ଟ ୧୦୷, ଡଜନ ଟ ୨୦ ୯, ତିନି ଡଜନ ଟ ୫୦ ୯

ଯ୍ୟାଙ୍କିଂ—ଏକ ଶିଶିଠାରୁ ବାର ଶିଶି ପର୍ଯ୍ୟନ୍ତ ଦୁଇଅଣା. ଡାକମାସୁଲ ପ୍ରତ୍ୟେକ ଶିଶି ଟ ୦ ୷, ତିନି ଶିଶିରେ ଟ ୧୯, ୬ ଶିଶିରେ ଟ ୧୷, ଡଜନ ଟ ୩ ୯ ।

ପ୍ରତାରଣାର ଭୟରେ ଅମ୍ଭେମାନେ କୌଣସି ଠାରେ ଏଜେଣ୍ଟ ନିଯୁକ୍ତ କରି ନାହୁଁ । ସକଳ ଔଷଧ ଆମ୍ଭମାନଙ୍କର ମେଡିକଲ ଲେବୋରେଟରୀ ଠାରୁ ନିଜ ତତ୍ତ୍ୱାବଧାନରେ ବିକ୍ରୀତ ହୁଏ ଓ ସର୍ବତ୍ର ପ୍ରେରିତ ହୁଏ । ମଫସଲବାସିମାନେ ଯେ କୌଣସି ଭାଷାରେ ହେଉ ପତ୍ରଦ୍ୱାରା ଆପଣାର ନାମ ଓ ଗ୍ରାମ, ଡାକଘର, ଏବଂ ଜିଲ୍ଲା, କେବଳ ସ୍ପଷ୍ଟ ଅକ୍ଷରରେ ଲେଖି ପଠାଇଲେ ଭିପି ଡାକ ଦ୍ୱାରା ଔଷଧ ପଠାଇ ନିର୍ଦ୍ଦିଷ୍ଟ ମୂଲ୍ୟ ଆଦାୟ କରାଯାଏ ।

ଆମ୍ଭମାନଙ୍କର ପତ୍ରାଦି ପଠାଇବାର ଠିକଣା

W. MAJOR & Co,
Barabazar Medical
Laboratory Calcutta

ଡବ୍ଲିଉ, ମେଜର ଏଣ୍ଡ କୋ
ବଡ଼ବଜାର ମେଡିକଲ
ଲେବୋରେଟରୀ କଲିକତା ।

ସର୍ବପ୍ରକାର ଔଷଧ ଛଡ଼ା ଗ୍ରାହକମାନଙ୍କ ଆବଶ୍ୟକୀୟ ସକଳ ପ୍ରକାର ଦ୍ରବ୍ୟ ଉଚିତ ମୂଲ୍ୟରେ ଆମ୍ଭମାନଙ୍କ ଏଜେନ୍ସି ବିଭାଗଠାରୁ ସରବରାହ କରାଯାଏ, ଘଡ଼ି ଓ ବାଦ୍ୟଯନ୍ତ୍ରାଦି ସୁଲଭ ମୂଲ୍ୟରେ ମରାମତ କରାଯାଏ ।

*TELIGRAPHIC ADDRESS*
"MAJOR" Calcutta.

# ମହାରାଣୀ ।



ପରଲୋକଗତା ମହାରାଣୀ ଭିକ୍ଟୋରିୟାଙ୍କର ଜୀବନ ଚରିତ ଓଡ଼ିଆଭାଷାରେ ମୁଦ୍ରିତ ହୋଇ ଅଛି । ଏଥିରେ ତାଙ୍କର ଜନ୍ମ, ବାଲ୍ୟାବସ୍ଥା, ଶିକ୍ଷା, ଅଭିଷେକ, ବିବାହ, ପୁତ୍ର କନ୍ୟା ଓ ସେମାନଙ୍କର ବିଦ୍ୟା ଶିକ୍ଷା, ରାଜ୍ୟ, ଶାସନର ଫଳ ଓ ମୃତ୍ୟୁ ବର୍ଣ୍ଣିତ ହୋଇଅଛି । ଉଜ୍ଜ୍ୱଳ ନୀଳ ବର୍ଣ୍ଣ ସ୍ୟାହିରେ ଛପା ଓ ଅନେକଗୁଡ଼ିଏ ଛବି ଦିଆଯାଇଥିବାରୁ ପୁସ୍ତକଖଣ୍ଡି ଅତି ସୁନ୍ଦର ହୋଇ ଅଛି । ଓଡ଼ିଆଭାଷାରେ ଅଦ୍ୟପର୍ଯ୍ୟନ୍ତ ଏପରି ପୁସ୍ତକ ଛପା ହୋଇ ନ ଥିଲା । ମୂଲ୍ୟ ପାଞ୍ଚଅଣା ମାତ୍ର । କଟକ ଦରଘାବଜାର ପ୍ରିଣ୍ଟିଂକୋମ୍ପାନୀଙ୍କ ସେକ୍ରେଟେରୀଙ୍କ ନିକଟକୁ ପତ୍ର ଲେଖିଲେ ପୁସ୍ତକ ପାଇ-ପାରିବ । ଛାତ୍ରମାନେ ଦଶଖଣ୍ଡି ପୁସ୍ତକ ଏକସଙ୍ଗ-ରେ ନେଲେ ଖଣ୍ଡିଏ ପୁସ୍ତକ ବିନା ମୂଲ୍ୟରେ ପାଇବେ ।

# ବିଜ୍ଞାପନ ।

## ସ୍ନାୟୁର ଅବ୍ୟର୍ଥ ମହୌଷଧ ।

ମୂଲ୍ୟ ପ୍ରତିଡବା ଟ୦ ।୵ ଚାରିଅଣା ମାସୁଲ ଏକଡବାଠାରୁ ଛ ଡବା ପର୍ଯ୍ୟନ୍ତ ଟ୦। ଚାରିଅ-ଣାମାତ୍ର । ସର୍ବପ୍ରକାର ଦଦ୍ରୁରୋଗର ଏହାପରି ଉତ୍କୃଷ୍ଟ ପୁଣି ଜ୍ୱାଳା ଯନ୍ତ୍ରଣା ବିହୀନ ଆଶୁ ଫଳ-ଦାୟକ ଔଷଧ ଏପର୍ଯ୍ୟନ୍ତ ଦ୍ୱିତୀୟ ଦେଖା ଯାଇ ନାହିଁ । ଶତ ଶତ ବ୍ୟକ୍ତି ଏହି ଔଷଧର ଗୁଣ ବର୍ଣ୍ଣନା କରି ମୁକ୍ତକଣ୍ଠରେ ପ୍ରଶଂସା କରିଅଛନ୍ତି ।

ଔଷଧ ଗ୍ରହଣାର୍ଥୀ ମାତ୍ରକେ ସୁସ୍ପଷ୍ଟରୂପେ ସ୍ୱ ସ୍ୱ ନାମ ଧାମ ଡାକଘର ଜିଲ୍ଲା ଏବଂ କାହାର କେ-ତେ ଡବା ଔଷଧ ଆବଶ୍ୟକ ନ ଲେଖିଲେ ଔଷଧ ପଠାଇବାର ନାନା ବିଘ୍ନ ଉପସ୍ଥିତ ହୁଏ

ପ୍ରାପ୍ତସ୍ଥାନ ।
ଶ୍ରୀ ରାମତାରକ ସେନ
ଦେଶ ହିତୈଷୀ ପ୍ରେସ, ବାଲେଶ୍ୱର

NEW YORK LIFE INSURANCE COMPNY.

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J. BELL
*Agent Cutatck.*

Split by PDF Splitter
Digitized by srujanika@gmail.com

## ମଧୁପର ଉପହାର ।

"ଉତ୍କଳ ମଧୁପ" ମାସିକ ପତ୍ରିକାର ବାର୍ଷିକ ମୂଲ୍ୟ ଏଗାର ଅଣା ପଠାଇ ଗ୍ରାହକ ହେଲେ ୪୭ ପୃଷ୍ଠାରେ ସମାପ୍ତ

## ଭିକ୍‌ଟୋରିଆ ଚରିତ

ଉପହାର ଦିଆଯିବ । ଭିଃ ପିଃ ରେ ଉପହାର ପଠା ଯାଇ ମୂଲ୍ୟ ଆଦାୟ କରା ଯାଇପାରେ । ଏ ସୁବିଧା ଅତ୍ୟଳ୍ପ ଦିବସ ସକାଶେ ।

ଦେବଗଡ଼ ପୋଃ, ସମ୍ବଲପୁର } ସମ୍ପାଦକ "ଉତ୍କଳ ମଧୁପ"

---

## ବନାରସୀ ମାଲ ।

ବନାରସ ନଗରସ୍ଥ ଅମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନାରସୀ ମାଲ ଭାରତର ନାନାସ୍ଥାନର ରାଜା ଜମିଦାରମାନଙ୍କୁ ବିଶ୍ୱସ୍ତଭାବରେ ବହୁକାଳ ମାଲ ଯୋଗାଇ ଆସୁଅଛୁଁ । ବାମଣ୍ଡା, କେନ୍ଦୁଝର, ଆଠମଲ୍ଲିକ, ରାୟଗଡ଼, ପଟେଲକଲା ପ୍ରଭୃତିର ରାଜାମାନଙ୍କ ନିକଟରେ ତତ୍ତ୍ୱ କଲେ ଅମ୍ଭର ଖାଣ୍ଟି କାରବାରର କଥା ଜଣା ପଡ଼ିବ ।

ଅମ୍ଭର ବାଣିଜ୍ୟ କୋଠିରେ ବିକ୍ରୟ ସକାଶେ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ସାଢ଼ୀ, ଯୋଡ଼ ଟୋପି, ଟେକ୍ଷା, କିଂଖାପ, ବାପ୍ତା ସଙ୍ଗୀ, ଦୋପଟ୍ଟା ମଣ୍ଡିଲ, ଶିରରେ ବାନ୍ଧିବାର ଫେଟ୍ଟା, ରୁମାଲ, ସାଲ ଏବଂ ନାନା ପ୍ରକାର ରତ୍ନାଦି ଖଚିତ ଅଙ୍ଗୁଷ୍ଠି ପ୍ରଭୃତି ଛଡ଼ା ସୁନା ରୂପାର ବାସନ, ହାତୀର ହାଉଦା ପ୍ରଭୃତି ବରାତ ଅନୁସାରେ ତିଆର କରାଇ ଦେଉ । ବରାତ ଦେବାବେଳେ ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ କେହି ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଅମ୍ଭର କର୍ମଚାରୀ ବା ଅମ୍ଭେ ସ୍ୱୟଂ ଯାଇ ପାରୁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ କେଉଁ ଠିକଣାରେ କି ଉପାୟରେ (ଅର୍ଥାତ୍ ଡାକରେ କି ରେଲରେ) ପଠାଇବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରିର ରଖିଅଛୁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ଚଳିବ ମାତ୍ର ଲଫାଫାଉପରେ ଅମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ ନିରାପଦରେ ଅମ୍ଭର ହସ୍ତଗତ ହେବ

ଭେଲୁପେଏବଲ ପାର୍ସଲରେ ମଧ୍ୟ ମାଲ ପଠାଯାଏ ଏବଂ ପସନ୍ଦ ନ ହେଲେ ଫେରନ୍ତ ନିଆଯାଏ ।

ଶ୍ରୀ ପାଲ୍ଟୁମାଲ ଭୋଲାନାଥ
କୁଞ୍ଜଗଲି ଫାଟକ ବନାରସ ସିଟି

---




## ସୁଗନ୍ଧ ସୌଖୀନ ଦ୍ରବ୍ୟ

କଲିକତାର ପ୍ରସିଦ୍ଧ ସୁଗନ୍ଧଦ୍ରବ୍ୟ ପ୍ରସ୍ତୁତକାରୀ ଏଇଚ, ବସୁଙ୍କ କାରଖାନାରେ ପ୍ରସ୍ତୁତ ।

### କୁନ୍ତଳୀନ

ଏହି ତୈଳ କେଶ ପରିବର୍ଦ୍ଧନ କରେ । ଏହାଦ୍ୱାରା କେଶର ଶୋଭା ବୃଦ୍ଧି ହୁଏ ଏବଂ କେଶ ଉଠିଯାଉଥିଲେ ତାହା ବନ୍ଦ ହୁଏ । ଏହା ଅତି ନିର୍ମଳ ଏବଂ ମନୋହର ସୁଗନ୍ଧଯୁକ୍ତ । ଏହା ଚାରିପ୍ରକାର ଏବଂ ମୂଲ୍ୟ ସୁଲଭ:— ସୁବାସିତ କୁନ୍ତଳୀନର ମୂଲ୍ୟ ଏକ ଟଙ୍କା, ପଦ୍ମଗନ୍ଧ କୁନ୍ତଳୀନର ମୂଲ୍ୟ ଦେଢ଼ ଟଙ୍କା, ଗୋଲାପଗନ୍ଧ କୁନ୍ତଳୀନର ମୂଲ୍ୟ ଦୁଇ ଟଙ୍କା, ଯୂଇଗନ୍ଧ କୁନ୍ତଳୀନର ମୂଲ୍ୟ ଦୁଇ ଟଙ୍କା ।

### ପୁଷ୍ପସାର ଅଥବା ଏସେନ୍‌ସ ।

ସଦ୍ୟ ପ୍ରସ୍ଫୁଟିତ ନାନାବିଧ ସୁରଭି ପୁଷ୍ପର ସାର ସଂଗ୍ରହ କରାଯାଇ ଏହି ଉତ୍କୃଷ୍ଟ ପ୍ରକାର ଏସେନ୍‌ସ ପ୍ରସ୍ତୁତ କରାଯାଇଅଛି । ଏଥିର ସୁବାସ ମନୋମୁଗ୍ଧକର । ନାମ—ଗୁମେଲା; ମଲ୍ଲିକା; ଚାମ୍ପିଗା; ରଜନୀଗନ୍ଧା; ମହୀଆ; ବେଲଖୋସ; ହ୍ୱାଇଟ୍ ରୋଜ; ବଟସ ରୋଜ; ବେଣାଚେର; ଜୁମୁଦିନୀ; ମିଲ୍ଲଫ୍ଲୁଅ; ଦେକାଲୁସ୍‌ମ; ଯାପନାଚଲୁସ୍‌ମ; ଇଲୋଇଙ୍ଗା ବୋକେ । ମୂଲ୍ୟ ଏକଶିଶି ଏକଟଙ୍କା ମାତ୍ର ।

### ଲ୍ୟାଭେଣ୍ଡର ।

କସ୍ତୁରୀ ଲ୍ୟାଭେଣ୍ଡର ଦେଢ଼ଟଙ୍କା । ଲ୍ୟାଭେଣ୍ଡର ଓ୍ୱାଟର ବଡ଼ଶିଶି ବାରଅଣା, ସାନଶିଶି ସାତଅଣା ।

### ପମେଟମ

ଗୋଲାପି ପମେଟମ ଆଠଅଣା; ସୁରଭି ପମେଟମ ପାଞ୍ଚଅଣା ।

### ତାମ୍ବୁଲୀନ

ପାନ ସୁବାସିତ ଓ ସୁସ୍ୱାଦ କରିବାର ଅପୂର୍ବ ସାମଗ୍ରୀ । ଗୁଣ୍ଡି ସଙ୍ଗରେ ଟିକିଏ ମିଶାଇ ଦେଲେ ଗୁଣ୍ଡି ନରମ ପଡ଼ିବ । ମୂଲ୍ୟ ପ୍ରତି ଟିଣି ଆଠଅଣା

### ସରବତ ଅଥବା ସିରପ୍

ଗ୍ରୀଷ୍ମକାଳ ସକାଶେ ଏହାଠାରୁ ଉତ୍କୃଷ୍ଟ ଆଉ ନାହିଁ ।

ଲେମନ ସିରପ୍ ବାରଅଣା । ଜିଞ୍ଜର ସିରପ୍ ବାରଅଣା । ଅରେଞ୍ଜ ସିରପ୍ ବାରଅଣା । ରୋଜ ସିରପ୍ ଏକଟଙ୍କା । ରୋଲ୍‌ଡେନ ସିରପ୍ ୧ଟଙ୍କା

### ଗୋଲାପଜଳ ।

ପ୍ରତି ଶିଶି ଦେଢ଼ଟଙ୍କା ।

ପତ୍ର ଲେଖିଲେ ଡାକଦ୍ୱାରା ବା ରେଲଦ୍ୱାରା ଜିନିଷ ପଠାଯାଏ । ଭାରତବର୍ଷର ପ୍ରଧାନ ପ୍ରଧାନ ମହାରାଜା ଓ ରାଜା ଓ ବଡ଼ ବଡ଼ ରାଜକର୍ମଚାରୀମାନଙ୍କଦ୍ୱାରା ଏହି ଦ୍ରବ୍ୟମାନ ବ୍ୟବହୃତ ଏବଂ ବିଶେଷରୂପେ ପ୍ରଶଂସିତ । ପଞ୍ଜିକା ଓ ତାଲିକା ବିନା ମୂଲ୍ୟରେ ପଠାଯାଏ ।

ଠିକଣା:—

ଏଇଚ ବସୁ } H. BOSE,
୬୨ନମ୍ବର ବହୁବଜାର ଷ୍ଟ୍ରିଟ } 62 Bow Bazar Street
କଲିକତା } Calcutta.

କଟକରେ "ଉଦ୍ୟୋଗ ସମିତିର ଭଣ୍ଡାର"ରେ ଓ କଟକ ପ୍ରିଣ୍ଟିଂ କମ୍ପାନୀ ପୁସ୍ତକ ଦୋକାନରେ ଏହି ଜିନିଷ ମିଳିବ ।


---

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ୮ ୦ ୪ |
| ଅଧସ୍ତମ୍ଭକୁ | ୫ ୨ ୧ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ୮ ୩ ୧ |

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ, ତହିଁର ଖର୍ଚ୍ଚ ୫୦ ୩ ଠାରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମ ଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ ।

ଅଧିକ ଦିନ ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ

---

ଏହି ଉତ୍କଳଦୀପିକା ସହର କଟକ ଚଉଧୁରୀବଜାର ଟି. ଏଣ. ଜମାଲ ପ୍ରିଣ୍ଟେଡ଼ କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

REGISTERED No. C. 81.



# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା

# THE UTKAL DIPIKA.

୩୭ ଭାଗ
୨୮ ସଂଖ୍ୟା

CUTTACK, SATURDAY THE 13TH JULY 1901.
ତା ୩୦ ଖ ଆଷାଢ଼ ସନ ୧୩୦୮ ସାଲ ଶନିବାର

ଅଗ୍ରୀମ ଟ ୩୧
ପଶ୍ଚାଦ୍ଦେୟ ଟ ୬୧

## NOTICE.

Is hereby given that a General meeting will be held in the Ravenshaw College Hall on Monday the 15th July, 1901, at 8 A. M. to

(a) Receive the report of the Committee on the last Cuttack Exhibition, and

(b) To consider whether an Exhibition should be held next spring and if so to appoint a permanent Committee to settle details and receive the funds in hand.

Cuttack, 5—7—1901 — Sudam Ch. Naik. *Assistant Secretary.*

## A REWARD OF Rs. 60.

A steel trunk, cabin size, 24 inches, containing the following articles which was entrusted by Babu Srikrishna Mahapatra of 102, Serpentine Lane, Calcutta to Babu Lakhinarain Bose of Kissennagore, a clerk in the Balasore Police office on leave, for delivery to Babu Gokulanand Chowdhury, Pleader, Cuttack, is alleged to have disappeared while being conveyed together with two other trunks from the Chowleagunge Railway Station to Sahibzada Bazar on the roof of a hackney carriage occupied by the aforesaid Babu Lakhinarain Bose. A reward of Rs. 60 will be paid to any one furnishing clue to the culprit or the property.

A gold half-hunting keyless watch by WHITE FIELD & Co, bearing an inscription "D DAS" a gold leaf star pattern Albert Chain with a locket bearing the words "Long live the happy pair", a gold ring set with a ruby and diamond in chester, a red Benares Chudder, a white Plain Benares *Sari.*

---

ପୁରୀ କଲେକ୍ଟରୀରେ ଦାଖଲଖାରିଜ ଏଣ୍ଟ୍ରାନ୍ସ ଏ, ବି ସି ଓ ଡି, ରେଜଷ୍ଟ୍ରିମାନ ଲେଖିବାକାରଣ ଜଣେ ୪୫ ଣ ଇଂରାଜୀ ମୋହରର ଠିକା ନିଯୁକ୍ତ ହେବେ ମାସିକ ବେତନ ୪୨୦ଙ୍କା ଲେଖାଏଁ । ଆସନ୍ତା ତା ୨୦ ରଖ ମଧ୍ୟରେ ଦରଖାସ୍ତ କରିବାକୁ ହେବ । ଉମେଦବାରମାନେ ତତ୍ପର ହେଉନ୍ତୁ ।

— — —

ଭେଟେରନ କଲିଜିଏଟ ଓ ଜିଲ୍ଲାସ୍କୁଲର ବ ଓ ସି ଶ୍ରେଣୀର ପାଠ୍ୟବିଷୟ ତୁଲନାଗ କରିବା ପ୍ରଣାଳୀ ଅନୁସାରେ ପରୀକ୍ଷା କାର୍ଯ୍ୟର ତତ୍ତ୍ୱାବଧାନ ନିମନ୍ତେ ସେଉଁ ବୋର୍ଡ ଅଫ ଏକ୍ଜାମିନରସ୍ ଅର୍ଥାତ୍ ପରୀକ୍ଷା ସମିତି ଗଠିତ ହୋଇଅଛି ନିମ୍ନଲିଖିତ ମହାଶୟମାନେ ତହିଁର ସଭ୍ୟ ହୋଇଅଛନ୍ତି ଯଥା—

ବଙ୍ଗ ଶିକ୍ଷାବିଭାଗର ଡାଇରେକ୍ଟର ପ୍ରେସିଡେଣ୍ଟ
ଶିବପୁର ଇଂଜିନିୟରିଂ କଲେଜର ପ୍ରିନସିପଲ
[ସବକାଶୀ ପ୍ରେସିଡେଣ୍ଟ

ମାନ୍ୟବର ଶ୍ରୀଯୁକ୍ତ ଏ, ଏନ, ବୋଷ
„ ବାବୁ ସୁରେନ୍ଦ୍ରନାଥ ବାନୁର୍ଯ୍ୟା
ପ୍ରିନସିପଲ ପ୍ରେସିଡେନସି କଲେଜ
କଲିକତା } ମେମ୍ବର

— — —

ଇନ୍ଦ୍ରଦେବଙ୍କର ଭଣ୍ଡାର ପିଟୁଅଛି ମାତ୍ର ଜଳ ବିତରଣରେ ଘୋର କୃପଣତା । କେବଳ ଆଡ଼ମ୍ବର ଓ ଗର୍ଜନ ତର୍ଜନ ଅଧିକ । ଏ ସପ୍ତାହରେ ଓଡ଼ିଶା ମଧ୍ୟରେ ଏଠା ଏବଂ କଟକରେ ୫ ଇଞ୍ଚରୁ କିଛି ଅଧିକ ବୃଷ୍ଟି ହୋଇଥିଲା ମାତ୍ର ଅନ୍ୟ କୌଣସିଠାରେ ପୂର୍ଣ୍ଣ ତୁଲ ଇଞ୍ଚ ବୃଷ୍ଟି ହୋଇ ନାହିଁ । ଓଡ଼ିଶା ପରି ବର୍ଦ୍ଧମାନ, ପ୍ରେସିଡେନସି, ପାଟନା, ଭାଗଲପୁର ଏବଂ ଛୋଟନାଗପୁର ବିଭାଗମାନଙ୍କରେ ଜଳର ନିତାନ୍ତ ଅଭାବ ଏବଂ ଅନେକ ଜିଲ୍ଲାରେ ଚାଉଳ ମହାର୍ଘ । ବମ୍ବେଇ ଓ ଉତ୍ତରପଶ୍ଚିମ ପ୍ରଦେଶମାନଙ୍କରେ ମୌସୁମି ବୃଷ୍ଟି ଏହି ସପ୍ତାହରେ ଆରମ୍ଭ ହୋଇଅଛି । ମାତ୍ର ପ୍ରଚୁରରୂପେ ନୁହେ । ଦୁର୍ଭିକ୍ଷ ସାହାଯ୍ୟ ଲୋଡ଼ବା ବ୍ୟକ୍ତିଙ୍କ ସଂଖ୍ୟା ଏହି ବମ୍ବେଇପ୍ରଦେଶରେ ୪୦ ହଜାର ଏବଂ ଦେଶୀୟ ରାଜ୍ୟରେ ୧୬ ହଜାର ଗୋଟିଏ ୫୨ ହଜାର ଏ ସପ୍ତାହରେ ବୃଦ୍ଧି ହୋଇଅଛି । କେବେ ସୁଦିନ ଆସିବ ଲୋକେ ଭାବି ଅସ୍ଥିର ।

— · —

Split by PDF Splitter

Digitized by srujanika@gmail.com

Split by PDF Splitter



କଲିକତାର ଏକ ସମ୍ବାଦପତ୍ରରେ ପାଠ କଲୁଁ କି ଦୁଇଜଣ ଓଡ଼ିଆ ପଣ୍ଡା କଲିକତା ନିକଟ ମାତଲାଠାରୁ ଦୁଇଜଣ ହିନ୍ଦୁ ସ୍ତ୍ରୀଙ୍କୁ ଜଗନ୍ନାଥ ଦର୍ଶନ କରାଇବା କାରଣ ସଙ୍ଗେ ଆଣି ବାଟରେ ଏକସ୍ଥାନରେ ସେମାନଙ୍କୁ ମାଦକଦ୍ରବ୍ୟ ଖୁଆଇ ଅଜ୍ଞାନ କରି ସେମାନଙ୍କ ପାଖରେ ଟଙ୍କା ପଇସା ଯାହା ଥିଲା ସମସ୍ତ ନେଇ ପଳାଇଗଲେ, ସୁଖର ବିଷୟ ଯେ ରମଣୀମାନେ ପୁଲିସରେ ସମ୍ବାଦ ଦେବାରେ କୌଣସିମତେ ଧରା ପଡ଼ି ବିଚାରରେ ଏକବର୍ଷ ଲେଖାଏଁ କଏଦ ଦଣ୍ଡ ପାଇଅଛନ୍ତି । ପଣ୍ଡା ବୋଲି ଯେଉଁ ଉତ୍କଳବାସିମାନେ ଭାରତର ସ୍ଥାନେ ସ୍ଥାନେ ବୁଲି ଯାତ୍ରୀ ସଂଗ୍ରହ କରି ଆଣନ୍ତି ସେମାନଙ୍କଠାରେ ଯାତ୍ରିମାନଙ୍କର ଭାରି ବିଶ୍ୱାସ ଏବଂ ତହିଁରେ ପଣ୍ଡା ଓ ଯାତ୍ରୀ ଉଭୟଙ୍କର ଉପକାର ହୁଅଇ । ବଡ଼ ଦୁଃଖର ବିଷୟ ଯେ ଏହି ଦୁଇ ଜଣ ଖଳ ପଣ୍ଡା ଗୋଟିଏ ଭଲ ବ୍ୟବସାୟରେ ଅବିଶ୍ୱାସ ଜନ୍ମାଇଁ ଦେଇଅଛନ୍ତି । ପୁରୀର ପଣ୍ଡାମାନେ ଲିଖିତ ସନନ୍ଦ ଦେଇ ଲୋକଙ୍କୁ ଏ କାର୍ଯ୍ୟରେ ନିଯୁକ୍ତ କରି ପଠାଇବାର ବିଚାର କରନ୍ତୁ ।

———

କାବୁଲ ମହାଜନମାନଙ୍କର ଅତ୍ୟାଚାର ଦମନ ବିଷୟରେ ପୁଲିସ ଯଥୋଚିତ ସତର୍କ ହେଲେହେଁ ଅଦ୍ୟାବଧି କେତେକ ସ୍ଥାନରେ ତାହା ରହିଅଛି । କଲିକତାର ଅନ୍ତର୍ଭୂକ୍ତ ଭଦ୍ରେଶ୍ୱର ମିଉନିସିପାଲିଟିର କର ଦାତାମାନେ ଗତମାସ ତା ୩ ରିଖରେ ଏ ବିଷୟରେ ଗୋଟିଏ ସଭା କରି ଅଣ୍ଡ ପ୍ରତିକାର ନିମନ୍ତେ ବଙ୍ଗେଶ୍ୱର ବାହାଦୁରଙ୍କ ନିକଟକୁ ଏକ ଆବେଦନ ପତ୍ର ପଠାଇବାର ସ୍ଥିର କରିଅଛନ୍ତି । ଏହାଛଡ଼ା ଏ ବିଷୟର ଅନୁସନ୍ଧାନ ଏବଂ ରକ୍ଷାର ଉପାୟ ସ୍ଥିର କରିବା କାରଣ ଗୋଟିଏ କମିଟି ଗଠିତ ହୋଇଅଛି ଏବଂ ତହିଁର ବ୍ୟୟ ନିର୍ବାହାର୍ଥେ ଚେନ୍ଦା ସଂଗୃହୀତ ହେଉଅଛି । କଥିତ ହୁଅଇ ଯେ ଭଦ୍ରେଶ୍ୱରର କେତେ ଲୋକ ପ୍ରପୀଡ଼ିତ ହୋଇ ନିକଟବର୍ତ୍ତୀ ଫରାସିଙ୍କ ଅଧିକୃତ ରାଜ୍ୟକୁ ଉଠିଯାଉଅଛନ୍ତି । କାବୁଲିମାନେ ପ୍ରଥମେ କେତୁଗ କରି ପାଚ ଟଙ୍କା ଓ ଦ୍ରବ୍ୟାଦି ଦେଇ ଖାତାରେ ଲେଖିନେଇ ପଛେ ବାପପର ମାତବପି ନାନା ଉପାୟରେ ଅଦାୟ କରନ୍ତି । ଏମାନଙ୍କ କଥାରେ ଲୋଭଗ୍ରସ୍ତ ହୋଇ ଭୁଲିବା ଆଦୌ ଉଚିତ ନୁହେ । ଭରସା କରୁଁ ମାନ୍ୟବର ଲେପ୍‌ଟେନାଣ୍ଟ ବାହାଦୁର ପ୍ରତିକାର ପ୍ରଦାନ କରିବେ ।

———

ଗତ ମଙ୍ଗଳବାର ଏଠା କଲେକ୍ଟରୀ କଚେରୀରେ ରାଜସ୍ୱ ବାକି ମାହାଲମାନ ନିଲାମ ହୋଇଥିଲା, ସର୍ବସୁଦ୍ଧା ୩୯୫ ମାହାଲ ଲାଟ ତାଲିକାରେ ଉଠି ନିଲାମ ହେବାର ବିଜ୍ଞାପନ ଦିଆ ଯାଇଥିଲା । ମାତ୍ର କଲେକ୍ଟର ସାହେବ ଦୟା କରି ନିଲାମ ତାରିଖର ପୂର୍ବ ଦିନ ପର୍ଯ୍ୟନ୍ତ ବାକି ଟଙ୍କା ନେଇ ନିଲାମରୁ ଖଲାସ ଦେବାରୁ ଶେଷ ଗୋ ୧୬ ଟି ମାହାଲ ନିଲାମ ହେଲା । କେବଳ ଛଅଗୋଟି ମାହାଲ ୧୦ ଗୁଣାରୁ ଊଣା ଅର୍ଥାତ୍ ଗୋଟିଏ ସଦର ଜମା ଟ ୩୬ ଙ୍କାରୁ ଟ ୫୦୧ ଙ୍କା ଆଉ ଗୋଟିଏ ସଦର ଜମା ଟ ୩୯ ୧ ଙ୍କାରୁ ଟ ୨୧୦ ୧ ଙ୍କା ଏବଂ ଅପର ୪ଟି ସଦର ଜମା ଟ ୨୨୮ ୧ ଙ୍କାରୁ ଟ ୫୯୦ ୧ ଙ୍କା ମୂଲ୍ୟରେ ଏବଂ ଆଉ ସମସ୍ତ ଦଶଗୁଣାରୁ ଊର୍ଦ୍ଧ୍ୱ ଏବଂ ତହିଁ ମଧ୍ୟରୁ ଚାରିଟି ଛୋଟ ମାହାଲ ୨୦ ଗୁଣରୁ ଅଧିକ ମୂଲ୍ୟରେ ନିଲାମ ହେଲା । ଟ ୧୦୦ ଙ୍କାରୁ ଊର୍ଦ୍ଧ୍ୱ ସଦର ଜମାର ଆଉ ଚାରିଟି ମାହାଲ ମଧ୍ୟରୁ ଏକ ମାହାଲ ଟ ୫୭୯ ୧ ଙ୍କା ସଦର ଜମାରୁ ଟ ୫୦୦୦ ୧ ଙ୍କା, ଏବଂ ଗୋଟିଏ ଟି ୩୫୭୨ ସଦର ଜମାରୁ ଟ ୪୧୩୦ ୧ ଙ୍କା, ଅର୍ଥାତ୍ ଦଶଗୁଣରୁ ଊଣା ମୂଲ୍ୟରେ ଡାକ ହୋଇଥିଲା । ମୋଟରେ ଜମିଦାରୀର ମୂଲ୍ୟ ପୂର୍ବଠାରୁ ବହୁ ବଢ଼ିବାର ବୋଧ ହେଉଅଛି ।

———

ଯାହାର ଜୀବିକା ନିର୍ବାହର ପ୍ରକାଶ୍ୟ କୌଣସି ଉପାୟ ନାହିଁ ଅର୍ଥାତ୍ ଭିକ୍ଷା ମାଗି ଭୋଜନ କରି ବୁଲୁଥାଏ ପୁଲିସ ତାହାକୁ ଧରି ଚାଲାଣ ଦେବା ଏବଂ ମାଜିଷ୍ଟ୍ରେଟ ଦଣ୍ଡ ଦେବାର ଆଇନ ଅଛି । ଗୋପୀନାଥ ପାଢ଼ୀ ନାମରେ ଜଣେ ଓଡ଼ିଆ ବ୍ରାହ୍ମଣ ଭିକ୍ଷା ମାଗି ପେଟ ପାଳୁଥିବାରୁ କଲିକତା ପୁଲିସର ଜଣେ ସାହେବ ଇନସପେକ୍ଟର ତାହାକୁ ଧରି ଚାଲାଣ ଦେଲେ । କଲିକତାର ମାଜିଷ୍ଟ୍ରେଟ ଅବଦୁଲ ରହମାନଙ୍କ ମିସଲରେ ଆସାମୀ ହାଜର ହେଲା । ମାଜିଷ୍ଟ୍ରେଟ ଦେଖିଲେ ଯେ ଏହି ବ୍ରାହ୍ମଣ ନାମରେ ଥରେ ଚୋରିର ଅଭିଯୋଗ ହୋଇଥିଲା ମାତ୍ର ପ୍ରମାଣ ଅଭାବରେ ପୁଲିସ କମିଶନର ଛାଡ଼ି ଦେଇଥିଲେ । ବର୍ତ୍ତମାନ ସେ ଭିକ୍ଷାଦ୍ୱାରା ଏବଂ କେବେ କେବେ ତାହାର ପାଟରେ ମୂଲ ଲାଗି ପେଟ ପାଳେ । ମାଜିଷ୍ଟ୍ରେଟ ନିଷ୍ପତ୍ତି କଲେ କି ଭିକ୍ଷା ମାଗିବା ଏ ଦେଶରେ ଗୋଟିଏ ନିର୍ଦ୍ଦୋଷ ବୃତ୍ତି ଏବଂ କଲିକତାର ପୁଲିସ ଆଇନରେ ଏହା ନିବାରଣ କରିବାର ବିଧାନ ଥିଲେହେଁ ଏତେଦୂର ହୋଇ ନାହିଁ ଯେ ଏହାକୁ ଜୀବିକା ନିର୍ବାହର ଅବୈଧ ଉପାୟ ବୋଲାଯିବ । ଏହି ହେତୁ ଜଣାଇ ଆସାମିକୁ ଖଲାସ ଦେଲେ ।

———

ବ୍ରହ୍ମରାଜ୍ୟରେ ଗୋଟିଏ ମନ୍ଦିରରେ ଜଣେ ସାହେବର ପ୍ରବେଶ ସ୍ଥଳ ଏକଜଣ ବ୍ରହ୍ମବାସୀ ଯୁବା ବାଧା ଦେବାରୁ ସାହେବ ଉକ୍ତ ଯୁବା ନାମରେ ଅପମାନ ଏବଂ ପ୍ରହାର ଅଭିଯୋଗରେ ଫଉଜଦାରୀରେ ନାଲିସ କରନ୍ତେ ମାଜିଷ୍ଟ୍ରେଟ ସାହେବ ସେହି ଯୁବାକୁ ଦୋଷୀ ସାବ୍ୟସ୍ତ କରି ମା ୪ ସ କାରାଦଣ୍ଡର ଆଦେଶ ଦେଲେ । ସେସନ ଜଜ ଅପିଲରେ ସେହି ଦଣ୍ଡ ସ୍ଥିର ରଖିଲେ ଏବଂ ରାୟରେ ଲେଖିଲେ ଯେ ବ୍ରହ୍ମାର ଲୋକମାନେ ସାମାନ୍ୟ କଥାରେ କୁତ୍ସିତ ବ୍ୟବହାର କରନ୍ତି ଅତଏବ ସେମାନଙ୍କୁ କଠିନ ଦଣ୍ଡ ଦେବା ଆବଶ୍ୟକ ତହିଁ ବିରୁଦ୍ଧରେ ହାଇକୋର୍ଟରେ ଅପିଲ ହୁଅନ୍ତେ ମାନ୍ୟବର ବିଚାରପତି ଫକସ ସାହେବ ଲଘୁ ଅପରାଧରେ ଗୁରୁ ଦଣ୍ଡ ହେବାର ଦେଖି ଏହି ମର୍ମରେ ନିଷ୍ପତ୍ତି କରିଅଛନ୍ତି କି ଆସାମୀ କ୍ଷମା ପ୍ରାର୍ଥନା କରିଥିବା ସ୍ଥଳେ ଫରିୟାଦି ତାହା ଗ୍ରହଣ ନ କରି ଅଧିକ ନିର୍ଦ୍ଦୟ ହୋଇଅଛି । ଯେ ଅବିଚାର ହୋଇଅଛି ତାହା ବର୍ତ୍ତମାନ ଫେରାଇ ନ ପାରେ ଅତଏବ ଆସାମୀ ଦି ୪ ନ ଜେଲଖାନା ଭୋଗ କରିଥିବାରୁ ତେତିକ ଦଣ୍ଡ ଦେଇ ଖଲାସ ଦେଲୁଁ । ବୋଲିବା ବାହୁଲ୍ୟ ଯେ ଏହି ବିଚାରରେ ସର୍ବସାଧାରଣ ସନ୍ତୁଷ୍ଟ ହୋଇଅଛନ୍ତି । ଇଂରାଜଙ୍କର ସ୍ୱଜାତି ପ୍ରିୟତା ବଡ଼ ପ୍ରବଳ ।

———

କଟକ ରେଭେନସା କଲେଜିୟେଟ ସ୍କୁଲର ପ୍ରଧାନ ଶିକ୍ଷକପଦରେ ବାବୁ ଯୋଗେନ୍ଦ୍ରନାଥ ରାୟ ଯେ ସ୍ଥାୟୀ ନିଯୁକ୍ତ ହୋଇ ପ୍ରାୟ ଦୁଇସପ୍ତାହ ହେଲା ଆସି କାର୍ଯ୍ୟ କରୁଅଛନ୍ତି । ବାବୁ ମହୋଦୟ ବ ୨୪ ଶ ପୂର୍ବରେ ଏହି ସ୍କୁଲର ପ୍ରଧାନ ଶିକ୍ଷକ କାର୍ଯ୍ୟ କରିଥିଲେ ସୁତରାଂ ସ୍କୁଲର ପୁରାତନ ଶିକ୍ଷକ ଅଟନ୍ତି । ପୂର୍ବରେ ଅତି ଯୋଗ୍ୟତାର ସହିତ କାର୍ଯ୍ୟ କରିଥିଲେ ବର୍ତ୍ତମାନ ବହୁଦର୍ଶିତା ଲାଭ କରିଥିବାରୁ ଏହାଙ୍କଠାରୁ ସ୍କୁଲର ଅଧିକତର ଉନ୍ନତି ଆଶା ହୁଅଇ । ଶୁଣିଲୁଁ ଯେ ଶିକ୍ଷକ ମହୋଦୟଙ୍କ ନିୟମ ଓ ତତ୍ତ୍ୱାବଧାନରେ ସ୍କୁଲର ଶିକ୍ଷା ଉତ୍ତମରୂପେ ଚଳିବାର ଆରମ୍ଭ ହୋଇଅଛି ଓ ଦୁଷ୍ଟ ବାଳକମାନଙ୍କର ଦୁଷ୍ଟତା ହ୍ରାସ ହେଉଅଛି । ସେ ସ୍କୁଲରେ ଉପସ୍ଥିତ ହୋଇ ଗୋଟିଏ ବିଶେଷ ଉପକାର କରିଅଛନ୍ତି । କେହି ଛାତ୍ର ବର୍ଷମଧ୍ୟରେ ଯେଉଁ ମାସରେ ସ୍କୁଲରେ ଭର୍ତ୍ତି ହେବାକୁ ପ୍ରାର୍ଥନା କରିବ ସେ କେବଳ ସେହି ମାସର ବେତନ ଦେଲେ ତାହାର ନାମ ଲେଖା ହେବ । କ ୨ ର୍ଷ ହେଲା ଏପରି ନିୟମ ହୋଇଥିବା ସ୍ଥଳେ ତହିଁ ପୂର୍ବ ନିୟମାନୁସାରେ ବକେୟା

Digitized by srujanika@gmail.com

ହେବା ବେଳେ ବର୍ଷର ଆରମ୍ଭଠାରୁ ପିଛଲା ମାସମାନଙ୍କର ବେତନ ଦିଆ ଯାଉଥିଲା । ଅଧ୍ୟକ୍ଷଙ୍କର ଏହି କୃତି ହେତୁ ଅନେକ ବାଳକ ଅନେକ ଟଙ୍କା ଦଣ୍ଡ ଦେଉଅଛନ୍ତି ଓ କେତେକ ସ୍କୁଲରେ ଅଧିକ ଟଙ୍କା ଦେବା ଭୟରେ କେତେ ଛାତ୍ର ଯଥା ସମୟରେ ନାମ ଲେଖାଇ ନ ପାରି ଅନର୍ଥକ ସମୟ କଟାଇ ଅଛନ୍ତି । ଏହି ଉପକାର ନିମନ୍ତେ ଡିରେକ୍ଟରବାବୁ ଛାତ୍ର ଓ ଅଭିଭାବକମାନଙ୍କର ଧନ୍ୟବାଦର ପାତ୍ର ଅଟନ୍ତି ।

---

ସମଗ୍ରଭାରତରେ ସନ ୧୮୯୯ ସାଲରେ ସରକାରୀ ପୁଲିସ କର୍ମଚାରୀ ୧,୪୨,୦୪୨ ଥିଲେ । ସେମାନଙ୍କ ମଧ୍ୟରେ ଇନସ୍ପେକ୍ଟର ଜେନେରଲ ଡେପୁଟି ଓ ଆସିଷ୍ଟାଣ୍ଟ ଇନସ୍ପେକ୍ଟର ଜେନେରଲ ନ ୬୬ ଣ, ଡିଷ୍ଟ୍ରିକ୍ଟ ଓ ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡ ନ ୪୭୦ ଣ, ଇନସ୍ପେକ୍ଟର ନ ୧୨୦୨ ଣ, ଡେପୁଟି, ସବ୍ଇନସ୍ପେକ୍ଟର ଓ ଚିଫ୍ ଅର୍ଥାତ୍ ଇଉରୋପୀୟ କନଷ୍ଟେବଲ ନ ୪,୯୨୮ ଣ, ହେଡ୍ କନଷ୍ଟେବଲ ନ ୧୭,୫୬୯ ଣ ଏବଂ କନଷ୍ଟେବଲ ନ ୧,୧୭,୩୨୪ ଣ । ଇନସ୍ପେକ୍ଟର ଜେନେରଲ ଅଥବା ଡେପୁଟି ଓ ଆସିଷ୍ଟାଣ୍ଟ ଇନସ୍ପେକ୍ଟର ଜେନେରଲ ମଧ୍ୟରେ କେହି ଦେଶୀୟ ଲୋକ ନାହାନ୍ତି । ନ ୪୭୦ ଣ ଡିଷ୍ଟ୍ରିକ୍ଟ ଓ ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡ ମଧ୍ୟରେ କେବଳ ନ ୨୧ ଣ ଏବଂ ନ ୧୨୦୨ ଣ ଇନସ୍ପେକ୍ଟର ମଧ୍ୟରେ ନ ୮୪୯ ଣ ଦେଶୀୟ ଲୋକ ଏବଂ ଅବଶିଷ୍ଟ ଇଉରୋପୀୟ ଓ ଫିରିଙ୍ଗି ଅଟନ୍ତି । କନଷ୍ଟେବଲଙ୍କ ମଧ୍ୟରେ ସୁଦ୍ଧା ଇଉରୋପୀୟ ଏବଂ ଫିରିଙ୍ଗି ଅଳ୍ପ ନ ହୋଇ ଯଥାକ୍ରମେ ନ ୧୨ ଣ ଓ ନ ୮୨ ଣ ଅଛନ୍ତି । ଫଳତଃ ଇନସ୍ପେକ୍ଟରଙ୍କ ଉପରସ୍ଥ କର୍ମଚାରୀଙ୍କ ମଧ୍ୟରେ ଇଉରୋପୀୟଙ୍କର ଏବଂ ଇନସ୍ପେକ୍ଟରଠାରୁ ତଳକୁ ଦେଶୀୟଙ୍କର ସଂଖ୍ୟା ଅଧିକ । ମୋଟ ପୁଲିସ ଦଳରେ ନ ୮୩,୧୩୦ ଣ ହିନ୍ଦୁ ଏବଂ ନ ୫୦,୬୩୩ ଣ ମୁସଲମାନ ଅଛନ୍ତି । ବର୍ଣ୍ଣିତ ବର୍ଷରେ ପୁଲିସର ବେତନାଦି ଖର୍ଚ୍ଚ ମୋଟରେ ଟ ୩,୧୪,୦୫,୬୩୦ ଟଙ୍କା ହୋଇଥିଲା । ତହିଁ ମଧ୍ୟରୁ ଇନସ୍ପେକ୍ଟର ଜେନେରଲ ଓ ସେମାନଙ୍କର ସହକାରୀମାନଙ୍କର ବେତନାଦି ଟ ୯,୬୧,୧୯୯ ଟଙ୍କା, ଡିଷ୍ଟ୍ରିକ୍ଟ ଓ ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡମାନଙ୍କର ବେତନାଦି ଟ ୩୯,୭୪,୯୩୮ ଟଙ୍କା ଏବଂ ସେମାନଙ୍କ ତଳ ପାହ୍ୟାର କର୍ମଚାରୀଙ୍କର ବେତନାଦି ଟ ୨,୦୭,୮୧,୮୫୨ ଟଙ୍କା ହୋଇଥିଲା । ସରକାରୀ ଗୋଟିଏ ମହକୁମାର ଚାକିରିରେ କଳା ଗୋରାର ଏତେ ପ୍ରଭେଦ ଅର୍ଥାତ୍ ଉଚ୍ଚ ବେତନର କାର୍ଯ୍ୟ ସବୁରେ ଗୋରାଙ୍କର ଭାଗ ବିଶେଷ ଏବଂ କେବଳ ଛୋଟ ଚାକିରିରେ କଳାଙ୍କର ଭାଗ ରହିଅଛି । ସରକାରୀ ଅନ୍ୟାନ୍ୟ ମହକୁମାରେ ଏହିପରି ବର୍ଣ୍ଣର ପ୍ରଭେଦ ରହିଅଛି । ଏହା କି ଏ ଦେଶୀୟଙ୍କର ଦରିଦ୍ରତାର ଗୋଟିଏ ପ୍ରଧାନ କାରଣ ନୁହେଁ ? ଏହା ଇଂରାଜଙ୍କର ରାଜନୀତି ଏବଂ ଘୋଷଣାର ବିପରୀତ । ମାତ୍ର କାର୍ଯ୍ୟ ତଦ୍ରୂପ ହେଉ ନାହିଁ । ବଡ଼ ଦୁଃଖର ବିଷୟ ଅଟେ ।

---

## ପୁଲିସ ସଂସ୍କାର ।

ମହାମାନ୍ୟ ବଡ଼ଲାଟ କର୍ଜନ ବାହାଦୁରଙ୍କର ଦ୍ୱାଦଶ ସମସ୍ୟା ମଧ୍ୟରେ ପୁଲିସ ଗୋଟିଏ ଥିବାର ପାଠକମାନଙ୍କୁ ଜଣାଅଛି । ଏପର୍ଯ୍ୟନ୍ତ ସେ ବିଷୟରେ କିଛି କାର୍ଯ୍ୟ ହୋଇ ନ ଥିଲା । ସମ୍ପ୍ରତି ଅନୁସନ୍ଧାନ ଆରମ୍ଭ ହୋଇଅଛି ଏବଂ ବଙ୍ଗପ୍ରଦେଶର ଇନସ୍ପେକ୍ଟର ଜେନେରଲ କେତେଗୁଡ଼ିଏ ପ୍ରଶ୍ନ ପ୍ରସ୍ତୁତ କରି କମିଶନରମାନଙ୍କଦ୍ୱାରା ଲୋକଙ୍କର ଉତ୍ତର ସଂଗ୍ରହ କରୁଅଛନ୍ତି ଏବଂ ସେସବୁ କେତେକ ସମ୍ବାଦପତ୍ରରେ ବାହାରୁଅଛି । ସେସବୁ ପ୍ରଶ୍ନ ସଂକ୍ଷେପରେ ନିମ୍ନେ ପ୍ରକାଶ କଲୁଁ ଯଥା —

୧ । ବର୍ତ୍ତମାନ୍ ପୁଲିସର ଦୋଷ କି ?

୨ । ସଚରାଚର ପୁଲିସ ଅତ୍ୟାଚାରୀ କି ନା, ଓ କିପରି ଅତ୍ୟାଚାର କରନ୍ତି ଏବଂ କେଉଁ ଶ୍ରେଣୀ ପର୍ଯ୍ୟନ୍ତ ? ନୂଆ ସବ୍ଇନସ୍ପେକ୍ଟରମାନେ ପୁରୁଣା ସବଇନସ୍ପେକ୍ଟରଙ୍କଠାରୁ ଭଲ କି ମନ୍ଦ ଏବଂ ଇନସ୍ପେକ୍ଟରମାନେ କେମନ୍ତ ?

୩ । ପୁଲିସ ସବ୍ଇନସ୍ପେକ୍ଟର ଏବଂ ଇନସ୍ପେକ୍ଟରମାନଙ୍କର ଦେଶୀୟ ଭଦ୍ର ସମାଜରେ ଆଦର ଅଛି କି ନା ?

୪ । ଭଦ୍ରଲୋକମାନେ କାହିଁକି ପୁଲିସରେ ଭରତି ହେବାକୁ ଆଗ୍ରହ କରନ୍ତି ନାହିଁ ?

୫ । କେବଳ ବେତନ ବୃଦ୍ଧି ହେଲେ ଆଗ୍ରହ ହେବ କି ?

୬ । ଯେବେ ତାହା ନୁହେ ତେବେ ତୁମ୍ଭ ଦୃଷ୍ଟିରେ କି ଉପାୟ କରିବା ଉଚିତ ?

୭ । ଇନସ୍ପେକ୍ଟର ପଦରେ କେବଳ ସବ୍ଇନସ୍ପେକ୍ଟରମାନଙ୍କୁ ପଦୋନ୍ନତିଦ୍ୱାରା ଭରତି ନ କରି କେତେକ ଭାଗ ପରୀକ୍ଷାଦ୍ୱାରା ଭରତି କଲେ ଭଲ ହେବ କି ?

ପ୍ରଶ୍ନଗୁଡ଼ିକ ମନ୍ଦ ହୋଇ ନାହିଁ ଏବଂ ଏ ସବୁର ଉତ୍ତରରେ ଅନେକ କଥା ବାହାରିବ । ଏତେଦିନ ସମ୍ବାଦପତ୍ରରେ ପୁଲିସ କର୍ମଚାରୀ ବିଶେଷର ନିନ୍ଦା ପ୍ରକାଶ ହେଉଥିଲା । ଏବେ ପୁଲିସ ପ୍ରତି ଲୋକଙ୍କର ସାଧାରଣ ଭାବ କର୍ତ୍ତୃପକ୍ଷମାନେ ଜାଣି ପାରିବେ । ମାତ୍ର ପୁଲିସ ସୁପରିଣ୍ଟେଣ୍ଡ ଏବଂ ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡଙ୍କ କାର୍ଯ୍ୟର ଅନୁସନ୍ଧାନ ନ ହେଲେ ପୁଲିସର ସମସ୍ତ ଦୋଷ ପ୍ରକାଶ ପାଇବା ସମ୍ଭବ ନୁହେ ଏବଂ ସଂସ୍କାର ମଧ୍ୟ ମୂଳରୁ ହେବା ଉଚିତ । ସେମାନଙ୍କ କାର୍ଯ୍ୟ ସମ୍ବନ୍ଧରେ ଲୋକେ ଅନେକ କଥା କହି ପାରିବାର ସମ୍ଭବ ନୁହେ । ସେଥିସକାଶେ ଏବଂ ପୁଲିସର ସମସ୍ତ ଦୋଷ ସମ୍ବନ୍ଧରେ ଅନୁସନ୍ଧାନ କରି ସଂସ୍କାରର ପ୍ରସ୍ତାବ କରିବା ସକାଶେ ଗୋଟିଏ କମିଶନ ବସିବା ଏକାନ୍ତ ବାଞ୍ଛନୀୟ ଏବଂ ତହିଁ ପାଇଁ ଗବର୍ଣ୍ଣମେଣ୍ଟଙ୍କୁ ବିଶେଷ ଅନୁରୋଧ କରୁଅଛୁଁ । ପୁରୁଣା ପୁଲିସ ଅତ୍ୟାଚାରୀ ଏବଂ ଅକର୍ମଣ୍ୟ ଥିଲାରୁ ନୂତନ ପୁଲିସର ସୃଷ୍ଟି ହେଲା ଏବଂ ପ୍ରତି ଜିଲ୍ଲାରେ ଜଣେ ଲେଖାଏଁ ସୁପରିଣ୍ଟେଣ୍ଡ ନିଯୁକ୍ତ ହେଲେ । ତଥାପି ଯେବେ ଅତ୍ୟାଚାର ଓ ଅକର୍ମଣ୍ୟତା ପୂର୍ବପ୍ରାୟ ରହିଲା ତେବେ ସୁପରିଣ୍ଟେଣ୍ଡ ପଦ ରଖିବାର ଫଳ କି ? ଜିଲ ମାଜିଷ୍ଟ୍ରେଟଙ୍କ ସାକ୍ଷାତ ଅଧୀନରେ ରହିଲେ କି କାର୍ଯ୍ୟ ଚଳିବ ନାହିଁ ।

---

## ପ୍ରାଦେଶିକ ସମିତିର କାର୍ଯ୍ୟ କି ?

ମେଦିନୀପୁରଠାରେ ଗତ ମଇମାସରେ ପ୍ରାଦେଶିକ ସମିତିର ଅଧିବେଶନ ହୋଇଥିଲା । ତହିଁର କାର୍ଯ୍ୟ ସମାଲୋଚନା କରି ସ୍ଥାନୀୟ ସମ୍ବାଦପତ୍ର ମେଦିନୀ ବାନ୍ଧବ ଲେଖିଅଛନ୍ତି କି ସେହି ଅଧିବେଶନରେ ଯେ ସବୁ ବିଷୟର ଆଲୋଚନା ହେଲା ତଦ୍ଦ୍ୱାରା ସେ ଅଞ୍ଚଳବାସିଙ୍କର ନୈତିକ, ଦୈହିକ ଏବଂ ଆର୍ଥିକସମ୍ବନ୍ଧୀୟ ଉନ୍ନତି ଅପେକ୍ଷା ରାଜନୈତିକ ବିଷୟର ଅଧିକ ଚର୍ଚ୍ଚା ହୋଇଥିଲା । ରାଜନୈତିକ ବିଷୟମଧ୍ୟରେ ଶାସନ ଓ ବିଚାରବିଭାଗର ପାର୍ଥକ୍ୟ, ଦେଶୀୟ ଶିକ୍ଷିତ ଲୋକଙ୍କର ଉଚ୍ଚ ରାଜପଦ ପ୍ରାପ୍ତିର ପଥ ପରିଷ୍କାର, ପୁଲିସର କଳଙ୍କ ପ୍ରଭୃତି କେତେଗୁଡ଼ିଏ ଅତି ପ୍ରୟୋଜନୀୟ ବିଷୟର ବିଚାର ହୋଇଥିଲା ଏବଂ ସ୍ଥାନୀୟ କେତେଗୁଡ଼ିଏ ଅଭାବ ଓ ଅବସ୍ଥାର ଯଥା ଧୋୟାସ୍ଥାନରେ ବନ୍ଦରନିର୍ମାଣ, ଅସ୍ତ୍ର ଆଇନର ଅଯଥା ବ୍ୟବହାରର ଆଲୋଚନାଦ୍ୱାରା କିଛି ସୁଫଳ ମଧ୍ୟ ଫଳିଅଛି । ମାତ୍ର ସୁଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଧନାଗମର ମୂଳ ଶିଳ୍ପ, କୃଷି ଓ ବାଣିଜ୍ୟ ବିଷୟରେ ଅଧିକ ଆଲୋଚନା ହେବାର ଉଚିତ ଥିଲା । ସକଳବିଷୟ ଭାବିବା ଉଚିତ ସନ୍ଦେହ ନାହିଁ ମାତ୍ର ଏକାବେଳେ ସବୁ ଭାବିବାର ସମୟ ଓ ସୁବିଧା ହୋଇ ନ ପାରେ । ପ୍ରାଦେଶିକ ସମିତି ଜାତୀୟ ମହାସମିତିର ଶାଖାସ୍ୱରୂପ ଏବଂ ମୂଳସମିତି ସୁବିବେଚନାପୂର୍ବକ ରାଜନୈତିକ ବିଷୟକୁ ଅଗ୍ରଗଣ୍ୟ କରିଅଛନ୍ତି ଯଦ୍ଦ୍ୱାରା ସମସ୍ତ ଭାରତର ସମ୍ବନ୍ଧ ଏବଂ ଯହିଁର ସଂସ୍କାରରେ ଅପର ସମସ୍ତ ସଂସ୍କାର ନିର୍ଭର

କରେ । ଦରିଦ୍ରତା ସକଳ ଅନିଷ୍ଟର ମୂଳ । ପେଟକୁ ଦାନା ନ ମିଳିଲେ ସ୍ୱାସ୍ଥ୍ୟ ଓ ନୀତି କୌଣସିମତେ ରକ୍ଷା ହୋଇପାରିବ ନାହିଁ । ଲୋକେ ଯାହା ବ୍ୟଙ୍ଗକରି କହନ୍ତି ନ ଏକମାତ୍ର ଅନ୍ନକଷ୍ଟଇତ୍ୟା ଅଛି ସମସ୍ତ ପୁଣ ବର୍ତ୍ତମାନ୍ ଅମ୍ଭମାନଙ୍କର ଭାତ୍ୱାଇ ଘଟିଅଛି ଏବଂ ସେହି ଅନଟଣ୍ଟର ହେତୁ ଶସ୍ୟାଭାବ ନୁହେ ମାତ୍ର ଅର୍ଥାଭାବ । ବାହିଲେ ବସ୍ତୁର ଟଙ୍କା ବରସ୍ୱରୂପ ତଲତଲୁ ବାହାରଯିବା ହେତୁ ଏ ଦେଶୀୟ ଲୋକଙ୍କର ଅର୍ଥାଭାବ ଘଟିଅଛି । ଜାତୀୟ ମହା ସମିତି ଏହିକଥା ଇଂରାଜ ଜାତିକୁ ବୁଝାଇ ସେମାନଙ୍କର ସହାନୁଭୂତି ପାଇବାର ଯତ୍ନ କରୁଅଛନ୍ତି ଏବଂ ଉଦାର ଇଂରାଜ ଗଭର୍ଣ୍ଣର ଯେଉଁ ମତ ଅନୁସାରେ ଏ ରାଜ୍ୟ ଶାସିତ କରିବାର ଅଭିନ ଓ ଘୋଷଣା ପତ୍ରଦ୍ୱାରା ପ୍ରତିଜ୍ଞା ବଦ୍ଧ ହୋଇଅଛନ୍ତି ତଦନୁସାରେ କାର୍ଯ୍ୟ କରିବାକାରଣ ଅଳ ଲଗାଇଅଛନ୍ତି । ଏହି ବିଷୟରେ ସ୍ଥାନୀୟ ଯତ୍ନ କରିବା ମହାସମିତି ଏବଂ ପ୍ରାଦେଶିକ ସମିତି ସମୂହର ସର୍ବାଗ୍ରେ କର୍ତ୍ତବ୍ୟ ଅଟେ । ରାଜାଙ୍କର ମନୋଯୋଗ ହେଲେ ପ୍ରଜାମାନେ ଅତ୍ୟୋନ୍ନତି ବିଷୟରେ ଅଧିକତର ମନୋଯୋଗୀ ହେବେ ଏବଂ ସମିତି ସେ ବିଷୟରେ ଉଦାସୀନ ନୁହନ୍ତି । ଆଗାମିବର୍ଷ ଏହି କଟକ ନଗରରେ ପ୍ରାଦେଶିକ ସମିତିର ଅଧିବେଶନ ହେବ । ଅତଏବ ଉତ୍କଳବାସିଙ୍କୁ ବେଳହୁଁ ତହିଁର ହ୍ଲାହ୍ଲତ ଭିତ୍ତିରେ ପ୍ରବର୍ତ୍ତ ହେବାକୁ ଅମ୍ଭେମାନେ ଅନୁରୋଧ କରୁଅଛୁଁ ।

---

### ଓଡ଼ିଶା ସ୍ମୃତିଚିହ୍ନ ।

ସ୍ୱର୍ଗୀୟା ଭିକ୍ଟୋରିୟା ଦେବୀଙ୍କର ଓଡ଼ିଶା ସ୍ମୃତି ଚିହ୍ନର ଆକାର ଓ ସ୍ଥାନ ନିର୍ଦ୍ଧାରଣ କରିବା କାରଣ କଟକ ପୁରୀ ଓ ବାଲେଶ୍ୱର ବାସିଙ୍କର ସଭାରେ ମନୋନୀତ ହୋଇଥିବା ପ୍ରତିନିଧିମାନଙ୍କର ଗତ ବୁଧବାର ଅପରାହ୍ନରେ ଏଠା କଲେକ୍ଟର ସାହେବଙ୍କର କୋଠିରେ ଗୋଟିଏ ଅଧିବେଶନ ହୋଇଥିଲା । କଟକର କଲେକ୍ଟର ହେଗଲଡ଼ ସାହେବ, ମାନ୍ୟବର ମଧୁସୂଦନ ଦାସ, ବାବୁ ଗୌରୀଶଙ୍କର ରାୟ, ବାବୁ ହରିବଲ୍ଲଭ ଘୋଷ, ବାବୁ ଯୋଗେନ୍ଦ୍ର ନାରାୟଣ ସିଂହ ଏବଂ ବାଲେଶ୍ୱରର କଲେକ୍ଟର ଉଇଲସନ ସାହେବ ଉପସ୍ଥିତ ଥିଲେ । ପୁରୀର କଲେକ୍ଟର ଏବଂ ବାଲେଶ୍ୱରର ରାଜା ବୈକୁଣ୍ଠନାଥ ଦେ ବାହାଦୁର ଏବଂ ବାବୁ ରାଧାଚରଣ ଦାସ ଉପସ୍ଥିତ ହେବାର ସୁବିଧା ନ ଦେଖି ପ୍ରଥମ ଲିଖିତ ମହାଶୟ ବାବୁ ହରିବଲ୍ଲଭ ଘୋଷଙ୍କୁ ଏବଂ ଶେଷଲିଖିତ ମହାଶୟମାନେ ବାଲେଶ୍ୱର କଲେକ୍ଟରଙ୍କୁ ନିଜନିଜ ସମ୍ମତି ଦେଇଥିଲେ । ଉକ୍ତ ହେଗଲଡ଼ ସାହେବ ସଭାପତିର ଆସନ ଗ୍ରହଣ ପୂର୍ବକ କାର୍ଯ୍ୟାରମ୍ଭ କରନ୍ତେ ବାବୁ ହରିବଲ୍ଲଭ ଘୋଷ ପୁରୀରେ ଗୋଟାଏ ଧର୍ମଶାଳା ସ୍ଥାପନର ପ୍ରସ୍ତାବ କଲେ । ବାବୁ ଗୌରୀଶଙ୍କର ରାୟ କଟକର ରେଭେନ୍ସାକୁ ଫ୍ଲେଟର ସାହେବଙ୍କ ମନ୍ତବ୍ୟ ଅନୁସାରେ ଇଞ୍ଜିନିୟରିଂ ସ୍କୁଲରେ ପରିଣତ କରିବା କାରଣ ଦଶହଜାର ଟଙ୍କା ଦେବାର ଏବଂ ଅବଶିଷ୍ଟ ଯେତେ ଟଙ୍କା ବଳିବ ତହିଁରେ କୃଷି ଓ ଶିଳ୍ପ ପ୍ରଦର୍ଶନୀର ଉପଯୋଗୀ ନାନାପ୍ରକାର ଦ୍ରବ୍ୟ ଓ ଯାତଦ୍ରବ୍ୟାଦି ଓ ଯନ୍ତ୍ରାଦି ଏକସ୍ଥାନରେ ରଖିବା ଓ ପ୍ରଦର୍ଶନୀରେ ବ୍ୟୟ କରିବାର ପ୍ରସ୍ତାବ କଲେ । ବାଲେଶ୍ୱରର କଲେକ୍ଟର ସାହେବ ଗୌରୀଶଙ୍କର ବାବୁଙ୍କର ଇଞ୍ଜିନିୟରିଂ ସ୍କୁଲର ପ୍ରସ୍ତାବ ଅନୁମୋଦନ କରି ଅବଶିଷ୍ଟ ଟଙ୍କାରେ ପୁରୀ ସମୁଦ୍ରକୂଳରେ ଭିକ୍ଟୋରିଆ ଦେବୀଙ୍କର ପ୍ରତିମୂର୍ତ୍ତି ଓ କୀର୍ତ୍ତିସ୍ତମ୍ଭ ନିର୍ମାଣର ପ୍ରସ୍ତାବ କଲେ । ବାବୁ ଯୋଗେନ୍ଦ୍ରନାରାୟଣ ସିଂହ କୃଷି ଶିଳ୍ପ ଓ ପ୍ରଦର୍ଶନୀ ଏବଂ କୀର୍ତ୍ତିସ୍ତମ୍ଭ ସମ୍ବନ୍ଧୀୟ ପ୍ରସ୍ତାବମାନ ଅନୁମୋଦନ କରି କୀର୍ତ୍ତିସ୍ତମ୍ଭରେ ଅଳ୍ପ ଟଙ୍କା ବ୍ୟୟ କରିବାର ପ୍ରସ୍ତାବ କଲେ ଏବଂ ମାନ୍ୟବର ମଧୁସୂଦନ ଦାସ କୃଷି ଶିଳ୍ପାଦି ସଂକ୍ରାନ୍ତ ପ୍ରସ୍ତାବର ବିଶେଷ ପୋଷକତା କଲେ । ପ୍ରତ୍ୟେକ ପ୍ରସ୍ତାବ ସମ୍ବନ୍ଧରେ ଅନେକ ତର୍କବିତର୍କ ଉତ୍ତାରୁ ସିଦ୍ଧାନ୍ତ ହେଲା ଯଥା—

୧ । କଟକ ସର୍ଭେସ୍କୁଲକୁ ଇଞ୍ଜିନିୟରିଂସ୍କୁଲ ଶ୍ରେଣୀକୁ ବଢ଼ାଇବା କାରଣ ଦଶହଜାର ଟଙ୍କା ଦିଆଯିବ ।

୨ । ପୁରୀର ସମୁଦ୍ର ତଟରେ ପ୍ରତିମୂର୍ତ୍ତି ଓ କୀର୍ତ୍ତିସ୍ତମ୍ଭ ସ୍ଥାପନ ହେବ ଏବଂ ତହିଁର ବ୍ୟୟ କୋଡ଼ିଏହଜାର ଟଙ୍କାରୁ ଅଧିକ ହେବ ନାହିଁ ।

୩ । ଅବଶିଷ୍ଟ ଯାହା ବଳିବ ତାହା କୃଷି ଶିଳ୍ପାଦିର ପ୍ରଦର୍ଶନୀ ନିମନ୍ତେ ବଙ୍ଗୀୟ ଗଭର୍ଣ୍ଣର ଏବଂ ରେଭେନ୍ସା ପ୍ରଧାନ ସାହେବଙ୍କ ମାରଫତରେ ସ୍ଥାୟୀ ସ୍ୱରୂପ ଗଚ୍ଛିତ ରହିବ ।

କୀର୍ତ୍ତିସ୍ତମ୍ଭ ବିଷୟରେ ଇଞ୍ଜିନିୟରମାନଙ୍କ ସହିତ ପରାମର୍ଶ କରି ଅନେକ ବିଷୟ ସ୍ଥିର କରିବାର ପ୍ରୟୋଜନ ହେବାରୁ ପ୍ରତିନିଧିମାନେ ଉଦାସ ହୋଇ ପାରିଲେ ନାହିଁ ଏ ପକ୍ଷେ ସେମାନଙ୍କର ଆଉ ଏକ ଅଧିବେଶନ ହେବ । ଫଳତଃ ମୂଳ କଥା ଅର୍ଥାତ ସ୍ମୃତିଚିହ୍ନର ଆକାର ଓ ସ୍ଥାନ ନିରୂପିତ ହୋଇଗଲା । ଏଣିକି ସେ ସବୁର ଅଙ୍ଗୀଭୂତ ବ୍ୟାପାରମାନ ସ୍ଥିର ହେବ ।

ଅମ୍ଭେମାନେ ବୋଧ କରୁଁ ପ୍ରତିନିଧିମାନେ ଯେମନ୍ତ କର୍ମ କଲେ ଏ ଗୁରୁତର ବିଷୟର ସନ୍ତୋଷଜନକ ମୀମାଂସା କରିବାକୁ ସକ୍ଷମ ହେଲେ ସର୍ବସାଧାରଣ ତେମନ୍ତ ସନ୍ତୋଷପୂର୍ବକ ତାହା ଗ୍ରହଣ କରିବେ । ଏହି ମୀମାଂସାରେ କୌଣସି ଜିଲ୍ଲାବାସିଙ୍କର ମନ ଉଣା କରିବାର କିଛି କାରଣ ନାହିଁ ଏବଂ ଯାହା ସମସ୍ତ ଓଡ଼ିଶାର ହିତ ଓ ଶୋଭା ନିମନ୍ତେ ଉପଯୋଗୀ ସେହିପରି ଗୋଟିଏ ସ୍ଥାପନର ବ୍ୟବସ୍ଥା ହୋଇଅଛି ।

---

# ସାପ୍ତାହିକ ସମ୍ବାଦ ।

### କଲିକତା ଗେଜେଟ ।

ଓଡ଼ିଶା ଜେନାଲ ରେଭେନ୍ୟୁ କମିଶନରଙ୍କ ଦପ୍ତରୀ କଲୋ କଟର ବାବୁ ଚନ୍ଦନମ ଦାସ ବଦଳି ପୁରୀ ଓ ବାଲେଶ୍ୱର ଜିଲ୍ଲାମାନଙ୍କରେ ୧୮୯୪ ସାଲର ୨ ଆଇନାନୁଯାୟୀ କଲେକଟରଙ୍କ କ୍ଷମତା ପ୍ରାପ୍ତ ହେଲେ ।

ଜାଜପୁରର ସବ୍‌ଡେପୁଟୀ କଲେକ୍ଟର ବାବୁ ଶରତଚନ୍ଦ୍ର ବସୁଙ୍କୁ ୧୮୭୯ ସାଲର ଅ ୧୦ ଆଇନାନୁଯାୟୀ କଲେକ୍ଟରଙ୍କ କ୍ଷମତା ପ୍ରାପ୍ତ ହେଲେ ।

କଟକ ମେଡ଼ିକେଲ ସ୍କୁଲ ଲିଖିତ ହସପିଟାଲ ଆସି ଷ୍ଟାଣ୍ଟର ଶ୍ରେଣୀ ପରୀକ୍ଷାରେ ନିମ୍ନଲିଖିତ ଛାତ୍ରମାନେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

| | |
|---|---|
| ଅଭୟଚନ୍ଦ୍ର ଦାସ | ଅବନୀନ୍ଦ୍ର ଘୋଷ |
| ଯୋଗୀମିଳ ଘାକ (ସ୍ତ୍ରୀ) | ଗଙ୍ଗାଧର ଦାସ |

ଗତ ଫ୍ରେବୃଆରୀ ମାସର ପରୀକ୍ଷାରେ ଓଡ଼ିଶାର ନିମ୍ନଲିଖିତ ପରୀକ୍ଷାର୍ଥୀମାନେ କାବ୍ୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ କାବ୍ୟତୀର୍ଥ ଉପାଧି ପ୍ରାପ୍ତ ହୋଇଅଛନ୍ତି ।

| | |
|---|---|
| ଫକୀର ମିଶ୍ର | ପୁରୀ ସଂସ୍କୃତ ସ୍କୁଲ |
| ଯଦୁନାଥ କର | ଅନସ୍କୁଲ |
| ସର୍ବେଶ୍ୱର ଶତପଥୀ | ବାଲେଶ୍ୱର ଶ୍ରୀରାମଚନ୍ଦ୍ର ଟୋଲ |

ଫକୀର ମିଶ୍ର ପ୍ରଥମ ଶ୍ରେଣୀରେ ଉଠି ବୃତ୍ତି ୫ ୩୦ ଟଙ୍କା ପାଇଅଛି ଏବଂ ଗୌରୀଶଙ୍କର ବୃତ୍ତି ଓ ୪୦୧ ଟଙ୍କା ମେଡ଼ାଲପଦ ଲାଭ ହୋଇଅଛି ଏହି ଭଗବତ୍ପଦ ପାଇଅଛନ୍ତି ।

---

ଗତ ଶୁକ୍ରବାର ରାତ୍ରରେ ପୁରୀର ଜଗନ୍ନାଥମନ୍ଦିରର ଶ୍ରୀମନ୍ଦିରକୁ ଚୋରେ ପଶିଲେ ଏବଂ ଜଣକୁ ଗିରଫ କରାଯାଇ ଅଛି ।

ଏ ସପ୍ତାହରେ ଶ୍ରୀକ୍ଷେତ୍ରରେ ଯାତ୍ରୀ ମେଲାଇଁ ଥିବା ମାତ୍ର ଅଳ୍ପମାନ ବୃଷ୍ଟି ହୋଇଅଛି । ଏଠା ୧ ୨ ଇଞ୍ଚ ଅଧିକ ବୃଷ୍ଟି ହୋଇଛି ।

ମହାନଦୀରେ କଟକ ନିକଟରେ ଯାଇ ତେବେଇ ପାରି ହେବାରୁ ଯାତ୍ରୀଙ୍କର ସୁବିଧା ହୋଇଅଛି ।

ଆଗାମୀ ସୋମବାର ପ୍ରଭାତ ସମୟରେ ତେବେ ଏଠା ରେଭେନ୍ସା କଲେଜ ଗୃହରେ ଗୋଟିଏ ସଭା ହେବ । ତହିଁରେ ଉକ୍ତ ଶିଳ୍ପ ପ୍ରଦର୍ଶନୀର [illegible] ଓ [illegible] ସ୍ଥିର ହେବ ଏବଂ ଆଗାମୀ ବର୍ଷର ପ୍ରଦର୍ଶନୀ ହେବାର ସ୍ଥିର ହେଲେ ତହିଁପାଇଁ [illegible] କମିଟି ମନୋନୀତ ହେବ ।

ଶୁଣାଯାଏ ଓଡ଼ିଶା ଡିଭିଜନରେ କଟକ [illegible] ହୋଇଅଛି । [illegible] ସାହେବମାନଙ୍କର [illegible] ହୋଇଅଛି ।

Split by PDF Splitter
Digitized by srujanika@gmail.com

Split by PDF Splitter



ଅନାବୃଷ୍ଟି ଅବସର ହେଲୁଁ ଜସ ଜନ୍ମସ୍ଥାନର ଯୁଦ୍ଧ-ଭଲି ସ୍ଥଳରେ ଗତ ଜୁନ ମାସ ତା ୧୮ ଦିନରେ ଅଗ୍ନିକାଣ୍ଡ ସ୍ମରଣୀୟ ହୋଇଗଲା ।

ବର୍ଷବର୍ତ୍ତା ବମ୍ବେବାଲିସ୍ ପକ୍ଷରୁ ବଳୀୟ ବାଣିଜ୍ୟପକ ପଛୁଳ ବେମ୍ବଇ ସୁରୁପ ଭାଲୁର ଅଗ୍ନିଦୋଷ ମୂଲ୍ୟ ମନୋନୀତ ହୋଇଅଛନ୍ତି ।

ଅନେକଙ୍କଠାରେ ଏତେ ଅଧିକ ଶୀଘ୍ର ହୋଇଥିବା ଯେ ଯୁଦ୍ଧୋତ୍ତର ହେବୁ ଜ ୫୮୯ ଣ ଶର୍ଦ୍ଦି ଜର୍ମି ଲୋକରେ ଆକ୍ରମଣରେ ପତନ ହୋଇଅଛନ୍ତି । ଶର୍ଦ୍ଦି ଜର୍ମରେ ଏତେ ଅଧିକ ସେନେବ ମହାକାଳ ହେବେ ଶୁଣା ଯାଇ ଥିଲା । ଗାଜାଳିସ୍ଥଳର ଲୋକେ କେଣି ଗଳନ ଶତ୍ରୁ କଣ ପାରନ୍ତି ନାହିଁ ଏଣ !

ଅଜମରାଠାରେ ଲଷ୍ଟାଡ ରାଜକାର କର୍ମଗୃହମାନଙ୍କ ମଧ୍ୟରେ ଜଣେ ହୋଇଥିବାର ସମ୍ବାଦ ମିଳଇ । ବୁଉଲଣ୍ଡ ଲେଖ ଏ ମେଲଟରେ ଯୋଗଦାନ କରିଥିବାର କଥିତ ହୁଏ ।

ମୈସୂରଠାରେ ଗତ ଜୁନମାସ ତା ୨୭ ଦିନରେ ଏକ ଅଥବା ଦଶାଢ ସଶସ୍ତ୍ର ହୋଇଯାଇଥିବାର ସମ୍ବାଦ ମିଳଇ ସବୁଥିଲା ପିତାଙ୍କ ନାମ ଲବଣଦର୍ପଣ । ସେ ଟୈକିନମାନଙ୍କ ମଧ୍ୟରେ କତ୍ରିଗ୍ର ଏବଂ ପ୍ରଧାନ ବ୍ୟକ୍ତି ଅଟନ୍ତି । ତଭ ମଧ୍ୟ ସେହି ତାଙ୍କର ଉପଯୁକ୍ତ ଶିକ୍ଷିତ ବ୍ୟକ୍ତି । ଏ କବାଡ ମହାରାଜାଙ୍କ ଲଗ୍ନ ନଭରେ ସମ୍ପୂର୍ଣ୍ଣ ହୋଇଅଛି ।

ଶ୍ରୀମତୀ ମହାରାଣୀଙ୍କ ଜନ୍ମୋତ୍ସବ ଦେଶୀୟ ଭଣ୍ଡାରରେ ଦାନ ମାସ ଦାନ ହେବାରୁ ଜ ୪ ଜ ଲାଗିଥିଲା ଏବଂ ମୋଟରେ ୧୮,୪୮୬ ଟଙ୍କା ଦାନ ଉଠିଅଛି । ସେଥିରୁ ଭଣ୍ଡାରର ଅଧିକ ସନ ୧୮୨୬ ମସିହାରୁ କୋଠରେ ରଖା ହୋଇ ରହିଥିଲା ତହିଁର ମୂଲ୍ୟ ଟଙ୍କା ୪୬୦ ଦିଆଯିବ ।

ଗୁଜରାଟରେ ଲେଖନୀ ସୁବାର କାରଖାନାର ବହୁ ଯନ୍ତ୍ରମାନଙ୍କରୁ କାରଖାନା ଘରର ଏକ ଅଂଶ ଭଗ୍ନି ପଡ଼ିବାର ସମ୍ବାଦ ମିଳଇ । ଏଥିରୁ ଜ ୬ ଣ ଲୋକେ ଅଧିକ ପୀଡ଼ା ପାଇଅଛନ୍ତି । ସେମାନେ ସମସ୍ତେ ହସ୍ପିଟାଲରେ ଭର୍ତ୍ତି ହୋଇଅଛନ୍ତି । ମାତ୍ର କେତେକ ଲୋକଙ୍କ ବଞ୍ଚିବାର ଠିକଣା ନାହିଁ ।

ତାଙ୍କ ଦେଶ ଭିତରେ କୋମ୍ପାନୀ ଓ ମିନିଷ୍ଟର କାମକ ଦେଶରେ ସ୍ଥଳ ଶ୍ରେଣୀ ଅବସ୍ଥାର ହୋଇଥିବାର କଥିତ ହୁଏ ।

ଉତ୍କଳ ଦେଶ ଅଞ୍ଚଳରେ ଏକ ଉତ୍ସାହକ ଉତ୍ସବ ହୋଇଯାଇଅଛି । ଜ ୮୩ ଣ ଅଧିବାସିମାନଙ୍କ ଜ ୩୦ ଣ ପ୍ରଦର୍ଶନୀ ମାନ୍ୟ ହୋଇଅଛନ୍ତି ।

ଗାର୍ଣ୍ଣମେଣ୍ଟର ହିସାବରୁ ପ୍ରକାଶ ଯେ ଗତ ଜେ ମାସ ଶେଷ ପର୍ଯ୍ୟନ୍ତ ତନ ପୂର୍ବରେ ସର୍ବସୁଦ୍ଧା ୭୪ କୋଟି ଟଙ୍କା ମାଲଗୁଜାରିର ଖରଚ ହୋଇଅଛି । ଏହା ସହିତରେ ଯୁଦ୍ଧର ଖରଚ ଯୋଗ କଲେ ଅନ୍ୟୂନ ୩୬ କୋଟି ଟଙ୍କା ହେବ । ଜୁନ ମାସରେ ପ୍ରାୟ ୪ କୋଟି ଟଙ୍କା ଖରଚ ହୋଇଛି । ଭବିଷ୍ୟତକୁ ଅଧିକ ହେବ ହେବ ।

ଆଗାମୀ ନଭେମ୍ବର ମାସରେ ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ଓ ଅସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ପରୀକ୍ଷା ହେବ । ଇଉରୋପୀୟ ଭିନ୍ନ ଅନ୍ୟ କେହି ଏ ପରୀକ୍ଷା ଦେଇ ପାରିବେ ନାହିଁ । ଯେଉଁମାନେ ନମ୍ବର ଉଚ୍ଚ ଏହି ପରୀକ୍ଷା ଦେଇ ପାରିବେ, ମାତ୍ର ଭାରତୀୟ ପ୍ରଜା ଦେଇ ପାରିବେ ନାହିଁ । ଧନ୍ୟ ଦେଶର ।

### ପୁସ୍ତକ-ସମ୍ବାଦ ।

ନୂତନ ଅସ୍ତ୍ର—ପୁରୀ ଶାସନଦାର ଅନ୍ତର୍ଗତ ଭଗବତୀଙ୍କୁ ଯୋଗଦାନମାନେ ବାଲ ଅନୁଷ୍ଠାନ କର ବାର ବନ୍ଧାଧର ୧୮/୬ ତା ୧୪ ତାରିଖରେ ଦର୍ଶନ କରୁଥିଲେ ଏବଂ ଅନ୍ୟୋନ୍ୟ କମ୍ପାନୀର ମହୋଦୟଙ୍କ ଅବେଦନାନୁସାରେ ପ୍ରତ-

ଉତ୍ପାଦନ ଟ ୦/ ହାରରେ କର ଆଦାୟ କରିବାକୁ ଉତ୍କଣ୍ଠା ମାନେ ସେହ ଉତ୍ପାଦ ଟ ୦ । ଜମା ଟ ୦ ।/ କରରେ ଦାଖଲ କରୁଅଛନ୍ତି ! ଏହାଦ୍ୱାରା ଗବର୍ଣ୍ଣମେଣ୍ଟର ବିଶେଷ ଅର୍ଥ ମଧ୍ୟ କ୍ଷତି ହେବ ଏବଂ ସଜାଗ୍ରମାନେ ମଧ୍ୟ ଲାଭବାନ ହେବେ ସନ୍ଦେହ ନାହିଁ । ଖତ ଏହା ଶୀଘ୍ର ସହର ବାହାରିଲା ।

ଧୋବାମାନେ କଟକ ଜିଲ୍ଲା ନାଡ଼ାଲି ଅନ୍ତର୍ଗତ ବାଲୁଗାଁରେ ଲୁଗା କାଚ ଥିଲେ । ସମ୍ପ୍ରତି କଲେକ୍ଟର ସାହେବଙ୍କର ଘୋଷଣା ପ୍ରଚାର ହୋଇଅଛି ଯେ "ଧୋବା" ମାନେ ପାଇ କିଛି କାଳ ସେଠାରେ ଲୁଗା କାଚ ପାରିବେ ନାହିଁ । ତାଙ୍କ ସ୍ଥାନରେ କିଛି ଦିନ ପଡ଼ିବ ଏବଂ ତାହା ଧୋବାମାନଙ୍କ ଲୁଗା କର୍ମ ମୂଳ ବଢ଼ାଇ ସେଠାଠାରୁ ଅନାୟ କରିବେ ।

ପୁରୀ ଷ୍ଟାଲନର ଏବୁଲକରୀ କାଇଗୁରାଣ ମୌଜା କରାବୀ ଜଗଦଥାନ ନାମା ଜଣେକ କୃଷକ ଗୃହରେ ସେହି ସ୍ଥାନ-ବାସିମାନେ ମଧ୍ୟାହ୍ନ ସମୟରେ ଜମାଏତ ହୋଇ ପ୍ରବେଶ ହୋଇ ଗୃହସ୍ଥ ତାହାର ଭାଇମାନଙ୍କୁ ବନ୍ଧନ ପୂର୍ବକ ଗୃହ-ଚଲ ଅଗ୍ନି ଦେଇ ଗୃହର ଯାବତୀୟ ପଦାର୍ଥ ନେଇ ଯାଇଅଛନ୍ତି । ଗ୍ରାମ୍ୟପଞ୍ଚାୟତଙ୍କ ମଧ୍ୟରୁ କେହି ଏଥିରେ ଲିପ୍ତ ଥିବାର ମଧ୍ୟ ପ୍ରକାଶିତ ହୋଇଅଛି । ପୁଲିସ ତଦନ୍ତ କରି ମାତ୍ର ସନ୍ଦେହ ଜ ୧୪ ଣ ଲୋକଙ୍କୁ ଚାଲାଣ ଦେଇଅଛି ଜଣେ ମଜିଷ୍ଟ୍ରେଟର ବିଚାର ଘର ଡେପୁଟି ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ବାବୁ ହରେନ୍ଦ୍ର କୁମାର ଘୋଷଙ୍କଠାରେ ଅର୍ପିତ ହୋଇଅଛି ।

ବ୍ରାହ୍ମଣ ସମିତର ଗତ ମାସ ତା ୨୫ ରିଖ ଅଧିବେଶନରେ ସ୍ଥିରକୃତ ହୋଇଅଛି ଯେ ଜୁଲାଇ ମାସ ତା ୧ ରିଖଠାରୁ ଇନସ୍‌ପେକ୍ଟରଙ୍କ ଛାତ୍ରବୃତ୍ତି ଦେବାର ସ୍ଥିର କରିଅଛନ୍ତି ଏବଂ ଡବଲ୍ୟାରେ ଏଫ୍ ଏ ଶ୍ରେଣୀୟ ଛାତ୍ର କାଷ୍ଟାଲଯ ଦାଣ ସ୍ୱଇ ଡସଷ୍ଟ୍ରିଲ ୧ମ ଶ୍ରେଣୀୟ ଛାତ୍ର କଲେଜ ଦାଣ ଏବଂ ଜିଲ୍ଲା ସ୍କୁଲର ୪ର୍ଥ ଶ୍ରେଣୀର ନୂତନ ଛାତ୍ର କଲେଜର ମହାରାଜାଙ୍କ ନାସିକ ପଥାନ୍ତରେ ଟ ୪ । ଟ ୨୫ ଟ ୨ ହାରରେ ସାହାଯ୍ୟ ଦିଆଗଲା ।

ଗତ ତା ୩ ରିଖରେ ୮ ଜଗନ୍ନାଥ ମହାପ୍ରଭୁ ବାହୁଡ଼ା ବିଜୟ କରିଥିଲେ । ପୂର୍ବପରବର୍ତ୍ତୀ ବର୍ଷଠାରୁ ଜନ୍ମାନୁ-ସୂଚୀ ରଥଚଲନ କାର୍ଯ୍ୟାରମ୍ଭ ହୋଇ ଗତ ମଙ୍ଗଳବାର ସନ୍ଧ୍ୟାସମୟରେ ସ୍ୱସ୍ଥାନରେ (ବଡ଼ଦାଣ୍ଡରେ) ରଥ ସିଂହଦ୍ୱାରରେ ହୋଇଅଛି । ରଥଗୁଡ଼ିକ ଠିକ ମଧ୍ୟରେ ସିଂହ-ଦ୍ୱାରରେ ଉପସ୍ଥିତ ହୋଇ ଆଜି ମାତ୍ର ନେଇ ମନ୍ଦିରେ ପ୍ରତ୍ୟାବାସ୍ତୁ ହୋଇ କରିବାକୁ ଏବେ ବଳନ୍ତ ହୋଇଅଛି ।

ଅସ୍ମାନଙ୍କର ସୁଯୋଗ୍ୟ ମାନନୀୟ ଡେପୁଟୀ ଇନସ୍ପେକ୍ଟର ମହୋଦୟ ଗତ ତା ୪ ରିଖରେ ଏହି ସହର ଏବଂ ସନ୍ନିକଟବର୍ତ୍ତୀ ବିଦ୍ୟାଳୟମାନଙ୍କର ଶିକ୍ଷକ, ସବ୍-ଇନସ୍ପେକ୍ଟର ଏବଂ କେତେକ ବିଦ୍ୟାର୍ଥୀ ମେଳକଙ୍କୁ ଅନ୍ୟାନ୍ୟ ଶିର କଣର ଗାଡ଼ିକ ଅର୍ଥାତ୍ ବାଲକ ବାଳିକାମାନଙ୍କର ଶିକ୍ଷାର (ସନ ୧୯୦୧ ସାଲଠାରୁ ପ୍ରବର୍ତ୍ତିତ ନୂତନ ଶିକ୍ଷାପ୍ରଣାଳୀ) ବିଷୟରେ କେତେକ ଉପଦେଶ ପ୍ରଦାନ କରିଥିଲେ । ଏହି ଶିକ୍ଷାଦ୍ୱାରା ବିଶେଷ ଉପକାର ଦୃଷ୍ଟ ହେବ ସନ୍ଦେହ ନାହିଁ । ମାତ୍ର ତାହା କର୍ତ୍ତବ୍ୟ ସାଧ କାରଣ ପ୍ରତ୍ୟେକ ବିଦ୍ୟାଳୟ ସକାଶେ ଶିକ୍ଷୋପଯୋଗୀ ଉପକରଣ ପୂର୍ଣ୍ଣ ଗେଜେଟକୁ ବାନ୍ଧ ଏବଂ ନେଲ୍ଡଷ୍ଟ ଲିଡ୍‌ଲ ଆବଶ୍ୟକ ମଫସଲ ବିଦ୍ୟାଳୟ କଣ, ପୂର୍ବେ ଆଜି ଅଧିକା ଣ ଏ ଡଗନ୍ତ ବିଦ୍ୟାଳୟମାନଙ୍କର ଅଦୃଷ୍ଟରେ ସହିବା ସମ୍ଭବ ନୁହେଁ । ଏଣୁ ଆଶାକରୁଁ ଗଭର୍ଣ୍ଣମେଣ୍ଟ ଏବଂ ଡିଷ୍ଟ୍ରିକ୍ଟ ବୋର୍ଡ ଉକ୍ତ ବିଷୟରେ ବିଦ୍ୟାଳୟମାନଙ୍କୁ ସାହାଯ୍ୟ ପ୍ରଦାନ କରି ଉଦ୍ଦେଶ୍ୟ ସାଧନ କରିବେ ।

ଏ ସପ୍ତାହରେ ପ୍ରାୟ ପ୍ରତ୍ୟହ ସାମାନ୍ୟ ବୃଷ୍ଟି ହେଲ-ଥିବାରୁ "ଭୂମିମଣ୍ଡଳ" ବଡ଼ ଦୁଃଖିତ ହୋଇଅଛି । ମାତ୍ର ଏହି ବୃଷ୍ଟିଦ୍ୱାରା ଶୋଷଣରେ ଜଳାଭାବ ଦୂରୀଭୂତ ହୋଇ ନାହିଁ ।

ସହରର ସ୍ୱାସ୍ଥ୍ୟ ପୂର୍ବବତ୍ ରହିଅଛି ଜ୍ୱର ବେଲେବଦନ-ହେତୁ ଶାଳେ ଓଳାଉଠା ପଡ଼ିଥିବାର ଦୃଷ୍ଟ ହେଉଅଛି ।

### ପତ୍ରପ୍ରେରକଙ୍କ ପ୍ରତି ।

ଜଣେ ସ୍ତ୍ରୀଭକ୍ତବାସୀ ଓଡ଼ିଆ—ଅପରିଚିତ ବ୍ୟକ୍ତିର ପତ୍ର ପ୍ରକାଶ କରୁଅଛୁ ନାହିଁ ଏହା ଅବଶ୍ୟ ଆପଣଙ୍କୁ ଜଣା ଅଛି । ଅପରିଚିତ ବ୍ୟକ୍ତି କଥାରେ ନିର୍ଭର କରିବାକୁ ଆମ୍ଭେମାନେ ସର୍ବଦା ଭୟଭୀତ ।

ହରଜନ୍ମ—ପତ୍ରଟି ଯଥେଷ୍ଟ ନୁହେ ଏବଂ ଠିକଣାରେ ଡାକଘରର ନାମ ଲେଖା ନ ଥିବାରୁ ପୃଥକ ପତ୍ର ଲେଖିବାର ଉପାୟ ନାହିଁ । ଯାହାଙ୍କ ବିରୁଦ୍ଧରେ ଗୁହାରି ସେମାନଙ୍କର ନାମ ଲେଖିବା ଉଚିତ ।

### ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ଶ୍ରୀ ବାବୁ ଜଗନ୍ନାଥ ପଟ୍ଟନାୟକ | ଢେଙ୍କାନାଳ | ଟ ୩ ୯ |
| „ ଧର୍ମାନନ୍ଦ ପଟ୍ଟନାୟକ | କଟକ | ଟ ୧ ୯ |
| „ ହରିବାସ ବଳଭଦ୍ର ଭଣ୍ଡାରଗୃହ | | |
| | ଶାସନ ବାଲିଅନ୍ତା | ଟ ୧ ୪ |
| „ ମାଣ୍ଡବଚନ୍ଦ୍ର ମିଶ୍ର ସବରେଜିଷ୍ଟ୍ରାର ପୁରୀ | | ଟ ୨୯ |

# ବିଜ୍ଞାପନ ।

## ଅଦ୍ଭୁତ ରାମାୟଣ ।

ଏଥିରେ ରାମଚନ୍ଦ୍ର ଓ ସୀତାଙ୍କର ପୂର୍ବଚରିତ୍ର ବୃତ୍ତାନ୍ତ ଏବଂ ସୀତାଙ୍କଦ୍ୱାରା ସହସ୍ରମୁଖରାବଣର ବଧ ଓ ରାମଚନ୍ଦ୍ରଙ୍କଦ୍ୱାରା ସୀତାଙ୍କର ସ୍ତୁତି ଇତ୍ୟାଦି ସୁଲଳିତ ପଦ୍ୟରେ ବର୍ଣ୍ଣିତ ହୋଇଅଛି । ମୂଲ୍ୟ ଟ ୦ ।୵ ମାତ୍ର । ପ୍ରିଣ୍ଟିଂ କମ୍ପାନୀ ପୁସ୍ତକ ଦୋକାନରେ ପ୍ରାପ୍ତବ୍ୟ ।

## WANTED

A Inspecting Pandit for the Ganza Sub-Circle in Thana Aul under the Cuttack District Board on a monthly salary of Rs. 10 with an allowance of Rs. 2 per month.

Preference will be given to those who have passed the Final Examination of the Cuttack Training School and have some knowledge in the English language.

Applications will be received by the undersigned up to 20th current.

Cuttack Dist. Board office
8—7—1901

J. C. CHUNDR
*Vice Chairman.*

Digitized by srujanika@gmail.com

Split by PDF Splitter



## ନୋଟିସ୍ ।

ଏତଦ୍ୱାରା ସର୍ବ ସାଧାରଣ ମୁସଲମାନମାନଙ୍କୁ ଜଣାଇ ଦିଆ ଯାଉଅଛି ଯେ କଟକ ଅଙ୍ଗଲୋ ମହମ୍ମଦାନ୍ ମାଇନର ସ୍କୁଲ ଖୋଲା ଯାଇଅଛି । ଏଥିରେ ଇଂରାଜୀ ଓ ଉର୍ଦ୍ଦୁ ଭାଷାରେ ଶିକ୍ଷା ଦିଆଯିବ, ଏବଂ ଅନ୍ୟାନ୍ୟ ସ୍କୁଲ ମାନଙ୍କରେ ଯାହା ସରକାରୀ ଫିସ ଅଛେ ତହିଁର ଅର୍ଦ୍ଧେକ ଏଠାରେ ନିଆଯିବ । ଏବଂ ପିତା ମାତା ହୀନ ଗରୀବ ବାଳକମାନଙ୍କୁ ଏକ ବାଳକ ମାଫ ଦିଆଯିବ ଏବଂ ଧର୍ମ ଶିକ୍ଷା ସ୍ୱତନ୍ତ୍ର ଦିଆଯିବ ମୋଉଂଲଭୀ ଏହ୍ରାମ ହୋସେନ ବି, ଏ, ହେଡ୍‌ମାଷ୍ଟର ଏବଂ ପଞ୍ଜାବ ନିବାସୀ ମୋଉଲଭୀ କଲିମୁଦ୍ଦୀନ ହେଡ଼ ମୋଉଲଭୀ ପଦରେ ନିଯୁକ୍ତ ହୋଇ ଅଛନ୍ତି । ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀରେ ଯେଉଁ ବାଳକମାନେ ପଢ଼ିବାକୁ ଇଚ୍ଛା କରନ୍ତି ସେମାନେ ଅତି ଶୀଘ୍ର ଦରଖାସ୍ତ ପଠାଉନ୍ତୁ ବା ନିଜେ ଆସି ଦାଖଲ ହେଉନ୍ତୁ ।

କଟକ ତା ୧୧।୬।୦୧ — ମହମ୍ମଦ ଅବଦୁସ ସମଦ, ସେକ୍ରେଟରୀ

**ବିଜ୍ଞାପନ ।**

ଯେହେତୁ । ଜି । ପୁରୀ ଦଣ୍ଡ ମହଲପୁର ମୌଜେ ଭୁବନେଶ୍ୱରପୁର ନିବାସୀ ମାଲ- ମଣି ମହାନ୍ତି ପୁତ୍ର ଲକ୍ଷ୍ମଣ ମହାନ୍ତି ସନ ୧୩୦୦ ସାଲଠାରୁ ଅମ୍ଭେ ହରମୋହନ ସିଂହ ଚୂଡ଼ାମଣି । ଖା । ଭବଶ୍ରେ । ସ୍ତ୍ରୀ । ଅନ୍ନପୂର୍ଣ୍ଣା । ଜ । ପୁରୀ ଏବଂ ଅମୃତ ଭାଗୁଣୀ ସମାଲମୋହନ ସିଂହ ଚୂଡ଼ାମଣି ଓଗେରଙ୍କ ଜମିଦାରୀ ଇଲାକା ସଦର କଚେରୀରେ ଏକଜଣ ଅମଲମଣ୍ଡଳୀସ୍ଥ କାର- ପରଦାଜ କର୍ମରେ ନିଯୁକ୍ତ ଥାଇଁ ମନୋଯୋଗ ଓ ପରିଶ୍ରମ ଏବଂ ସତ୍ ଆଚରଣ ସହିତ କାର୍ଯ୍ୟ କରି ଆସୁଥିଲେ ଇଦାନି ଅମନୋଯୋଗ ଓ ଶୈଥିଲ୍ୟ ଏବଂ ଅସତ୍ ଆଚରଣ ସହିତ କାର୍ଯ୍ୟ- କରିବାରେ ତାଙ୍କୁ ଏହି ଜୁଲାଇ ମାସ ତା ୨ ର- ଖରେ କାର୍ଯ୍ୟରୁ ବରଖାସ୍ତ କରି ଥିବାରୁ ଏ ବିଷୟ ସର୍ବ ସାଧାରଣଙ୍କ ଅବଗତାର୍ଥେ ପତ୍ରିକାରେ ପ୍ରକାଶ କଲୁଁ ।

ତା ୯ ଋଣ ମାହେ ଜୁଲାଇ ସନ ୧୯୦୧ ମସିହା

ଶ୍ରୀ ହରମୋହନ ସିଂହ ଚୂଡ଼ାମଣି ଜମିଦାର

**ବିଜ୍ଞାପନ ।**

ଏଠା ଜଗତା ଢାଲ୍ଡରଖାନା ସକାଶେ ଏକଜଣ ସ୍ତ୍ରୀ କମ୍ପାଉଣ୍ଡର ଅତି ଶୀଘ୍ର ଆବଶ୍ୟକ ଅଛି ମାସିକ ବେତନ ଟ ୧୫୧ ଙ୍କା ଓ ରହିବା ନିମନ୍ତେ ବାସଗୃହ ଦିଆଯିବ, ଆବେଦନକାରୀ- ମାନେ ସେମାନଙ୍କର ଗୁଣର ସାର୍ଟିଫିକଟ ଓ ଚରିତ୍ର ସାର୍ଟିଫିକଟ ସହ ଆବେଦନପତ୍ରମାନ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟ ଉକ୍ତମାସ ଶେଷ- ସୁଦ୍ଧା ପଠାଇବେ । ଇତି ।

ଢେଙ୍କାନାଳ ମାନେଜର ଅଫିସ ୧।୭।୧୯୦୧ — Rahas Behari Naik, *Manager.* ରହାସବିହାରୀ ନାୟକ ମାନେଜର

# ବିଜ୍ଞାପନ ।

ମୁଦ୍ରାରେ ଅଦ୍ୱିତୀୟ । — ଚକ୍ଷୁ ଜଗତର ସୁଖାନ୍ତର

**ବ୍ୟାଧି ଜଗତର ବୋହୂନ୍ଭ ! ! !**

ଆମେରିକା ସ୍ୱଦେଶସ୍ଥ ନିଉୟର୍କ ନଗରର ବିଖ୍ୟାତନାମା ଡାକ୍ତର ହୁଇଲିୟମ ମେକର ଏମ୍ ଏ, ଏମ୍, ଡି, ସାହେବଙ୍କ ଆବିଷ୍କୃତ

## ଇଲେକ୍‌ଟ୍ରୋ ସାଲସା ।



ଭାରତବର୍ଷ ଗ୍ରୀଷ୍ମ ପ୍ରଧାନ ଦେଶହେତୁ ଏତ- ଦେଶବାସୀମାନଙ୍କର ଅଳ୍ପବୟସଠାରୁ ଇନ୍ଦ୍ରିୟ ଶୃଙ୍ଖଳ୍ୟ ଉପସ୍ଥିତ ହୁଏ, ଏବଂ ତାହାର ଅପ- ରିମିତ ଅନୁକରଣର ବିଷମୟ ଫଳରୁ ଯେ ସମସ୍ତ ଯନ୍ତ୍ରଣାଦାୟକ ଦୁଃସାଧ୍ୟ ଶୁକ୍ର ଓ ରକ୍ତସଂ- ମ୍ବନ୍ଧୀୟ ପୀଡ଼ା ଉପସ୍ଥିତ ହୋଇଥାଏ ତାହାର କବଳରୁ ଦୁର୍ଭାଗ୍ୟ ଭାରତବାସିମାନଙ୍କର ମୁକ୍ତି ହେବାର କୌଣସି ପ୍ରକୃତ ସ୍ଥାୟୀ କିଯାଜନକ ଔଷଧ ପ୍ରଚଳିତ କୌଣସି ଚିକିତ୍ସା ପଦ୍ଧତିରେ ଆଜିପର୍ଯ୍ୟନ୍ତ ଆବିଷ୍କୃତ ହୋଇ ନାହିଁ । ସୁତରାଂ ଚିକିତ୍ସକ ସମ୍ପ୍ରଦାୟ ଓ ଔଷଧ ବ୍ୟବସାୟୀ ମାନଙ୍କ କର୍ତ୍ତବ୍ୟାନୁରୋଧରେ ବା ସ୍ୱାର୍ଥର ବଶବର୍ତ୍ତୀରେ ଯେ କେବଳ ଠକାଇ ଆସୁଅଛନ୍ତି ତାହା ନୁହେ ! ଅଧିକନ୍ତୁ ଉକ୍ତ ଔଷଧର କ୍ରିୟାରେ ବିପରୀତ ଫଳ ହେବାର ଦେଖାଯାଏ; ସ୍ଥଳବିଶେଷରେ ଯଦି ତତକ୍ଷଣ ଚିକିତ୍ସକଙ୍କ ଔଷଧରେ ଉପକାର ଦେଖାଯାଏ ସତ୍ୟ । କିନ୍ତୁ ସାମାନ୍ୟ ଅତ୍ୟାଚାରରେ ବା ସ୍ୱାସ୍ଥ୍ୟର ଅନିୟମରେ ପୁନରାକ୍ରମଣ ହୋଇ- ଥାଏ । ଏହି ସକଳ ଅବସ୍ଥା ପର୍ଯ୍ୟାଲୋଚନା କରି ତାହାର ପ୍ରକୃତ ଔଷଧ ଆବିଷ୍କାର ନିମନ୍ତେ ଗତ ବ ୧୮ ବର୍ଷ ବ୍ୟାପି ଆମ୍ଭମାନଙ୍କ ଅବିରତ ଅଧ୍ୟବସାୟ, ଅମାନୁଷିକ ପରିଶ୍ରମ, ଅଜସ୍ର ଅର୍ଥ ବ୍ୟୟ, ବହୁ ଅନୁସନ୍ଧାନ ଓ ପରୀକ୍ଷାଫଳରେ ହିମାଳୟ ପର୍ବତର ଉପତ୍ୟକା ଭୂମିରୁ ଉଦ୍ଭୂତ ଆଶ୍ଚର୍ଯ୍ୟ ଭେଷଜ ଗୁଣାନ୍ୱିତ ବେଲେଭ ଦୁଷ୍ପ୍ରାପ୍ୟ ଲତା ଗୁଳ୍ମର ନିର୍ଯ୍ୟାସର ସହିତ ରକ୍ତ ପରିଷ୍କାରକ, ଧାତୁପୋଷକ, ଶୁକ୍ରବର୍ଦ୍ଧକ, ପାରଦଦୋଷ ନାଶକ, ସ୍ନିଗ୍ଧକର, ମେଧା ଓ ସ୍ମୃତିଶକ୍ତି ବୃଦ୍ଧିକର ପ୍ରଭୃତି ସ୍ୱାସ୍ଥ୍ୟ ଓ ଶରୀର ସଂରକ୍ଷଣ ଉପଯୋଗୀ ୨୨ ପ୍ରକାର ଦେଶୀ ଓ ବିଲାତି ଔଷଧର ସାରଭାଗ ଏକତ୍ରିତ କରି ଇଲେକ୍‌ଟ୍ରୋ ଅର୍ଥାତ୍ ତାଡ଼ିତ- ଶକ୍ତି ସଂଯୋଗେ ନୂତନ ସହାୟୁକ ପ୍ରକରଣେ ଏହି ଇଲେକ୍‌ଟ୍ରୋ ସାଲସା ଆବିଷ୍କୃତ ହୋଇ ଏତେଦିନ ପରେ ଚିକିତ୍ସା ଜଗତରେ ଏକ ମହତ ଅଭାବ ଦୂରୀଭୂତ ହୋଇଅଛି । ଲମ୍ପଟ୍ଟାଇନ୍ ହତାଶ ପ୍ରାଣରେ ଏକ ଆଶାର ପ୍ରଦୀପ ଜଳି ଉଠି- ଅଛି !!!

ଅସିଆ, ଇଉରୋପ, ଆମେରିକା, ଅଷ୍ଟ୍ରେଲିଆ ପ୍ରଭୃତି ମହାଦେଶମାନଙ୍କର ପ୍ରସିଦ୍ଧ ଚିକିତ୍ସକ ଓ ଜନସାଧାରଣ ମୁକ୍ତକଣ୍ଠରେ ଘୋଷଣା କରୁ- ଅଛନ୍ତି ଯେ ଶୁକ୍ର ଓ ରକ୍ତସମ୍ବନ୍ଧୀୟ ପୀଡ଼ା ରୋଗର ଏପରି ସର୍ବଗୁଣ ସମ୍ପନ୍ନ, ସ୍ଥାୟୀ କ୍ରିୟାଜନକ, ସମ୍ୟ- କ୍‌ଫଳପ୍ରଦ, ସୁଖସେବ୍ୟ, ନିର୍ଦ୍ଦୋଷ, ଔଷଧ ଅଦ୍ୱିତୀୟ ନାହିଁ । ବାଲ୍ୟସ୍ୱଭାବ ସୁଲଭ ଦୋଷରେ ଅସ୍ୱାଭାବିକ ମୈଥୁନରେ ବା ଅପରିମିତ ଅପବିତ୍ର ସଂସର୍ଗରେ କିମ୍ବା ଅଧିକ ଅଧ୍ୟୟନରେ ଅଧିକ ରାତ୍ରିରେ ଅଧିକ ରାତ୍ରି ଜାଗରଣରେ, ଶାରୀରିକ ଓ ମାନସିକ ପରିଶ୍ରମର ବାହୁଲ୍ୟତାରେ, ଦୀର୍ଘକାଳ- ବ୍ୟାପି ପ୍ରଖର ସୂର୍ଯ୍ୟଉତ୍ତାପେ ଭ୍ରମଣରେ, ଅସ୍ୱାସ୍ଥ୍ୟ କର ସ୍ଥାନରେ ବାସ, ପାରଦ ମିଶ୍ରିତ ବା ଉଗ୍ର- ଗୁଣ ବିଶିଷ୍ଟ ଔଷଧ ସେବନରେ, କମ୍ପା ମ୍ୟାଲେ- ରିୟା ଓ ଉପଦଂଶ ବିଷ ପ୍ରଭୃତି ଶରୀରେ ପ୍ରବେଶ ହେବା କାରଣରୁ ଯଦି

ଶୁକ୍ର ଦୂଷିତ ହୋଇ—ଧାତୁ ଦୌର୍ବଲ୍ୟ ପ୍ରଚୁର ବାତ, ଶୁକ୍ରର ତରଳତା, ଅଳ୍ପ ବା ଘନ ଉତ୍ତେଜନାରେ ରେତଃପାତ, ସହବାସରେ ସମ୍ପୂର୍ଣ୍ଣ ବା ଅସମ୍ପୂର୍ଣ୍ଣରୂପେ ଅକ୍ଷମ, ରତିଶକ୍ତି ହୀନତା ସ୍ଥାନୀୟ ଅଙ୍ଗର କୋମଳତା, ମେହ, ପ୍ରମେହ, ଶୁକ୍ରମେହ, ମୂତ୍ରାବରୋଧ, ମୂତ୍ରାବ ସଙ୍ଗରେ ମଳତ୍ୟାଗରେ ଅବା ଅଲକ୍ଷରେ ଶୁକ୍ରପତନ, ଲୁଗାରେ ଦାଗ ଲାଗିବା, ସ୍ୱପ୍ନଦୋଷ, ମଳର ବେଗରେ ଶୁକ୍ର ନିର୍ଗତ ହେବା, ଶୁକ୍ରର ସଲ୍ପତା ଉତ୍ପାଦିକା ଶକ୍ତିର ଅଭାବ, ଧାରଣା ଶକ୍ତିର ହାନି, ସ୍ତ୍ରୀଲୋକ ଦର୍ଶନ ବା ସ୍ପର୍ଶନ ମାତ୍ରକେ କିମ୍ବା ସାମାନ୍ୟ ସହବାସରେ

Digitized by srujanika@gmail.com

ଶୁକ୍ରପାତ, ମୂତ୍ରକୃଚ୍ଛ୍ରତା, ମୂତ୍ରମୂତ୍ର ଅଳ୍ପ ୨ ବା ଅଧିକ ପରିମାଣରେ ପ୍ରସ୍ରାବ ହେବା, ବହୁମୂତ୍ର ପ୍ରସ୍ରାବ ଲାଲ ବା ଗୋଳିଆ ହେବା, ସ୍ମରଣ ଓ ଚିନ୍ତାଶକ୍ତିର ହ୍ରାସ, କେଶର ଅକାଳ ପକ୍ୱତା, ଚିଡ଼ଚିଡ଼ା ସ୍ୱଭାବ, ସାମାନ୍ୟ କାରଣରୁ କୋପ, କର୍ତ୍ତବ୍ୟ କାର୍ଯ୍ୟରେ ଅନିଚ୍ଛା, ସାହାସ ଓ ଉଦ୍ୟମ ହୀନତା, ସାମାନ୍ୟ ପରିଶ୍ରମରେ ବା କଥାରେ ସର୍ବାଙ୍ଗରେ ଘର୍ମ ନିର୍ଗତ ହେବା, ମସ୍ତିଷ୍କର ସ୍ନାୟୁର ଶୀଣତା ଓ ଦୁର୍ବଳ ଓ ସେହି ନିମିତ୍ତ ମୂର୍ଚ୍ଛାବସ୍ଥା, ଚକ୍ଷୁ କୋଟର ଗତ, ଦେହ ରୁକ୍ଷ, ଶୁଷ୍କ ଓ ଶୀର୍ଣ୍ଣ କ୍ଷୁଧାହୀନତା, ପରିପାକ ଶକ୍ତିର ଅଭାବ, ଅମ୍ଳ, ଶିରଃ ଢଳିବା, କୋଷ୍ଠବଦ୍ଧ ହସ୍ତକମ୍ପନ, ହାତ, ଗୋଡ଼, ଓ ଚକ୍ଷୁଜ୍ୱାଳା, ମୁଣ୍ଡବୁଲା, ଚିତ୍ତ ଚାଞ୍ଚଲ୍ୟ, ଇତ୍ୟାଦି ବୋଧହେବା ପ୍ରଭୃତି ଶୁକ୍ରଜ ରୋଗ ବା ଇତରୁପସର୍ଗ ଆକ୍ରମଣ କରିଥାଏ କିମ୍ବା ସେହି ସବୁ କାରଣରେ ଯଦି—

ରକ୍ତ ଦୂଷିତ ହୋଇ—ରକ୍ତ ପିତ୍ତର ଦୃଷ୍ଟି, ପାରଦବିକୃତ, ଉପଦଂଶ ( ଗର୍ମ୍ମୀ ) ବାତରକ୍ତ ଅମ୍ଳପିତ୍ତ, ଗଳଗଣ୍ଡ, ବାଘି, ନାକ ଓ ମୁଖର ଭିତରେ କିମ୍ବା ଜନନେନ୍ଦ୍ରିୟ, କୋଷ ଓ କାଖ ପ୍ରଭୃତି ସ୍ଥାନରେ ଘା, ପାଚିଲା ଘା, ନୂତନ ପୁରାତନ ନାଳୀ ଘା, ଶୋଷହେବା, କାଛୁ, କାଉର, ଭଗନ୍ଦର, ଶୂଳ, ଦାଦ, ପ୍ରଭୃତି ଦୁର୍ଦ୍ଦମନୀୟ ଚର୍ମ୍ମରୋଗ, ନୂତନ, ପୁରାତନ ବାତ, ଜଙ୍ଘା, ଉରୁ, କଟୀ, ସ୍କନ୍ଧ, ହସ୍ତ, ପାଦ, ଓ ସନ୍ଧି ସକଳର ଗ୍ରନ୍ଥି, ବେଦନା, କନକନ କରିବା, ମୋଡ଼ି ହୋଇଯିବା, ସେଥିନିମିତ୍ତ ଚଳନଶକ୍ତିର ହ୍ରାସ, ଦନ୍ତମୂଳ ଫୁଲା, ଓ ବ୍ୟଥା, ଦନ୍ତ ଶିଥିଳ ମୁଖରେ ଦୁର୍ଗନ୍ଧ, ଶରୀର ନାନାସ୍ଥାନରେ ସାମୟିକ ବା ଅସାମୟିକ ପାଣି ବା ଗରମି ବିଷର ଲକ୍ଷଣ ହାତର ବା ଗୋଡ଼ ତଳପାରେ ଚମଡ଼ା ଉଠା କିମ୍ବା ସ୍ଥାନବିଶେଷେ ଧଳା ୨ ବା କଳା କଳା ଚିହ୍ନ, କୁଣ୍ଡାଇ ହୋଇ ଫୁଲି ଉଠିବା, ଚକ୍ଷୁରୁ ଜଳ ପଡ଼ିବା, କୃଶତା, ରକ୍ତହୀନତା, ଶୋଥ, ଅଜୀର୍ଣ୍ଣ, କୋଷ୍ଠବଦ୍ଧ ପ୍ରଭୃତି ରକ୍ତସମ୍ବନ୍ଧୀୟ ପୀଡ଼ା ବା ଇତରୁପସର୍ଗ ଆକ୍ରମଣ ହୋଇଥାଏ, କିମ୍ବା ଉଭୟବିଧ ରୋଗସମୂହର କୌଣସି ୨ ଲକ୍ଷଣ ପ୍ରକାଶ ପାଇଥାଏ, ତେବେ ଏହି ସାଲସା ସେବନ କର, ତାତ୍କାଳିକଶକ୍ତିର ପ୍ରଭାବରେ ସଙ୍ଗେ ୨ ଶୁଭଫଳ ଫଳିବ । କୋଷ୍ଠ ପରିଷ୍କାର ହେବ, କ୍ଷୁଧା ବୃଦ୍ଧି ହେବ । ଚିତ୍ତ ପ୍ରଫୁଲ୍ଲ ହେବ, ଏବଂ ଏକମାତ୍ରା ଔଷଧ ଏକ ମୋଦକର ଅପେକ୍ଷା, ଅଧିକ ଅନୁମାନ ହେବ । ଏକ ସପ୍ତାହରେ ଆଶାତୀତ ଉପକାର ଜଣାଯିବ । ଏବଂ ରୋଗିର ବୟସ ଓ ରୋଗିର ଅବସ୍ଥା ଓ ଭେଦ ୨ ଥିଲେ ପ୍ରକୃତି ଭେଦେ ୩ ସପ୍ତାହଠାରୁ ୬ ସପ୍ତାହ ମଧ୍ୟରେ ସମ୍ପୂର୍ଣ୍ଣରୂପେ ନିଶ୍ଚୟ ସ୍ଥାୟୀ ଆରୋଗ୍ୟ ଲାଭ ହୋଇ, ଶରୀର ହୃଷ୍ଟପୁଷ୍ଟ ଓ ବଳିଷ୍ଠ ହେବ, ଦେହର ଲାବଣ୍ୟ ବୃଦ୍ଧି ହେବ, ରତିଶକ୍ତିର ସମ୍ପୂର୍ଣ୍ଣ ବିକାଶ ପାଇବ, ସହବାସରେ କ୍ଷମତା ଜନ୍ମିବ । ସ୍ମରଣଶକ୍ତିର ବୃଦ୍ଧି ହେବ । ଦୂଷିତ ରକ୍ତ ଶୋଧନ ହୋଇ ନୂତନ ରକ୍ତକଣିକା ସୃଜନ ହେବ । ଶାରୀରିକ ଓ ମାନସିକ ଦୌର୍ବଲ୍ୟ ଏବଂ ଅବସନ୍ନତା ଦୂରୀଭୂତ ହୋଇ ଯୌବନ କାଳୋଚିତ ସ୍ୱାଭାବିକ ବଳ ବୀର୍ଯ୍ୟ ଓ ନଷ୍ଟସ୍ୱାସ୍ଥ୍ୟ ପୁନର୍ବାର ଫେରି ପାଇବ ଏବଂ ଆଜୀବନ ତାହା ଅଟଳ ରହିବ ।

ନିଃସନ୍ଦେହରେ କୁହାଯାଇପାରେ ଯେ ଏହି ଭୁମ୍ପ ରୋଗର ଏକମାତ୍ର ପ୍ରକୃତ ମହୌଷଧ; ଯେହେତୁ ପୃଥିବୀସ୍ଥ ଯାବତୀୟ ପ୍ରସିଦ୍ଧ ୨ ଚିକିତ୍ସାଳୟ ସମୂହରେ ଏହି ସାଲସା ଦୀର୍ଘକାଳ ବ୍ୟବହୃତ ହୋଇ ଉପରୋକ୍ତ କାର୍ଯ୍ୟକାରିତା ଶକ୍ତିର ଅବ୍ୟର୍ଥ ପ୍ରମାଣ ଦିଆଯାଇଅଛି । ସେହି ହେତୁରୁ ଚିକିତ୍ସା ଜଗତରେ ଏହା ଶୀର୍ଷସ୍ଥାନ ଅଧିକାର କରିଅଛି । ଏବଂ ଲକ୍ଷ ୨ ପ୍ରଶଂସାପତ୍ର ଲାଭ କରିଅଛି ଏଥିରେ କୌଣସି ପ୍ରକାର ବିଷାକ୍ତ ବା ମାଦକଦ୍ରବ୍ୟର ସଂସ୍ରବ ନ ଥିବାରୁ ଆବାଳ ବୃଦ୍ଧ ବନିତା ସମସ୍ତ ଅବସ୍ଥାରେ ଓ ସକଳ ଋତୁରେ ନିର୍ବିଘ୍ନରେ ସେବନ କରିପାରନ୍ତି । ବିଶେଷତଃ ସ୍ନାନ, ଆହାର, ଓ ପଥ୍ୟାପଥ୍ୟର ବିଶେଷ କୌଣସି କଠିନ ନିୟମ ନ ଥିବାରୁ ପୀଡିତ ଲୋକର ଏହା ଏକମାତ୍ର ବନ୍ଧୁ ! ଧନୀ ଦରିଦ୍ରର ସମାନ ଅଧିକାର !!

ତୁମ୍ଭେ ପୀଡିତ ଥାଅ—ଏହି ସାଲସା ସେବନ କରି ସହଜରେ, ସ୍ୱଳ୍ପବ୍ୟୟରେ, ଚିକିତ୍ସକର ବିନା ସାହାଯ୍ୟରେ, ଅଳ୍ପ ସମୟ ମଧ୍ୟରେ ରୋଗମୁକ୍ତ ହୋଇ ସୁଖରେ ଦୀର୍ଘଜୀବନ ଲାଭ କରିବ ।

ତୁମ୍ଭେ ଭଲ ଥାଅ—ଏହି ସାଲସା ପ୍ରତ୍ୟହ ଏକମାତ୍ର ଦୁଗ୍ଧ ସହିତ ମିଶ୍ରିତ କରି ସେବନ କର, ଶରୀରସ୍ଥ ସପ୍ତଧାତୁର ଉତ୍କର୍ଷ ସାଧିତ ହେବ, ସହଜରେ ଜରା ଆକ୍ରମଣ କରି ପାରିବ ନାହିଁ । ଏବଂ ଅନ୍ୟଥା ଅତ୍ୟାଚାରରେ ସୁଦ୍ଧା ଶୁକ୍ର ବା ରକ୍ତ ସମ୍ବନ୍ଧୀୟ ପୀଡ଼ା ଉତ୍ପନ୍ନ ହେବ ନାହିଁ ।

ବିଶେଷ ଦ୍ରଷ୍ଟବ୍ୟ—ଇଲେକ୍ଟ୍ରୋ ସାଲସାର ଅଲୌକିକ ଶକ୍ତି ପ୍ରଭାବରେ ଦେଶଯାକ ବହୁଳ ପ୍ରଚାର ଓ ଅସମ୍ଭବ ବିକ୍ରୟ ଦେଖି ପ୍ରତାରକ ଔଷଧ ବ୍ୟବସାୟିମାନେ ଜାଲ କରୁଅଛନ୍ତି । ସେଥି ନିମନ୍ତେ ଏହି ଟ୍ରେଡମାର୍କ ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କ ଆଇନାନୁସାରେ ରେଜଷ୍ଟ୍ରୀ କରାହୋଇଅଛି ଏବଂ ପ୍ରତ୍ୟେକ ଶିଶିର ଖୋଲ ଉପରେ ଏହା ସଂଯୁକ୍ତ ଅଛି । ଯେଉଁଥିରେ ଉକ୍ତ ଟ୍ରେଡମାର୍କ ନାହିଁ ତାହା କୃତ୍ରିମ, ଯେ କେହି ଉକ୍ତ କୃତ୍ରିମ କାହାକୁ ଧରାଇ ଦେଇ ପାରିବେ, ଅଥବା ଆମ୍ଭମାନଙ୍କ ଇଲେକ୍ଟ୍ରୋସାଲସାର ବର୍ଣ୍ଣିତ ଗୁଣ ନାହିଁ ବୋଲି ପ୍ରମାଣ ଦେଇପାରିବେ ତାହାଙ୍କୁ ଟ ୧୦୦୦ ୧ଙ୍କା ପୁରସ୍କାର ପ୍ରଦାନ କରାଯିବ ।

ମୂଲ୍ୟାଦି—ଇଂରାଜୀ, ବଙ୍ଗଳା, ଉତ୍କଳଭାଷାର ବ୍ୟବସ୍ଥାପତ୍ର ସହିତ ଏକ ସପ୍ତାହ ସେବନୋପଯୋଗୀ ପ୍ରତ୍ୟେକ ଶିଶି ଇଲେକ୍ଟ୍ରୋ ସାଲସାର ମୂଲ୍ୟ ଟ ୨ ୧ଙ୍କା ୩ ଶିଶି ଟ ୫୦, ୬ ଶିଶି ଟ ୧୦, ଡଜନ ଟ ୨୦ ୧, ତ ୩ ଡଜନ ଟ ୫୦ ୧

ପ୍ୟାକିଂ—ଏକ ଶିଶିଠାରୁ ବାର ଶିଶି ପର୍ଯ୍ୟନ୍ତ ଦୁଇଅଣା. ଡାକମାସୁଲ ପ୍ରତ୍ୟେକ ଶିଶି ଟ ୦୫, ଛଅ ଶିଶିରେ ଟ ୧୧, ୬ ଟିଟିରେ ଟ ୧୪, ଡଜନ ଟ ୩ ୧ ।

ପ୍ରତାରଣାର ଭୟରେ ଆମ୍ଭେମାନେ କୌଣସି ଠାରେ ଏଜେଣ୍ଟ ନିଯୁକ୍ତ କରି ନାହୁଁ । ସକଳ ଔଷଧ ଆମ୍ଭମାନଙ୍କର ମେଡିକଲ ଲେବୋରେଟରୀ ଠାରୁ ନିଜ ତତ୍ତ୍ୱାବଧାନରେ ବିକ୍ରୀତ ହୁଏ ଓ ସର୍ବତ୍ର ପ୍ରେରିତ ହୁଏ । ମଫସଲବାସିମାନେ ଯେ କୌଣସି ଭାଷାରେ ହେଉ ପତ୍ରଦ୍ୱାରା ଆପଣାର ନାମ ଓ ଗ୍ରାମ, ଡାକଘର, ଏବଂ ଜିଲା, ହେତେ ଶିଘ୍ର ଅବଶ୍ୟ ଲେଖି ପଠାଇଲେ ଭିପି ଡାକଦ୍ୱାରା ଔଷଧ ପଠାଇ ନିର୍ଦ୍ଦିଷ୍ଟ ମୂଲ୍ୟ ଆଦାୟ କରାଯାଏ ।

ଆମ୍ଭମାନଙ୍କର ସମ୍ବାଦ ପଠାଇବାର ଠିକଣା

W. MAJOR & Co.
Barabazar Medical
Laboratory Calcutta } ଡବଲିଉ, ମେଜର ଏଣ୍ଡ କୋଂ ବଡ଼ବଜାର ମେଡିକଲ ଲେବୋରେଟରୀ କଲିକତା ।

*TELIGRAPHIC ADDRESS*
" MAJOR " Calcutta.

ସର୍ବପ୍ରକାର ଔଷଧ ଛଡ଼ା ଗ୍ରାହକମାନଙ୍କ ଆବଶ୍ୟକୀୟ ସକଳ ପ୍ରକାର ଦ୍ରବ୍ୟ ଉଚିତ ମୂଲ୍ୟରେ ଆମ୍ଭମାନଙ୍କ ଏଜେନ୍ସି ବିଭାଗଠାରୁ ସରବରାହ କରାଯାଏ, ଘଡି ଓ ବାଦ୍ୟଯନ୍ତ୍ରାଦି ସୁଲଭ ମୂଲ୍ୟରେ ମରାମତି କରାଯାଏ ।

Split by PDF Splitter
Digitized by srujanika@gmail.com

## ମଧୁପର ଉପହାର ।

" ଉତ୍କଳ ମଧୁପ " ମାସିକ ପତ୍ରିକାର ବାର୍ଷିକ ମୂଲ୍ୟ ଏଗାର ଅଣା ପଠାଇ ଗ୍ରାହକ ହେଲେ ୪୭ ପୃଷ୍ଠାରେ ସମାପ୍ତ

## ଭିକ୍ଟୋରିଆ ଚରିତ

ଉପହାର ଦିଆଯିବ । ଭିଃ ପିଃ ରେ ଉପହାର ପଠା ଯାଇ ମୂଲ୍ୟ ଆଦାୟ କରା ଯାଇପାରେ । ଏ ସୁବିଧା ଅତ୍ୟଳ୍ପ ଦିବସ ସକାଶେ ।

ଦେବଗଡ଼ ପୋଃ, ସମ୍ବଲପୁର } ସମ୍ପାଦକ " ଉତ୍କଳ ମଧୁପ "

---

## ବନାରସୀ ମାଲ ।

ବନାରସ ନଗରସ୍ଥ ଆମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନାରସୀ ମାଲ ଭାରତର ନାନାସ୍ଥାନର ସଜା ଜମିଦାରମାନଙ୍କ ବିଶ୍ୱସ୍ତ ଭାବରେ କହୁକାଳ ମାଲ ଯୋଗାଇ ଆସୁଅଛୁଁ । ବାମଣ୍ଡା, କେନ୍ଦୁଝର, ଅଠମଲ୍ଲିକ, କସୁଗଡ଼, ସରେଇକଲା ପ୍ରଭୃତିର ରାଜାମାନଙ୍କ ନିକଟରେ ତଲ୍ଲୁ କଲେ ଆମ୍ଭର ଏଠାରୁ ବ୍ୟବହାରର କଥା ଜଣା ପଡ଼ିବ ।

ଆମ୍ଭର ବାଣିଜ୍ୟ କୋଠିରେ ବିକ୍ରୟ ସକାଶେ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ଶାଢ଼ୀ, ଯୋଡ଼ ଜୋଡ଼ି, ଚେଲୁଗା, କଂଖାପ, କାମ୍ଦା ସର୍ଗୀ, ଦୋପଟ୍ଟା ମଖମଲ, ଶିରରେ ବାନ୍ଧିବାର ପେଟା, ରୁମାଲ, ସାଲ ଏବଂ ନାନା ପ୍ରକାର ଉତ୍ପାଦଗଠିତ ଅଙ୍ଗସ୍ଥ ପ୍ରଭୃତି ଛଡ଼ା ସୁନା ରୂପାର ବାସନ, ହାତୀର ହାଉଦା ପ୍ରଭୃତି ବରାତ ଅନୁସାରେ ତିଆର କରାଇ ଦେଉଁ । ବରାତ ଦେବାବେଳେ ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ କେଉଁ ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରୁଁ ।

ଡାକରେ ପତ୍ର ପଠାଇ ଯଦ୍ୟପି ମଗାଇଲେ ମାଲ କେଉଁ ଠିକଣାରେ କି ଉପାୟରେ ( ଅର୍ଥାତ୍ ଡାକରେ କି ରେଲରେ ) ପଠାଇବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରିର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ଚଳିବ ମାତ୍ର ଲଫାଫାଉପରେ ଆମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ କାଗଜପତ୍ରରେ ଆମ୍ଭର ହସ୍ତଗତ ହେବ

ରେଲ୍ୱେ ଏବଂ ପାରସଲରେ ମଧ୍ୟ ମାଲ ପଠାଯାଏ ଏବଂ ପସନ୍ଦ ନ ହେଲେ ଫେରାଇ ନିଆଯାଏ ।

ଶ୍ରୀ ପାଲୁମାଲ ଗୋକୁଳନାଥ
କୁଞ୍ଜଗଲି ଫାଟକ ବନାରସ ସିଟି




## ସୁଗନ୍ଧି ସୌଖୀନ ଦ୍ରବ୍ୟ

କଲିକତାର ପ୍ରସିଦ୍ଧ ସୁଗନ୍ଧଦ୍ରବ୍ୟ ପ୍ରସ୍ତୁତକାରୀ ଏଇଚ, ବସୁ ଙ୍କ କାରଖାନାରେ ପ୍ରସ୍ତୁତ ।

### କୁନ୍ତଲୀନ

ଏହି ତୈଳ କେଶ ପରିବର୍ଦ୍ଧନ କରେ । ଏହାଦ୍ୱାରା କେଶର ଗୋଡ଼ି ବୃଦ୍ଧି ହୁଏ ଏବଂ କେଶ ଛିଡ଼ିଯାଉଥିଲେ ତାହା ବନ୍ଦ ହୁଏ । ଏହା ଅତି ନିର୍ମଳ ଏବଂ ମନୋହର ସୁଗନ୍ଧଯୁକ୍ତ । ଏହା ଚାରିପ୍ରକାର ଏବଂ ମୂଲ୍ୟ ସ୍ୱଳ୍ପ:— ସୁବାସିତ କୁନ୍ତଲୀନର ମୂଲ୍ୟ ଏକ ଟଙ୍କା, ପଦ୍ମଗନ୍ଧ କୁନ୍ତଲୀନର ମୂଲ୍ୟ ଦେଢ଼ ଟଙ୍କା, ଗୋଲାପଗନ୍ଧ କୁନ୍ତଲୀନର ମୂଲ୍ୟ ଦୁଇ ଟଙ୍କା, ଯୂଇଗନ୍ଧ କୁନ୍ତଲୀନର ମୂଲ୍ୟ ଦୁଇ ଟଙ୍କା ।

### ପୁଷ୍ପସାର ଅଥବା ଏସେନ୍ସ ।

ସଦ୍ୟ ପ୍ରସ୍ଫୁଟିତ ନାନାବିଧ ସୁରଭି ପୁଷ୍ପର ସାର ସଙ୍ଗ୍ରହ କରାଯାଇ ଏହି ଉତ୍କୃଷ୍ଟ ପ୍ରକାର ଏସେନ୍ସ ପ୍ରସ୍ତୁତ କରାଯାଇଅଛି । ଏଥିର ସୁବାସ ମନୋମୁଗ୍ଧକର । ନାମ—ଯୁଇମେଲି; ମଲ୍ଲିକା; କାମିନୀ; ରଜନୀଗନ୍ଧା; ମଲ୍ଲିକା; କେଲଗୋସ୍; ହ୍ୱାଇଟ୍ ରୋଜ୍; ବସରା ରୋଜ୍; ବେଣାଚେର; କୁମୁଦିନୀ; ମିଶ୍ରକୁସୁମ; କେନାକୁସୁମ; ପାରିଜାତକୁସୁମ; ଭିକ୍ଟୋରିଆ ବୋକେ । ମୂଲ୍ୟ ଏକଶିଶି ଏକଟଙ୍କା ମାତ୍ର ।

### ଲ୍ୟାଭେଣ୍ଡର ।

ବସୁଙ୍କ ଲ୍ୟାଭେଣ୍ଡର ଦେଢ଼ଟଙ୍କା । ଲ୍ୟାଭେଣ୍ଡର ଓ୍ୱାଟର ବଡ଼ଶିଶି ଚଉଦଅଣା, ସାନଶିଶି ସାତଅଣା

### ପମେଟମ

ଗୋଲାପି ପମେଟମ ଆଠଅଣା; ଯୁଇର ପମେଟମ ପାଞ୍ଚଅଣା ।

### ତାମ୍ବୁଲୀନ

ପାନ ସୁବାସିତ ଓ ସୁସ୍ୱାଦ କରିବାର ଅଦ୍ଭୁତ ସାମଗ୍ରୀ । ଗୁଣ୍ଡି ସଙ୍ଗରେ ଲଗାଇ ଦେଲେ ଗୁଣ୍ଡି ମଧୁରପଡ଼ିବ । ମୂଲ୍ୟ ଛୋଟ ଶିଶି ଅଠଅଣା

### ସରବତ ଅଥବା ସିରପ୍ ।

ଗ୍ରୀଷ୍ମକାଳ ସକାଶେ ଏହାଠାରୁ ଉତ୍କୃଷ୍ଟ ଆଉ ନାହିଁ ।

ଲେମନ ସିରପ୍ ବାରଅଣା । ଅରେଞ୍ଜ ସିରପ୍ ବାରଅଣା । ଅରେଞ୍ଜ ସିରପ୍ ବାରଅଣା । ରୋଜ ସିରପ୍ ଏକଟଙ୍କା । ରୋଲଡକ ସିରପ୍ ଏକଟଙ୍କା ।

### ଗୋଲାପଜଳ ।

ଛଅ ଶିଶି ଦେଢ଼ଟଙ୍କା ।

ପତ୍ର ଲେଖିଲେ ଡାକଦ୍ୱାରା ବା ରେଲଦ୍ୱାରା ଜିନିଷ ପଠାଯାଏ । ଗଭର୍ଣ୍ଣର ପ୍ରଧାନ ପ୍ରଧାନ ମହାରାଜା ଓ ରାଜା ଓ ବଡ଼ ବଡ଼ ଗଭର୍ଣ୍ଣମେଣ୍ଟ କର୍ମଚାରୀମାନଙ୍କଦ୍ୱାରା ଏହି ଦ୍ରବ୍ୟମାନ ବ୍ୟବହୃତ ଏବଂ ବିଶେଷରୂପେ ପ୍ରଶଂସିତ । ପ୍ୟାକିଂ ଓ ଡାକ ବ୍ୟୟ ଅଳ୍ପ ମୂଲ୍ୟରେ ପଠାଯାଏ ।

ଠିକଣା:—

ଏଇଚ ବସୁ, ୬୨ ନମ୍ବର ବହୁବଜାର ଷ୍ଟ୍ରିଟ, କଲିକତା } H. BOSE, 62 Bow Bazar Street Calcutta.

କଟକରେ " ଉଦ୍ୟୋଗି ସମିତି ର ଭଣ୍ଡାର "ରେ ଓ କଟକ ପ୍ରିଣ୍ଟିଂ କମ୍ପାନି ର ପୁସ୍ତକ ଦୋକାନରେ ଏହି ଜିନିଷ ମିଳିବ ।

---

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା,—

ପ୍ରଥମଥର ସକାଶେ

ଧାଡ଼ିପ୍ରତି ୦ ୦ ୬

ଅର୍ଦ୍ଧସ୍ତମ୍ଭକୁ ୨ ୮ ୦

ପୂର୍ଣ୍ଣ ଏକ ସ୍ତମ୍ଭକୁ ୪ ୩ ୦

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଉ, ତହିଁର ଖର୍ଚ୍ଚ ୧୦ ଧାଡ଼ିରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମ ଥରର ଅର୍ଦ୍ଧେକ ଓ ଦୁଇଗୁଣ ଯଥାକ୍ରମେ ହେବ ।

ଅଧିକ ଦିନ ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ

---

ଏହି ଉତ୍କଳଦୀପିକା ପତ୍ର କଟକ ଦରଘାବଜାର ପ୍ରିଣ୍ଟିଂ କମ୍ପାନି ଲିମିଟେଡ୍ଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Split by PDF Splitter
Digitized by srujanika@gmail.com

## ଓଡ଼ିଶା ବିଭାଗର ୧୯୦୧ ସାଲର ସଂସ୍କୃତ ପରୀକ୍ଷାର ଫଳ ।

୧ମ ପରୀକ୍ଷାରେ

ବାଲେଶ୍ୱର ସଂସ୍କୃତ ସମିତି

୧ମ ବିଭାଗ ବ୍ୟାକରଣ ।

ଛାତ୍ରର ନାମ    ଶିକ୍ଷକର ନାମ    ସ୍କୁଲ

ଧନଞ୍ଜୟ ପଟ୍ଟନାୟକ    ରାମଚନ୍ଦ୍ର ଶାସ୍ତ୍ରୀ    ମୟୂରଭଞ୍ଜ

ନନ୍ଦକିଶୋର ପଟ୍ଟନାୟକ    "    "

ଗଙ୍ଗାଧର ଦାସ    ବୈକୁଣ୍ଠଚରଣ ବିଦ୍ୟାସାଗର    "

ଗୋପବନ୍ଧୁ ଦାସ    ମହେନ୍ଦ୍ରନାଥ ସ୍ମୃତିରତ୍ନ    ବାଲିଶାହି ସ୍କୁଲ ମେଦିନୀପୁର

ଯଜ୍ଞେଶ୍ୱର ଦାସ    "    "

ନରସିଂହ ମିଶ୍ର    ବୈକୁଣ୍ଠଚରଣ ବିଦ୍ୟାସାଗର    ମୟୂରଭଞ୍ଜ

ଶ୍ରୀକାନ୍ତ ପାଣିଗ୍ରାହୀ    ମହେନ୍ଦ୍ରନାଥ ସ୍ମୃତିରତ୍ନ, ବାଲିଶାହି ସ୍କୁଲ ମେଦିନୀପୁର

ରାଧାକାନ୍ତ ରଥ    କୃତ୍ତିବାସ ନ୍ୟାୟରତ୍ନ    ଅମରଦା ସ୍କୁଲ ମୟୂରଭଞ୍ଜ

ହରିହର ଷଡ଼ଙ୍ଗୀ    ପୁରୁଷୋତ୍ତମ ବିଦ୍ୟାନିଧି    ଦାନ୍ତୁନ ସ୍କୁଲ, ବେଲଦା ମେଦିନୀପୁର

ଶ୍ରୀ...ନାଥ ଶତପଥୀ    "    "

୨ୟ ବିଭାଗ ।

କନ୍ଦର୍ପ ଶର୍ମା    ମହେନ୍ଦ୍ରନାଥ ସ୍ମୃତିରତ୍ନ    ବାଲିଶାହି ସ୍କୁଲ ମେଦିନୀପୁର

ଜଗନ୍ନାଥ ଚକ୍ରବର୍ତ୍ତୀ    କୃତ୍ତିବାସ ନ୍ୟାୟରତ୍ନ    ଅମରଦା ସ୍କୁଲ ମୟୂରଭଞ୍ଜ

ଅର୍ଜ୍ଜୁନ ଦାସ    ପୁରୁଷୋତ୍ତମ ବିଦ୍ୟାନିଧି    ବଣି ସ୍କୁଲ ମେଦିନୀପୁର

ଗୋବିନ୍ଦ ଦାସ    ଅନନ୍ତ ଆଚାର୍ଯ୍ୟ    ଶ୍ରୀରାମଚନ୍ଦ୍ର ସ୍କୁଲ ବାଲେଶ୍ୱର

ହରିହର ପାଣିଗ୍ରାହୀ    ଚକ୍ରଧର ଶାସ୍ତ୍ରୀ    କେନ୍ଦୁଝର    "

ଭଗୀରଥ ଦ୍ୱିବେଦୀ    ଅର୍ଜ୍ଜୁନ ଦାସ    ଶ୍ରୀରାମଚନ୍ଦ୍ର ସ୍କୁଲ    "

ବାସୁଦେବ ମହାପାତ୍ର    ପୁରୁଷୋତ୍ତମ ବିଦ୍ୟାନିଧି    ବଣି ସ୍କୁଲ ମେଦିନୀପୁର

ବାମଦେବ ମିଶ୍ର    "    "

ବୈଦ୍ୟନାଥ ମିଶ୍ର    ରଘୁନାଥ ଆଚାର୍ଯ୍ୟ    ଶ୍ରୀରାମଚନ୍ଦ୍ର ସ୍କୁଲ ବାଲେଶ୍ୱର

ଶଚୀନ୍ଦ୍ରନାଥ ସାହାସ    ପୁରୁଷୋତ୍ତମ ବିଦ୍ୟାନିଧି    ବଣି ସ୍କୁଲ, ବେଲଦା ମେଦିନୀପୁର

ଲକ୍ଷ୍ମୀନାରାୟଣ ପଣ୍ଡା    ରଘୁନାଥ ଆଚାର୍ଯ୍ୟ    ଶ୍ରୀରାମଚନ୍ଦ୍ର ସ୍କୁଲ ବାଲେଶ୍ୱର

ଲକ୍ଷ୍ମୀନାରାୟଣ ଶତପଥୀ ମଥୁରାମୋହନ ସ୍କୁଲ ଭଦ୍ରକ

ନୃସିଂହ ...    ଅନନ୍ତ ଷଡ଼ଙ୍ଗୀ    ଗଣେଶ୍ୱରପୁର ବାଲେଶ୍ୱର

କାବ୍ୟ

୧ମ ଶ୍ରେଣୀ ।

ଯଦୁମଣି ...    ରାମଚନ୍ଦ୍ର ଶାସ୍ତ୍ରୀ    ମୟୂରଭଞ୍ଜ

୨ୟ ଶ୍ରେଣୀ ।

ଜଗନ୍ନାଥ ଦାସ    ... ...    ଶ୍ରୀରାମଚନ୍ଦ୍ର ସ୍କୁଲ ବାଲେଶ୍ୱର

ରାମଚନ୍ଦ୍ର ମିଶ୍ର କୃତ୍ତିବାସ ନ୍ୟାୟରତ୍ନ ଅମରଦା ସ୍କୁଲ ମୟୂରଭଞ୍ଜ

ଢେଙ୍କାନାଳ ସଂସ୍କୃତ ସମିତି, ବ୍ୟାକରଣ

୧ମ ଶ୍ରେଣୀ ।

... ଦାସ    ବ୍ରଜବନ୍ଧୁ ଦାସ    ମୂଳବସନ୍ତ    କଟକ

... ଦାସ ଗଙ୍ଗାଧର ଆଚାର୍ଯ୍ୟ ପଦ୍ମନାଭ, ଗଞ୍ଜାମ    "

... ମହାପାତ୍ର    "    "

... ମିଶ୍ର    "    "

୨ୟ ଶ୍ରେଣୀ ।

... ...    ବ୍ରଜବନ୍ଧୁ ଦାସ    ମୂଳବସନ୍ତ    କଟକ

ଜଗନ୍ନାଥ ମିଶ୍ର    ବିଦ୍ୟାଧର ବାଣୀଭୂଷଣ    ଖଣ୍ଡପଡ଼ା

ଉପେନ୍ଦ୍ରନାଥ ମିଶ୍ର    ଲକ୍ଷ୍ମୀଧର ତ୍ରିପାଠୀ    ରଘୁପୁର କଟକ

ଗୋପୀନାଥ ପାଣି    ଗଙ୍ଗାଧର ଆଚାର୍ଯ୍ୟ    ପଦ୍ମନାଭ ସ୍କୁଲ ଗଞ୍ଜାମ କଟକ

ତ୍ରିଲୋଚନ ପୁରୋହିତ    ମଧୁସୂଦନ ଆଚାର୍ଯ୍ୟ    ନୟାଗଡ଼

ଚନ୍ଦ୍ରଶେଖର ରଥ    ବିଦ୍ୟାଧର ବାଣୀଭୂଷଣ    ଖଣ୍ଡପଡ଼ା

ଜଗନ୍ନାଥ ରଥ    ମଧୁସୂଦନ ଆଚାର୍ଯ୍ୟ    ନୟାଗଡ଼

ଅନନ୍ତ ଶତପଥୀ    ବ୍ରଜବନ୍ଧୁ ଦାସ    ମୂଳବସନ୍ତ କଟକ

ନୀଳକଣ୍ଠ ଶତପଥୀ    ଅନନ୍ତ ବିଦ୍ୟାଭୂଷଣ    ଢେଙ୍କାନାଳ

ବାମେଶ୍ୱର ତ୍ରିପାଠୀ    ଲକ୍ଷ୍ମୀଧର ତ୍ରିପାଠୀ    ରଘୁପୁର କଟକ

କାବ୍ୟ

୧ମ ଶ୍ରେଣୀ ।

ବୈଷ୍ଣବଚରଣ ଦାସ    ଅନନ୍ତ ବିଦ୍ୟାଭୂଷଣ    ଢେଙ୍କାନାଳ

ମୃତ୍ୟୁଞ୍ଜୟ ରଥ    ଗୋପୀନାଥ ଆଚାର୍ଯ୍ୟ    ଗୋପୀନାଥ, କଟକ

୨ୟ ଶ୍ରେଣୀ ।

ବଳରାମ ଦାସ    ଲକ୍ଷ୍ମୀଧର ତ୍ରିପାଠୀ    ରଘୁପୁର କଟକ

ଅପର୍ତ୍ତି ମିଶ୍ର    ଗଙ୍ଗାଧର ଆଚାର୍ଯ୍ୟ    ପଦ୍ମନାଭ ଗଞ୍ଜାମ    "

ଘନଶ୍ୟାମ ପଣ୍ଡା    ରାମଚନ୍ଦ୍ର ପଞ୍ଚାନନ    କଟକ

ଗୌରଚନ୍ଦ୍ର ପଟ୍ଟନାୟକ    ନାରାୟଣ ଦାସ    ଜଗନ୍ନାଥ ଯୁଗଲବାଟୀ କଟକ

ଲକ୍ଷ୍ମୀନାରାୟଣ ଶତପଥୀ ମଧୁସୂଦନ ଆଚାର୍ଯ୍ୟ ନୟାଗଡ଼

ସ୍ମୃତି ୧ମ ଶ୍ରେଣୀ ।

ଗଙ୍ଗାଧର ପାଣି    ଅନନ୍ତ ବିଦ୍ୟାଭୂଷଣ    ଢେଙ୍କାନାଳ

୨ୟ ଶ୍ରେଣୀ ।

ହରପ୍ରସାଦ ମିଶ୍ର    ଅନନ୍ତ ବିଦ୍ୟାଭୂଷଣ    ଢେଙ୍କାନାଳ

ଜ୍ୟୋତିଷ ୧ମ ଶ୍ରେଣୀ ।

ରାମଚନ୍ଦ୍ର ମହାପାତ୍ର ମଧୁସୂଦନ ଆଚାର୍ଯ୍ୟ ପଦ୍ମନାଭ ଗଞ୍ଜାମ କଟକ

୨ୟ ଶ୍ରେଣୀ ।

ବସନ୍ତ ରଥ

ପୁରୀର ସମିତି ପୁରୀ, ବ୍ୟାକରଣ ।

୧ମ ଶ୍ରେଣୀ ।

ଲକ୍ଷ୍ମୀଶ୍ୱର ପଣ୍ଡା ଗୋବିନ୍ଦ ମିଶ୍ର ସତ୍ୟବାଦୀ ସ୍କୁଲ ପୁରୀ

ଜଗନ୍ନାଥ ରଥ (କ)    ବୈଦ୍ୟନାଥ ମିଶ୍ର    ସଂସ୍କୃତ ସ୍କୁଲ ପୁରୀ

୨ୟ ଶ୍ରେଣୀ ।

ଭଗବାନ ଓଝା    ପରମାନନ୍ଦ ଓଝା    ବୀରସିଂହପୁର

ଜଗନ୍ନାଥ ମହାପାତ୍ର    ବୈଦ୍ୟନାଥ ମିଶ୍ର    ସଂସ୍କୃତ ସ୍କୁଲ    "

ସଦାଶିବ ମହାପାତ୍ର    ଗଦାଧର ତ୍ରିପାଠୀ    ରଘୁନନ୍ଦନ ସ୍କୁଲ    "

ପୂର୍ଣ୍ଣାନନ୍ଦ ମିଶ୍ର    "    "

ଜଗନ୍ନାଥ ରଥ (ଖ)    ଯୋଗେନ୍ଦ୍ର ମିଶ୍ର    ସଂସ୍କୃତ ସ୍କୁଲ    "

କାବ୍ୟ ୨ୟ ଶ୍ରେଣୀ ।

ଗୋପୀନାଥ ଦାସ    ଗଦାଧର ତ୍ରିପାଠୀ    ରଘୁନନ୍ଦନ ସ୍କୁଲ    "

ରାମଚନ୍ଦ୍ର ମହାପାତ୍ର    ପରମାନନ୍ଦ ଓଝା    ବୀରସିଂହପୁର    "

ଲୋକନାଥ ମହାପାତ୍ର    ବାସୁଦେବ ମିଶ୍ର    ଚନ୍ଦନପୁର    "

ଗୋପାଳ ମିଶ୍ର    ଗଦାଧର ତ୍ରିପାଠୀ    ରଘୁନନ୍ଦନ ସ୍କୁଲ    "

ଗୋପୀନାଥ ମିଶ୍ର    ପରମାନନ୍ଦ ଓଝା    ବୀରସିଂହପୁର    "

କପିଳ ... "    "

ନ୍ୟାୟ ୨ୟ ଶ୍ରେଣୀ ।

ମୃତ୍ୟୁଞ୍ଜୟ ମିଶ୍ର    ସୁନ୍ଦରଚରଣ ତର୍କତୀର୍ଥ    ସଂସ୍କୃତ ସ୍କୁଲ    "

୨ୟ ପରୀକ୍ଷାରେ

ବାଲେଶ୍ୱର ସଂସ୍କୃତ ସମିତି ।

ବ୍ୟାକରଣ ୨ୟ ଶ୍ରେଣୀ ।

ଯଦୁମଣି ଶତପଥୀ ବୈକୁଣ୍ଠଚରଣ ବିଦ୍ୟାସାଗର ମୟୂରଭଞ୍ଜ

କାବ୍ୟ ୨ୟ ଶ୍ରେଣୀ ।

ରାମଚନ୍ଦ୍ର ଆଚାର୍ଯ୍ୟ    ଅନନ୍ତ    ଷଡ଼ଙ୍ଗୀ    ଗଣେଶ୍ୱରପୁର ବାଲେଶ୍ୱର

ବଳଭଦ୍ର ଦାସ    ପୁରୁଷୋତ୍ତମ ବିଦ୍ୟାନିଧି    ବଣି ସ୍କୁଲ, ବେଲଦା ମେଦିନୀପୁର

ଦିବାକର ଦ୍ୱିବେଦୀ ଅନନ୍ତ ଆଚାର୍ଯ୍ୟ ଶ୍ରୀରାମଚନ୍ଦ୍ର ସ୍କୁଲ ବାଲେଶ୍ୱର

ବ୍ରଜବନ୍ଧୁ ମିଶ୍ର    "    "

ଦୟାନିଧି ତ୍ରିପାଠୀ    ରାମଚନ୍ଦ୍ର ଶାସ୍ତ୍ରୀ    ମୟୂରଭଞ୍ଜ

ସ୍ମୃତି ୧ମ ଶ୍ରେଣୀ ।

ଲୋକନାଥ ଦ୍ୱିବେଦୀ    ରୁଦ୍ରନାରାୟଣ ଆଚାର୍ଯ୍ୟ    ଶ୍ରୀରାମଚନ୍ଦ୍ର ସ୍କୁଲ ବାଲେଶ୍ୱର

୨ୟ ଶ୍ରେଣୀ ।

ରାମହରି ପଣ୍ଡା    ରୁଦ୍ରନାରାୟଣ ଆଚାର୍ଯ୍ୟ    ଶ୍ରୀରାମଚନ୍ଦ୍ର ସ୍କୁଲ ବାଲେଶ୍ୱର

ଢେଙ୍କାନାଳ ବ୍ୟାକରଣ ୨ୟ ଶ୍ରେଣୀ ।

ଗଦାଧର ଆଚାର୍ଯ୍ୟ    ଶ୍ରୀନାଥ ଆଚାର୍ଯ୍ୟ    ଚଉଦଣ୍ଡ କଟକ

ଗୁଣନିଧି ଦାସ    ମହେଶ୍ୱର ମହାପାତ୍ର    ଶୁଭଉପାନ    "

କାବ୍ୟ ୨ୟ ଶ୍ରେଣୀ ।

ଜଗନ୍ନାଥ ଅଗ୍ନିହୋତ୍ରୀ ସିଦ୍ଧେଶ୍ୱର ତର୍କସିଦ୍ଧାନ୍ତ ସୁବର୍ଣ୍ଣ କଟକ

ବୃନ୍ଦାବନ ମହାପାତ୍ର    ମଧୁସୂଦନ ଆଚାର୍ଯ୍ୟ    ପଦ୍ମନାଭ ଗଞ୍ଜାମ    "

ଶ୍ରୀକୃଷ୍ଣ ମହାପାତ୍ର    "    "

ଭଗବାନ ରଥ    "    "

ବାଳକୃଷ୍ଣ ଷଡ଼ଙ୍ଗୀ    "    "

ଗୋବିନ୍ଦ ତ୍ରିପାଠୀ    ସିଦ୍ଧେଶ୍ୱର ତର୍କସିଦ୍ଧାନ୍ତ    ସୁବର୍ଣ୍ଣ କଟକ

ସ୍ମୃତି ୨ୟ ଶ୍ରେଣୀ ।

ଦୀନବନ୍ଧୁ ମିଶ୍ର    ଅନନ୍ତ ବିଦ୍ୟାଭୂଷଣ    ଢେଙ୍କାନାଳ ଓଡ଼ିଶା

ପୁରୀ, ବ୍ୟାକରଣ. ୨ୟ ଶ୍ରେଣୀ ।

ବାଳକୃଷ୍ଣ ଦାସ ବୈଦ୍ୟନାଥ ମିଶ୍ର ଆଚାର୍ଯ୍ୟ ସଂସ୍କୃତ ସ୍କୁଲ ପୁରୀ

ଦାମୋଦର ମହାପାତ୍ର    ଯୋଗେନ୍ଦ୍ର ମିଶ୍ର କାବ୍ୟରତ୍ନ    "

ଜଗନ୍ନାଥ    "    ବୈଦ୍ୟନାଥ ମିଶ୍ର ଆଚାର୍ଯ୍ୟ    "

ନରସିଂହ ମିଶ୍ର    "    "

ସଦାଶିବ    "    "

ମୃତ୍ୟୁଞ୍ଜୟ    "    ଗଦାଧର ତ୍ରିପାଠୀ ରଘୁନନ୍ଦନ ସ୍କୁଲ ପୁରୀ

କାବ୍ୟ ୨ୟ ଶ୍ରେଣୀ ।

ବାସୁଦେବ ମିଶ୍ର ଯୋଗେନ୍ଦ୍ର ମିଶ୍ର କାବ୍ୟରତ୍ନ ସଂସ୍କୃତ ସ୍କୁଲ ପୁରୀ

ଦୁର୍ଗାନନ୍ଦ ମିଶ୍ର    ଗଦାଧର ତ୍ରିପାଠୀ ରଘୁନନ୍ଦନ ସ୍କୁଲ ପୁରୀ

ସୁଧାକର ମିଶ୍ର    "    "

ନ୍ୟାୟ ୨ୟ ଶ୍ରେଣୀ ।

ଗୋପାଳ ମହାପାତ୍ର    ସୁନ୍ଦରଚରଣ ତର୍କତୀର୍ଥ    ସଂସ୍କୃତ ସ୍କୁଲ ପୁରୀ

## ବିଜ୍ଞାପନ ।

କଲ୍ଲି ବଡ଼ମ୍ବା ମାନେଜରଙ୍କ ଦପ୍ତରର ପୁସ୍ତକ ଇଂରାଜୀ ଓ ଓଡ଼ିଆ ଗ୍ରନ୍ଥ ଆଦି କାଗଜାତ୍ ମାନ ଫେରସ୍ତ କରିବା ସକାଶେ ମାସିକ ଟ ୧୨ଙ୍କା ବେତନର ଏକଜଣ ମୋହରର ଅବଶ୍ୟକ ଯେଉଁମାନଙ୍କର ଉକ୍ତ କାର୍ଯ୍ୟରେ ପ୍ରବେଶ ଥିବ ସେମାନଙ୍କ ପକ୍ଷେ ଦରଖାସ୍ତ କରିବା ଅନୁଚିତ । ଦରଖାସ୍ତ ସହିତ ପ୍ରଶଂସା ପତ୍ର ଆଦି ଆମ୍ଭ ନିକଟକୁ ପ୍ରାର୍ଥୀମାନେ ଆସନ୍ତା ଜୁଲାଇ ମାସ ତା ୨୦ ଇଶ ପର୍ଯ୍ୟନ୍ତ ପଠାଇ ପାରିବେ ।

ଦପ୍ତର ମାନେଜର
। ବା । ବଡ଼ମ୍ବା
୨୯।୬।୧୯୦୧

Madanmohan Patnaik
ମାନେଜର

Split by PDF Splitter
Digitized by srujanika@gmail.com

Split by PDF Splitter



## NOTICE.

Is hereby given that a Dhenkanal Scholarship of Rs 7 a month tenable for 2 years, will be awarded by the Cuttack District Board Candidates are invited to apply to the undersigned before the 17th instant in the following form. The candidates must have passed the Entrance Examination.

FORM OF APPLICATION.

Name of candidate.

2. Name of his father and his occupation.
3. Residence, temporary or permanent. If the candidate be domiciled in Orissa, for how many generation he has been so domiciled.
4. What examination the candidate has passed, and in what division, whether in the first chance or otherwise.
5. Name of the School and the Class in which he is reading.
6. Certificate from respectable persons about the character and circumstances of the cand date.
7. Remarks giving other particulars which the candidate may wish to give.

Cuttack District Board Office 3—7—01. } J. C. CHUNDER Vice-Chairman.

## FOR SALE.

A thatched Bungalow containing 7 rooms. 2 Verandahs and Portico with range of out-houses for gharry, poney, cows kitchen and poultry, with a small tank, all standing on 11 goonts of land, on side of Meria Bazar Christian Sahi lane and within 300 feet of Cutchery road.

For particulars apply to undersigned.

1st July, 1901 } R. F. TAYLOR, CUTTACK.

## ବିଜ୍ଞାପନ ।

କଟକ ମେରିଆ ବଜାର ଖ୍ରୀଷ୍ଟିୟାନସାହି ନିକଟରେ ଗୋଟିଏ ଛପରବଙ୍ଗଳା ବିକ୍ରୟ ନିମନ୍ତେ ପ୍ରସ୍ତୁତ ଅଛି । ଏଥିରେ ୭ ଗୋଟି କୋଠରୀ ଦୁଇଟି ବରଣ୍ଡା ଏବଂ ଗାଡ଼ି, ଘୋଡ଼ା, ଓ ଅନ୍ୟାନ୍ୟ ଜନ୍ତୁମାନଙ୍କ ରହିବା ନିମନ୍ତେ ବାହାର ଘର ଅଛି । ଏଥି ସଲଗ୍ନରେ ଗୋଟିଏ ଛୋଟ ପୋଖରୀ ଅଛି । ଉପରୋକ୍ତ ବଙ୍ଗଳା ଗୁ ୧୧ ଣ୍ଟ ଜମିରେ ଅବସ୍ଥିତ ଏବଂ ସଡ଼କଠାରୁ ଫୁ ୩୦୦ ଟ ଦୂର । ଲୋକମାନେ ନିମ୍ନ ଲିଖିତ ଠିକଣାରେ ପତ୍ର ଲେଖିଲେ ସମୁଦାୟ ବିଷୟ ଜାଣି ପାରିବେ ।

ଆର, ଏଫ, ଟେଲର
କଟକ

## ନୃସିଂହପୁରାଣ ।

୧ମ ଭାଗର ଟ ୧।    ୨ୟ ଭାଗର ଟ ୧ ୧ ୮
୩ୟ ,, ୧।    ୪ର୍ଥ ,, ୧।
୫ମ ,, ଟ ୦।୵    ୬ଷ୍ଠ ,, ଟ ୦ ୵
୭ମ ,, ଯନ୍ତ୍ରସ୍ଥ ।

ଏଥିରେ ପଞ୍ଚପୁରାଣ—ଶ୍ରୀ ମଦ୍ଭାଗବତ, ମହାଭାରତ, ରାମାୟଣ, ହରିବଂଶ ଓ ନୃସିଂହମହାପୁରାଣଙ୍କ ତତ୍ତ୍ୱ ବାହୁଲ୍ୟରୂପେ ସନ୍ନିବିଷ୍ଟ । ଏହାକୁ ଲୋକମାନେ ପାଠ ବା ଶ୍ରବଣକଲେ ସକଳ ପାପ ଦୂର ଓ ପୁଣ୍ୟଲାଭ ସଞ୍ଚାରତ ଏବଂ ଚତୁର୍ବର୍ଗ ଫଳ ଲାଭ ହେବ । ଏଗ୍ରନ୍ଥରେ ମନୁଷ୍ୟମାନଙ୍କର ଯାବତୀୟ କର୍ତ୍ତବ୍ୟ କର୍ମ ସମ୍ବନ୍ଧୀୟ ନାନାପ୍ରକାର ସଦୁପଦେଶ ଉଜ୍ଜ୍ୱଳଭାବରେ ବର୍ଣ୍ଣିତ ହୋଇଅଛି ପାଠକେ ଏହାକୁ ଥରେ ପାଠ କଲେ ବା ଶୁଣିଲେ ବୁଝିପାରିବେ ବିଶେଷ ଜଣାଇବା ବାହୁଲ୍ୟ ।

ଏ ଗ୍ରନ୍ଥ ଗୃହୀର ଗୃହ-ଲକ୍ଷ୍ମୀସ୍ୱରୂପ ଅଟେ । ଏକ ଏକ ସେଟ ଏଥିରୁ ଗୃହରେ ରଖିବାର ଉଚିତ । ଏହା ବୃହତ୍ ଗ୍ରନ୍ଥ ୭ଖଣ୍ଡରେ ବିଭକ୍ତ । ଗ୍ରନ୍ଥକାର ପଣ୍ଡିତଶ୍ରେଷ୍ଠ ଉହାକର ଅର୍ଥ ପ୍ରଦାନ କରିଅଛନ୍ତି । ପ୍ରକୃତରେ ରତ୍ନାକର ଯେରୂପ ଲହୁ ଓ ମଣି ପ୍ରଭୃତି ବହୁମୂଲ୍ୟ ପଦାର୍ଥରେ ପୂର୍ଣ୍ଣ । ଏଗ୍ରନ୍ଥ ଜନସାଧାରଣଙ୍କର ଜୀବନଯାତ୍ରା ନିର୍ବାହର ସେରୂପ ବହୁମୂଲ୍ୟ ହିତୋପଦେଶରେ ପୂର୍ଣ୍ଣ ଅଟେ ।—

ଉତ୍କଳସାପାଲେ ମୁଦ୍ରିତ ହୋଇ କଟକ ଦରଘାବଜାରସ୍ଥ କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି ।

## ବିଜ୍ଞାପନ ।

### ହରି ସଂକୀର୍ତ୍ତନ ।

୨ୟ ଖଣ୍ଡ

ମୂଲ୍ୟ ଟ ୦ ୵ ଦୁଇଅଣା ମାତ୍ର

ହରିସଂକୀର୍ତ୍ତନ ୧ମ ଖଣ୍ଡ ସର୍ବସାଧାରଣରେ ବିଶେଷରୂପେ ସମାଦୃତ ହେବାରୁ ପ୍ରକାଶକ ମହୋଦୟ ୨ୟ ଖଣ୍ଡ ପ୍ରକାଶ କରିବାକୁ ସକ୍ଷମ ହୋଇଅଛନ୍ତି । ଏହା କଟକ ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି ।

କଟକ ୧୬।୭।୦୧ } ଶ୍ରୀ ଗୌରୀଶଙ୍କର ରାୟ ସମ୍ପାଦକ

## ମହାରାଣୀ ।



ପରଲୋକଗତା ମହାରାଣୀ ଭିକ୍ଟୋରିଆଙ୍କର ଜୀବନ ଚରିତ ଓଡ଼ିଆଭାଷାରେ ମୁଦ୍ରିତ ହୋଇ ଅଛି । ଏଥିରେ ତାଙ୍କର ଜନ୍ମ, ବାଲ୍ୟାବସ୍ଥା, ଶିକ୍ଷା, ଅଭିଷେକ, ବିବାହ, ପୁତ୍ର କନ୍ୟା ଓ ସେମାନଙ୍କର ବିଦ୍ୟା ଶିକ୍ଷା, ରାଜ୍ୟ, ଶାସନର ଫଳ ଓ ମୃତ୍ୟୁ ବର୍ଣ୍ଣିତ ହୋଇଅଛି । ଉତ୍କୃଷ୍ଟ ଗାଢ଼ ବର୍ଣ୍ଣ ସ୍ୟାହିରେ ଛପା ଓ ଅନେକଗୁଡ଼ିଏ ଛବି ଦିଆଯାଇଥିବାରୁ ପୁସ୍ତକଖଣ୍ଡି ଅତି ସୁନ୍ଦର ହୋଇଅଛି । ଓଡ଼ିଆଭାଷାରେ ଅଦ୍ୟପର୍ଯ୍ୟନ୍ତ ଏପରି ପୁସ୍ତକ ଛପା ହୋଇ ନ ଥିଲା । ମୂଲ୍ୟ ପାଞ୍ଚଅଣା ମାତ୍ର । କଟକ ଦରଘାବଜାର ପ୍ରିଣ୍ଟିଂକୋମ୍ପାନୀଙ୍କ ସେକ୍ରେଟେରୀଙ୍କ ନିକଟକୁ ପତ୍ର ଲେଖିଲେ ପୁସ୍ତକ ପାଇ ପାରିବ । ଛାତ୍ରମାନେ ଦଶଖଣ୍ଡ ପୁସ୍ତକ ଏକତ୍ରରେ ନେଲେ ଖଣ୍ଡିଏ ପୁସ୍ତକ ବିନା ମୂଲ୍ୟରେ ପାଇବେ ।

## ବିଜ୍ଞାପନ ।

### ପ୍ରଦର ଅବ୍ୟର୍ଥ ମହୌଷଧ ।

ମୂଲ୍ୟ ପ୍ରତିଶିଶି ଟ ୦ ।୵ ଛଅଣା ମାଶୁଲ ଏକଶିଶିଠାରୁ ଛ ଶିଶି ପର୍ଯ୍ୟନ୍ତ ଟ ୦। ଗୃହସ୍ଥ-ଶାନ୍ତି । ସର୍ବପ୍ରକାର ପ୍ରଦରରୋଗର ଏହାପରି ଉତ୍କୃଷ୍ଟ ପୁଣି ଜ୍ୱାଲା ଯନ୍ତ୍ରଣା ରହିତ ଆଶୁ ଫଳଦାୟକ ଔଷଧ ଏପର୍ଯ୍ୟନ୍ତ ହିଁ ଭାରତରେ ଦେଖା ଯାଇ ନାହିଁ । ଶତ ଶତ ବ୍ୟକ୍ତି ଏହି ଔଷଧର ଗୁଣ ବର୍ଣ୍ଣନା କରି ମୁକ୍ତକଣ୍ଠରେ ପ୍ରଶଂସା କରିଅଛନ୍ତି ।

ଔଷଧ ଗ୍ରହଣାର୍ଥି ମାନଙ୍କେ ସ୍ପଷ୍ଟରୂପେ ସ୍ୱ ସ୍ୱ ନାମ ଧାମ ଡାକଘର ଜିଲ୍ଲା ଏବଂ କାହାର କେତେ ଶିଶି ଔଷଧ ଆବଶ୍ୟକ ନ ଲେଖିଲେ ଔଷଧ ପଠାଇବାର ବାଧା ବଡ଼ ଉପସ୍ଥିତ ହୁଏ ।

ପ୍ରାପ୍ତିସ୍ଥାନ ।

ଶ୍ରୀ ରାମତାରକ ସେନ
ଦେବ ଉତ୍କଳ ପ୍ରେସ, ବାଲେଶ୍ୱର

## NEW YORK LIFE INSURANCE COMPNY.

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J. BELL
*Agent Cuttack.*

Digitized by srujanika@gmail.com

Split by PDF Splitter

…No. C. 81.



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

# THE UTKAL DIPIKA.


ଭା ୩୬ ଗ

ସ ୨୯ ଖ୍ୟା

CUTTACK, SATURDAY THE 20TH JULY 1901.

ବ ୭ ନ ଶ୍ରାବଣ ସନ ୧୩୦୮ ସାଲ ଶନିବାର

ଅଗ୍ରୀମ ଟ ୩।

ପଶ୍ଚାଦେୟ ଟ ୭୯


ଚଳିତ ମାସ ତା ୫ ରିଖର ନଂ ୧୪୭୩ ପି, ମୂଳ ବିଜ୍ଞାପନଦ୍ୱାରା ମାନ୍ୟବର ବଙ୍ଗେଶ୍ୱର ସନ ୧୯୦୦ ସାଲର ନଈପୀ ସମ୍ବନ୍ଧୀୟ ଆଇନ ଅନଗୁଳ ଜିଲ୍ଲାରେ ଜାରି ହେବାର ଆଦେଶ ଦେଇଅଛନ୍ତି ।

---

ପଶୁ ପକ୍ଷୀ ଶିକାର କରିବା ମାଛ ଧରିବା ଇତ୍ୟାଦି ସମ୍ବନ୍ଧରେ ଯେଉଁ ନିୟମାବଳି ସନ ୧୮୯୫ ସାଲ ତା ୨୬ ରିଖ ସେପ୍ଟେମ୍ବର ମାସର ନଂ ୫୭୪ ଟି, ଆର, ମୂଳ ବିଜ୍ଞାପନ ଅନୁସାରେ ଛୋଟନାଗପୁର ଏବଂ, ସନ୍ତାଲ ପ୍ରଗଣାର ରକ୍ଷିତ ଜଙ୍ଗଲ ସମୂହରେ ପ୍ରଚଳିତ ହୋଇ ଅଛି ସେହି ନିୟମାବଳୀ ଚଳିତ ମାସ ତା ୧ ରିଖର ନଂ ୯୪୮ ଟି, ଆର, ମୂଳ ବିଜ୍ଞାପନଦ୍ୱାରା ଅନଗୁଳର ରକ୍ଷିତ ଜଙ୍ଗଲରେ ପ୍ରବର୍ତ୍ତିବାର ମାନ୍ୟବର ବଙ୍ଗେଶ୍ୱର ଆଦେଶ ଦେଇଅଛନ୍ତି ।

---

କଥିତ ହୁଅଇ ଯେ ଗତ ରଥଯାତ୍ରା ସମୟରେ ପୁରୀର ପୁଲିସ ଇନସ୍ପେକ୍ଟର ଆପଣା ପରିବାରଙ୍କୁ ସୁବିଧାରେ ଗୁଣ୍ଡିଚା ମଣ୍ଡପ ମଧ୍ୟରେ ସ୍ଥାନ ଦେବା ସକାଶେ ସେଠାରେ ଥିବା କେତେକ ଭଦ୍ର ମହିଳାଙ୍କୁ କନଷ୍ଟେବଲଙ୍କଦ୍ୱାରା ବଳ ପ୍ରୟୋଗଦ୍ୱାରା ଉଡ଼ ଦେଇ ଅପମାନ କରିଥିବା ମର୍ମରେ ତାହାଙ୍କ ନାମରେ ମାଜିଷ୍ଟ୍ରେଟ ସାହେବଙ୍କ ନିକଟରେ ଦରଖାସ୍ତ ହୋଇଥିଲା ଏବଂ ତାହା ବିଚାର ନିମନ୍ତେ ସବରେଜିଷ୍ଟର ଅନରେରି ମାଜିଷ୍ଟ୍ରେଟଙ୍କୁ ଅର୍ପିତ ହୋଇଥିଲା । ମାତ୍ର ସମ୍ଭବତଃ ଇନସ୍ପେକ୍ଟର କ୍ଷମା ପ୍ରାର୍ଥନା କରିବାରୁ ରାଜିନାମା ହୋଇଗଲା । ଏପରି ହୋଇଥିଲେ ଅବଶ୍ୟ ଭଲ ବୋଲିବାକୁ ହେବ । ଏବଂ ଆମ୍ଭେମାନେ ଆଶା କରୁଁ କି ଭବିଷ୍ୟତକୁ ସାବଧାନ ହେବା କାରଣ ମାଜିଷ୍ଟ୍ରେଟ ସାହେବ ଉଚିତ ଆଦେଶ ଦେଇଥିବେ ।

---

ଏଥିପୂର୍ବେ " ଜମାଏତ ବାବାଜିଙ୍କ ଅତ୍ୟାଚାର " ପ୍ରବନ୍ଧରେ ଯେଉଁ ତିନିଜଣ ବାବାଜି ଖଲାସ ହେବାର ଲେଖିଥିଲୁଁ ସେମାନଙ୍କମଧ୍ୟରୁ ନଂ ୨ ଣ ଅନଧିକାର ଗୃହ ପ୍ରବେଶ ଓ ମାଡ଼ପିଟ ଅପରାଧରେ ମା ୩ ସ ଲେଖାଏଁ କଠିନ ପରିଶ୍ରମ ସହିତ କଏଦଦଣ୍ଡ ପାଇଅଛନ୍ତି । ଅନ୍ୟ ଜଣର ପ୍ରହାରରେ ବୃନ୍ଦାବନର ମୃତ୍ୟୁ ଘଟିବାର ପ୍ରକାଶ ପାଇବାରୁ ସେ ଦଣ୍ଡବିଧିର ଧା ୩୦୪।୩୨୬ ର ଅଭିଯୋଗରେ ଦଉରାସୁପର୍ଦ୍ଦ ହୋଇଅଛି । ଆସନ୍ତା ମାସରେ ତାହାର ବିଚାର ହେବ । ଆଉ ଦୁଇଜଣଙ୍କୁ ଖଲାସ ଦେବା କାରଣ ଇନସ୍ପେକ୍ଟର ଆଦେଶ ନ ଦେଇଥିବାର ଲେଖିଥିଲୁ । ମାତ୍ର ତାହା ହୋଇ ନାହିଁ । ବାବାଜିମାନେ ମୁଦେଇର ବଳଦ ନେବା ଦହି ଦୁଧ ହାଣ୍ଡି ଭାଙ୍ଗିବା ଇତ୍ୟାଦି ଅତ୍ୟାଚାର କଥା ସାକ୍ଷିମାନେ କିଛି କହିଲେ ନାହିଁ । ସମ୍ଭବତଃ ଜମାଏତ ସ୍ଥିତ ଲୋକଙ୍କର ଅତ୍ୟନ୍ତ ଭକ୍ତି ହେତୁ ସେ ସବୁ ଲୁଚ ରହିଗଲା ।

---

ଆମ୍ଭେମାନେ ଦୁଃଖର ସହିତ ପ୍ରକାଶ କରୁଅଛୁଁ କି ଏଠାର ଜଣେ ପୁରୁଣା ଉକିଲ ଏବଂ ସମ୍ଭ୍ରାନ୍ତ ବଂଶୀୟ କରଣ ବାବୁ ରଘୁନାଥ ଦାସ ପ୍ରାୟ ୮୫ ବର୍ଷରୁ ଊର୍ଦ୍ଧ୍ୱ ବୟସରେ ଗତ ରବିବାର ଉଦ୍ରାମାସୟ ରୋଗରେ ପରଲୋକ ଗମନ କଲେ । ସେ ବାର୍ଦ୍ଧକ୍ୟ ହେତୁ ବହୁକାଳରୁ ଏ ନଗର ଛାଡ଼ି ସ୍ୱଗ୍ରାମରେ ବାସ କରୁଥିଲେହେଁ ସମସ୍ତ ସମୟରେ ଏ ନଗରକୁ ଆସିବାକୁ ସମର୍ଥ ଥିଲେ ଏବଂ ତାହାଙ୍କର ଦୁଇ ବିଖ୍ୟାତ ଗୁଣବାନ ପୁତ୍ର ମାନ୍ୟବର ଶ୍ରୀଯୁକ୍ତ ମଧୁସୂଦନ ଦାସ ଉକିଲ ଏବଂ ବାବୁ ଗୋପାଳବଲ୍ଲଭ ଦାସ ଡେପୁଟିକଲେକ୍ଟରଙ୍କଦ୍ୱାରା ତାହାଙ୍କର ନାମ ଅଧିକ ଉଜ୍ଜ୍ୱଳ ହୋଇଥିଲା । ଦୀର୍ଘାୟୁ ଲୋକାନ୍ତର ଏପରି ରତ୍ନ-ମାନ ରଖି ସଂସାରରୁ ବିଦାୟ ହୋଇଯିବା ସାମାନ୍ୟ ଭାଗ୍ୟ ନୁହେ । ପରମେଶ୍ୱର ତାହାଙ୍କର ଆତ୍ମାର ମଙ୍ଗଳ ଏବଂ ପରିବାରବର୍ଗର ସାନ୍ତ୍ୱନା ବିଧାନ କରନ୍ତୁ ।

---

ଏଠା ରେଲ ଷ୍ଟେସନରେ ଗତ ତା ୫ ରିଖ ରାତ୍ରିର ରେଲଗାଡ଼ିରେ ଗୋବିନ୍ଦ ସାହୁ ନାମକ ଏକ ବ୍ୟକ୍ତି ବରେଣ୍ଡାଲ ବା ଯାଜପୁର ରୋଡ଼ ଷ୍ଟେସନକୁ ଯିବା କାରଣ ଉପସ୍ଥିତ ହେବାରେ ଜଣେ ରେଲ ଏଲକାର କୁଲି ତାହାକୁ ଟିକଟ କିଣି ଦେବାର ପାରିଶ୍ରମିକ ଏକ ପଇସା ଏବଂ ଟିକଟର ମୂଲ୍ୟ ଟ ୦ ।୵ ନେଇ କଟକ ସାହେବ ଟୌକାକୁ ଦେଇ ଗତ ଜୁନମାସ ତା ୧୮ ରିଖର ପୁରୀକୁ ଯିବାର ଖଣ୍ଡେ ପୁରୁଣା ଟିକଟ ଆଣି ଗୋବିନ୍ଦଙ୍କୁ ଦେଲା । ଭଗବାନ ଉପାଧ୍ୟା କନଷ୍ଟେବଲ ବନ୍ଦା ଦରସରେ ଥାଇ ଏ କାଣ୍ଡ ଦେଖୁଥିଲା । ଯେତେବେଳେ ଗୋବିନ୍ଦ ସାହୁ ପାଉ ଦୋକାନର ଅଲୁଅରେ ଟିକଟ ପଢ଼ାଇଲା

Digitized by srujanika@gmail.com

ଯେତେବେଳେ କନଷ୍ଟେବଲ ହିନ୍ଦୁ ପଢ଼ିବାକୁ ଯାଉଥିଲା ଗଦାଇ ଦାସ ଲୁଚିକି ତାଙ୍କୁ ଧରିଥିଲା ଷ୍ଟେସନ ମାଷ୍ଟରଙ୍କୁ ଜଣାଇଲା । ସାହେବ ଯେତେବେଳେ ଷ୍ଟେସନ ଯାଉଥିଲା । ପୁଲିସ ଅନୁସନ୍ଧାନ କରି ଗଦାଇ ଦାସ ଓ ବନ୍ଦନ ସାହେବଙ୍କୁ ଗିରଫ ଦେଲା ଏବଂ ବାବୁ ଅଶୁତୋଷ ଦତ୍ତ ଡେପୁଟିମାଜିଷ୍ଟ୍ରେଟ ମୋକଦ୍ଦମାର ବିଚାର କରି ଗତ ତା ୮ ରିଖରେ ଲୁଚିକି ଗିରଫ ଏବଂ ସାହେବ ଟୋକାକୁ କଠିନ ପରିଶ୍ରମ ସହିତ ମାସ ୩ ସ ଦଣ୍ଡ ଦେଲେ । ଏତେଇ ପର ରେଳ ଷ୍ଟେସନରେ ଠକ ଚୋରମାନେ ବ୍ୟବସାୟ ଆରମ୍ଭ କଲେଣି । ଲୋକେ ସାବଧାନ ହେବେ ।

---

ଆଜିକାଲି ଏ ନଗରରେ କଙ୍ଗାଳଙ୍କ ସଂଖ୍ୟା ଅନେକ ବଢ଼ିଅଛି । ଅଧିକାଂଶ କଙ୍ଗାଳ ଓଡ଼ିଶା, ଗଡ଼ଜାତ ଅନ୍ତର୍ଗତ ଉଦୟପୁର, କାଞ୍ଚି, ବଡ଼ମ୍ବା, ନରସିଂହପୁର, ଖଣ୍ଡପଡ଼ା ଓ ନୟାଗଡ଼ର ଅଟନ୍ତି । କେତେକ ଢେଙ୍କାନାଳରୁ ମଧ୍ୟ ଆସିଅଛନ୍ତି । ଏମାନେ ଜାତିରେ ଚଷା, ଖଣ୍ଡାଏତ, ଗଉଡ଼, ହାଡ଼ି, ବାଉରି, ପାଣ ଇତ୍ୟାଦି ଓ ପୁରୁଷ ସ୍ତ୍ରୀ ପିଲା ଅଟନ୍ତି ପିଲାଙ୍କ ସଂଖ୍ୟା ଅଳ୍ପ ନୁହେଁ । ତାଙ୍କ ସଂଖ୍ୟା କମେକ ଜଣାଯାଏ ଏବଂ କେତେଲୋକ ଅନେକ ଦିନରୁ ପଲ୍ଲୀ ବାନ୍ଧି ପଡ଼ିରହିଛନ୍ତି । ଅଳ୍ପ ଲୋକ ମୂଲ ଲାଗି ଖାଉଅଛନ୍ତି, ଅଧିକାଂଶର ଜୀବିକା ଭିକ୍ଷା । ଏମାନେ ଦୁର୍ଭିକ୍ଷ ହେତୁ ଅଥବା ଅନ୍ୟ କାରଣରେ ଘର ଛାଡ଼ି ଚାଲି ଆସିଅଛନ୍ତି ଗଡ଼ଜାତ ସୁପ୍ରିଣ୍ଟ ମହାଶୟ ତହିଁର ତଦନ୍ତ କରି ଯେଉଁ ରାଜାର ପ୍ରଜା ତାହାଙ୍କ ସଙ୍ଗେ ସାହାଯ୍ୟ ଦାନର ପରାମର୍ଶ କଲେ ଭଲ ହୁଅନ୍ତା ଓ ରାଜାମାନେ ଆପଣାର କର୍ତ୍ତବ୍ୟ ବିଷୟରେ ଉପଦେଶ ପାଆନ୍ତେ ବିଶେଷତଃ ବଡ଼ମ୍ବା ଓ ନୟାଗଡ଼ ତାହାଙ୍କର ଶାସନାଧୀନରେ ଅଛି । ପୁଲିସ ପ୍ରତି ଆଦେଶ ହେବାର କେଉଁ ସ୍ଥାନରୁ କେତେ ଲୋକ ଉଠି ଆସିଅଛନ୍ତି ଅନୁସନ୍ଧାନରେ ଜଣାପଡ଼ିବ । ମ୍ୟୁନିସିପାଲିଟିର କର୍ତ୍ତୃପକ୍ଷଙ୍କର ମଧ୍ୟ ଏ ବିଷୟ କଲେକ୍ଟର ଓ ଗଡ଼ଜାତ ସୁପ୍ରିଣ୍ଟଙ୍କୁ ଜଣାଇବାର ଉଚିତ ହେଉଅଛି । କାରଣ ଅନେକ କଙ୍ଗାଳ ଏକତ୍ରେ ଜମା ହେବା ସ୍ୱାସ୍ଥ୍ୟରକ୍ଷାର ପ୍ରତିକୂଳ ଅଟେ ।

---

ଛିପଷ୍ଟର ନରସିଂହ ସିଂହ କନଷ୍ଟେବଲ ଶେଠୀ ପୁଲିସ ସାହେବ ଓ ଡିଷ୍ଟ୍ରିକ୍ଟ ଇଞ୍ଜିନିୟର ସାହେବମାନଙ୍କ ହାତରେ ଅତ୍ୟାଚାର ସହ୍ୟ କରି ଶେଷରେ ଜଜ ଯେଟ୍ମେଲ ସାହେବଙ୍କ ସୁବିଚାରରେ ମୁକ୍ତିଲାଭ କରିବା ଏବଂ ଶେଷରେ ଯେଟ୍ମେଲ ସାହେବଙ୍କର କୋଅଶାଳିଲୁ ବଦଳ ହେବା କଥା ମାନ ପାଠକମାନଙ୍କର ବିଲକ୍ଷଣ ସ୍ମରଣ ଅଛି । ଗରିବ ନରସିଂହର ଦୁଃଖରେ କାତର ହୋଇ ବିଲାତର ଜଣେ ମହାତ୍ମା ବ ତାହାଙ୍କର ନାମ ଏକ୍ତର ଲିର ଲର୍ଡ଼ଷ୍ଟାନଲି ଅଟେ ତାହାଙ୍କର ଭାରତବାସୀ ଜଣେ ବନ୍ଧୁଙ୍କ ନିକଟକୁ ୧୫୦ ପାଉଣ୍ଡ ପଠାଇ ଦେଇ ଲେଖି ଅଛନ୍ତି ଯେ ତହିଁ ମଧ୍ୟରୁ ଏକଶତ ପାଉଣ୍ଡ ଅର୍ଥାତ୍ ଟ ୧୫୦୦ ଟଙ୍କା ନରସିଂହକୁ ଦେବେ ଏବଂ ଭାରତର ଶାସନ ଓ ବିଚାର ବିଭାଗ ଏକତ୍ରେ ଥିବାରୁ ଯେ ଅନିଷ୍ଟ ଘଟୁଅଛି ସେ ବିଷୟରେ ଯେଉଁ କାଗଜପତ୍ର ଏପର୍ଯ୍ୟନ୍ତ ଛପା ହୋଇ ନାହିଁ ସେସବୁ ଛପା କରିବାରେ ବାକି ୫୦ ପାଉଣ୍ଡ ଅର୍ଥାତ୍ ଟ ୭୫୦ ଟଙ୍କା ବ୍ୟୟ କରିବେ । ଲର୍ଡ ଷ୍ଟାନଲି ବିଲାତ ପାର୍ଲିୟାମେଣ୍ଟର ଲର୍ଡ ସଭାର ଜଣେ ସଭ୍ୟ ସେ କେବଳ ନିଜଲୋକ ନୁହନ୍ତି ମାତ୍ର ସେ ଅତ୍ୟନ୍ତ ସହୃଦୟ ଏବଂ ଭାରତର ଜଣେ ବନ୍ଧୁ ଅଟନ୍ତି । ନରସିଂହ ଏତେ ଦୁଃଖ ଅତ୍ୟାଚାର ସହିଲା, ଆମ୍ଭେମାନେ ତାହାର ସ୍ୱଦେଶୀ ହୋଇ କିଛି କ୍ଷତିପୂରଣ କରି ପାରିଲୁ ନାହିଁ । ମାତ୍ର ବିଲାତରେ ଲର୍ଡ ଷ୍ଟାନଲିଙ୍କ ହୃଦୟ କାନ୍ଦିଲା ଏବଂ ସେ ଦେଢ଼ହଜାର ଟଙ୍କା ପଠାଇ ତାହାକୁ ସାନ୍ତ୍ୱନା ଦେଲେ । ଧନ୍ୟ ଲର୍ଡ ଷ୍ଟାନଲି ଆପଣଙ୍କର ଜୀବନ ସାର୍ଥକ ! ଯୁଗେ ଯୁଗେ ଆମ୍ଭେମାନେ ଆପଣଙ୍କର ଏହି ଗୁଣ ମନେ ରଖି ତହିଁର ଅନୁକରଣରେ ପ୍ରବୃତ୍ତ ହେଉଁ ଏହିକ ଈଶ୍ୱରଙ୍କଠାରେ ପ୍ରାର୍ଥନା ।

---

ବମ୍ବେଇର ସୁପରିଚିତ ପାରସୀ ଟାଟା ସାହେବଙ୍କ ଉଦ୍ୟମରେ ନାଗପୁରଠାରେ କ ୨୫ ବର୍ଷରୁ ଊର୍ଦ୍ଧ୍ୱ ହେବ ଏମ୍ପ୍ରେସମିଲ ନାମରେ ଯେଉଁ ସୂତାକଟା ଓ ଲୁଗାବୁଣା କଳ ସ୍ଥାପିତ ହୋଇ ଅଛି ତହିଁର ଗୋଟିଏ ନୂତନ ଶାଖା ଦକ୍ଷିଣ ଓଙ୍କାରେ ପ୍ରତିଷ୍ଠିତ ହୋଇଅଛି । ଗତ ତା ୫ ରିଖରେ ସେହି କଳର କାର୍ଯ୍ୟାରମ୍ଭ ଉପଲକ୍ଷରେ ଗୋଟିଏ ବଡ଼ ସଭା ହୋଇଥିଲା ଏବଂ ମଧ୍ୟପ୍ରଦେଶର ଚିଫ କମିଶନର ମାନ୍ୟବର ଷ୍ଟେକର ସାହେବ ବାହାଦୁର ସି, ଅଇ, ଇ, ସଭାପତିର ଆସନ ଗ୍ରହଣ କରି ସେହି ଶୁଭ କାର୍ଯ୍ୟ ସମ୍ପାଦନ କଲେ । ସଭାପତି ମହାଶୟଙ୍କର ବକ୍ତୃତାରୁ ପ୍ରକାଶ ଯେ ଶ୍ରୀଯୁକ୍ତ ଟାଟା ସାହେବ ପ୍ରଥମେ ୧୫ ଲକ୍ଷ ଟଙ୍କା ମୂଳଧନର ଗୋଟିଏ କମ୍ପାନି କରି କଳ ବସାଇ କାର୍ଯ୍ୟ ଚଳାଇଲେ ଏବଂ କମ୍ପାନିର ଡାଇରେକ୍ଟରମାନଙ୍କର ସଦ୍ଭାବ ସ୍ୱରୂପ ଏପର୍ଯ୍ୟନ୍ତ ଏମନ୍ତ ଦକ୍ଷତା ସହିତ ସମସ୍ତ ବିଷୟର ସୁବନ୍ଦୋବସ୍ତ କରି ଆସୁଅଛନ୍ତି ଯେ ୨୫ ବର୍ଷ ମଧ୍ୟରେ ଲାଭରୁ ମୂଳଧନରେ ୩୨ ଲକ୍ଷ ଟଙ୍କା ଯୋଗ ହୋଇ ମୋଟ ମୂଳଧନ ୪୭ ଲକ୍ଷ ଟଙ୍କା ହୋଇଅଛି ଏବଂ ପ୍ରତ୍ୟେକ ଅଂଶର ମୂଲ୍ୟ ପ୍ରଥମେ ଟ ୫୦୦ ଟଙ୍କା ବର୍ତ୍ତମାନ ଟ ୨୦୦୦ ଟଙ୍କା ହୋଇଅଛି ଅଥଚ ଅଂଶିମାନେ ପ୍ରତି ଅଂଶରେ ୩ ହଜାର ଟଙ୍କା ଲାଭ ପାଇଅଛନ୍ତି । ଏଥି ଉପରେ ସାଧାରଣ ହିତକାର୍ଯ୍ୟରେ ଯଥା; ଗାନ୍ଧିକଣ୍ଡଲ, କଲେଜର ଛାତ୍ରାବାସ ନୂତନ ପୁଷ୍କରିଣୀ ଇତ୍ୟାଦିରେ ଅନେକ ଟଙ୍କା ଦାନ କରୁଅଛନ୍ତି । କଳର ମାନେଜର ଖାନବାହାଦୁର ବାଇଜନଜି ଦାଦା ଭାଇଙ୍କର ପ୍ରଶଂସା କରି କହିଲେ ଯେ ଏହାଙ୍କଠାରେ କମ୍ପାନି ବିଶେଷରୂପେ ଋଣୀ ଏବଂ ଟାଟା ସାହେବଙ୍କ ପରେ ଏହାଙ୍କଦ୍ୱାରା କମ୍ପାନିର ଏତେ ଉନ୍ନତି ହୋଇଅଛି । ଏମନ୍ତେ ଶିକ୍ଷାର ସ୍ଥୂଳ ଅଟନ୍ତି । ବାସ୍ତବିକେ ଏହିପରି ଉଦ୍ୟମଶୀଳ ଲୋକଙ୍କ ସଂଖ୍ୟା ଯେତେ ଅଧିକ ହେବ ଭାରତର ସେତେ ମଙ୍ଗଳ ହେବ ।

---

### ଏ ନଗରର ସଡ଼କ ବାଟ ।

ଏହି କଟକ ମିଉନିସିପାଲିଟି ଅଧୀନରେ ଅନେକ ସୁନ୍ଦର ପକ୍କା ଓ କଚ୍ଚା ସଡ଼କ ଅଛି ଏବଂ ସେ ସମସ୍ତ ପ୍ରତିବର୍ଷ ମରାମତ ହେବାର ତ୍ରୁଟି ନାହିଁ ଓ ତହିଁରେ ଅନେକ ଟଙ୍କା ଖରଚ ହୁଏ । କଚ୍ଚା ଅର୍ଥାତ୍ ମାଟିର ସଡ଼କମାନ ଏ ନଗରର ବାଲିଆମାଟି ଯୋଗୁ ଖରାଦିନେ ଧୂଳି ହୋଇ ଏବଂ ବର୍ଷାଦିନେ ବସିଯାଇ ଏକପ୍ରକାର ସମତା ରକ୍ଷା କରେ ସୁତରାଂ ସହଜରେ ଏବଂ ଅଳ୍ପ ବ୍ୟୟରେ ମରାମତ ହୋଇଯାଏ । ମୋଟରେ ତହିଁର ଅବସ୍ଥା ଭଲ ମାତ୍ର ପକ୍କା ବା କଙ୍କରଭିତି ସଡ଼କର ଅବସ୍ଥା ସେମନ୍ତ ସନ୍ତୋଷଜନକ ନୁହେ ଅଥଚ ଏହି ସଡ଼କ ମାନଙ୍କର ପ୍ରୟୋଜନ ଅଧିକ । ଏ ନଗରରେ ଘୋଡ଼ାଗାଡ଼ି ଏବଂ ଗୋଶକଟର ସଂଖ୍ୟା ଓ କାର୍ଯ୍ୟ କ୍ରମାଗତ ବୃଦ୍ଧି ହେବାରୁ ସହରର ଭିତରସ୍ଥ ସଡ଼କରେ ସଂସ୍କାରାଣ୍ଡି ପଡ଼ି ଅଳ୍ପଦିନରେ ଦୁଇପାର୍ଶ୍ୱ ଖାଲ ଏବଂ ମଧ୍ୟଭାଗ ଉଚ୍ଚ ହୋଇଯାଏ । କାର୍ତ୍ତିକ ମାର୍ଗଶିର ସମୟରେ ନୂଆ କଙ୍କରରେ ଉଚ୍ଚ ଖାଲ ଉଭୟ ଅଂଶକୁ ଯୋଡ଼ାଇଦେଇ ଧୂରମସ କରନ୍ତି । ମାତ୍ର କେତେଦିନରେ ପୁଣି ସଂସ୍କାରାଣ୍ଡି ପଡ଼ି ପୂର୍ବାବସ୍ଥାକୁ ପ୍ରାପ୍ତ ହୁଅଇ ଏବଂ ଅଳ୍ପ ଟିକିଏ ଉଚ୍ଚ ହୋଇଯାଏ । ଏହିପରି ପକ୍କା ସଡ଼କମାନ କ୍ରମାଗତ ଉଚ୍ଚ ଓ ଗୁରୁମପିଠିଆ ହେଉଅଛି । ଉଚ୍ଚତା ବୃଦ୍ଧି ହେତୁ ଦୁଇପାର୍ଶ୍ୱର ସରକାରୀ ଘର ମାଡ଼ିଅଛି ଏବଂ ଏହା ଯେ ସ୍ୱାସ୍ଥ୍ୟପ୍ରଦ ନୁହେ ଏହା କହିବା ଅଧିକ । ଗୁରୁମପିଠିଆ

Split by PDF Splitter
Digitized by srujanika@gmail.com